# ପବିତ୍ର ହିନ୍ଦୁ ଧର୍ମଗ୍ରନ୍ଥ

ଓଁ

- ହିନ୍ଦୁ ଧର୍ମର ଉତ୍ପତ୍ତି
- ହିନ୍ଦୁ ଧର୍ମର ମୂଳ ନୀତିସମୂହ
- ସ୍ମୃତିଶାସ୍ତ୍ର
  —ପ୍ରାୟଶଃ ଜାଣିବାକୁ ଚାହୁଁଥିବା ପ୍ରଶ୍ନ ଓ ଉତ୍ତର
- ବୈଦିକ ହିନ୍ଦୁ ଧର୍ମ
- ବେଦର ଶ୍ଳୋକ
- ଭଗବାନ କୃଷ୍ଣ ଏବଂ ଭଗବଦ୍‌ଗୀତା
- ଗୀତାର ଶ୍ଳୋକ
- ଦୈନିକ ପ୍ରାର୍ଥନା-ହିନ୍ଦୁମାନଙ୍କର ଅବଶ୍ୟ କର୍ତ୍ତବ୍ୟ
- ଭଜନ
- ସ୍ୱର୍ଗ ଓ ନରକ
- ମୂର୍ତ୍ତିପୂଜା
- ବର୍ଣ୍ଣଭେଦ ପ୍ରଥା
- ମନୁସ୍ମୃତି
- ଉପନିଷଦ
- ବିଷ୍ଣୁଙ୍କ ଦଶ ଅବତାର ଚକ୍ର
- ଭଗବାନ ମହାବୀର
- ଶ୍ରୀ ଶଙ୍କର (ଶଙ୍କରାଚାର୍ଯ୍ୟ)
- ହିନ୍ଦୁ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ଓ ତାଙ୍କର ଦର୍ଶନ
- ସଂସ୍କୃତ ନାମ/ଶବ୍ଦର ଅର୍ଥ



# ପବିତ୍ର ହିନ୍ଦୁ ଧର୍ମଗ୍ରନ୍ଥ

ହିନ୍ଦୁଧର୍ମର ଉତ୍ପତ୍ତି ● ହିନ୍ଦୁଧର୍ମର ମୂଳନୀତିସମୂହ ● ସ୍ମୃତିଶାସ୍ତ୍ର (ପ୍ରାୟଶଃ ଜାଣିବାକୁ ଚାହୁଁଥିବା ପ୍ରଶ୍ନ ଓ ଉତ୍ତର) ● ବୈଦିକ ହିନ୍ଦୁଧର୍ମ ● ବେଦର ଶ୍ଳୋକ ● ଭଗବାନ କୃଷ୍ଣ ଏବଂ ଭଗବଦ୍‌ଗୀତା ● ଗୀତାର ଶ୍ଳୋକ ● ଦୈନିକ ପ୍ରାର୍ଥନା—ହିନ୍ଦୁମାନଙ୍କର ଅବଶ୍ୟ କର୍ତ୍ତବ୍ୟ ● ଭଜନ ● ସ୍ୱର୍ଗ ଓ ନରକ ● ମୂର୍ତ୍ତିପୂଜା ● ବର୍ଣ୍ଣଭେଦ ପ୍ରଥା ● ମନୁସ୍ମୃତି ● ଉପନିଷଦ ● ବିଷ୍ଣୁଙ୍କ ଦଶ ଅବତାର ଚକ୍ର ● ଭଗବାନ ମହାବୀର ● ଶ୍ରୀଶଙ୍କର (ଶଙ୍କରାଚାର୍ଯ୍ୟ) ● ହିନ୍ଦୁ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ଓ ତାଙ୍କର ଦର୍ଶନ ● ସଂସ୍କୃତ ନାମ/ଶବ୍ଦର ଅର୍ଥ

ହିନ୍ଦୁ ରିଲିଜିୟସ୍ ଏଣ୍ଡ ଚ୍ୟାରିଟେବଲ୍ ଟ୍ରଷ୍ଟ

# ॥ ସୂଚୀପତ୍ର ॥


| ବିଷୟ | | ପୃଷ୍ଠା |
|---|---|---|
| ୧ । | ହିନ୍ଦୁଧର୍ମର ଉତ୍ପତ୍ତି | ୫ |
| ୨ । | ହିନ୍ଦୁଧର୍ମର ମୂଳନୀତିସମୂହ | ୯ |
| ୩ । | ସ୍ମୃତିଶାସ୍ତ୍ର (ପ୍ରାୟଶଃ ଜାଣିବାକୁ ଚାହୁଁଥିବା ପ୍ରଶ୍ନ ଓ ଉତ୍ତର) | ୧୧ |
| ୪ । | ବୈଦିକ ହିନ୍ଦୁଧର୍ମ | ୫୩ |
| ୫ । | ବେଦର ଶ୍ଳୋକ | ୫୭ |
| ୬ । | ଭଗବାନ କୃଷ୍ଣ ଏବଂ ଭଗବଦ୍‌ଗୀତା | ୮୨ |
| ୭ । | ଗୀତାର ଶ୍ଳୋକ | ୮୯ |
| ୮ । | ଦୈନିକ ପ୍ରାର୍ଥନା—ହିନ୍ଦୁମାନଙ୍କର ଅବଶ୍ୟ କର୍ତ୍ତବ୍ୟ | ୯୮ |
| ୯ । | ଭଜନ | ୧୦୧ |
| ୧୦ । | ସ୍ୱର୍ଗ ଓ ନରକ | ୧୦୨ |
| ୧୧ । | ମୂର୍ତ୍ତିପୂଜା | ୧୦୪ |
| ୧୨ । | ବର୍ଣ୍ଣଭେଦ ପ୍ରଥା | ୧୦୮ |
| ୧୩ । | ମନୁସ୍ମୃତି | ୧୧୫ |
| ୧୪ । | ଉପନିଷଦ | ୧୧୭ |
| ୧୫ । | ବିଷ୍ଣୁଙ୍କ ଦଶ ଅବତାର ଚକ୍ର | ୧୧୯ |
| ୧୬ । | ଭଗବାନ ମହାବୀର | ୧୨୨ |
| ୧୭ । | ଶ୍ରୀଶଙ୍କର (ଶଙ୍କରାଚାର୍ଯ୍ୟ) | ୧୨୩ |
| ୧୮ । | ହିନ୍ଦୁ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ଓ ତାଙ୍କର ଦର୍ଶନ | ୧୨୬ |
| ୧୯ । | ସଂସ୍କୃତ ନାମ/ଶବ୍ଦର ଅର୍ଥ | ୧୩୦ |

# ଲେଖକଙ୍କ ଅଭିମତ

ପୁଣ୍ୟ ହିନ୍ଦୁ ଧର୍ମଗ୍ରନ୍ଥ ହିନ୍ଦୁ ଧର୍ମଶାସ୍ତ୍ରାଦିର ଆଭାଷଜ୍ଞାପକ, ବିପୁଳ ହିନ୍ଦୁସାହିତ୍ୟରୁ ଆହୃତ । ଏହି ଗ୍ରନ୍ଥରେ ଅନ୍ତର୍ଭୁକ୍ତ ହୋଇଛି ହିନ୍ଦୁର ଦୈନନ୍ଦିନ ପ୍ରାର୍ଥନା ପାଇଁ ପ୍ରୟୋଜନୀୟ ବିଭିନ୍ନ ଶାସ୍ତ୍ରରୁ ଉପାଦେୟ ଅଂଶ । ହିନ୍ଦୁଧର୍ମ ସଂକ୍ରାନ୍ତ ମୂଳ ଓ ପ୍ରାମାଣିକ ପୋଥି ଯଦି କେହି ଲେଖକଙ୍କ ନିକଟରେ ସମର୍ପଣ କରନ୍ତି ପରବର୍ତ୍ତୀ ସଂସ୍କରଣରେ ତାହା ଅନ୍ତର୍ଭୁକ୍ତ କରିବାକୁ ଚେଷ୍ଟା କରାଯିବ ।

ସନାତନ ଧର୍ମ ଈଶ୍ୱରଙ୍କ ଦାନ, ଏହା ସମଗ୍ର ମାନବ ଜାତି ପାଇଁ ପ୍ରଦତ୍ତ, ବହୁ ସଂଖ୍ୟକ ତ୍ରାଣକର୍ତ୍ତା ଓ ମହାଜ୍ଞାନୀଙ୍କ ଉଚ୍ଚାରିତ ସତ୍ୟ ବାଣୀ । ଅନ୍ୟ ସମସ୍ତ ଧର୍ମ ନିଜ ନିଜ ଅସ୍ତିତ୍ୱ ଅକ୍ଷତ ରଖିଛନ୍ତି ଜଣେ ଜଣେ ବ୍ୟକ୍ତିଙ୍କ ଆକର୍ଷଣୀୟ ଶକ୍ତି ଏବଂ ଧର୍ମମତ ଦ୍ୱାରା, ଯାହା ଅନ୍ୟ କୌଣସି ଆଧ୍ୟାତ୍ମିକ ପଥ ସ୍ୱୀକାର କରେ ନାହିଁ କିନ୍ତୁ ହିନ୍ଦୁଧର୍ମ ତାହାର ଅନୁଗାମୀମାନଙ୍କୁ ନିଜ ନିଜ ଅଭିରୁଚି ଅନୁଯାୟୀ ପୂଜାର୍ଚ୍ଚନାର ପୂର୍ଣ୍ଣ ଅଧିକାର ଦାନ କରେ, ତଥାକଥିତ ଧର୍ମବିଶ୍ୱାସୀମାନଙ୍କ ଧର୍ମାନ୍ଧତା ସେହି ଅଧିକାରରେ ହସ୍ତକ୍ଷେପ କରିପାରେ ନାହିଁ । ଲେଖକ ଏକମାତ୍ର ଈଶ୍ୱରଙ୍କ ନିର୍ଦ୍ଦେଶରେ ମାନବର କଲ୍ୟାଣ ନିମିତ୍ତ ଚାଳିତ । ପୁଣ୍ୟ ହିନ୍ଦୁ ଧର୍ମଗ୍ରନ୍ଥ ରଚନା ଓ ସମ୍ପାଦନା ପାଇଁ କୌଣସି କୃତିତ୍ୱ ଲେଖକ ଦାବୀ କରନ୍ତି ନାହିଁ ।

ଈଶ୍ୱର ଏହି ପୁସ୍ତକର ପାଠକମାନଙ୍କୁ ଆଶୀର୍ବାଦ କରନ୍ତୁ, ସେମାନଙ୍କର ଇହଲୋକ ଓ ପରଲୋକ ଆନନ୍ଦରେ ଅଭିଷିକ୍ତ ଓ ସାଫଲ୍ୟମଣ୍ଡିତ ହେଉ ।

ପ୍ରଫେସର ଡଃ ସତ୍ୟଜିତ୍ ଚକ୍ରବର୍ତ୍ତୀ

ଟ୍ରଷ୍ଟି

ହିନ୍ଦୁ ରିଲିଜିୟସ ଏଣ୍ଡ ଚ୍ୟାରିଟେବଲ୍ ଟ୍ରଷ୍ଟ

# ହିନ୍ଦୁ ଧର୍ମର ଉତ୍ପତ୍ତି

ହିନ୍ଦୁ ଧର୍ମ ପ୍ରାୟ ୨୦,୦୦୦[୧] ବର୍ଷର ପ୍ରାଚୀନ ଯାହା ମାନବ ସଭ୍ୟତାର ପ୍ରଥମ ଧର୍ମ ।

ତିନିଜଣ ପ୍ରଧାନ ଦୈବପୁରୁଷ[୨] ଈଶ୍ୱରଙ୍କ ବାଣୀର ପ୍ରବକ୍ତା ଥିଲେ । ଏମାନେ ହେଲେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର । ବ୍ରହ୍ମାଙ୍କ ଜନ୍ମ ମଧ୍ୟ-ଭାରତରେ, ବିଷ୍ଣୁ (ଯାହାଙ୍କର ଅନ୍ୟ ନାମ ନାରାୟଣ ବା ଭେଙ୍କଟେଶ୍ୱର ବା ବାଲାଜୀ) ଦକ୍ଷିଣ ଭାରତରେ ଏବଂ ମହେଶ୍ୱର (ଯାହାଙ୍କର ଅନ୍ୟ ନାମ ଶିବ, ରୁଦ୍ର ବା ଶଙ୍କର) କାଶ୍ମୀର ଅର୍ଥାତ୍ ଉତ୍ତର-ଭାରତରେ ଅଧିଷ୍ଠିତ ଥିଲେ ।

ଏହି ତିନିଙ୍କ ଦୈବ ପ୍ରବଚନ ଏତେ ଶକ୍ତିଶାଳୀ ଓ ଦାନ ଏତେ ବିଶାଳ ଯେ ସେମାନଙ୍କ ଐଶ୍ୱରିକ ବାଣୀସମୂହ ସମଗ୍ର ଭାରତୀୟ ଉପମହାଦେଶ ଏବଂ ଅନ୍ୟାନ୍ୟ ବହୁ ଦେଶକୁ ପ୍ରଭାବିତ କରିଥିଲା । ଏପରିକି ସେହି ପ୍ରାଚୀନ ଯୁଗରେ, ଯେବେ ଯୋଗାଯୋଗ ବ୍ୟବସ୍ଥା ଅତି ଅନୁନ୍ନତ ଥିଲା, ସେମାନଙ୍କର ଐଶ୍ୱରିକ ଘୋଷଣା ଚତୁର୍ଦ୍ଦିଗରେ ବିସ୍ତୃତ ହୋଇ ସନାତନ ଧର୍ମ ହିସାବରେ ପ୍ରତିଷ୍ଠିତ ହେଲା ।

ଈଶ୍ୱର ପ୍ରେରିତ ଏହି ତିନି ପୁରୁଷ ଆଦିଦେବତା ନାମରେ ପୂଜିତ ଏବଂ ଏହିମାନେ ହିଁ ସନାତନ ଧର୍ମର ପ୍ରତିଷ୍ଠାତା ବା ପ୍ରବର୍ତ୍ତକ ପିତା । ପରବର୍ତ୍ତୀ କାଳରେ ଏହି ଧର୍ମର ନାମ ହୁଏ ହିନ୍ଦୁ ଧର୍ମ । ଏମାନେ ବେଦ ପ୍ରକାଶ କରନ୍ତି ।

ହିନ୍ଦୁ ଧର୍ମ କୌଣସି ଏକ ଗ୍ରନ୍ଥ ଉପରେ ପ୍ରତିଷ୍ଠିତ ନୁହେଁ, ବା କୌଣସି ଜଣେ ବ୍ୟକ୍ତିଙ୍କୁ ଏହାର ପ୍ରବର୍ତ୍ତକ ବୋଲି ଗଣ୍ୟ କରାହୁଏ ନାହିଁ । ହିନ୍ଦୁମାନେ ବେଦକୁ 'ଅପୌରୁଷେୟମ୍' କହନ୍ତି । ଅର୍ଥାତ୍ ପୁରୁଷ ବା ମଣିଷ ଦ୍ୱାରା ବେଦ ରଚିତ ନୁହେଁ, ମଣିଷକୁ ମାଧ୍ୟମ କରି ଈଶ୍ୱର ତାଙ୍କର ବାଣୀ ପ୍ରକାଶ କରିଛନ୍ତି ।

ସିନ୍ଧୁନଦର ପୂର୍ବତୀରର ସଭ୍ୟତାକୁ ମଧ୍ୟଏସିଆର ଲୋକମାନେ ହିନ୍ଦୁ ଧର୍ମ ବୋଲି କହୁଥିଲେ । ସେମାନେ 'ସ'ର ଉଚ୍ଚାରଣ 'ହ' ପରି କରୁଥିଲେ, ତେଣୁ ସିନ୍ଧୁନଦର ପୂର୍ବତୀରର ଅଧିବାସୀମାନଙ୍କୁ 'ହିନ୍ଦୁ' କହୁଥିଲେ । ସେମାନେ ଭାରତବର୍ଷକୁ ଆକ୍ରମଣ କରି ଶାସନ କଲେ । ସେମାନଙ୍କ ପ୍ରଦତ୍ତ ନାମ ହିଁ ପ୍ରଚଳିତ ହୋଇଯାଏ । ୪,୫୦୦ରୁ ୩,୫୦୦ ଖ୍ରୀଷ୍ଟପୂର୍ବ ମଧ୍ୟରେ ଉତ୍ତର-ପଶ୍ଚିମ ସୀମାନ୍ତ ଅଶ୍ୱାରୋହୀ ଆକ୍ରମଣକାରୀମାନେ ଧୀରେ ଧୀରେ ସମଗ୍ର ଭାରତବର୍ଷକୁ ନିଜ ଶାସନାଧୀନ କରିନେଲେ ।

ହିନ୍ଦୁଧର୍ମର ଆଦି ନାମ ଥିଲା ସନାତନ ଧର୍ମ ଏବଂ ତା'ର ପ୍ରଧାନ ଦର୍ଶନ ବୈଦିକ ଧର୍ମ । ଆକ୍ରମଣକାରୀ ଓ ଶାସକ ରୂପରେ ଯେଉଁମାନେ ଭାରତକୁ ଆସିଲେ ସେମାନେ

କାଳକ୍ରମେ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ମିଶିଗଲେ ଏବଂ ହିନ୍ଦୁ ଦର୍ଶନର ମୂଳତତ୍ତ୍ୱସମୂହ ଗ୍ରହଣ କରିନେଲେ ଏବଂ ସେମାନଙ୍କର ବିଦେଶୀ ପରିଚୟ ଲୁପ୍ତ ହେଲା ।

ହିନ୍ଦୁମାନଙ୍କର ଆରାଧ୍ୟ ଦେବତାଙ୍କୁ ଈଶ୍ୱର କହନ୍ତି । ଈଶ୍ୱର ଏକ ପରମ ପୁରୁଷ, ସର୍ବମୟ ସତ୍ତା । ସେ ସ୍ୱୟଂସମ୍ପୂର୍ଣ୍ଣ, ସର୍ବତ୍ର ବିରାଜମାନ, ସନାତନ, ଶାଶ୍ୱତ, ଅନାଦି, ଅନନ୍ତ । ସେ ନିରାକାର, ବର୍ଣ୍ଣହୀନ, ଅବର୍ଣ୍ଣନୀୟ । ସେ ସୃଷ୍ଟିକର୍ତ୍ତା, ସମସ୍ତ କାରଣର କାରଣ, ସର୍ବଶକ୍ତିମାନ । ଇଚ୍ଛା ପାଳନରେ ତାଙ୍କର ସହାୟକର ପ୍ରୟୋଜନ ହୁଏ ନାହିଁ ।

ଈଶ୍ୱର ତାଙ୍କର ମହତ୍ତ୍ୱର ପ୍ରକାଶ ସ୍ୱରୂପ ଦୈବପୁରୁଷ ବା ଦେବତାମାନଙ୍କୁ ପୃଥିବୀର ବିଭିନ୍ନ ସ୍ଥାନକୁ ମାନବ ରୂପରେ ପ୍ରେରଣ କରନ୍ତି, ଏମାନଙ୍କୁ କୌଣସି କୌଣସି ଭାରତୀୟ ଭାଷାରେ ଦେବତା କୁହାଯାଏ ।

ଭକ୍ତମାନେ ଈଶ୍ୱରଙ୍କ ଉପାସନା କରନ୍ତି ଏବଂ ମନ୍ଦିରରେ ଦେବତାମାନଙ୍କ ଜୀବନ, କୀର୍ତ୍ତି ଓ ଉପଦେଶାଦି ସ୍ମରଣ ମାଧ୍ୟମରେ ଉତ୍ସବ ପାଳନ କରନ୍ତି । ଦେବତା ଅଲୌକିକ କ୍ଷମତାସମ୍ପନ୍ନ । ତେବେ ସେମାନେ କିପରି ପ୍ରକାଶିତ ହେବେ ତାହା ନିର୍ଭର କରେ ଦେଶକାଳ ଓ ସାମାଜିକ ପଟ୍ଟଭୂମି ଉପରେ ।

ସାଧାରଣ ମଣିଷମାନେ ମନ୍ଦିରରେ ଦେବତାଙ୍କ ମୂର୍ତ୍ତି ନିକଟକୁ ଯାଆନ୍ତି । ମୂର୍ତ୍ତି କେବଳ ଭକ୍ତର ପୂଜାର ପାତ୍ର ନୁହନ୍ତି, ଈଶ୍ୱରଙ୍କ ଧ୍ୟାନ ପାଇଁ ମୂର୍ତ୍ତି ଅଖଣ୍ଡ ମନଃସଂଯୋଗର କେନ୍ଦ୍ର ହୋଇଥାଆନ୍ତି ।

ଯିଏ ବେଦ ଅଧ୍ୟୟନ ଓ ଉପଲବ୍ଧି କରିଛନ୍ତି, ଅର୍ଥାତ୍ ଧର୍ମ ଦର୍ଶନର ଗୂଢ଼ ତାତ୍ପର୍ଯ୍ୟ ଅବଗତ ହୋଇଛନ୍ତି, ମୂର୍ତ୍ତି ପୂଜା ତାଙ୍କ ନିକଟରେ ଅନାବଶ୍ୟକ । ଯିଏ ଈଶ୍ୱରଙ୍କ ପ୍ରକୃତ ତତ୍ତ୍ୱ ଜ୍ଞାତ ହୋଇଛନ୍ତି, ମୂର୍ତ୍ତିପୂଜା ତାଙ୍କ ନିକଟରେ ନିରର୍ଥକ ।

ଏକମାତ୍ର ଈଶ୍ୱର ହିଁ ଉପାସ୍ୟ । ଈଶ୍ୱର ସର୍ବଶକ୍ତିମାନ୍, ସର୍ବତ୍ର ବିରାଜମାନ, ପୃଥିବୀ ଓ ସୌରଲୋକର ସୀମାତୀତ । ଲୋକେ ତାଙ୍କ ନିକଟକୁ ଆସନ୍ତି, ପୂଜାର୍ଚ୍ଚନା କରନ୍ତି, ପ୍ରାର୍ଥନା ଜଣାନ୍ତି ।

ସନାତନ ଧର୍ମର ଇତିହାସର ଆଦିପର୍ବରୁ ହିନ୍ଦୁମାନେ ଏକେଶ୍ୱରବାଦୀ ଥିଲେ, ଏକ ଈଶ୍ୱରଙ୍କୁ ବିଶ୍ୱାସ କରୁଥିଲେ । ସେମାନେ ହରପ୍ପା ମହେଞ୍ଜୋଦାରୋର ଚାକଚିକ୍ୟମୟ ନାଗରିକ ସଭ୍ୟତାରୁ ମୂର୍ତ୍ତିପୂଜା ଶିଖିଲେ । ମହେଞ୍ଜୋଦାରୋ ଓ ହରପ୍ପାର ଅଧିବାସୀମାନେ ସୂର୍ଯ୍ୟଦେବତା, ଭଗବାନ ଶିବଲିଙ୍ଗ, ମାତୃମୂର୍ତ୍ତି ଏବଂ କେତୋଟି ପଶୁ ପ୍ରତୀକର ପୂଜା କରୁଥିଲେ ।

ମୂର୍ତ୍ତିପୂଜା ମେସୋପୋଟାମିଆ (ମିଶର) ଏବଂ ସୁମେର (ପାରସ୍ୟ) ସଭ୍ୟତାର ପ୍ରଭାବ ପ୍ରସୂତ । ସେ ଯୁଗରେ ହରପ୍ପା ମହେଞ୍ଜୋଦାରୋ ଏବଂ ମେସୋପୋଟାମିଆ (ମିଶର) ମଧ୍ୟରେ ଯୋଗାଯୋଗର ମାଧ୍ୟମ ହିସାବରେ ''କିଉନିଫର୍ମ'' କୀଳକ ଲିପି

ବ୍ୟବହୃତ ହେଉଥିଲା । ହରପ୍ପା ଓ ମହେଞ୍ଜୋଦାରୋ ସଭ୍ୟତାର ଚରମ ଉନ୍ନତି ଘଟିଥିଲା ଖ୍ରୀଷ୍ଟପୂର୍ବ ୧୪୭୫ର ପୂର୍ବରୁ । ହିନ୍ଦୁ ଧର୍ମଗ୍ରନ୍ଥର ବର୍ଣ୍ଣନାନୁଯାୟୀ ୧୪୭୫ ଖ୍ରୀଷ୍ଟପୂର୍ବାବ୍ଦରେ ସମୁଦ୍ର ତଳେ ଏକ ପ୍ରଚଣ୍ଡ ଭୂମିକମ୍ପ ହୁଏ । ତାହା ଫଳରେ ବିରାଟ ଜଳୋଚ୍ଛ୍ୱାସ ସୃଷ୍ଟି ହୋଇ ସିନ୍ଧୁ ତୀରବର୍ତ୍ତୀ ଅଞ୍ଚଳ ପ୍ଲାବିତ ହୁଏ । ହରପ୍ପା, ମହେଞ୍ଜୋଦାରୋ ପ୍ରଭୃତି ସ୍ଥାନ କର୍ଦ୍ଦମ କୁଢ଼ ହୁଏ । ବହୁ ମଣିଷ, ଜୀବଜନ୍ତୁ, ବୃକ୍ଷଲତାଦି କର୍ଦ୍ଦମର ସ୍ଥୂଳ ଆସ୍ତରଣ ତଳେ ସମାଧିସ୍ଥ ହୋଇଯାଆନ୍ତି ।

ହରପ୍ପା ଓ ମହେଞ୍ଜୋଦାରୋର ନାଗରିକ ସଭ୍ୟତାର ଗୃହ ଓ ଆସବାବପତ୍ର ନିର୍ମାଣରେ ପ୍ରଚୁର କାଠ ବ୍ୟବହୃତ ହେଉଥିଲା । ଫଳରେ ଅରଣ୍ୟଗୁଡ଼ିକ ପ୍ରାୟ ଧ୍ୱଂସ ହୋଇଯାଇ ଥିଲା । ଅରଣ୍ୟର ଧ୍ୱଂସ ପ୍ରକୃତିର ଅଭିଶାପ ସ୍ୱରୂପ ହୋଇ ହରପ୍ପା ଓ ମହେଞ୍ଜୋଦାରୋର ବିଲୋପ ତ୍ୱରାନ୍ୱିତ କରିଥିଲା ।

ମୂର୍ତ୍ତିପୂଜା ପ୍ରକୃତରେ ଦେବତାମାନଙ୍କ ବୀରପୂଜା । ଦେବତା ବାସ୍ତବରେ ମାନବ, ତେଣୁ ଏକ ଅଞ୍ଚଳର ଦେବତା କେବେ କେବେ ଅନ୍ୟ ଅଞ୍ଚଳରେ ପୂଜିତ ହୁଅନ୍ତି ନାହିଁ । ତେବେ ଯେଉଁ ଭାବରେ ହେଉ, ଯେଉଁ ନାମରେ ହେଉ ଏବଂ ଯେଉଁ ମାଧ୍ୟମରେ ଶ୍ରଦ୍ଧା ନିବେଦିତ ହେଉ, ଈଶ୍ୱର ସେହି ପୂଜା ଗ୍ରହଣ କରନ୍ତି ।

ଋଗ୍‌ବେଦ ଯୁଗର ପ୍ରାରମ୍ଭରେ ବର୍ଣ୍ଣଭେଦ, ଶିଶୁବିବାହ ବା ସତୀଦାହ ପ୍ରଥା ଅଜଣା ଥିଲା, କିନ୍ତୁ ଶ୍ରମ ବିଭାଗ ପ୍ରଚଳିତ ଥିଲା । ଗୋଟିଏ ପରିବାରରେ ଜଣେ ଗୁରୁଗିରି ବା ଶିକ୍ଷକତା କରୁଥିଲେ ତ ଅନ୍ୟ ଜଣେ ଯୁଦ୍ଧବିଦ୍ୟା ଏବଂ ଅନ୍ୟ ଜଣେ କାରିଗରୀ କରୁଥିଲେ । ଏକ ବୃତ୍ତିରୁ ଅନ୍ୟ ବୃତ୍ତିକୁ ପ୍ରବେଶ ବା ବିଭିନ୍ନ ବୃତ୍ତି ଓ ପେଶାର ଲୋକଙ୍କ ମଧ୍ୟରେ ବିବାହ ସାଧାରଣ ବ୍ୟାପାର ଥିଲା ।

ନାରୀମାନେ ମଧ୍ୟ ପୁରୁଷଙ୍କ ଭଳି ବେଦ ଚର୍ଚ୍ଚା କରୁଥିଲେ । ଅପାଳା, ଘୋଷା, ବିଶ୍ୱବରା, ଲୋପାମୁଦ୍ରା, ବିଶାଖା ଆଦି ନାରୀମାନେ ବୈଦିକ ଯୁଗର ଆଦିପର୍ବରେ ବୈଦିକ ଶାସ୍ତ୍ରର ବିଦୂଷୀ ହିସାବରେ ଖ୍ୟାତିଲାଭ କରିଥିଲେ । ବିବାହ କ୍ଷେତ୍ରରେ ନାରୀର ସ୍ୱାମୀ ନିର୍ବାଚନ ଏବଂ ମତାମତ ପ୍ରକାଶର ଅଧିକାର ଥିଲା । ଅସ୍ତ୍ରଶସ୍ତ୍ର ବିଦ୍ୟା ଲାଭ କରି ସେମାନେ ଯୁଦ୍ଧରେ ଯୋଗଦାନ କରୁଥିଲେ । ବିଖ୍ୟାତ ନାରୀ ମୁଦ୍‌ଗଲନୀ ଏକ ଯୁଦ୍ଧର ସେନାପ୍ରଧାନ ଥିଲେ । ଜୀବନଯାତ୍ରାର ସର୍ବକ୍ଷେତ୍ରରେ ନାରୀମାନେ ତାଙ୍କ ସ୍ୱାମୀମାନଙ୍କର ସଙ୍ଗିନୀ ହେଉଥିଲେ ।

ମୂଳତଃ ହିନ୍ଦୁମାନେ ଏକେଶ୍ୱରବାଦୀ ଏବଂ ଏକ ସର୍ବଶକ୍ତିମାନ ଈଶ୍ୱରରେ ବିଶ୍ୱାସୀ । ଜେଂତେତ, ଦେବାତ୍ମୁ, ଈଶ୍ୱରତା, କଦାଭୁ, ଇରାବନ୍ ଇତ୍ୟାଦି ନାମରେ ମଧ୍ୟ ଈଶ୍ୱର ଅଭିହିତ । ଦେବତାମାନଙ୍କୁ ଅଲୌକିକ କ୍ଷମତାସମ୍ପନ୍ନ ବୀର ଓ ବୀରାଙ୍ଗନା ହିସାବରେ ଶ୍ରଦ୍ଧା କରାହୁଏ ଏବଂ ହିନ୍ଦୁମାନେ ବିଶ୍ୱାସ କରନ୍ତି ଯେ ସେମାନେ କେତେକ ଐଶ୍ୱରିକ ଗୁଣର ଅଧିକାରୀ ।

**ବି.ଦ୍ର. :-**

୧ । ପ୍ରଖ୍ୟାତ ଇତିହାସବିଦ୍ ଓ ଲେଖକ କାଳକୂଟ ତାଙ୍କର ଐତିହାସିକ ଗ୍ରନ୍ଥ 'ପୃଥା' (ପ୍ରକାଶକ, ମଣ୍ଡଳ ବୁକ୍ ହାଉସ୍, ୭୮/୧, ମହାତ୍ମାଗାନ୍ଧୀ ରୋଡ, କଲକାତା-୭୦୦ ୦୦୯)ର ୨୬ ପୃଷ୍ଠାରେ ଲେଖିଛନ୍ତି, ଐତିହାସିକ ଗଣନାରେ କଳିଯୁଗ ଯେବେ ୩୧୭୯ ବର୍ଷର ପ୍ରାଚୀନ ଥିଲା, ସେତେବେଳେ ଭାରତୀୟ ଶକାବ୍ଦ ଅର୍ଥାତ୍ ରାଜା କନିଷ୍କଙ୍କ କାଳରୁ ବର୍ଷ ଗଣନା ଆରମ୍ଭ ହୁଏ, ୨୦୦୫ ଖ୍ରୀଷ୍ଟାବ୍ଦରେ ୧୯୨୭ ଶକାବ୍ଦ । ଅତଏବ ଆଜି କଳିଯୁଗର ବୟସ ଆନୁମାନିକ ୫୧୦୬ (୩୧୭୯ + ୧୯୨୭ ବର୍ଷ) ଅର୍ଥାତ୍ ପ୍ରାୟ ୫୦୦୦ ବର୍ଷ । ଆମେ ଜାଣିଛୁ ସତ୍ୟଯୁଗ ଆରମ୍ଭ ହୁଏ ଯେବେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର ପ୍ରକଟ ହୁଅନ୍ତି ଏବଂ ସନାତନ ଧର୍ମ ପ୍ରବର୍ତ୍ତନ କରନ୍ତି, ଏବଂ ଏହା ପ୍ରାୟ ୨୦,୦୦୦ ବର୍ଷ ଅତିକ୍ରମ କଲାଣି, କାରଣ ଚାରିଟି ଯୁଗ ଯଥା-ସତ୍ୟ, ତ୍ରେତା, ଦ୍ୱାପର ଓ କଳିଯୁଗ ଚକ୍ରାକାରେ ଆବର୍ତ୍ତିତ ହୁଏ । ପ୍ରତ୍ୟେକଟିର ସ୍ଥିତିକାଳ ୫୦୦୦ ବର୍ଷ ବା ତତୋ ଧିକ । ଆମେ ବର୍ତ୍ତମାନ କଳିଯୁଗର ଶେଷରେ । ସତ୍ୟଯୁଗ ଆସୁଛି । ସତ୍ୟଯୁଗରେ ମଣିଷର ପ୍ରଧାନ ପ୍ରୟୋଜନୀୟ ଜିନିଷ ଖାଦ୍ୟ, ବାସସ୍ଥାନ ଓ ପରିଧେୟର ଅଭାବ ନ ଥାଏ । ପ୍ରତ୍ୟେକେ ସତ୍‌କର୍ମରେ ଲିପ୍ତ ରହନ୍ତି । ସମସ୍ତେ ସମସ୍ତଙ୍କ ପ୍ରତି ପ୍ରୀତି, ସମ୍ମାନ ଓ ଆନ୍ତରିକତା ପ୍ରଦର୍ଶନ କରନ୍ତି ଓ ଏକତା ବଜାୟ ରଖିବାକୁ ଚେଷ୍ଟା କରନ୍ତି ।

୨ । କେତେକ ହିନ୍ଦୁ ଦାର୍ଶନିକ ଋଷିଙ୍କର ଗଭୀର ବିଶ୍ୱାସ ଅଛି ଯେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ନିରାକାର ଈଶ୍ୱରଙ୍କ ତିନୋଟି ରୂପରେ ଆବିର୍ଭାବ ।

# ହିନ୍ଦୁ ଧର୍ମର ମୂଳନୀତିସମୂହ

୧ । ଜ୍ଞାନ ଆହରଣ କର, ଅଜ୍ଞାନତାର ଅପରାଧୀ ହୁଅ ନାହିଁ । ବ୍ୟକ୍ତିର ଅଧିକାର ଅଛି ନିଜର କର୍ତ୍ତବ୍ୟ ଯଥାସାଧ୍ୟ ଉତ୍ତମରୂପେ ପାଳନ କରିବାରେ । ଅବସ୍ଥାନୁଯାୟୀ ଫଳଲାଭ ଅବଶ୍ୟ ହିଁ ହେବ ।

୨ । ପ୍ରତ୍ୟାଶାହୀନ ଦାନ ହିଁ ପ୍ରକୃତ ଦାନ । ଉପଯୁକ୍ତ ସମୟ ଓ ସ୍ଥାନରେ ଉପଯୁକ୍ତ ବ୍ୟକ୍ତିଙ୍କୁ ଉପଯୁକ୍ତ କାରଣରେ ଦାନ କରିବା ଉଚିତ ।

୩ । ଶରୀର ନାବ ସଦୃଶ, ଯାହାର ପ୍ରଥମ ଓ ପ୍ରଧାନ କାର୍ଯ୍ୟ ହେଲା ଜୀବନ ସମୁଦ୍ରର ଅନ୍ୟ ତୀର ଅମରତ୍ୱର ଉପକୂଳରେ ପହଞ୍ଚାଇଦେବା । ଈଶ୍ୱରଙ୍କ ଇଚ୍ଛାରେ ଆତ୍ମା ନବ କଳେବର ଧାରଣ କରେ, ଅର୍ଥାତ୍ ଜୀବ ବାରମ୍ବାର ଜନ୍ମଗ୍ରହଣ କରେ ଏବଂ ଏହି ଜନ୍ମ ଓ ପୂର୍ବଜନ୍ମର ପାପ-ପୁଣ୍ୟର ଫଳ ଭୋଗ କରେ । ଅପ୍ରତ୍ୟାଶିତ ଘଟଣା, ଦୁର୍ଘଟଣା, ସଫଳତା, ବିଫଳତାଦି ଜୀବ ତାହାର ପାପପୁଣ୍ୟର ଫଳସ୍ୱରୂପ ପ୍ରାପ୍ତ ହୋଇଥାଏ ।

୪ । ଈଶ୍ୱରଙ୍କୁ ହୃଦୟ, ଆତ୍ମା ଓ ସର୍ବଶକ୍ତି ଦେଇ ଭଲ ପାଇବାକୁ ହୁଏ । ଈଶ୍ୱରଙ୍କୁ ଅଶ୍ରଦ୍ଧା ପ୍ରଦର୍ଶନକାରୀ ମାନବତାର ଶତ୍ରୁ ।

୫ । ହତ୍ୟା, ବ୍ୟଭିଚାର, ଚୌର୍ଯ୍ୟବୃତ୍ତି, ଅନ୍ୟର ସମ୍ପତ୍ତିରେ ଲୋଭ କରିବା ଉଚିତ ନୁହେଁ, ସତ୍ ଜୀବନଯାପନ, ଅମାୟିକ ବ୍ୟବହାର ଓ କଠିନ ପରିଶ୍ରମ କରିବା ଉଚିତ ।

୬ । ଯିଏ ଅନ୍ୟର ଅପରାଧ ଓ ପାପ ପାଇଁ ତାଙ୍କୁ କ୍ଷମା କରେ, ଈଶ୍ୱର ତାହାକୁ ତାହାର କୃତ ଅପରାଧ ଓ ପାପ ପାଇଁ କ୍ଷମା କରନ୍ତି ।

୭ । ନିଜର ବୁଦ୍ଧିବୃତ୍ତିକୁ ଅସ୍ତ୍ର ଭଳି ଶାଣିତ କରିବାକୁ ହେବ, ଯେପରି ତାହା ଦୁଃଖର କାରଣକୁ ବିଦ୍ଧ କରି ବିନାଶ କରିପାରେ ।

୮ । ପ୍ରାର୍ଥନା ପାଇଁ ମନ୍ତ୍ର ବା ଶ୍ଳୋକ ଜାଣି ନ ଥିଲେ ଚଳିବ, ଧ୍ୟାନର ମଧ୍ୟ ପ୍ରୟୋଜନ ନାହିଁ, କେବଳ ଈଶ୍ୱରଙ୍କ ଦିଗରେ ହୃଦୟକୁ ଉନ୍ମୁକ୍ତ କରିବା ପ୍ରୟୋଜନ । ଏଥିପାଇଁ କୌଣସି ପୁରୋହିତର ପ୍ରୟୋଜନ ନାହିଁ ।

୯ । ଆତ୍ମା ଅମର, ଜୀବନ-ମୃତ୍ୟୁ ଚକ୍ର ଭଳି ଆବର୍ତ୍ତିତ ହୁଏ । ମୃତ୍ୟୁରେ ଦେହର ବିନାଶ ହୁଏ, ଆତ୍ମା ଅବିଚଳିତ ରହେ । ଆତ୍ମା ତରବାରୀରେ ଛିନ୍ନ ବା ଅଗ୍ନିରେ ଦଗ୍ଧ ହୁଏ ନାହିଁ ।

୧୦ । ଜୀବନ ମଙ୍ଗଳ ଓ ଅମଙ୍ଗଳର ଅନ୍ତହୀନ ସଂଗ୍ରାମ । ଚିନ୍ତା, କର୍ମ ଓ କଥନରେ ଅତି ସତର୍କତା ପ୍ରୟୋଜନ, ଯେମିତି କୌଣସି ଭଲ ଲୋକ ଆଘାତ ନ ପାଏ ।

୧୧ । କ୍ରୋଧ, ଈର୍ଷା, ଭୟ ଓ ଶୋକ ଭଳି ମାରାତ୍ମକ ଅନୁଭୂତି ନିକଟରେ ମସ୍ତକ ଅବନତ କରିବା ଉଚିତ ନୁହେଁ, ଈଶ୍ୱରଙ୍କ ଦୀର୍ଘ ପରିକଳ୍ପନା ସମ୍ପର୍କରେ ସର୍ବଦା ଆଶାବାଦୀ ହେବାକୁ ହେବ ଏବଂ ବିଶ୍ୱାସ ରଖିବାକୁ ହେବ ଯେ ସବୁ କିଛିର ଫଳ ଶେଷ ପର୍ଯ୍ୟନ୍ତ ଶୁଭ ହେବ ।

୧୨ । ମଣିଷ ପୃଥିବୀକୁ ଆସେ ଏବଂ ଯାଏ ନଗ୍ନ ଅବସ୍ଥାରେ । ଏହି ସ୍ୱଳ୍ପ ଜୀବନ କାଳରେ ମଣିଷ ତାହାର ପରିବେଶକୁ ଉନ୍ନତ କରିବାକୁ ଚେଷ୍ଟା କରିବ, ଯେପରି ଯିବା ସମୟରେ ପୃଥିବୀକୁ ଯେଉଁ ଅବସ୍ଥାରେ ପାଇଥିଲା ତାହାଠାରୁ ସୁନ୍ଦର ଅବସ୍ଥାରେ ରଖାଯାଇପାରେ ।

୧୩ । ବିଶ୍ୱ ସଂସାରରେ ସବୁ କିଛି ଈଶ୍ୱରଙ୍କ ସୃଷ୍ଟି ଏବଂ ଈଶ୍ୱରଙ୍କ ଦାନ-ସମୂହ ବ୍ୟବହାର କରିବାର ଅଧିକାର ଓ ଦାୟିତ୍ୱ ସମସ୍ତଙ୍କର ସମାନ । ଈଶ୍ୱରଙ୍କ ସାମ୍ରାଜ୍ୟରେ କାହାରି ଅଧିକ ଅଧିକାର ନାହିଁ ।

୧୪ । ଦଶ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ପ୍ରତ୍ୟେକଙ୍କର କର୍ତ୍ତବ୍ୟ ଦିନକୁ ଦୁଇଥର ଅନ୍ତତଃ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା (ପ୍ରାତଃକାଳରେ ସାରାଦିନର କର୍ମ-ପରିକଳ୍ପନାର ସାଫଲ୍ୟ ପାଇଁ ମନ୍ତ୍ରୋଚ୍ଚାରଣ ଓ ପ୍ରାର୍ଥନା ଏବଂ ସନ୍ଧ୍ୟାରେ ଅର୍ଜିତ ସାଫଲ୍ୟ ପାଇଁ ମନ୍ତ୍ରୋଚ୍ଚାରଣ ଓ ଈଶ୍ୱରଙ୍କୁ ଧନ୍ୟବାଦ ଅର୍ପଣ ଏବଂ ଅସଫଳତା ପାଇଁ ଆତ୍ମସମୀକ୍ଷା କରିବା) । ଦିନକୁ ଅନ୍ତତଃ ଦଶ ମିନିଟ ପାଇଁ ଥରେ ପ୍ରାଣାୟାମ କରିବା ଉଚିତ ।

୧୫ । ମାସକୁ ଥରେ 'ଭୋଜ ଉତ୍ସବ'* ର ଆୟୋଜନ ବା ଅନ୍ୟର ଆୟୋଜିତ ଉତ୍ସବରେ ଯୋଗ ଦେବାକୁ ହେବ ।

୧୬ । ସପ୍ତାହରେ ଅନ୍ତତଃ ଦିନେ ପ୍ରତ୍ୟେକଙ୍କର ଉଚିତ କୌଣସି ସାଧାରଣ ଉପାସନା ସ୍ଥଳ, ଯେମିତି ମନ୍ଦିରକୁ ଯାଇ ସମାଜର ଅନ୍ୟ ସଦସ୍ୟମାନଙ୍କ ସହିତ ଏକତ୍ର ପ୍ରାର୍ଥନା କରିବା । ପୁରୋହିତ ପ୍ରାର୍ଥନା ପରିଚାଳନା କରିବେ ଏବଂ ବେଦ, ଉପନିଷଦ ଗୀତାଦିରୁ ଅନ୍ତତଃ ପାଞ୍ଚଟି ଶ୍ଳୋକର ଅର୍ଥ ଆଲୋଚନା ଓ ବିଶ୍ଳେଷଣ କରିବେ । ଏଭଳି କରି ଆଜିର ମଣିଷଙ୍କୁ ସାହାଯ୍ୟ କରାଯାଇପାରେ ।

---

*ଭୋଜ ଉତ୍ସବ—ପୂର୍ଣ୍ଣିମା ଦିନ ଉପାସ ରହି ସନ୍ଧ୍ୟାରେ ଚନ୍ଦ୍ରାଲୋକରେ ସମାଜର ଲୋକଙ୍କୁ ନେଇ ଆନନ୍ଦ ଉତ୍ସବ ଓ ଖିଆପିଆ କରିବା ।

# ସ୍ମୃତି ଶାସ୍ତ୍ର

## (ପ୍ରାୟଶଃ ଜାଣିବାକୁ ଚାହୁଁଥିବା ପ୍ରଶ୍ନ ଓ ଉତ୍ତର)

ସ୍ମୃତିଶାସ୍ତ୍ର ଦୈନନ୍ଦିନ ଜୀବନଯାପନ ସମ୍ପର୍କୀୟ ପ୍ରଶ୍ନୋତ୍ତର ସଂକଳନ । ଏଥିରେ ବିଭିନ୍ନ ହିନ୍ଦୁଶାସ୍ତ୍ର ଏବଂ ଋଷିମାନଙ୍କର ସ୍ମୃତି ଏବଂ ବାଣୀ ସଂକଳିତ । **ସ୍ମୃତିଶାସ୍ତ୍ର**ର ଏକାଧିକ ଭାଷ୍ୟ ପ୍ରଚଳିତ ଅଛି ।

ପ୍ରଶ୍ନ-୧ : ଈଶ୍ୱର ବିଶ୍ୱାସର ପ୍ରମାଣ କେଉଁଥିରୁ ମିଳେ ?

ଉତ୍ତର : ଈଶ୍ୱର ବିଶ୍ୱାସୀର ଦୈନନ୍ଦିନ ଜୀବନରେ ସାହସର ପରିଚୟ ରହିବ, ସାହସ ପ୍ରୟୋଜନ ବା ବିପଦ ମୁହୂର୍ତ୍ତରେ ହଠାତ୍ ଉଡ଼ି ଆସେ ନାହିଁ । କାହାକୁ ସାହସ ଶିକ୍ଷା ଦିଆଯାଏ ନାହିଁ ; ଅନ୍ୟାନ୍ୟ କାର୍ଯ୍ୟ ଭଳି ଏହା ମଧ୍ୟ ଅଭ୍ୟାସ କରିବାକୁ ହୁଏ । ସାହସ ଚରିତ୍ରର ଏକ ଅଂଶ, ଏହା ପ୍ରାର୍ଥନା ଓ ଈଶ୍ୱରଙ୍କ ନିକଟରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ ଦ୍ୱାରା ଗଢ଼ିଉଠେ । ପ୍ରକୃତ ଈଶ୍ୱରବିଶ୍ୱାସୀ ଜାଣନ୍ତି, ଐଶୀ ଶକ୍ତି ବିରୋଧରେ କେହି ବା କିଛି ଛିଡ଼ା ହୋଇପାରେ ନାହିଁ, ଏବଂ ପରିଶେଷରେ ସବୁକିଛିର ଫଳ ଶୁଭ ହେବ । ପ୍ରକୃତ ଧାର୍ମିକ ଭୟକୁ ଜୟ କରି ସାହସର ସହିତ କାର୍ଯ୍ୟ ସମ୍ପାଦନ କରନ୍ତି ।

ପ୍ରଶ୍ନ-୨ : ଭଗବାନ କ'ଣ ?

ଉତ୍ତର : ଭଗବାନ ଈଶ୍ୱର । ହିନ୍ଦୁଶାସ୍ତ୍ରରେ ତାଙ୍କର ପ୍ରତୀକ 'ଓଁ' । ଈଶ୍ୱର ଅବିଭାଜ୍ୟ, ସର୍ବଶକ୍ତିମାନ, ସବୁକିଛି ସେ କରିପାରନ୍ତି । ସେ ଏକ ଏବଂ ଅଦ୍ୱିତୀୟ । ସମସ୍ତ କାରଣର କାରଣ । ନିଜ ଇଚ୍ଛା ପୂରଣ ପାଇଁ କାହାର ସାହାଯ୍ୟର ପ୍ରୟୋଜନ ହୁଏ ନାହିଁ । ସେ ପ୍ରଥମରୁ ରହିଛନ୍ତି । ତାଙ୍କର ଅନ୍ତ ନାହିଁ । ଜନ୍ମଗ୍ରହଣ ପାଇଁ ତାଙ୍କର ପିତାମାତାଙ୍କର ପ୍ରୟୋଜନ ହୋଇ ନାହିଁ, ତେଣୁ ତାଙ୍କର ନାମ ପିତାମାତାଙ୍କ ଠାରୁ ପାଇବାର ପ୍ରଶ୍ନ ନାହିଁ । ତାଙ୍କୁ ନାମ ଦେଇଛନ୍ତି ମାନବଭକ୍ତମାନେ । ଯିଏ ଯେଉଁ ନାମରେ ଡାକନ୍ତି ସେ ସେହି ନାମରେ ଭକ୍ତର ପ୍ରାର୍ଥନା ଗ୍ରହଣ କରନ୍ତି । ଅତଏବ ଈଶ୍ୱର ନାମ ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

ପ୍ରଶ୍ନ-୩ : ଈଶ୍ୱର ଓ ଦେବତା ମଧ୍ୟରେ ପାର୍ଥକ୍ୟ କ'ଣ ?

ଉତ୍ତର : ଈଶ୍ୱର ଏକ ଏବଂ ଅବିଭାଜ୍ୟ । ସବୁକିଛି କରିବାର ସମସ୍ତ କ୍ଷମତା ତାଙ୍କର ଅଛି ଏବଂ ସେ ସମସ୍ତ କାରଣର କାରଣ । ଦେବତାମାନେ ଈଶ୍ୱର କର୍ତ୍ତୃକ ତାଙ୍କର ପ୍ରତିନିଧି ହିସାବରେ ମାନବ ରୂପରେ ପ୍ରେରିତ । ଈଶ୍ୱର ତାଙ୍କର କରୁଣା ଓ ପ୍ରେମ ସ୍ୱରୂପ ପ୍ରତିଭୂମାନଙ୍କୁ ପ୍ରେରଣ କରନ୍ତି ପୃଥିବୀକୁ ଶିକ୍ଷକ ଓ ପରିତ୍ରାତା ରୂପରେ । ଦେବତାମାନେ ନିଜ ନିଜ ଦୃଷ୍ଟାନ୍ତ ଦ୍ୱାରା ମଣିଷର ମନର ଅନ୍ଧାର ଦୂର କରି ପଥ ଦେଖାନ୍ତି ଯେମିତି ପୃଥିବୀ ବସବାସ ପାଇଁ ଭଲ ଓ ନିରାପଦ ହୁଏ । ଈଶ୍ୱରଙ୍କ ମହିମା ସେମାନଙ୍କ ମଧ୍ୟରେ ପ୍ରତିଫଳିତ ହୁଏ । ଦେବତାଙ୍କ ଅନୁଗତମାନେ ବାସ୍ତବରେ ଈଶ୍ୱରଙ୍କ ଅନୁଗତ । ମାନବରୂପୀ ଦେବତାଙ୍କ ମଧ୍ୟରେ ସେମାନେ ଈଶ୍ୱରଙ୍କ ପ୍ରତିଭୂକୁ ଦେଖନ୍ତି ଏବଂ ଭକ୍ତମାନେ ତାଙ୍କର କୃତଜ୍ଞତା, ଶ୍ରଦ୍ଧା ଓ ଗୁଣଗ୍ରାହିତାକୁ ବିଭିନ୍ନ ରୂପରେ ବର୍ଷଣ କରନ୍ତି । କେହି ଦେବତାଙ୍କ ଆକାରରେ ପ୍ରତିମା ନିର୍ମାଣ, କେହି ନାମ କୀର୍ତ୍ତନ, କେହି ପୁଣି ତାଙ୍କ ପ୍ରତି ଶ୍ରଦ୍ଧାରେ ଲୋକ ସଙ୍ଗୀତ ରଚନା କରନ୍ତି । ଲୋକେ ବିଶ୍ୱାସ କରନ୍ତି, ଦେବତାମାନେ ଈଶ୍ୱରଙ୍କ ଦୂତ, ଈଶ୍ୱର ସେମାନଙ୍କୁ ଭଲପାଇ ନିର୍ବାଚିତ କରିଛନ୍ତି । ଭକ୍ତର ପ୍ରାର୍ଥନା ଦେବତାମାନେ ଶୁଣନ୍ତି । ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ମନ୍ତ୍ର ଉଚ୍ଚାରଣ ପୂର୍ବକ ଅନ୍ତତଃ ଦଶ ମିନିଟ ଈଶ୍ୱରଙ୍କୁ ପ୍ରାର୍ଥନା କଲେ ଶୁଭ ଫଳ ପ୍ରାପ୍ତି ହୋଇଥାଏ । ଜୀବ ଉଦ୍ଧାର ପାଏ ।

ପ୍ରଶ୍ନ-୪ : ଈଶ୍ୱର ଯଦି ସର୍ବୋଚ୍ଚ ବା ପରମାତ୍ମା ତେବେ ଦେବତାମାନଙ୍କ ପୂଜା ତାଙ୍କର ଅପମାନ ନୁହେଁ କି ?

ଉତ୍ତର : ଗୀତା କହେ—ଈଶ୍ୱର ପରମାତ୍ମା, ସର୍ବଶକ୍ତିମାନ ଏବଂ ଏତେ ବିଶାଳ ଯେ ତାଙ୍କୁ ପୂଜା ନ କରି ତାଙ୍କର ଦୂତମାନଙ୍କୁ ଅର୍ଥାତ୍ ଦେବତାମାନଙ୍କୁ ପୂଜା କଲେ ମଧ୍ୟ ତାଙ୍କର ଭଲମନ୍ଦ କିଛି ମନେହୁଏ ନାହିଁ ।*

***ଗୋଟିଏ ଦୃଷ୍ଟାନ୍ତ :** ଜଣେ ବିରାଟ ସମ୍ମାନୀୟ ଏବଂ ଶକ୍ତିଶାଳୀ ବ୍ୟକ୍ତି ତାଙ୍କୁ ବା ତାଙ୍କର ଅଧୀନସ୍ଥ ବ୍ୟକ୍ତିମାନଙ୍କୁ କେବେ କେହି କ୍ଷୁଦ୍ରଜୀବ ଯେମିତି ପିମ୍ପୁଡ଼ିଟିଏ ସମ୍ମାନ ପ୍ରଦର୍ଶନ କଲା କି ନାହିଁ ସେ ବିଷୟରେ କିଛି ଭାବନ୍ତି ନାହିଁ, ସେମିତି ଈଶ୍ୱର ଏତେ ବଡ଼ ଯେ ତାଙ୍କ ନିକଟରେ ପିମ୍ପୁଡ଼ି ଠାରୁ

ମଧ୍ୟ କ୍ଷୁଦ୍ର ମଣିଷ ତାଙ୍କ ସ୍ଥଳରେ ଦେବତାମାନଙ୍କୁ ପୂଜା କଲେ କିଛି ଭାବନ୍ତି ନାହିଁ । ସେ ଦୟା କରନ୍ତି, ରାଗ କରନ୍ତି ନାହିଁ । ତେବେ ସିଧା ଈଶ୍ୱରଙ୍କୁ ପ୍ରାର୍ଥନା କଲେ ସର୍ବଦା ଶୁଭଫଳ ଲାଭ ହୁଏ ।

ପ୍ରଶ୍ନ-୫ : ଯେବେ ସ୍ୱାର୍ଥପର ପୃଥିବୀ ଆମର ବିଷଣ୍ଣତାର କାରଣ ହୁଏ ତେବେ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକତା ଲାଭର ଶ୍ରେଷ୍ଠ ଉପାୟ କ'ଣ ?

ଉତ୍ତର : ଏହି ବିଶ୍ୱ ସଂସାରରେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ କର୍ମ ଓ ଆଧ୍ୟାତ୍ମିକତାର ପାରସ୍ପରିକ ସହଯୋଗିତାର ପ୍ରୟୋଜନ । କର୍ମ ଅର୍ଥାତ୍ ଧର୍ମ ପାଳନ ଓ କଠିନ ପରିଶ୍ରମ ଦ୍ୱାରା ଈଶ୍ୱରଙ୍କ ଅଭ୍ରଭେଦୀ ମନ୍ଦିର ନିର୍ମାଣ କରିବାକୁ ହେବ । ସ୍ୱମହିମାରେ ଈଶ୍ୱର ତହିଁରେ ଅଧିଷ୍ଠାନ କରିବେ । ଈଶ୍ୱର ପ୍ରତ୍ୟେକଙ୍କୁ ଚେତନା, ଶକ୍ତି, ସ୍ନାୟୁତନ୍ତ୍ର, ପେଶୀ ଓ ଆବେଗ ପ୍ରଦାନ କରିଛନ୍ତି । ଏହି ବିଚିତ୍ର ବିବିଧ ବସ୍ତୁ, ଗୁଣବିଶିଷ୍ଟ ଜଗତ ଈଶ୍ୱର କାହିଁକି ସୃଷ୍ଟି କରିଛନ୍ତି ? ତାଙ୍କର ଏକ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଅଛି । ଯଦି ଜଣେ ନିଜକୁ ଦୈନନ୍ଦିନ କର୍ମରୁ ବଞ୍ଚିତ ରଖେ, ତେବେ ଏହା ହେବ ଏକ ବଡ଼ ଆଧ୍ୟାତ୍ମିକ ସ୍ୱାର୍ଥପରତା, ଯାହା ଈଶ୍ୱରଙ୍କ କୃପାଲାଭରୁ ବଞ୍ଚିତ କରେ । ଶାନ୍ତି ମିଳେ ମନ୍ଦିରରେ ବା ଈଶ୍ୱରଙ୍କୁ ଧ୍ୟାନରେ, ପୂର୍ଣ୍ଣତାବୋଧ ମିଳେ ଶୂନ୍ୟତାବୋଧରୁ । ଈଶ୍ୱରଙ୍କ କୌଣସି ମୂର୍ତ୍ତି ବା ପ୍ରତିମା ନାହିଁ ।

ପ୍ରଶ୍ନ-୬ : କାଳର ପ୍ରାରମ୍ଭରେ ଈଶ୍ୱରଙ୍କ ଆତ୍ମପ୍ରକାଶ କି ଭାବରେ ଘଟିଥିଲା ?

ଉତ୍ତର : କାଳର ପ୍ରାରମ୍ଭରେ ଅନ୍ଧାର ମଧ୍ୟରେ ଅନ୍ଧାର ଥିଲା । ସବୁକିଛି ଥିଲା ଅବ୍ୟବସ୍ଥିତ, ବିଶୃଙ୍ଖଳିତ ଓ ଶୂନ୍ୟତାରେ ଆବୃତ । ସେହି ମହାଶୂନ୍ୟତା ହିଁ ଈଶ୍ୱର, ଯାହାଙ୍କ କୃପାରେ ସୃଷ୍ଟି ହେଲା ସ୍ଥାବର, ଅସ୍ଥାବର, ଯାହାକିଛି ଚାଲେ, ସନ୍ତରଣ କରେ, ଆକାଶରେ ଉଡ଼େ - ସବୁ ତାଙ୍କରି ପାଇଁ । ଏହି ଅନ୍ତଃସ୍ଥିତ ସତ୍ତାହୀନ ସତ୍ୟ ହିଁ ଈଶ୍ୱର ।

ପ୍ରଶ୍ନ-୭ : ଈଶ୍ୱରଙ୍କ ପ୍ରକୃତ ନାମ କ'ଣ ? ତାଙ୍କର ସୃଷ୍ଟିକୁ ସେ କିପରି ଶିକ୍ଷା ଦିଅନ୍ତି ?

ଉତ୍ତର : ରହସ୍ୟାବୃତ ସତ୍ୟ ନିକଟରେ ବିଶ୍ୱ ଏକ ନୀଡ଼ ମାତ୍ର । ସମସ୍ତ କିଛି ସମ୍ମିଳିତ ବିନ୍ଦୁରୁ ସବୁ କିଛି ଉତ୍ସାରିତ । ଏକମାତ୍ର ଈଶ୍ୱରଙ୍କର କୌଣସି ନାମ ନାହିଁ, ମୁନିଋଷିମାନେ ତାଙ୍କୁ ଈଶ୍ୱର କହନ୍ତି । ଭକ୍ତମାନେ ତାଙ୍କୁ

ଯେଉଁ ଯେଉଁ ନାମରେ ଡାକନ୍ତି ସେ ସେହି ସେହି ନାମରେ ଭକ୍ତ ଗ୍ରହଣ କରନ୍ତି । ତାଙ୍କର ଦୂତମାନେ ମାନବ ରୂପରେ ତାଙ୍କ ସୃଷ୍ଟିର ମଙ୍ଗଳ ପାଇଁ ଉଦ୍ଦିଷ୍ଟ । ପୃଥିବୀର ବିଭିନ୍ନ ସ୍ଥାନକୁ ତାଙ୍କର ମହିମାର ପ୍ରତିଫଳନ ସ୍ୱରୂପ ଯେଉଁମାନେ ଆଗମନ କରନ୍ତି, ସେମାନେ ହିଁ ଦେବତା ନାମରେ ପରିଚିତ । ପୁଣ୍ୟବାନ ବ୍ୟକ୍ତିମାନେ ଈଶ୍ୱର ଆରାଧନା କରନ୍ତି ଅନ୍ତରରେ ଏବଂ ସେମାନେ ଦେବତାମାନଙ୍କ ଜୀବନ, କୀର୍ତ୍ତି ଓ ଶିକ୍ଷାସମୂହକୁ ନେଇ ଉତ୍ସବ କରନ୍ତି ମନ୍ଦିରରେ ।

ପ୍ରଶ୍ନ-୮ : ହିନ୍ଦୁ ବିବାହର ପ୍ରକୃତ ପଦ୍ଧତି କ'ଣ ହେବା ଉଚିତ ?

ଉତ୍ତର : ହିନ୍ଦୁ ବିବାହ ହେବ ଜଣେ ପୁରୁଷ ଓ ଜଣେ ନାରୀ ମଧ୍ୟରେ ଦେଶର ଆଇନ ଓ ସ୍ଥାନୀୟ ଆଚାର ଅନୁଯାୟୀ ।

ପ୍ରଶ୍ନ-୯ : ପ୍ରତିଦିନ କ'ଣ ମନ୍ଦିରକୁ ଯିବା ପ୍ରୟୋଜନ ? ପୁରୋହିତର କର୍ତ୍ତବ୍ୟ କ'ଣ ?

ଉତ୍ତର : ପ୍ରତିଦିନ ମନ୍ଦିରକୁ ଯାଇ ସମସ୍ୱରରେ ଈଶ୍ୱରଙ୍କ ପ୍ରାର୍ଥନା କଲେ ମାନସିକ ଶକ୍ତି ଏବଂ ଦୈବ ସୁରକ୍ଷା ନିଶ୍ଚିତ ହୁଏ ।

ପୁରୋହିତ ସମସ୍ୱରରେ ପ୍ରାର୍ଥନା ପରିଚାଳନା କରିବେ ଏବଂ ବେଦ/ଉପନିଷଦ/ଗୀତାଦିରୁ ଅନ୍ତତଃ ପାଞ୍ଚଟି ଶ୍ଳୋକର ମର୍ମ ବ୍ୟାଖ୍ୟା କରିବେ, ଯେପରି ଭକ୍ତମାନେ ତାଙ୍କର ସମସ୍ୟା ସମାଧାନର ପଥ ଖୋଜି ପାଇବେ । ପୁରୋହିତ ହିନ୍ଦୁ ସମାଜର ବନ୍ଧୁ, ଦାର୍ଶନିକ ଓ ପଥପ୍ରଦର୍ଶକର ଭୂମିକା ପାଳନ କରିବେ ଏବଂ ସମାଜର ନୈତିକ ଓ ବୈଷୟିକ ସ୍ୱାଚ୍ଛନ୍ଦ୍ୟର ଉନ୍ନତି ପାଇଁ ଧାରାବାହିକ ଚେଷ୍ଟା କରିବେ ।

ପ୍ରଶ୍ନ-୧୦ : ଆମର ଦେବଦେବୀଙ୍କୁ ପୂଜା କରିବା ଏବଂ ପୁରୋହିତଙ୍କୁ ଦକ୍ଷିଣା ଦେବା କର୍ତ୍ତବ୍ୟ କି ?

ଉତ୍ତର : ଦେବଦେବୀଙ୍କୁ ପୂଜା ଦେବା ଅପେକ୍ଷା ପ୍ରାର୍ଥନା କରିବା ଅଧିକ ଫଳଦାୟୀ । ପୂଜା ଦେବାର ବାଧ୍ୟବାଧକତା ନାହିଁ । ପୁରୋହିତର ଆର୍ଥିକ ପ୍ରୟୋଜନ ସମୂହ ଉପଲବ୍ଧି କରି ସମ୍ମାନଯୋଗ୍ୟ ପରିମାଣ ଅର୍ଥପ୍ରଦାନ କରିବା ଉଚିତ, ଯେପରି ଉଚ୍ଚଶିକ୍ଷିତ ଏବଂ ସକ୍ଷମ ବ୍ୟକ୍ତିମାନେ ପୁରୋହିତ ବୃତ୍ତିରେ ଯୋଗଦାନ କରିବାକୁ ଉତ୍ସାହିତ ହୁଅନ୍ତି । ଉତ୍ତମ ପୁରୋହିତ ଉତ୍ତମ ସମାଜ ସୃଷ୍ଟି କରନ୍ତି ।

ପ୍ରଶ୍ନ-୧୧ : ହିନ୍ଦୁର ସତ୍କାର କି ଭାବରେ ହେବା ଉଚିତ ?

ଉତ୍ତର : ଅଗ୍ନିକୁ ପରମାତ୍ମାଙ୍କ ଏକ ରୂପ ବୋଲି ବିବେଚନା କରାହୁଏ । ତେଣୁ ଦେହକୁ ଅଗ୍ନିରେ ପ୍ରଜ୍ୱଳିତ କରିବା ଉଚିତ, ଯେମିତି ଆତ୍ମା ଓ ପରମ୍ାଙ୍କର ମିଳନ ହୁଏ । ତେବେ ଏ ବିଷୟରେ ଦେଶର ଆଇନକୁ ମାନ୍ୟ କରିବା ଉଚିତ ।

ପ୍ରଶ୍ନ-୧୨ : ସ୍ତ୍ରୀ ପ୍ରତି ସ୍ୱାମୀର ବା ସ୍ୱାମୀ ପ୍ରତି ସ୍ତ୍ରୀର ଅନାନୁଗତ୍ୟ ପାଇଁ ଶାସ୍ତି କ'ଣ ହେବା ଉଚିତ ? ବ୍ୟଭିଚାରର ଶାସ୍ତି କ'ଣ ହେବା ଉଚିତ ?

ଉତ୍ତର : ଦମ୍ପତିଙ୍କ ମଧ୍ୟରେ ପରସ୍ପର ପ୍ରତି ଆନୁଗତ୍ୟର ଅଭାବ ବିଶ୍ୱାସ ଭଙ୍ଗର ସମାନ । ବିଶ୍ୱାସ ଭଙ୍ଗ ଅନେକ ପ୍ରକାରର ଯଥା—ନିୟୋଗକର୍ତ୍ତା-ନିଯୁକ୍ତ ବ୍ୟକ୍ତି, କରଦାତା-କର ସଂଗ୍ରାହକ, ସରକାରୀ କର୍ମଚାରୀ-ଜନସାଧାରଣ ପ୍ରଭୃତିଙ୍କ ମଧ୍ୟରେ । ଏହିସବୁ କ୍ଷେତ୍ରରେ ବିଶ୍ୱାସ ଭଙ୍ଗର ଯେଉଁ ଶାସ୍ତି ଅଛି, ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିଶ୍ୱାସ ଭଙ୍ଗର ସେହି ଶାସ୍ତି ପ୍ରଯୋଜ୍ୟ । ଆଇନ ଏହି ସମସ୍ତ କ୍ଷେତ୍ରରେ ସମାନ ପ୍ରଯୋଜ୍ୟ ।

ପ୍ରଶ୍ନ-୧୩ : ବଳାତ୍କାର ହେଲେ ତାହାର କ'ଣ ଶାସ୍ତି ?

ଉତ୍ତର : ବଳାତ୍କାର ଏକ ଚୂଡ଼ାନ୍ତ ହିଂସା, ସେହି ଅନୁପାତରେ ଶାସ୍ତି ହେବା ଉଚିତ ।

ପ୍ରଶ୍ନ-୧୪ : କେଉଁ ବ୍ୟକ୍ତି ସ୍ୱର୍ଗାରୋହଣ ପାଇଁ ଯୋଗ୍ୟ ?

ଉତ୍ତର : ଯେଉଁ ବ୍ୟକ୍ତି ପ୍ରତିଦିନ ଅନ୍ତତଃ ଦୁଇଥର ମନ୍ତ୍ରୋଚ୍ଚାରଣ ପୂର୍ବକ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି, ଦଶ ମିନିଟରୁ ଅଧିକ ସମୟ ପ୍ରାଣାୟାମ କରନ୍ତି ଓ ଭୋଜ ଉତ୍ସବରେ ଯୋଗ ଦିଅନ୍ତି, ନିଜର ଜୀବିକାର୍ଜନ ପାଇଁ କଠୋର ପରିଶ୍ରମ କରନ୍ତି ଏବଂ ଅନ୍ୟର ଜୀବିକାର୍ଜନରେ ସାହାଯ୍ୟ କରନ୍ତି, ଲୋଭ କରନ୍ତି ନାହିଁ, ଭକ୍ତି ସହିତ ଶାସ୍ତ୍ରାଦି ଅଧ୍ୟୟନ କରି ଜ୍ଞାନ ସଂଗ୍ରହ କରନ୍ତି ଏବଂ ତାହା ନିଜ ଜୀବନ କ୍ଷେତ୍ରରେ ପ୍ରୟୋଗ କରନ୍ତି, ସେହି ବ୍ୟକ୍ତି ହିଁ ସ୍ୱର୍ଗାରୋହଣ ପାଇଁ ଯୋଗ୍ୟ ।

ପ୍ରଶ୍ନ-୧୫ : ଯେଉଁ ବ୍ୟକ୍ତି ଜନସାଧାରଣଙ୍କ ପାଇଁ ମନ୍ଦିର ନିର୍ମାଣ ବା ତାହାର ରକ୍ଷଣାବେକ୍ଷଣ କରନ୍ତି ସ୍ୱର୍ଗରେ ତାଙ୍କ ପ୍ରତି କିଭଳି ବ୍ୟବହାର କରା ହୁଏ ?

ଉତ୍ତର : ଯେଉଁ ବ୍ୟକ୍ତି ଜନସାଧାରଣଙ୍କ ପାଇଁ ମନ୍ଦିର ନିର୍ମାଣ ବା ତାର ରକ୍ଷଣାବେକ୍ଷଣ ପାଇଁ ଅର୍ଥ ଓ ଶକ୍ତି ବ୍ୟୟ କରନ୍ତି, ଈଶ୍ୱର ତାଙ୍କ ପାଇଁ ସ୍ୱର୍ଗରେ ଏକ ଗୃହ ନିର୍ମାଣ କରି ରଖନ୍ତି ।

ପ୍ରଶ୍ନ-୧୬ : ଜଗତରେ ଈଶ୍ୱର ଓ ପାପାତ୍ମାର ସ୍ଥାନ କିପରି ?

ଉତ୍ତର : ଈଶ୍ୱର ଆନନ୍ଦ, ପାପାତ୍ମା ଦୁଃଖ । ଈଶ୍ୱରଙ୍କ ଅନୁଗାମୀମାନେ ସୁଖ ଜୀବନଯାପନ କରନ୍ତି, ଅନ୍ୟର ଆନନ୍ଦ ବିଧାନ କରନ୍ତି ଏବଂ ନିତ୍ୟ ସ୍ୱର୍ଗସୁଖ ଲାଭ କରନ୍ତି । ପାପାତ୍ମାର ଅନୁଗାମୀମାନେ ହିଂସାପୂର୍ଣ୍ଣ, ଗୁପ୍ତ ଓ କୁତ୍ସିତ ଜୀବନଯାପନ କରନ୍ତି ଏବଂ ସେମାନଙ୍କ ସଂସ୍ପର୍ଶରେ ଯେଉଁମାନେ ଆସନ୍ତି, ସେମାନଙ୍କ ଜୀବନ ଯନ୍ତ୍ରଣାବିଦ୍ଧ ହୁଏ । ଯେଉଁମାନେ ଅନ୍ୟର ଧନ କାଢ଼ି ନିଅନ୍ତି, ସେମାନେ ନରକଗାମୀ ହୁଅନ୍ତି । ଈଶ୍ୱରଙ୍କ ଅନୁଗାମୀମାନେ କଠିନ ପରିଶ୍ରମ କରି ଜୀବିକାର୍ଜନ କରନ୍ତି ଏବଂ ଈଶ୍ୱର ସୃଷ୍ଟ ଜୀବର ସେବା କରନ୍ତି । ପାପାତ୍ମା ମଣିଷର କଳ୍ପନା ।

ପ୍ରଶ୍ନ-୧୭ : ପୁରୋହିତ ହେବା ପାଇଁ ବ୍ରହ୍ମଚାରୀ ହେବାର ପ୍ରୟୋଜନ ଅଛି କି ?

ଉତ୍ତର : ପୁରୋହିତକୁ ହେବାକୁ ହେବ ସୁଶିକ୍ଷିତ, ସ୍ୱାର୍ଥଶୂନ୍ୟ ଆଲୋକପ୍ରାପ୍ତ ହେବାକୁ ହେବ, ସଦର୍ଥକ ମନୋଭାବାପନ୍ନ ହୋଇ ଭକ୍ତମାନଙ୍କର ସମସ୍ୟାର କଥା ଧୈର୍ଯ୍ୟ ସହିତ ଶୁଣିବାକୁ ହେବ । ଆର୍ତ୍ତପୀଡ଼ିତଙ୍କ ସମସ୍ୟା ସମାଧାନ କରିବା ଓ ସେମାନଙ୍କୁ ସ୍ୱସ୍ତି ପ୍ରଦାନ ପାଇଁ ଯଥେଷ୍ଟ ବୁଦ୍ଧି ଓ କର୍ମକ୍ଷମତା ଧାରଣ କରିବା ପ୍ରୟୋଜନ । ବ୍ରହ୍ମଚର୍ଯ୍ୟ ପୁରୋହିତ ପାଇଁ କୌଣସି ବିଶେଷ ଗୁଣ ନୁହେଁ, ବିଶେଷ ଗୁଣ ହେଲା ସ୍ତୋତ୍ରଗୀତ ଉପଯୋଗୀ ସୁମଧୁର କଣ୍ଠସ୍ୱର । ବ୍ରହ୍ମଚର୍ଯ୍ୟ କେବଳ ଜୀବନ ସମ୍ପର୍କୀୟ ଏକ ମନୋଭାବ, ଅନ୍ୟ କିଛି ନୁହେଁ ।

ପ୍ରଶ୍ନ-୧୮ : ପ୍ରାଚୀନ କାଳରେ ସବୁ ଋଷି ବ୍ରହ୍ମଚର୍ଯ୍ୟ ପାଳନ କରୁଥିଲେ କାହିଁକି ?

ଉତ୍ତର : ପ୍ରାଚୀନ କାଳରେ ଋଷିମାନଙ୍କ ଜ୍ଞାନାର୍ଜନର ତୃଷ୍ଣା ପ୍ରବଳ ଥିଲା । ସେମାନେ ପ୍ରକୃତ ଜ୍ଞାନୀ ଓ ଉତ୍ତମ ଶିକ୍ଷାଦାତାଙ୍କ ଅନ୍ୱେଷଣରେ ପୃଥିବୀର ବିଭିନ୍ନ ସ୍ଥାନକୁ ଯାଉଥିଲେ । ସେତେବେଳେ ସ୍କୁଲ, କଲେଜ ବା ବହି ନ ଥିଲା । ଗୁରୁମାନେ ନିଜ ନିଜ ତପୋବନରେ ଶିଷ୍ୟମାନଙ୍କୁ ଦୀର୍ଘଦିନ ଧରି ବାଚନିକ

ଶିକ୍ଷା ଦାନ କରୁଥିଲେ । ବହୁ ଉଦାହରଣ ଅଛି, ଗୁରୁ ଶିଷ୍ୟମାନଙ୍କ ସହିତ ଦେଶର ବିଭିନ୍ନ ସ୍ଥାନରେ, ଅନନୁକୂଳ ଜଳବାୟୁରେ, ବଣଜଙ୍ଗଲର ହିଂସ୍ର ପଶୁ ଓ କଞ୍ଚାମାଂସ ଭକ୍ଷଣକାରୀ ଭୟଙ୍କର ମଣିଷଙ୍କ ମଧ୍ୟରେ ଭ୍ରମଣ କରୁଥିଲେ । ଏହିଭଳି ପରିସ୍ଥିତିରେ, ପୁତ୍ର କଳତ୍ର ସହିତ ଅରଣ୍ୟ, ନଦୀ ଇତ୍ୟାଦିରେ ଭ୍ରମଣ କରିବା କଷ୍ଟକର ଥିଲା । ଲୋକେ ସ୍ୱଳ୍ପ ଆୟ ଓ ଅତ୍ୟଳ୍ପ ସଞ୍ଚୟ କରୁଥିଲେ । ଜ୍ଞାନାନ୍ୱେଷଣକାରୀ ସୁଦୂର ସ୍ଥାନରେ ଦୀର୍ଘକାଳ ଭ୍ରମଣ କରୁଥିବା ସମୟରେ ଗୃହରେ ପରିବାର ପାଇଁ ଅନ୍ନାଦି ସଂସ୍ଥାନର ବନ୍ଦୋବସ୍ତ କରି ଯାଇପାରୁ ନ ଥିଲେ । ତେଣୁ ଜ୍ଞାନାନ୍ୱେଷଣକାରୀମାନେ ସାଧାରଣତଃ ପରିବାରର ଏହି ଆର୍ଥିକ ପ୍ରୟୋଜନୀୟତା ପୂରଣର ଦାବୀ ଏଡ଼ିଯିବା ପାଇଁ ବ୍ରହ୍ମଚର୍ଯ୍ୟ ପାଳନ କରୁଥିଲେ । ଲୋକେ ବ୍ରହ୍ମଚାରୀ ଋଷିମାନଙ୍କୁ ଅତ୍ୟଧିକ ସମ୍ମାନ ପ୍ରଦର୍ଶନ କରୁଥିଲେ, ସେମାନଙ୍କର ଅଗାଧ ଜ୍ଞାନ ପାଇଁ ।

ପ୍ରଶ୍ନ-୧୯ : ଧର୍ମ ପୁସ୍ତକ ପାଠର ପ୍ରୟୋଜନ କ'ଣ ?

ଉତ୍ତର : ସମସ୍ତ ଧର୍ମଶାସ୍ତ୍ର ଈଶ୍ୱରଙ୍କ ଅନୁପ୍ରେରଣାରେ ପ୍ରଣୀତ । ଧର୍ମଶାସ୍ତ୍ର ପାଠ ଜୀବନର ଧ୍ରୁବତାରା ଭଳି ଅନ୍ଧାରରେ ଦିଗନିର୍ଣ୍ଣୟରେ ସାହାଯ୍ୟ କରେ, ଭୁଲ ସିଦ୍ଧାନ୍ତ ନେବାରୁ ରକ୍ଷା କରେ ।

ପ୍ରଶ୍ନ-୨୦ : ଈଶ୍ୱର ମାନବକୁ ଦୁଃଖ, ଦୈନ୍ୟ, ଦୁର୍ଦ୍ଦଶାଦି କାହିଁକି ଦିଅନ୍ତି ?

ଉତ୍ତର : ଈଶ୍ୱର ମାନବକୁ ହସ୍ତ-ପଦ, ବିବେକ-ବୁଦ୍ଧି ପ୍ରଦାନ କରିଛନ୍ତି । ଦୁଃଖ ଦୁର୍ଦ୍ଦଶାଗ୍ରସ୍ତ ହେଲେ ଅଧିକାଂଶ ଲୋକ ଈଶ୍ୱରବିଶ୍ୱାସ ହରନ୍ତି । ଈଶ୍ୱର ମାନବକୁ ପ୍ରତିକୂଳ ଅବସ୍ଥା ମାଧ୍ୟମରେ ପରୀକ୍ଷା କରନ୍ତି ।

ପ୍ରଶ୍ନ-୨୧ : ବହୁ ଗୁରୁତ୍ୱପୂର୍ଣ୍ଣ ଲୋକ ଅଛନ୍ତି, ଯେଉଁମାନେ ବହିଃଶକ୍ତି ବା ସମ୍ପଦ ଲୋଭରେ ନିଜ ସମାଜର ସ୍ୱାର୍ଥ ଓ ନିରାପତ୍ତାକୁ ବଳି ଦିଅନ୍ତି ବା ନିଜର ପ୍ରତିଶୋଧ ମେଣ୍ଟାଇ ଥାଆନ୍ତି ସେହି ସମାଜର ପୁରୋଧା ବା ରାଜ୍ୟର ରଜାଙ୍କ ଉପରେ । ଏହିଭଳି ଲୋକମାନଙ୍କୁ କିଭଳି ବ୍ୟବହାର କରିବା ଦରକାର ?

ଉତ୍ତର : ଦୁର୍ଭାଗ୍ୟକ୍ରମେ ଏହି ଲୋକମାନେ ଅତ୍ୟନ୍ତ ଧୂର୍ତ୍ତ, ଶକ୍ତିମାନ ବା ପ୍ରଭାବଶାଳୀ ହୋଇଥାଆନ୍ତି । ଏମାନେ ଜନସାଧାରଣଙ୍କୁ ଚାଟୁକାରିତା ଦ୍ୱାରା ଭୁଲକୁ

ଠିକ୍ ବୁଝାଇ ସ୍ୱାର୍ଥପୂରଣ କରିଥାଆନ୍ତି । ଆପଣଙ୍କ ମାଆଙ୍କୁ ଅନୈତିକ ନିଯୁକ୍ତି କରିବା ଲୋକଙ୍କ ସହିତ ଆପଣ ଯେମିତି ବ୍ୟବହାର କରିବେ, ଏହି ନିମ୍ନସ୍ତରୀୟ ଅବିଶ୍ୱାସୀ ଲୋକମାନଙ୍କ ସହିତ ସେମିତି ବ୍ୟବହାର କରିବେ । ଯଦି ତାହା ନ କରିପାରନ୍ତି, ତେବେ ନର୍କର କରାଳଗ୍ରାସ ଆପଣଙ୍କ ପାଇଁ ଅପେକ୍ଷା କରିବ ।

ପ୍ରଶ୍ନ-୨୨ : ଦୁର୍ନୀତିପରାୟଣ ମଣିଷ ଅଧିକ ସୁଖସ୍ୱାଚ୍ଛନ୍ଦ୍ୟରେ ଜୀବନ ଯାପନ କରୁଥିବାବେଳେ ଈଶ୍ୱର କାହିଁକି ମଣିଷକୁ ସତ୍ ହେବାକୁ ଆଦେଶ ଦିଅନ୍ତି ?

ଉତ୍ତର : ଦୁର୍ନୀତିପରାୟଣ ବ୍ୟକ୍ତି ଭଲ ଭଲ ଖାଆନ୍ତି ପିଅନ୍ତି, ସଦ୍‌ବ୍ୟକ୍ତି ସ୍ୱଚ୍ଛନ୍ଦରେ ନିଦ୍ରା ଯାଆନ୍ତି । ସାଧୁ ବ୍ୟକ୍ତି ସୁଖ ଉପଭୋଗ କରନ୍ତି, ତାଙ୍କର ସନ୍ତାନ ସନ୍ତତିମାନେ ଆଶୀର୍ବାଦ ଲାଭ କରିଥାଆନ୍ତି ।

ପ୍ରଶ୍ନ-୨୩ : କୀର୍ତ୍ତିମାନ ବ୍ୟକ୍ତିମାନେ କିଭଳି ଆଚରଣ କରିବେ ?

ଉତ୍ତର : ସେମାନେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବେ ‘‘ମୋତେ ଏମିତି କିଛି କହିବାକୁ ବା କରିବାକୁ ଦିଅ ନାହିଁ ପ୍ରଭୁ, ଯାହା ତୁମର ଅସନ୍ତୋଷର କାରଣ ହେବ ।’’

ପ୍ରଶ୍ନ-୨୪ : ସମାଜ ଓ ପରିବାରରେ ନାରୀର ସ୍ଥାନ କ’ଣ ହେବା ଉଚିତ ?

ଉତ୍ତର : ଉଡ଼ିବା ପାଇଁ ପକ୍ଷୀର ଦୁଇଟି ପକ୍ଷରେ ସମାନ ଶକ୍ତିର ପ୍ରୟୋଜନ ହୋଇଥାଏ, ସେମିତି ସମାଜ ଓ ସଂସାର କ୍ଷେତ୍ରରେ ନାରୀ ଓ ପୁରୁଷର ସମାନ ସ୍ଥାନ ହେବା ଉଚିତ । ତାହାହେଲେ ସମସ୍ତ ପରିବାର ତଥା ସମାଜରେ ସର୍ବାଙ୍ଗୀନ ସୁଖ ଓ ସମୃଦ୍ଧି ବୃଦ୍ଧିପ୍ରାପ୍ତ ହେବ ।

ପ୍ରଶ୍ନ-୨୫ : ସନ୍ନ୍ୟାସ ଗ୍ରହଣ ଅର୍ଥାତ୍ ସଂସାର ତ୍ୟାଗ କ’ଣ ଈଶ୍ୱରଙ୍କୁ ପ୍ରୀତ କରେ ?

ଉତ୍ତର : ସନ୍ନ୍ୟାସର ଅର୍ଥ ଜାଗତିକ ସମସ୍ତ ବ୍ୟାପାରର ସଂସ୍ରବ ତ୍ୟାଗ କରି ନିଜର ଆଧ୍ୟାତ୍ମିକ ଉନ୍ନତିମୂଳକ କାର୍ଯ୍ୟରେ ଲିପ୍ତ ରହିବା । ଏହା ଏକ ଆଧ୍ୟାତ୍ମିକ ସ୍ୱାର୍ଥପରତା । ଆଧ୍ୟାତ୍ମିକ ସ୍ୱାର୍ଥପରତା ନିଜ ସ୍ୱାର୍ଥପରତାର ଚୂଡ଼ାନ୍ତ ଉଦାହରଣ । ପ୍ରତ୍ୟେକ ମାନବ ସମାଜର ଗଭୀରରେ କେତେକ ଅନନ୍ୟବ୍ୟବସ୍ଥା ଏପରି ଭାବରେ ପ୍ରୋଥିତ ଯେ, କେହି ଏକାନ୍ତ ଭାବରେ

ସ୍ୱାର୍ଥପର ହୋଇପାରନ୍ତି ନାହିଁ ଚେଷ୍ଟା କଲେ ମଧ୍ୟ । ବରଂ ଏହି ସହଜାତ ବ୍ୟବସ୍ଥା ମଣିଷକୁ ଅନ୍ୟମାନଙ୍କର ମଙ୍ଗଳ କରିବାରେ ଆଗ୍ରହାନ୍ୱିତ କରାଏ । ବାସ୍ତବରେ ଅନ୍ୟର ସ୍ୱାର୍ଥରକ୍ଷା ପାଇଁ ଯତ୍ନବାନ ନ ହେଲେ ନିଜର ସ୍ୱାର୍ଥ ମଧ୍ୟ ରକ୍ଷା କରାଯାଏ ନାହିଁ । ସାମୂହିକ ସ୍ୱାର୍ଥ ହିଁ ମଣିଷକୁ ସର୍ବଦା ନିଜର ଏବଂ ଅନ୍ୟର ସ୍ୱାର୍ଥ ରକ୍ଷା ଦିଗରେ ପରିଚାଳିତ କରେ, ଏପରିକି, ସଂକୀର୍ଣ୍ଣ ବ୍ୟକ୍ତିସ୍ୱାର୍ଥ ମଧ୍ୟ ଧୀରେ ଧୀରେ ସନ୍ତାନମାନଙ୍କର ସ୍ୱାର୍ଥ, ପରିବାରର ସ୍ୱାର୍ଥ ତଥା ପ୍ରତିବେଶୀର, ଦେଶର ଏବଂ ସମଗ୍ର ପୃଥିବୀର ସ୍ୱାର୍ଥ ସହିତ ମିଶି ଏକାକାର ହୋଇଯାଏ । ପୃଥିବୀର ଏହି କର୍ମ ହିଁ ଏକମାତ୍ର ପୂଜା ଯାହା ଈଶ୍ୱରଙ୍କୁ ପ୍ରୀତ କରେ । ସନ୍ନ୍ୟାସ ସ୍ୱାର୍ଥପର ପଳାୟନ ମନୋବୃତ୍ତିର ପରିଚାୟକ ।

ପ୍ରଶ୍ନ-୨୬ : ବ୍ରହ୍ମଚର୍ଯ୍ୟ ଆମର ପ୍ରୟୋଜନ କାହିଁକି ? ଏହା କାହାର ପ୍ରୟୋଜନ ?

ଉତ୍ତର : ଛାତ୍ରାବସ୍ଥାରେ ମନ ଅଧ୍ୟୟନରେ ଏକାଗ୍ର ହେବା ଦରକାର, ବ୍ରହ୍ମଚର୍ଯ୍ୟ ଏକାଗ୍ର ହେବାକୁ ସାହାଯ୍ୟ କରେ । ଯେଉଁ ବ୍ୟକ୍ତି ଜୀବନର ସମସ୍ତ ପାର୍ଥିବ ପ୍ରୟୋଜନରୁ ମୁକ୍ତ ହେବାର ବ୍ରତ ଗ୍ରହଣ କରନ୍ତି, ତାଙ୍କର ସମସ୍ତ ଇନ୍ଦ୍ରିୟ ଏବଂ ଦୈନନ୍ଦିନ ବହୁବିଧ ପ୍ରୟୋଜନକୁ ନିୟନ୍ତ୍ରଣ କରିବା ଦରକାର । ବ୍ରହ୍ମଚର୍ଯ୍ୟ ଏହି ପାର୍ଥିବ ସୁଖଭୋଗ ଏବଂ ଇନ୍ଦ୍ରିୟର ପ୍ରୟୋଜନସମୂହ ବର୍ଜନ କରିବାକୁ ସାହାଯ୍ୟ କରେ ।

ପ୍ରଶ୍ନ-୨୭ : ଈଶ୍ୱର କାହିଁକି ଚାହାନ୍ତି ସମସ୍ତେ ଶୃଙ୍ଖଳାପରାୟଣ ହୁଅନ୍ତୁ ?

ଉତ୍ତର : ଶୃଙ୍ଖଳା ଅଭ୍ୟାସ କରିବା କଷ୍ଟକର । ଶୃଙ୍ଖଳା ଶିକ୍ଷାପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ ଈଶ୍ୱରଭକ୍ତି ଓ ଶାନ୍ତି ସଂଗ୍ରହ କରିବାର କ୍ଷେତ୍ର ପ୍ରସ୍ତୁତ କରିଦିଏ । ସତ୍ ଓ ଶୃଙ୍ଖଳାପରାୟଣ ବ୍ୟକ୍ତିଙ୍କୁ ଈଶ୍ୱର ଭଲପାଆନ୍ତି ।

ପ୍ରଶ୍ନ-୨୮ : ଅବସ୍ଥାର ପରିବର୍ତ୍ତନ ସହିତ ମଣିଷ ପରିବର୍ତ୍ତିତ ହୁଅନ୍ତି କାହିଁକି ?

ଉତ୍ତର : ଅବସ୍ଥା ଅନୁଯାୟୀ ମନକୁ ପରିବର୍ତ୍ତନ କରିବାରେ ବିଚକ୍ଷଣ ବ୍ୟକ୍ତି ପୃଥିବୀର ଅଧିକାରୀ ହୋଇଥାଆନ୍ତି । ଈଶ୍ୱର ପ୍ରଜ୍ଞାବାନ ବ୍ୟକ୍ତିଙ୍କୁ ଭଲପାଆନ୍ତି । ଯେଉଁମାନେ କିଛି କରି ନାହାନ୍ତି, ସେମାନେ ଅଳ୍ପ କିଛି କରିଥିବା ଲୋକଙ୍କର ସମାଲୋଚନା କରିବାର ଯୋଗ୍ୟ ନୁହଁନ୍ତି ।

ପ୍ରଶ୍ନ-୨୯ : ଜିଭକୁ କିପରି ଆୟତ୍ତରେ ଅଣାଯାଇ ପାରେ ?

ଉତ୍ତର : ଠିକ୍ ସ୍ଥାନରେ ଠିକ କଥା କହିବା ଯେ କେବଳ ପ୍ରୟୋଜନ ତାହା ନୁହେଁ, କ୍ରୋଧ ବା ପ୍ରଲୋଭନ ମୁହୂର୍ତ୍ତରେ ମଧ୍ୟ ଅନୁଚିତ କଥା ନ କହିବା ପ୍ରୟୋଜନ । ଅପ୍ରିୟ ସତ୍ୟ ଭାଷଣ ଶ୍ରୋତାର ଅସନ୍ତୋଷର କାରଣ ହୁଏ । କର୍ତ୍ତୃପକ୍ଷସ୍ଥାନୀୟ ବ୍ୟକ୍ତିଙ୍କୁ ଜିହ୍ୱାକୁ ଶାସନରେ ରଖି ସମ୍ମାନ ପ୍ରଦର୍ଶନ କରିବା ଉଚିତ ।

ପ୍ରଶ୍ନ-୩୦ : ଜୀବିକା ପାଇଁ ପ୍ରୟୋଜନରେ ଜୀବନକୁ ବିପଦର ସମ୍ମୁଖୀନ କରିବା ଉଚିତ କି ?

ଉତ୍ତର : ଚେଷ୍ଟା ବିଫଳ ହେଲେ ହତାଶା ଆସିପାରେ, କିନ୍ତୁ ଚେଷ୍ଟା ନ କଲେ ଆଶା ହିଁ ରହେ ନାହିଁ । ପରାଜୟ ଚରମ ବ୍ୟର୍ଥତା ନୁହେଁ । ଆମର କାର୍ଯ୍ୟ ଆମକୁ ନିଶ୍ଚିତ କରେ ଯେମିତି ଆମେ ଆମର କାର୍ଯ୍ୟକୁ ନିଶ୍ଚିତ କରୁ । ଅର୍ଥାତ୍ ସତ୍ କର୍ମପାଇଁ ବିପଦର ସମ୍ମୁଖୀନ ହେବା ଈଶ୍ୱର ବିଶ୍ୱାସର ପ୍ରମାଣ ।

ପ୍ରଶ୍ନ-୩୧ : ସାହସ କ'ଣ ?

ଉତ୍ତର : ସାହସ ଭୟକୁ ପ୍ରତିରୋଧ କରେ, ଜୟ କରେ, ଭୟ ଉପରେ ପ୍ରଭୁତ୍ୱ କରେ, ସାହସର ଅର୍ଥ ଭୟ ନ ରହିବା ନୁହେଁ ।

ପ୍ରଶ୍ନ-୩୨ : ସଙ୍ଗୀ କି ଭାବରେ ନିର୍ବାଚନ କରାଯାଏ ?

ଉତ୍ତର : ପ୍ରଜ୍ଞାବାନ ବ୍ୟକ୍ତିଙ୍କ ସଙ୍ଗ ପ୍ରଜ୍ଞାବାନ କରେ, ମୂର୍ଖର ସଙ୍ଗ ବିନାଶର କାରଣ ହୁଏ ।

ପ୍ରଶ୍ନ-୩୩ : ଈଶ୍ୱର କାହାକୁ ଜୀବନରେ ସଫଳ କରନ୍ତି ?

ଉତ୍ତର : କଠିନ ପରିଶ୍ରମର ମୂଲ୍ୟ ସାଫଲ୍ୟ, ଆରବ୍ଧ କାର୍ଯ୍ୟରେ ଆତ୍ମନିୟୋଜନ ଏବଂ ଏହି ନିଶ୍ଚୟତା ଯେ ଜୟ ବା ପରାଜୟ ଯାହା ହେଉ ନା କାହିଁକି ଆମେ ଯଥାସାଧ୍ୟ ଚେଷ୍ଟା କରିଛନ୍ତି । ଫଳପାଇଁ ଲାଳାୟିତ ହୁଅ ନାହିଁ, କାରଣ ବିଧିର ବିଧାନ ଅନୁଯାୟୀ ସମସ୍ତ ଶକ୍ତିର ସମନ୍ୱୟରେ ଆନୁପାତିକ କର୍ମଫଳ ଅବଶ୍ୟ ପ୍ରାପ୍ତ ହେବ । ଅଧ୍ୟବସାୟ ସୌଭାଗ୍ୟର ପ୍ରସ୍ତୁତି ।

ପ୍ରଶ୍ନ-୩୩ : ଆମେ କ'ଣ ଆମର ପରିବାର ଓ ସାମାଜିକ ଜୀବନ ତ୍ୟାଗ କରି ଋଷି ହେବୁ ?

ଉତ୍ତର : ଆଧ୍ୟାତ୍ମିକ କାର୍ଯ୍ୟରେ ନିମଗ୍ନ ହେବା ଠାରୁ ଆତ୍ମାର ଆନନ୍ଦ ପାଇଁ ଆମର କର୍ତ୍ତବ୍ୟ ଏବଂ ଦାୟିତ୍ୱ ନିଷ୍ଠାର ସହିତ ପାଳନ କରିଯିବା ଭଲ । କର୍ତ୍ତବ୍ୟକୁ ଅବହେଳା କରି ଆତ୍ମିକ ଭାବରେ ଆଧ୍ୟାତ୍ମିକ କାର୍ଯ୍ୟରେ ଲିପ୍ତ ହେବା ଆମର ପସନ୍ଦଯୁକ୍ତ ନୁହେଁ । ଏହିଭଳି କର୍ମଶୀଳତା ଆଧ୍ୟାତ୍ମିକ ବିଳାସିତା ମାତ୍ର, ଈଶ୍ୱରଙ୍କ ସେବା ନୁହେଁ ।

ପ୍ରଶ୍ନ-୩୫ : ବ୍ରହ୍ମଚର୍ଯ୍ୟ କ'ଣ ?

ଉତ୍ତର : ବ୍ରହ୍ମଚର୍ଯ୍ୟ (ଅବିବାହିତ ଜୀବନଯାପନ) ହେଉଛି ଆତ୍ମସଂଯମ ଏବଂ ଲକ୍ଷ୍ୟ ଉପରେ ଏକାଗ୍ରତା । ବ୍ରହ୍ମଚର୍ଯ୍ୟ କେବଳ କାମପ୍ରବୃତ୍ତିର ସଂଯମ ନୁହେଁ । କାମପ୍ରବୃତ୍ତି ଈଶ୍ୱରଙ୍କ ଏକ ଦାନ, ଏହା ପାପ ନୁହେଁ ଯେତେବେଳ ପର୍ଯ୍ୟନ୍ତ ସୀମିତ ଥାଏ ।

ପ୍ରଶ୍ନ-୩୬ : ପଶୁହତ୍ୟା ଧର୍ମରେ ଅନୁମୋଦିତ କି ?

ଉତ୍ତର : ଆତ୍ମରକ୍ଷା ଓ ଖାଦ୍ୟ ପାଇଁ ନ୍ୟୂନତମ ପଶୁହତ୍ୟା ଅନୁମୋଦିତ । ତେବେ ନ୍ୟୂନତମରୁ ଅଧିକ ଆଘାତ ବା ହତ୍ୟା ହିଂସା । ତେଣୁ ଏହା ପାପ । ଅନେକ ଜୀବଜନ୍ତୁ ଓ କୀଟପତଙ୍ଗ ଅନ୍ୟକୁ ଭକ୍ଷଣ କରି ଜୀବନ ଧାରଣ କରେ, ଯଥା ବାଘ, ସିଂହ, ଝିଟିପିଟି, ବୁଢ଼ିଆଣୀ ପ୍ରଭୃତି । ଈଶ୍ୱର ଯଦି ସବୁପ୍ରକାରର ହତ୍ୟା ଏପରିକି ଖାଦ୍ୟ ପାଇଁ ହତ୍ୟା ମଧ୍ୟ ନିଷିଦ୍ଧ କରି ଥାଆନ୍ତେ, ତେବେ ସେ ବାଘ, ସିଂହ, ଝିଟିପିଟି, ବୁଢ଼ିଆଣୀ ଇତ୍ୟାଦି ସୃଷ୍ଟି କରି ନ ଥାଆନ୍ତେ ।

ପ୍ରଶ୍ନ-୩୭ : ହିନ୍ଦୁ ନାରୀ ପତିଙ୍କ ମୃତ୍ୟୁ ପରେ ପୁଣି ବିବାହ କରି ପାରନ୍ତି କି ?

ଉତ୍ତର : ପତିଙ୍କ ମୃତ୍ୟୁ ପରେ ହିନ୍ଦୁ ନାରୀକୁ ପୁଣି ବିବାହ କରିବାର ଅନୁମତି ଦିଆଯାଇଛି ।

ଦୃଷ୍ଟାନ୍ତ : ମହାଭାରତରେ ଯେବେ ହସ୍ତିନାପୁରର ରାଜା ଧୃତରାଷ୍ଟ୍ରଙ୍କ ପିତା ରାଜା ବିଚିତ୍ରବୀର୍ଯ୍ୟଙ୍କର ଅକାଳ ବିୟୋଗ ହେଲା, ରାଜା ଧୃତରାଷ୍ଟ୍ରଙ୍କ ପିତାମହୀ ରାଣୀ ସତ୍ୟବତୀ ବିଚିତ୍ରବୀର୍ଯ୍ୟଙ୍କ ସ୍ତ୍ରୀ ଅମ୍ବାଳିକା ବିଚିତ୍ରବୀର୍ଯ୍ୟଙ୍କ

ଜ୍ୟେଷ୍ଠଭ୍ରାତା ଭୀଷ୍ମଙ୍କ ସହିତ ସହବାସ କରିବା ପାଇଁ ବାଧ୍ୟ କରିବାକୁ ଚାହିଁଲେ । ତେବେ ଭୀଷ୍ମ ଯେଣୁ ପୂର୍ବେ ପ୍ରତିଜ୍ଞା କରିଥିଲେ ଯେ ସେ କେବେହେଲେ ବିବାହ କରିବେ ନାହିଁ ଏବଂ ଆଜୀବନ ବ୍ରହ୍ମଚର୍ଯ୍ୟ ପାଳନ କରିବେ, ସେ ତାଙ୍କର ମାତାଙ୍କ ଅନୁରୋଧ ପ୍ରତ୍ୟାଖ୍ୟାନ କଲେ । ସେତେବେଳେ ସତ୍ୟବତୀଙ୍କ ଅନ୍ୟ ଏକ ପୁତ୍ର ପରାଶର ସେହି ଅନୁରୋଧରେ ସମ୍ମତ ହେଲେ ଏବଂ ସେମାନଙ୍କ ସହବାସ ଫଳରେ ଅମ୍ବାଳିକାଙ୍କ ଗର୍ଭରୁ ଧୃଷ୍ଟରାଷ୍ଟ୍ରଙ୍କର ଜନ୍ମ ହେଲା ।

ପ୍ରଶ୍ନ-୩୮ : ଯଦି ମୁଁ ଜାଣିପାରେ ମୋର ସଙ୍ଗୀ ଗୋଟିଏ ପାପ କରିଛି, ହିନ୍ଦୁ ହିସାବରେ ମୋର କର୍ତ୍ତବ୍ୟ କ'ଣ ତାକୁ ପରିତ୍ୟାଗ କରିବା ?

ଉତ୍ତର : ବିପଦ ସମୟରେ ବନ୍ଧୁକୁ ପରିତ୍ୟାଗ ନ କରି ସାହାଯ୍ୟ କରନ୍ତୁ । ପାପୀକୁ ସାହାଯ୍ୟ କରନ୍ତୁ ଆଉ ପାପ ନ କରିବା ପାଇଁ ଉପଦେଶ ଦେଇ ନିବୃତ୍ତ କରିବା ମାଧ୍ୟମରେ ।

ପ୍ରଶ୍ନ-୩୯ : ଧାର୍ମିକ ବ୍ୟକ୍ତିଙ୍କର କି କଠୋର ପରିଶ୍ରମ କରିବା ଉଚିତ, ନା ଭିକ୍ଷାବୃତ୍ତି ଅବଲମ୍ବନ କରିବା ଉଚିତ ?

ଉତ୍ତର : ଯେ କୌଣସି ଶକ୍ତ ସମର୍ଥ ବ୍ୟକ୍ତିଙ୍କୁ ନିଜ ପାଇଁ ଏବଂ ଅନ୍ୟ ପାଇଁ ମଧ୍ୟ କାର୍ଯ୍ୟ କରନ୍ତି, ଈଶ୍ୱର ତାଙ୍କ ପ୍ରତି ସଦୟ ହୁଅନ୍ତି । ଯେଉଁ ବ୍ୟକ୍ତି ନିଜ ଶ୍ରମଦ୍ୱାରା ନିଜର ଜୀବିକା ନିର୍ବାହ କରନ୍ତି, ଭିକ୍ଷାଦ୍ୱାରା ନୁହେଁ, ଈଶ୍ୱର ତାଙ୍କ ପ୍ରତି ସଦୟ ହୁଅନ୍ତି ।

ପ୍ରଶ୍ନ-୪୦ : ଅନ୍ନଦାତାଙ୍କ ପ୍ରତି କିଭଳି ଆଚରଣ କରିବା ଉଚିତ ?

ଉତ୍ତର : ଆପଣଙ୍କ ପରିବାରର ଅନ୍ନଦାତା ଆପଣଙ୍କ ଆନୁଗତ୍ୟ ଲାଭର ଅଧିକାରୀ । ତାଙ୍କ ବିରୁଦ୍ଧରେ ବିଦ୍ରୋହ ଈଶ୍ୱରଙ୍କୁ ଅପ୍ରସନ୍ନ କରେ ।

ପ୍ରଶ୍ନ-୪୧ : ଈର୍ଷା କିପରି ଜୟ କରାଯାଏ ? ବର କିପରି ପ୍ରାର୍ଥନା କରିବା ଉଚିତ ?

ଉତ୍ତର : ବିତ୍ତବାନ ମଧ୍ୟବିତ୍ତକୁ ଦେଖିବେ ଏବଂ ମଧ୍ୟବିତ୍ତ ନିମ୍ନବିତ୍ତକୁ, ନିମ୍ନବିତ୍ତ ଦରିଦ୍ରମାନଙ୍କ ପ୍ରତି ଦୃଷ୍ଟି ଦେବେ । ଏହା ହେଲେ ଈଶ୍ୱରଙ୍କ ଦୟାର ପରିଚୟ ମିଳିବ, ଈର୍ଷା ଦୂର ହୋଇଯିବ ।

ଆପଣ ନିଜେ ଯାହା ଭଲ ମନେ କରନ୍ତି, ଈଶ୍ୱରଙ୍କ ନିକଟରେ ତାହା

ପ୍ରାର୍ଥନା କରନ୍ତୁ ନାହିଁ, ପ୍ରାର୍ଥନା କରନ୍ତୁ ଯେମିତି ଈଶ୍ୱର ଆପଣଙ୍କ ପକ୍ଷରେ ଯାହା ଭଲ ବୋଲି ମନେକରନ୍ତି, ତାହା ଯେମିତି ଆପଣଙ୍କୁ ଦିଅନ୍ତି ।

ପ୍ରଶ୍ନ-୪୨ : ଜ୍ଞାନ ଅନ୍ୱେଷଣର ଫଳ କ'ଣ ?

ଉତ୍ତର : ଜ୍ଞାନ ଅନ୍ୱେଷଣ ପାଇଁ ପୃଥିବୀର ଦୂରତମ ପ୍ରାନ୍ତକୁ ଗମନ କରାଯାଇପାରେ । କାରଣ ଈଶ୍ୱରଙ୍କ ଶ୍ରେଷ୍ଠ ସେବା ସେହି କରନ୍ତି ଯିଏ ଶୈଶବରୁ ମୃତ୍ୟୁ ପର୍ଯ୍ୟନ୍ତ ଶିକ୍ଷା ଓ ଜ୍ଞାନର ଅନ୍ୱେଷଣରେ ଜୀବନ ନିୟୋଜିତ କରନ୍ତି । ଈଶ୍ୱରଙ୍କୁ ଉପଲବ୍ଧି କରିବାକୁ ହେଲେ ନିଜକୁ ଜାଣନ୍ତୁ । ପ୍ରତ୍ୟେକ ଧାର୍ମିକ ବ୍ୟକ୍ତିଙ୍କର ଜ୍ଞାନ ଅର୍ଜନ କରିବା ଉଚିତ ନାରୀ ପୁରୁଷ ନିର୍ବିଶେଷରେ । ଜ୍ଞାନ ଅର୍ଜନ କରନ୍ତୁ । ଜ୍ଞାନ ମଣିଷକୁ ଉଚିତ ଓ ଅନୁଚିତ ମଧ୍ୟରେ ପାର୍ଥକ୍ୟ ଦର୍ଶାଏ । ସ୍ୱର୍ଗ ଓ ମର୍ତ୍ତ୍ୟର ଅଭ୍ରାନ୍ତ ପଥର ସନ୍ଧାନ ଦିଏ ।

ପ୍ରଶ୍ନ-୪୩ : ଧନ ସଞ୍ଚୟ ମଣିଷକୁ ରୂଢ଼ ଓ ଅହଂକାରୀ କରାଏ । ଅର୍ଜନ କରିବା ପାଇଁ ଧନର ପଶ୍ଚାଦ୍ଧାବନ ପାପ କି ? ପ୍ରାପ୍ତବୟସ୍କ ବ୍ୟକ୍ତି ପାର୍ଥିବ ଜଗତରେ କିପରି ବ୍ୟବହାର କରିବା ଉଚିତ ?

ଉତ୍ତର : ଈଶ୍ୱରଙ୍କ ରାଜ୍ୟରେ ପ୍ରତ୍ୟେକ କାର୍ଯ୍ୟର ବିଚାର ହୁଏ ସେହି କାର୍ଯ୍ୟର ଉଦ୍ଦେଶ୍ୟ ଦ୍ୱାରା । ଅହଂକାରୀ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିପାରେ ନାହିଁ । ରୂଢ଼ଭାଷୀ ମଧ୍ୟ ପାରେ ନାହିଁ । ଈଶ୍ୱରାନୁଗତ ବ୍ୟକ୍ତିହିଁ ପ୍ରକୃତରେ ଧନୀ । କାରଣ ତାଙ୍କ ଚିତ୍ତରେ ସନ୍ତୋଷ ଥାଏ ଯାହା ଅଗାଧ ପାର୍ଥିବ ଧନ-ସମ୍ପଦ ଦେଇପାରେ ନାହିଁ । ପଦ୍ମପତ୍ରରେ ନୀର ଭଳି ଜଗତରେ ଅବସ୍ଥାନ କର । ଧନ ଉପାର୍ଜନ କର, କିନ୍ତୁ ତାହାପ୍ରତି ଆସକ୍ତ ହୁଅ ନାହିଁ, କାରଣ ଈଶ୍ୱର ତୁମକୁ ପ୍ରେରଣ କରିଛନ୍ତି ଧରିତ୍ରୀକୁ ଅଧିକତର ସମ୍ପଦଶାଳୀ କରିବା ପାଇଁ । ଜୀବନରେ ଯାହାକିଛି ଘଟେ ସବୁ ତୁମର କର୍ମଫଳ । କୁକର୍ମ ପାଇଁ ଈଶ୍ୱରଙ୍କ ନିକଟରେ କ୍ଷମା ପ୍ରାର୍ଥନା କର ।

ପ୍ରଶ୍ନ-୪୪ : କୌଣସି ମନ୍ଦିରରେ ପ୍ରଧାନ ପୁରୋହିତ ହେବା ପାଇଁ ପୁରୋହିତ ପକ୍ଷରେ ବ୍ରହ୍ମଚର୍ଯ୍ୟ ଆବଶ୍ୟକ କି ?

ଉତ୍ତର : ନାହିଁ, ବ୍ରହ୍ମଚର୍ଯ୍ୟର ପ୍ରୟୋଜନ ନାହିଁ । ଛାତ୍ରଜୀବନରେ ବ୍ରହ୍ମଚର୍ଯ୍ୟ ଲାଭଜନକ, କାରଣ ଏହା ଅଧ୍ୟୟନରେ ଏକାଗ୍ରତା, ଆନୟନରେ ସହାୟତା କରେ ।

ବୟସ୍କମାନଙ୍କ ଜୀବନରେ ବ୍ରହ୍ମଚର୍ଯ୍ୟ ମନ ଉପରେ ପ୍ରଚଣ୍ଡ ଚାପ ସୃଷ୍ଟି କରେ । ଏପରିକି ଦୈନନ୍ଦିନ ସ୍ୱାଭାବିକ କାର୍ଯ୍ୟରେ ଭ୍ରାନ୍ତି ସୃଷ୍ଟି କରେ । ପ୍ରଧାନ ହିନ୍ଦୁ ଦେବତାମାନେ ଯେମିତି ଭଗବାନ କୃଷ୍ଣ, ଭଗବାନ ଶିବ ପ୍ରଭୃତି ବ୍ରହ୍ମଚର୍ଯ୍ୟ ପାଳନ କରି ନାହାନ୍ତି ଏବଂ ତାହା ପାଳନ କରିବାକୁ କାହାକୁ କହି ନାହାନ୍ତି ।

ପ୍ରଶ୍ନ-୪୫ : ଭିକ୍ଷାଦାନ ହିନ୍ଦୁ ପକ୍ଷରେ ଅବଶ୍ୟ କରଣୀୟ କି ?

ଉତ୍ତର : ଭିକ୍ଷାଦାନ ସତ୍‌କର୍ମ, କିନ୍ତୁ ଅବଶ୍ୟ କରଣୀୟ ନୁହେଁ । ଧର୍ମ ଦର୍ଶନ କେବଳ ଆଜିର ଅର୍ଥନୈତିକ ଅବସ୍ଥା ପାଇଁ ନୁହେଁ । ଏହା ଚିରନ୍ତନ । ଈଶ୍ୱର ହିନ୍ଦୁମାନଙ୍କ ପ୍ରତି ଦୟାଳୁ । ଭିକ୍ଷାଜୀବୀଙ୍କ ସଂଖ୍ୟା ହିନ୍ଦୁ ସମାଜରେ ଦ୍ରୁତ କମିଆସୁଛି । ସମ୍ପଦ ସୃଷ୍ଟି ପାଇଁ ପ୍ରତ୍ୟେକଙ୍କର କାର୍ଯ୍ୟ କରିବା ଉଚିତ । ପୃଥିବୀ ସମ୍ପଦଶାଳୀ ହେଲେ ଭିକ୍ଷାର ପ୍ରୟୋଜନ ଦୂରୀଭୂତ ହୁଏ । ତେବେ ସମାଜର ସମସ୍ତଙ୍କ ପାଇଁ ଏବଂ ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ଉପାର୍ଜନର ଏକ-ଶତାଂଶ ଦାନ କରିବା ହିନ୍ଦୁର ଅବଶ୍ୟ କର୍ତ୍ତବ୍ୟ ।

ପ୍ରଶ୍ନ-୪୬ : ବୈଜ୍ଞାନିକ ଆବିଷ୍କାରକୁ ହିନ୍ଦୁଧର୍ମ କେଉଁ ଦୃଷ୍ଟିରେ ଦେଖେ ?

ଉତ୍ତର : ଆର୍ଯ୍ୟଭଟ୍ଟ, ସିଦ୍ଧାର୍ଥ ଶେଖର, ଲୀଳାବତୀଙ୍କ ଗଣିତ ସୂତ୍ର ହିନ୍ଦୁ ଧର୍ମଗ୍ରନ୍ଥରେ ସୂଚିତ ହୋଇଛି । ଅଥର୍ବ ବେଦରେ ଏହାର ଦୃଷ୍ଟାନ୍ତ ରହିଛି ।

ପ୍ରଶ୍ନ-୪୭ : ହିନ୍ଦୁ ପୁରୋହିତଙ୍କ ପକ୍ଷରେ କେଉଁ ପରିଧେୟ ଉପଯୁକ୍ତ ?

ଉତ୍ତର : ବର୍ତ୍ତମାନ ଜଗତରେ କାର୍ଯ୍ୟ କରିବା ଉପଯୋଗୀ ଯେ କୌଣସି ପୋଷାକ ହିଁ ତାଙ୍କ ପାଇଁ ଉପଯୁକ୍ତ । ଭଗବାନ କୃଷ୍ଣଙ୍କ ସମୟରେ ଧୋତି ଓ କଠଉ ପ୍ରଚଳିତ ଥିଲା, ପୁରୋହିତମାନେ ତାହା ହିଁ ବ୍ୟବହାର କରୁଥିଲେ । କାର୍ଯ୍ୟୋପଯୋଗୀ ଏବଂ ସୁଲଭ ପରିଧେୟାଦିର ପ୍ରଚଳନ ହେବାରୁ ବର୍ତ୍ତମାନ ପୁରୋହିତମାନେ ଆଧୁନିକ ପୋଷାକ ବ୍ୟବହାର କରି ପାରନ୍ତି । ହିନ୍ଦୁ ପୁରୋହିତଙ୍କ ପାଇଁ ପୋଷାକ ଏପରି ହେବା ଦରକାର ଯାହାର ତାଙ୍କ ପାଇଁ ଉପଯୋଗିତା ଅଛି ।

ପ୍ରଶ୍ନ-୪୮ : ପୁରୋହିତ ଟ୍ରାଉଜର ଓ କୋଟ ଭଳି ଆନ୍ତର୍ଜାତିକ ପୋଷାକ ପରିଧାନ କରିପାରନ୍ତି କି ?

ଉତ୍ତର : କର୍ମର ଗତି ଯେଉଁଠି ଦ୍ରୁତତା ଦାବୀ କରେ ଓ ଆବହାଓ୍ୱା ଯେଉଁଠି ଶୀତଳ ସେଠାରେ ଟ୍ରାଉଜର ଏବଂ କୋଟ ଉପଯୋଗୀ । ଉଷ୍ମ ଜଳବାୟୁ, ଓ ସହଜ ପରିବେଶରେ ଧୋତି ଓ ଚଟି ଜୋତା ଉପଯୋଗୀ । ସମାଜରେ ଜଣେ ପୁରୋହିତ ପ୍ରୟୋଜନ ହୁଏ, ଯାହାଙ୍କ ନିକଟରୁ ଉପଦେଶାବଳୀ ମାଧ୍ୟମରେ ଜ୍ଞାନ ଓ ଶାନ୍ତି ଲାଭ କରାଯାଏ । ଏହି ସମସ୍ତ ଗୁଣ କୌଣସିଟି ପୋଷାକର ବିଧିବିଧାନ ଦ୍ୱାରା ପ୍ରଭାବିତ ହୁଏ ନାହିଁ । ଅତଏବ ଜଣେ ପୁରୋହିତଙ୍କ ପକ୍ଷରେ ପୋଷାକର ଗୁରୁତ୍ୱ ଅତ୍ୟନ୍ତ ଗୌଣ । ତେଣୁ ଏହା ବ୍ୟକ୍ତିଗତ ରୁଚି ଉପରେ ଛାଡ଼ିଦେବା ଉଚିତ ।

ପ୍ରଶ୍ନ-୪୯ : ହିନ୍ଦୁର ସାମାଜିକ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜୀବନ ଉପରେ ତାଙ୍କର ଧୋତି ପୋଷାକର ପ୍ରଭାବ କ'ଣ ?

ଉତ୍ତର : ଧୋତି ଅପେକ୍ଷାକୃତ ସୁଲଭ ମୂଲ୍ୟର ପୋଷାକ ଏବଂ ଏହା ସାମାଜିକ ଜୀବନରେ ସରଳ ଜୀବନଯାପନର ପରିଚୟ ଦିଏ, କିନ୍ତୁ ଧୋତି ପରିହିତ ବ୍ୟକ୍ତି ଦ୍ରୁତଗତିରେ କର୍ମ ସମ୍ପାଦନ ବା ଦ୍ରୁତ ଗମନ ଅଥବା ଆତ୍ମରକ୍ଷା ନିମିତ୍ତ ଦ୍ରୁତ ଶରୀର ପରିଚାଳନା କରି ପାରନ୍ତି ନାହିଁ । ଧୋତି ପରିହିତ ହିନ୍ଦୁମାନେ ଚିରଦିନ ଟ୍ରାଉଜର ପରିହିତ ଦ୍ରୁତ ଶରୀର ଚାଳନାରେ ସକ୍ଷମ ମଧ୍ୟ ଏସୀୟ ଆକ୍ରମଣକାରୀମାନଙ୍କ ଅଧୀନତା ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି ।

ପ୍ରଶ୍ନ-୫୦ : ଧୋତି, ଜାତୀୟ ଗୌରବ ରକ୍ଷା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପକ୍ଷରେ ଆଦର୍ଶ ପରିଧେୟ କି ?

ଉତ୍ତର : ଧୋତି ପରିହିତ ହିନ୍ଦୁମାନେ କାର୍ଯ୍ୟରେ ଶ୍ଳଥଗତିସମ୍ପନ୍ନ ହୋଇପଡ଼ିଥିଲେ ଏବଂ ଜାତି ଓ ବ୍ୟକ୍ତିଗତ ଭାବରେ ଧନସମ୍ପଦ, କ୍ଷମତା, ଖ୍ୟାତି, ସ୍ୱାସ୍ଥ୍ୟ ଇତ୍ୟାଦି ଲାଭର କୌଣସି ପ୍ରତିଯୋଗିତାରେ ସାଫଲ୍ୟ ଲାଭ କରି ପାରିନାହାନ୍ତି । ଏପରିକି ଉତ୍ତମ ଖାଦ୍ୟ, ଉତ୍ତମ ବାସଗୃହ, ସକଳ ସ୍ୱାସ୍ଥ୍ୟ କିମ୍ବା ଅନ୍ୟ କୌଣସି ପ୍ରକାରର ସ୍ୱାଚ୍ଛନ୍ଦ୍ୟ ସେମାନଙ୍କର ଲଭ୍ୟ ହୋଇ ନାହିଁ । ହିନ୍ଦୁମାନେ ଟସରପୋକ ଭଳି ନିଜ ନିଜକୁ ଅକ୍ଷମ, ନିର୍ବୋଧ ଭଳି ଗୋଟାଇ ରଖିଥିଲେ ଏବଂ ଭାବିଥିଲେ ତାଙ୍କ ସହିତ କେହି କୌଣସି ଦିନ ପ୍ରତିଯୋଗିତା କରିବେ ନାହିଁ । ଅର୍ଥାତ୍ ପ୍ରାୟ-ଅନଶନରେ ସେମାନେ ଜୀବିକା

ନିର୍ବାହ କରିବେ ଏବଂ କୌଣସି ସ୍ୱାଚ୍ଛନ୍ଦ୍ୟ ଓ ଧନସମ୍ପଦ ବ୍ୟତିରେକେ ଜୀବନଯାପନ ଇତ୍ୟାଦିରେ କିଏ କେତେ ବେଶୀ ଅକ୍ଷମ ଓ ଅଯୋଗ୍ୟ ଏହି ପ୍ରତିଯୋଗିତାରେ ଜୟୀ ହେବାର ଏକପ୍ରକାର ଅବାସ୍ତବ ଅହଂକାରରେ ବୁଡି ରହିଥିଲେ । ଏହି ପ୍ରତିଯୋଗିତାହୀନ ଜୀବନରେ ଅନାଡ଼ମ୍ବର ଧୋତି ହିନ୍ଦୁମାନଙ୍କର ଜାତୀୟ ଅକ୍ଷମତାର ଏକ ସୁନ୍ଦର ପ୍ରଦର୍ଶନ ମଧ୍ୟ ।

ପ୍ରଶ୍ନ-୫୧ : ହିନ୍ଦୁମାନଙ୍କର ପ୍ରସ୍ତର ମୂର୍ତ୍ତିକୁ ସର୍ବଶକ୍ତିମାନ ଈଶ୍ୱରଙ୍କ ପ୍ରତୀକ ବୋଲି ପୂଜା କରିବା ଅଥବା ପିଶାଚର ପ୍ରତୀକ ବୋଲି ମନେ କରିବାକୁ ଈଶ୍ୱର ପାପ ବୋଲି ବିବେଚନା କରିବେ କି ?

ଉତ୍ତର : ଏହା ପାପ ନୁହେଁ କିନ୍ତୁ ପ୍ରସ୍ତର ଅଥବା ମୂର୍ତ୍ତିକୁ ଈଶ୍ୱରଙ୍କ ପ୍ରତୀକ ବା ପିଶାଚର ପ୍ରତୀକ ଜ୍ଞାନ କରିବା କୌଣସି ପ୍ରୟୋଜନ ନାହିଁ । ତେବେ ଏକ ବିରାଟ ଜନସମଷ୍ଟିକୁ ଏକ ସ୍ଥାନରେ ଏକତ୍ର କରିବାର ଏହା ଏକ ସଦୁପାୟ । ସମସ୍ତ ଧର୍ମର ଗୁରୁମାନେ ଏହି ପଦ୍ଧତି ଅବଲମ୍ବନ କରି ଲୋକଙ୍କୁ ଏକତ୍ରିତ କରିଥାଆନ୍ତି । କୌଣସି କୌଣସି ପଥର ଅନୁସାରୀମାନେ ଈଶ୍ୱରୀୟ ଧାରଣା ପ୍ରତି ଶ୍ରଦ୍ଧା ଜ୍ଞାପନ କରିବା ପାଇଁ ମୂର୍ତ୍ତି, ମନ୍ଦିର ବା ପୁସ୍ତକାଦି ବ୍ୟବହାର କରନ୍ତି । କେହି ପୁଣି ପାପୀ ପ୍ରତି ଅଶ୍ରଦ୍ଧା ଜ୍ଞାପନ ଉଦ୍ଦେଶ୍ୟରେ ପ୍ରସ୍ତର ସ୍ତମ୍ଭ ସଦୃଶ ମୂର୍ତ୍ତି ବ୍ୟବହାର କରନ୍ତି ।

ପ୍ରଶ୍ନ-୫୨ : ଅତି କଠୋର ବିଚାରବ୍ୟବସ୍ଥା ଯୋଗୁଁ ଯେଉଁଠି ଚୋରର ହାତ କାଟି ଦିଆଯାଏ ତାହା ଦ୍ୱାରା ମାନବ ସମାଜର ମହାନତା ପ୍ରକାଶ ପାଇବ କି ? ଅଥବା ଈଶ୍ୱର ସେଥିରେ ପ୍ରୀତ ହେବେ କି ?

ଉତ୍ତର : ଈଶ୍ୱର ସମସ୍ତ କିଛିର, ସମସ୍ତ ମଣିଷର ସୃଷ୍ଟିକର୍ତ୍ତା । ତାଙ୍କର କରୁଣା ଅସୀମ, ତାଙ୍କ ନିଜ ସୃଷ୍ଟିପ୍ରତି ସେ କେବେ ହୃଦୟହୀନ ହୋଇ ପାରନ୍ତି ନାହିଁ । ଚୋର ଅଭାବ ଦାଉରୁ ଚୋରି କରେ । ସମାଜ ସବୁ ସମୟରେ ମଣିଷକୁ ଜୀବିକା ଅର୍ଜନର ସହଜ ସୁଯୋଗ ଦିଏ ନାହିଁ । ଏପରିକି ସମାଜ ଅନେକ ସମୟରେ ଜୀବନ ଧାରଣର ନ୍ୟୂନତମ ପ୍ରୟୋଜନ ପାଇଁ କୌଣସି ନିରାପତ୍ତାର ବ୍ୟବସ୍ଥା କରେ ନାହିଁ । ଯେଉଁ ବ୍ୟକ୍ତି କୌଣସି ଏକ ନିର୍ଦ୍ଦିଷ୍ଟ ଦେଶରେ ଚୋରି କରିବାକୁ ବାଧ୍ୟ ହୁଏ, ସେହି ବ୍ୟକ୍ତି ହୁଏତ ଅନ୍ୟ ଦେଶକୁ ଗଲେ ସାମାଜିକ ନିରାପତ୍ତା ପାଇପାରେ ଏବଂ ଭଦ୍ର ଜୀବନଯାପନ

କରିପାରେ । ଅତଏବ ଚୋରି କରିବା ଈଶ୍ୱରଙ୍କ ବିରୁଦ୍ଧରେ କୌଣସି ଅପରାଧ ନୁହେଁ । ସାମାଜିକ ଓ ରାଜନୈତିକ ବ୍ୟବସ୍ଥାର ଏହା ଗୋଟିଏ ବ୍ୟାଧି । ଚୋରର ହସ୍ତ କର୍ତ୍ତନ ଈଶ୍ୱରସୃଷ୍ଟ ନ୍ୟାୟନୀତି ବିରୋଧୀ । ଶାସକମାନେ ସାଧାରଣ ଲୋକଙ୍କୁ ଭୟ ଦେଖାଇ ମୁହଁ ବନ୍ଦ କରିଦିଅନ୍ତି, ଯେପରି ଲୋକେ ସେହି ଅନ୍ୟାୟକାରୀ ସ୍ୱାର୍ଥପର ଶାସକଶ୍ରେଣୀ ବିରୁଦ୍ଧରେ ସେମାନଙ୍କର ପ୍ରକୃତ ଆଭିଯୋଗସମୂହ ବ୍ୟକ୍ତ କରିବାକୁ ସାହସ ନ ଥାଏ ।

ପ୍ରଶ୍ନ-୫୩ : ଯଦି ଏକ ସିଧାସଳଖ ବିଚାର ବ୍ୟବସ୍ଥା ଅନୁସାରେ ଯେଉଁ ନାରୀମାନେ ବିବାହ ବହିର୍ଭୂତ ସମ୍ପର୍କ ସ୍ଥାପନ କରନ୍ତି ସେମାନଙ୍କୁ ଯଦି ଫାସୀ ଦିଆଯାଏ, ତାହାଦ୍ୱାରା ମାନବ ସମାଜର ମଙ୍ଗଳ ହେବ କି ? ଏଥିରେ ଈଶ୍ୱର ପ୍ରୀତ ହେବେ କି ?

ଉତ୍ତର : ଜୀବନରୁ ସ୍ୱାଭାବିକ ଆନନ୍ଦ ଆହରଣ କରିବାର ଅଧିକାର ସମସ୍ତ ନର ଓ ନାରୀଙ୍କର ଅଛି, ତାହା ଈଶ୍ୱରଙ୍କର ଦାନ । କୌଣସି ନାରୀ ଯଦି ଅସତ୍, କଟୁଭାଷୀ, ନିର୍ଦ୍ଦୟ, ରୁଗ୍‌ଣ ହୋଇ ଥାଏ ବା ତା'ର ପୁରୁଷତ୍ୱହୀନ ସ୍ୱାମୀ ଥାଏ ଏବଂ ସେହି ନାରୀ ଯଦି ଅନ୍ୟ ପୁରୁଷ ପ୍ରତି ଆକୃଷ୍ଟ ହୁଏ, ତାହାଦ୍ୱାରା ଈଶ୍ୱରଙ୍କ ପ୍ରତି ତାହାର ଅଶ୍ରଦ୍ଧା ପ୍ରକାଶ ହୁଏ ନାହିଁ । ଶାସକମାନେ ଏବଂ ଶାସକ ସମ୍ପ୍ରଦାୟର ଉଚ୍ଚସ୍ଥାନୀୟ ବ୍ୟକ୍ତିବର୍ଗ ଅନେକ ସମୟରେ ଅସତ୍, କଟୁଭାଷୀ, ନିଷ୍ଠୁର ହୁଅନ୍ତି ଓ ବିକୃତ ଆଚରଣ କରନ୍ତି । ସେମାନଙ୍କ ସ୍ତ୍ରୀମାନଙ୍କୁ ସେମାନେ ଧର୍ମୀୟ ବିଧାନର ନାମ କରି ଦବାଇ ରଖିବାକୁ ଚାହାନ୍ତି ନିଜର ଦୁର୍ଗୁଣ ଓ ଅକ୍ଷମତା ଢାଙ୍କିବା ପାଇଁ । ନାରୀ ଅନ୍ୟ ପୁରୁଷ ସହିତ ଶାରୀରିକ ସମ୍ପର୍କ କଲେ ପୁରୁଷ କେବଳ ସେହି ନାରୀ ସହିତ ବିବାହ ବିଚ୍ଛେଦ କରିପାରେ ଏବଂ ସମାଜ ସେହି ନାରୀକୁ କୌଣସି ଖୋରାକ ପୋଷାକ ବ୍ୟତୀତ ବିବାହ ବିଚ୍ଛେଦ ସ୍ୱୀକାର କରିବାକୁ ବାଧ କରିପାରେ । ଅନ୍ୟ କୌଣସି ଶାସ୍ତି ଈଶ୍ୱରଙ୍କ ଦୃଷ୍ଟିରେ ଅପରାଧ । ତେବେ ସ୍ୱାମୀ ସ୍ତ୍ରୀ ପରସ୍ପର ପ୍ରତି ବିଶ୍ୱସ୍ତତା ଉଭୟଙ୍କର ସୁଖ ସୁନିଶ୍ଚିତ କରେ, ସନ୍ତାନମାନେ ଯେ ଠିକ୍ ଭାବରେ ମଣିଷ ହେବେ ସେହି ନିଶ୍ଚୟତା ମିଳେ ଏବଂ ଈଶ୍ୱରଙ୍କୁ ପ୍ରସନ୍ନ କରେ ।

ପ୍ରଶ୍ନ-୫୪ : ଆତ୍ମରକ୍ଷା ପାଇଁ ହିନ୍ଦୁମାନଙ୍କର ଅସ୍ତ୍ରଧାରଣ ପ୍ରୟୋଜନ କି ?

ଉତ୍ତର : ଚତୁର୍ଦ୍ଦଶ ବର୍ଷରୁ ଅଧିକ ବୟସ୍କ ପ୍ରତ୍ୟେକ ହିନ୍ଦୁର ଦେଶର ଆଇନ ଅନୁସାରେ ଅସ୍ତ୍ର ଧାରଣ କରିବା ଅବଶ୍ୟ କର୍ତ୍ତବ୍ୟ । ଦରିଦ୍ରତମ ବ୍ୟକ୍ତିଟିର ମଧ ଗୃହରେ ଲାଠିଟିଏ ରହିବା ଅତ୍ୟାବଶ୍ୟକ । ଅସ୍ତ୍ର ନିକଟରେ ରହିଲେ ସାହସ ଓ ଆତ୍ମମର୍ଯ୍ୟାଦା ଲାଭ ହୁଏ । ପ୍ରୟୋଜନ ସମୟରେ ଆତ୍ମରକ୍ଷା କରାଯାଏ । ସାହସୀ ବ୍ୟକ୍ତି ହିଁ ଈଶ୍ୱରଙ୍କୁ ଯଥାର୍ଥ ଭଲପାଇପାରେ । (ପୃଷ୍ଠା : ୧୩୩)

ପ୍ରଶ୍ନ-୫୫ : କେଉଁ ଧରଣର ଜନଗୋଷ୍ଠୀ ଅବା ମଣିଷକୁ ହିନ୍ଦୁମାନଙ୍କର ଉତ୍ସାହିତ କରିବା ଉଚିତ ?

ଉତ୍ତର : ଯେଉଁମାନେ ହିନ୍ଦୁମାନଙ୍କର ଆତ୍ମମର୍ଯ୍ୟାଦା, ଶକ୍ତି, ନିରାପତ୍ତା ଓ ଆର୍ଥିକ ସ୍ୱାଚ୍ଛନ୍ଦ୍ୟ ସୁନିଶ୍ଚିତ କରନ୍ତି, ସେମାନଙ୍କୁ ହିଁ ସମର୍ଥନ କରିବା ଉଚିତ । ଯେଉଁମାନେ ହିନ୍ଦୁର ସ୍ୱାର୍ଥ ବିଷୟରେ ଉଦାସୀନ, ସେମାନଙ୍କୁ ବିରୋଧ କରିବା ଉଚିତ ।

ପ୍ରଶ୍ନ-୫୬ : ଯଦି କେହି ଦେଖେ ଯେ ତାହାର ଧର୍ମ ଅଥବା ଦେବଦେବୀଙ୍କୁ ଅବମାନନା କରା ହେଉଛି, ତେବେ ତାହାର କ'ଣ କରିବା ଉଚିତ ?

ଉତ୍ତର : କାହାରି ମାଆଙ୍କୁ କେହି ଅପମାନ କଲେ ତାହା ପ୍ରତି ଯାହା କରିବା ଉଚିତ, ହିନ୍ଦୁର ଈଶ୍ୱର ବା ଦେବଦେବୀଙ୍କୁ ଅପମାନ କଲେ ତାହା ହିଁ କରିବା ଉଚିତ ।

ପ୍ରଶ୍ନ-୫୭ : ଅନ୍ୟ ଧର୍ମର କୌଣସି ବ୍ୟକ୍ତିକୁ ହିନ୍ଦୁ ମନ୍ଦିରରେ ପ୍ରବେଶ କରିବାକୁ ଦେବା ଉଚିତ କି ?

ଉତ୍ତର : ଅପବିତ୍ର ଏବଂ ସଂକ୍ରାମକ ରୋଗଗ୍ରସ୍ତ ବ୍ୟକ୍ତିକୁ ପ୍ରବେଶ କରିବାକୁ ଦେବା ଉଚିତ ନୁହେଁ । ଅନ୍ୟ ଯେ କୌଣସି ବ୍ୟକ୍ତି ଯେ କୌଣସି ହିନ୍ଦୁ ମନ୍ଦିରରେ ପ୍ରବେଶ କରି ଆଧ୍ୟାତ୍ମିକ ସ୍ୱସ୍ତିଲାଭ କରିପାରେ । ଈଶ୍ୱର କୌଣସି ଏକ ସମ୍ପ୍ରଦାୟର ସମ୍ପତ୍ତି ନୁହେଁ ।

ପ୍ରଶ୍ନ-୫୮ : କୌଣସି ଭକ୍ତ ହିନ୍ଦୁ ମନ୍ଦିରରୁ କ'ଣ ପ୍ରତ୍ୟାଶା କରି ପାରନ୍ତି ?

ଉତ୍ତର : ମନ୍ଦିର ଏପରି ଏକ ସ୍ଥାନ ଯାହା ସମସ୍ତଙ୍କ ପାଇଁ ସର୍ବଦା (ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ) ଉନ୍ମୁକ୍ତ ରହିବା ପ୍ରୟୋଜନ । ମନ୍ଦିର କର୍ତ୍ତୃପକ୍ଷଙ୍କର ଉଚିତ

ଭକ୍ତମାନଙ୍କର ଦକ୍ଷିଣା ସାହାଯ୍ୟରେ କ୍ଷୁଧାର୍ଥକୁ ଅନ୍ନଦାନ କରିବା । ମନ୍ଦିରର ଉଚିତ ବିଦ୍ୟାଦାନ କରିବା, ଚିକିତ୍ସା ଓ ଅନ୍ୟାନ୍ୟ ତ୍ରାଣ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ସମସ୍ତ ଭକ୍ତର କଲ୍ୟାଣ ନିମିତ୍ତ ସାମାଜିକ ସଂଗ୍ରାମରେ ଅଂଶଗ୍ରହଣ କରିବା । ମନ୍ଦିରରେ ଏକ ବୃହତ୍ ପ୍ରକୋଷ୍ଠ ରହିବା ଉଚିତ ଯେଉଁଠି ଭକ୍ତମାନେ ପ୍ରାର୍ଥନା ଏବଂ ଈଶ୍ୱରଙ୍କ ସଙ୍ଗୀତ ଭଜନ ଇତ୍ୟାଦି କରି ପାରନ୍ତି ।

ପ୍ରଶ୍ନ-୫୯ : ରାଜନୀତି ଓ ଧର୍ମ ସ୍ୱତନ୍ତ୍ର ହେବା ଉଚିତ କି ?

ଉତ୍ତର : ରାଜନୀତିରେ ଜନସାଧାରଣଙ୍କର ମନୋଭାବ ପ୍ରକାଶ ପାଏ । ମନୋଭାବ ନିର୍ଭର କରେ ମୂଲ୍ୟବୋଧ ଉପରେ, ମୂଲ୍ୟବୋଧର ଜନ୍ମ ହୁଏ ଧର୍ମର ନୀତିସମୂହ ପ୍ରତି ଆନୁଗତ୍ୟରୁ । ଧର୍ମ ଓ ରାଜନୀତି ପରସ୍ପର ସହିତ ମିଶ୍ରିତ, ପରସ୍ପର ନିର୍ଭରଶୀଳ । ଏହି ସମ୍ପର୍କର ଅବହେଳା କରାହେଲେ ରାଜନୀତି ସେତେବେଳେ ଆଉ ଜନସାଧାରଣଙ୍କର ହୋଇ ରହେ ନାହିଁ, ପାଷାଣହୃଦୟ ଓ ଲୋଭୀ ବ୍ୟକ୍ତିମାନଙ୍କର କ୍ଷମତାଲିପ୍ସାର ଚାରଣ କ୍ଷେତ୍ରରେ ପରିଣତ ହୁଏ ଏବଂ ଧର୍ମର ପୃଷ୍ଠପୋଷକତା ଅଭାବରେ ରାଜନୀତି ହୀନବଳ ଓ ଦୁର୍ନୀତିଗ୍ରସ୍ତ ହୋଇପଡ଼େ ।

**ମନ୍ତବ୍ୟ :** ଏହି ପ୍ରଶ୍ନର ଉତ୍ତର ପାଇଁ ସର୍ବଶ୍ରେଷ୍ଠ ଉଦାହରଣ ମହାଭାରତ । ଭୀଷ୍ମ ରାଜନୀତିକୁ ଅଗ୍ରାହ୍ୟ କରି ଧର୍ମକୁ ଅବଲମ୍ବନ କରନ୍ତି । ତାହା ଫଳରେ କୌରବମାନଙ୍କର ସ୍ୱଭାବଚ୍ୟୁତି ଘଟେ । ସେ ଧର୍ମ ଓ ରାଜନୀତିକୁ ଯଦି ମିଶାଇ ଦେଇଥାଆନ୍ତେ, ସତ୍ୟବତୀଙ୍କ ସହିତ ତାଙ୍କ ପିତାଙ୍କ ଦ୍ୱିତୀୟ ବିବାହରେ ସେ ସମ୍ମତ ହୋଇ ଥାଆନ୍ତେ, କିନ୍ତୁ ସତ୍ୟବତୀଙ୍କ ପିତାଙ୍କ ଅନ୍ୟାୟ ରାଜନୈତିକ ଚାପ ନିକଟରେ ନତି ସ୍ୱୀକାର କରି ନ ଥାନ୍ତେ । ସତ୍ୟବତୀଙ୍କ ପିତା କହିଥିଲେ ଯେ ରାଜା ଶାନ୍ତନୁ (ଭୀଷ୍ମଙ୍କ ପିତା)ଙ୍କୁ ସେ ତାଙ୍କର କନ୍ୟାଦାନ କରିବାକୁ ସମ୍ମତ ହେବେ ଯଦି ଭୀଷ୍ମ ରାଜସିଂହାସନ ପାଇଁ ତାଙ୍କର ଦାବୀ ତ୍ୟାଗ କରନ୍ତି । ଅର୍ଥାତ୍ ରାଜପୁତ୍ର ଭୀଷ୍ମଙ୍କୁ ରାଜଧର୍ମ ଅର୍ଥାତ୍ ରାଜନୀତି ତ୍ୟାଗ କରି କେବଳ ଧର୍ମକୁ ଭିତ୍ତି କରି ଜୀବନ କଟାଇବାକୁ ହେବ । ଭୀଷ୍ମ ରାଜନୀତି ତ୍ୟାଗ କରନ୍ତି ଓ ସେହି ସର୍ତ୍ତରେ ଏକନିଷ୍ଠ ଭାବରେ ସମ୍ମତ ହୋଇ ଅଖଣ୍ଡ ପ୍ରତିଜ୍ଞା କରନ୍ତି ତାଙ୍କର ପିତା ଶାନ୍ତନୁଙ୍କ

କାମପ୍ରବୃତ୍ତି ଚରିତାର୍ଥ କରିବା ପାଇଁ । ତାହାର ପରିଣତି ହୁଏ ସମୂହ ବିନାଶ, କୌରବ ରାଜବଂଶର ଅବସାନ । ଲକ୍ଷ ଲକ୍ଷ ନିରୀହ ମଣିଷ ମହାଭାରତ ଯୁଦ୍ଧରେ ନିହତ ହୁଅନ୍ତି । ଭୀଷ୍ମ ନିଜେ ଜଣେ ଭାରତର ଶ୍ରେଷ୍ଠ ଶକ୍ତିଶାଳୀ ଓ ଧର୍ମନିଷ୍ଠ ନରପତି ହୋଇ ପାରିଥାନ୍ତେ, କିନ୍ତୁ ରାଜନୀତି ଓ ଧର୍ମର ମିଶ୍ରଣ ଘଟାଇବାରେ ବ୍ୟର୍ଥ ହେଲେ ଏବଂ ତାହା ଫଳରେ ଭାରତ ଜଣେ ଶକ୍ତିଶାଳୀ ରାଜନୀତିଜ୍ଞ ଓ ମହାନ ନରପତି ପାଇବାରୁ ବଞ୍ଚିତ ହେଲା । ଭୀଷ୍ମ ରାଜା ହୋଇଥିଲେ ଲକ୍ଷ ଲକ୍ଷ ଭାରତବାସୀଙ୍କର ମଙ୍ଗଳ ହୋଇଥାଆନ୍ତା । ଭାରତର ଇତିହାସ ଆଜି ଭିନ୍ନ ପ୍ରକାର ହୋଇଥାଆନ୍ତା । ଆଉ ଗୋଟିଏ ଉଦାହରଣ ଭଗବାନ କୃଷ୍ଣ । ସେ ଯାହା କିଛି କରିଛନ୍ତି ସବୁ କ୍ଷେତ୍ରରେ ଧର୍ମ ଓ ରାଜନୀତିକୁ ମିଶାଇ କରିଛନ୍ତି । ଗୀତା ତାହାର ହିଁ ଫଳ । ଭଗବାନ କୃଷ୍ଣ ଧର୍ମ ଓ ରାଜନୀତିର ମିଳନ ଘଟାଇ ଦୁରାଚାରୀ କୌରବମାନଙ୍କର ଶାସନର ଅବସାନ କରି ପାଣ୍ଡବମାନଙ୍କ ଦ୍ୱାରା ଅତ୍ୟୁତ୍ତମ ଧର୍ମନିଷ୍ଠ ରାଜତ୍ୱ ପ୍ରତିଷ୍ଠା କଲେ ।

ପ୍ରଶ୍ନ-୬୦ : ରାଜାଙ୍କ ସହିତ କିଭଳି ଆଚରଣ କରିବା ଉଚିତ ?

ଉତ୍ତର : ରାଜାଙ୍କ ପ୍ରତି ଅନୁଗତ ରହିବା ଉଚିତ, ଯେପରି ସେ ଜାତି ଗଠନ ସହିତ ସଂଶ୍ଳିଷ୍ଟ କାର୍ଯ୍ୟସମୂହ ବାଧାହୀନ ଭାବରେ କରିପାରନ୍ତି । ଜାତି ଗଠନର ଅନେକ ପଦ୍ଧତି ଅଛି ଏବଂ କୌଣସି ବ୍ୟକ୍ତି ହୁଏତ ଉତ୍କୃଷ୍ଟତର କୌଣସି ପଦ୍ଧତି ଆବିଷ୍କାର କରି ପାରନ୍ତି । କିନ୍ତୁ ରଜାଙ୍କୁ ତାହାଙ୍କ ନିଜ ପଦ୍ଧତିଟି ରଦ୍ଦ କରିବାକୁ ବାଧ କରି କୌଣସି ଲାଭ ହେବ ନାହିଁ । ଯଦି ରାଜା ନିଃସ୍ୱାର୍ଥ ଭାବରେ ନିଜର କାର୍ଯ୍ୟ କରନ୍ତି ଜନଗଣଙ୍କର ଆନୁଗତ୍ୟ ଐକାନ୍ତିକ ହେବା ପ୍ରୟୋଜନ । ରଜା ଜନସାଧାରଣଙ୍କ ପାଇଁ କ'ଣ କରିଛନ୍ତି, ତାହା ହିଁ ଗୁରୁତ୍ୱପୂର୍ଣ୍ଣ, ତାଙ୍କର ବ୍ୟକ୍ତିଗତ ଜୀବନର କୌଣସି ଗୁରୁତ୍ୱ ନାହିଁ ।

ପ୍ରଶ୍ନ-୬୧ : ମନ୍ଦିରର ଭକ୍ତମଣ୍ଡଳୀଙ୍କୁ ବ୍ୟବହାର କରି ନିଜ ବ୍ୟବସାୟର ଉନ୍ନତି ସାଧନ କରିବା ସମ୍ଭବ କି ?

ଉତ୍ତର : ମନ୍ଦିର କାହାର ବ୍ୟବସାୟର ପ୍ରଚାର କାର୍ଯ୍ୟର ସ୍ଥାନ ନୁହେଁ । ମନ୍ଦିରରେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ଏବଂ ଏହା ସାଧାରଣ ସାମାଜିକ ସମସ୍ୟାଦିର ଆଲୋଚନାର କ୍ଷେତ୍ର ।

ପ୍ରଶ୍ନ-୬୨ : ପୁରୋହିତ ଯେବେ ଶ୍ଳୋକ ଉଚ୍ଚାରଣରେ ଭୁଲ କରନ୍ତି ତେବେ କ'ଣ ହୁଏ ?

ଉତ୍ତର : ଈଶ୍ୱର ତାଙ୍କର ଭକ୍ତମାନଙ୍କର ଭୁଲ ଉଚ୍ଚାରଣ ବୁଝିପାରିବେ ଏବଂ ସେମାନଙ୍କ ପ୍ରତି ସଦୟ ହେବେ । ତେବେ ପୁରୋହିତ ସେହି ପ୍ରାର୍ଥନାର ଫଳ ପ୍ରାପ୍ତ ହେବେ ନାହିଁ । କୌଣସି ଜ୍ଞାନୀ ବ୍ୟକ୍ତିଙ୍କର ଯଦି ଶୁଦ୍ଧ ଉଚ୍ଚାରଣ ଜଣାଥାଏ, ସେ ପୁରୋହିତଙ୍କୁ ଶୁଦ୍ଧ ଉଚ୍ଚାରଣ ପାଇଁ ଶିକ୍ଷାଦାନ କରିବେ, ଯେତେବେଳେ ପୁରୋହିତ ଏକା ଥିବେ, ଜନସମକ୍ଷରେ ପୁରୋହିତଙ୍କୁ ଅପଦସ୍ଥ କରିବା ଉଚିତ ନୁହେଁ ।

ପ୍ରଶ୍ନ-୬୩ : କେଉଁ କାର୍ଯ୍ୟ ଅଧିକତର ସମ୍ମାନଜନକ ?

ଉତ୍ତର : ଗୀତାରୁ ଶିକ୍ଷା ମିଳେ ଯେ କାର୍ଯ୍ୟର ଉଚ୍ଚ-ନୀଚ ଭେଦାଭେଦ ନାହିଁ, କୌଣସି କାର୍ଯ୍ୟ ମଣିଷକୁ ନିମ୍ନଗାମୀ କରେ ନାହିଁ । ଯେ କୌଣସି କାର୍ଯ୍ୟ ସମାଜର ଉନ୍ନତି ପାଇଁ ଯଦି କରିବାର ପ୍ରୟୋଜନ ହୁଏ ସେହି କାର୍ଯ୍ୟ ଅବଶ୍ୟ ହିଁ ଭଲ ଏବଂ ସମ୍ମାନଜନକ ।

ପ୍ରଶ୍ନ-୬୪ : ପୃଥିବୀକୁ ପରିବର୍ତ୍ତନ କରି ଅଧିକ ସୁଖଦାୟକ କରିବାର ଉପାୟ କ'ଣ ?

ଉତ୍ତର : ସମସ୍ତେ ପୃଥିବୀକୁ ପରିବର୍ତ୍ତନ କରିବାର କଥା କହନ୍ତି, କିନ୍ତୁ ନିଜକୁ ପରିବର୍ତ୍ତନ କରିବା କଥା ଚିନ୍ତା କଲେ ଈଶ୍ୱର ଅଧିକତର ପ୍ରୀତ ହୁଅନ୍ତି ।

ପ୍ରଶ୍ନ-୬୫ : ଭକ୍ତମାନେ ମନ୍ଦିରକୁ ଯାଇ ମୂର୍ତ୍ତି ପୂଜା କରନ୍ତି କାହିଁକି ?

ଉତ୍ତର : ମୂର୍ତ୍ତି ପୂଜାର ମନ୍ତ୍ରଗୁଡ଼ିକ ଦେବତାମାନଙ୍କ ଦାନ, ଏହା ପ୍ରଶଂସା ଓ ସ୍ତୁତିବାକ୍ୟରେ ପୂର୍ଣ୍ଣ । ଦେବତାମାନେ ଧର୍ମପ୍ରବର୍ତ୍ତକ, ସେମାନେ ଆସିଛନ୍ତି ଈଶ୍ୱରଙ୍କ ଦୂତ ହିସାବରେ । ମୂର୍ତ୍ତିପୂଜା ବୀରପୂଜାର ଏକ ଦୃଷ୍ଟାନ୍ତ, ଶ୍ରେଷ୍ଠ ଫଳ ଅବଶ୍ୟ ଲାଭ କରାଯାଇ ପାରେ ଈଶ୍ୱରଙ୍କ ସ୍ତୋତ୍ର ନିୟମିତ ଉଚ୍ଚାରଣ କଲେ ।

ପ୍ରଶ୍ନ-୬୬ : କୌଣସି ଦେବତା କି ଦାବୀ କରିପାରନ୍ତି ଯେ, ସେ ହିନ୍ଦୁମାନଙ୍କର ଶେଷ ଧର୍ମପ୍ରବର୍ତ୍ତକ ବା ଦେବଦୂତ ?

ଉତ୍ତର : ଦେବଦୂତ ଅର୍ଥାତ୍ ଦେବତାମାନେ ସମସ୍ତେ ମାନବ । ଈଶ୍ୱର ପୁଣି ଆଉ ଏକ ଦୂତ ପଠାଇବେ କି ନାହିଁ ସେ ବିଷୟରେ ତାଙ୍କର ହିଁ ଅନ୍ତିମ ଅଧିକାର ।

କୌଣସି ବ୍ୟକ୍ତି ଈଶ୍ୱରଙ୍କର ସେହି ଅଧିକାର ନିଜ ହାତକୁ ନେଇ ପାରନ୍ତି ନାହିଁ । ପୃଥିବୀର ଆୟୁ ଆହୁରି ବହୁ ଶତ ସହସ୍ର ବର୍ଷ । ଆଗାମୀ ଦିନରେ ନୂଆ ନୂଆ ସମସ୍ୟା ଓ ସମୃଦ୍ଧି ଆସିବ, ଈଶ୍ୱର ନୂଆ ଦେବଦୂତ ପଠାଇ ପାରନ୍ତି ।

ପ୍ରଶ୍ନ-୬୭ : ମନ୍ଦିରର ପ୍ରଧାନ ପୁରୋହିତଙ୍କୁ କେଉଁଭାବରେ ସମ୍ମାନ ପ୍ରଦର୍ଶନ କରିବା ଉଚିତ ?

ଉତ୍ତର : ମନ୍ଦିରର ପ୍ରଧାନ ସାଧାରଣତଃ ସେହି ମନ୍ଦିରର ଅଭିଭାବକ ଏବଂ ପ୍ରଶାସକ ଓ ପୁରୋହିତ । ଭକ୍ତମାନଙ୍କ କର୍ତ୍ତବ୍ୟ ମନ୍ଦିରର ପ୍ରଧାନଙ୍କ ପରାମର୍ଶ ଗ୍ରହଣ କରିବା ଓ ସହଯୋଗ କରିବା ।

ପ୍ରଶ୍ନ-୬୮ : ହିନ୍ଦୁମାନେ ଅବିଚାରକୁ ବିଧିର ଲିଖନ ବୋଲି ମାନିନେବେ କି ?

ଉତ୍ତର : ହିନ୍ଦୁମାନେ ସ୍ୱାଧୀନ ଇଚ୍ଛାତତ୍ତ୍ୱରେ ବିଶ୍ୱାସୀ । ପ୍ରକୃତ ହିନ୍ଦୁ କେବେହେଲେ ନତ ହୋଇ ଅବିଚାର ସହ୍ୟ କରିବ ନାହିଁ ଯଦି ନା ସେ ମାନିନିଏ ନିଜର ଭାଗ୍ୟ ନିଜେ ନିର୍ଦ୍ଧାଣ କରିବାକୁ ଈଶ୍ୱରଙ୍କ ସାହାଯ୍ୟ ପାଇବାରେ ଅକ୍ଷମ । ବେଦ କହୁଛନ୍ତି ‘‘ମଣିଷର ଅବସ୍ଥା ଈଶ୍ୱର ପରିବର୍ତ୍ତନ କରିବେ ନାହିଁ ଯେ ପର୍ଯ୍ୟନ୍ତ ସେ ତାହାର ନିଜର ଅବସ୍ଥାର ପରିବର୍ତ୍ତନର ଚେଷ୍ଟା ନିଜେ ନ କରେ ।’’

ହିନ୍ଦୁମାନେ ଯେବେ ଏହି ବିଷୟରେ ନିଶ୍ଚିତ ହୁଅନ୍ତି ଯେ ଶାସନ-ପ୍ରଣାଳୀର ସୁବିଚାର ରକ୍ଷା କରିବା ଯାହାର ଦାୟିତ୍ୱ, ଅର୍ଥାତ୍ ରଜା, ଶାସନ ପ୍ରଣାଳୀର ବିବିଧ ଅନାଚାର ଓ ବ୍ୟଭିଚାରର ପ୍ରଧାନ ସ୍ତମ୍ଭ, ସେତେବେଳେ ହିନ୍ଦୁମାନେ ବିଦ୍ରୋହ କରିବାକୁ ନୀତିଗତ ଭାବରେ ବାଧ । ଅନ୍ୟଥା ଈଶ୍ୱର ସେମାନଙ୍କ ପ୍ରତି ରୁଷ୍ଟ ହେବେ ।

ପ୍ରଶ୍ନ-୬୯ : କେଉଁ ପ୍ରକାରର ରାଷ୍ଟ୍ରନୈତିକ ବ୍ୟବସ୍ଥା ହିନ୍ଦୁ ପକ୍ଷରେ ଉପଯୋଗୀ ?

ଉତ୍ତର : ରାଜନୀତି—ସରକାର ଗଠନ ଓ ପରିଚାଳନାର ବିଦ୍ୟା । ରାଜନୈତିକ ବ୍ୟବସ୍ଥାରେ ହିନ୍ଦୁ ଦର୍ଶନର ପ୍ରସାର ସମ୍ଭବ ହେବା ଆବଶ୍ୟକ । ସର୍ବାପେକ୍ଷା ପ୍ରାର୍ଥନୀୟ ହେବ ସେହି ରାଜା, ଯିଏ ହିନ୍ଦୁ ପ୍ରଜାମାନଙ୍କର ଉନ୍ନତି ପାଇଁ କାର୍ଯ୍ୟ କରନ୍ତି । ଯେଉଁ ରଜା ହିନ୍ଦୁଧର୍ମରେ ପୂର୍ଣ୍ଣ ବିଶ୍ୱାସୀ ନ ହୋଇ ମଧ୍ୟ

ତାହାର ଲକ୍ଷ୍ୟ ପ୍ରତି ସହାନୁଭୂତିଶୀଳ ସେ ମଧ୍ୟ ଗ୍ରହଣୀୟ । ଯେଉଁ ରାଜତ୍ୱ ହିନ୍ଦୁଧର୍ମ ପ୍ରତି ଦାୟବଦ୍ଧ ଅଥବା ଅନ୍ତତଃ ହିନ୍ଦୁଧର୍ମର ଅନୁକୂଳ, ହିନ୍ଦୁମାନଙ୍କର ଉଚିତ ସେହି ସରକାରର ସ୍ଥାୟିତ୍ୱ ପାଇଁ କାର୍ଯ୍ୟ କରିବା । ଅନ୍ୟ ପକ୍ଷରେ ହିନ୍ଦୁ ପ୍ରତି ବିରୁଦ୍ଧଭାବାପନ୍ନ କୌଣସି ରାଜତ୍ୱରେ ଯେବେ କୌଣସି ହିନ୍ଦୁ ବାସ କରେ ତାହାର ଉଚିତ ଯେତେବେଳେ ସୁଯୋଗ ମିଳିବ ହିନ୍ଦୁବିଦ୍ୱେଷୀ ରଜାର ଉତ୍‌ଖାତ ପାଇଁ ସଂଗ୍ରାମ କରିବା ।

ପ୍ରଶ୍ନ-୭୦ : କେବେ ଏବଂ କିପରି ଭାବରେ ଜଣେ ଶାସନକର୍ତ୍ତା ପ୍ରତି ହିନ୍ଦୁର ଅବାଧ୍ୟତା ପ୍ରଦର୍ଶନ କରିବା ଉଚିତ ?

ଉତ୍ତର : ଯେବେ କାହାର ରଜା ହେବା ଉଚିତ ଏବଂ କାହିଁକି ଆମେ ରଜାର ବାଧ୍ୟ ହେବୁ ଇତ୍ୟାଦି ବିଷୟରେ ବିତର୍କ ସୃଷ୍ଟି ହୁଏ, ସେତେବେଳେ ସମସ୍ତ ସଚେତନ ହିନ୍ଦୁ ଇତିହାସ ପର୍ଯ୍ୟାଲୋଚନା କରିବା ଉଚିତ ଏବଂ ସ୍ୱଧର୍ମୀମାନଙ୍କ ସହିତ ଆଲୋଚନା କରିବା ପ୍ରୟୋଜନ । ଯେବେ ହିନ୍ଦୁମାନେ କୌଣସି ବିରୁଦ୍ଧଭାବାପନ୍ନ ରାଜତ୍ୱରେ ବାସ କରନ୍ତି, ସେତେବେଳେ ଅବାଧ୍ୟତାର ପ୍ରବଣତା ଆହୁରି ପ୍ରବଳ ହେବ, କାରଣ ବିଦେଶୀମାନଙ୍କ ଅଥବା ସେମାନଙ୍କ ସହଯୋଗୀମାନଙ୍କ ଶାସନରେ ଅନେକ ଶତାବ୍ଦୀ ଧରି ବହୁ ସଂଖ୍ୟକ ହିନ୍ଦୁ ବହୁ ଦୁଃଖ କଷ୍ଟ ଭୋଗ କରିଛନ୍ତି । ଅବିଚାର ଏବଂ ଅବହେଳାର ପ୍ରତିରୋଧ, ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବରେ କରିବାର ଅଧିକାର ପ୍ରୟୋଗ କରିବା ଅତି ଗୁରୁତ୍ୱପୂର୍ଣ୍ଣ । କାରଣ ଯେଉଁ ବିଷୟରେ ହିନ୍ଦୁମାନଙ୍କର ଅବହିତ ରହିବା ଉଚିତ, ତାହା ହେଲା, ଏହି ପ୍ରତିରୋଧ ହିଁ ସମସ୍ୟାକୁ ଦୂର କରିବ ।

ପ୍ରଶ୍ନ-୭୧ : ଜଣେ ହିନ୍ଦୁ ନେତା ତାଙ୍କର ପଦ, ଜାତି ଅଥବା ଗୋଷ୍ଠୀକୁ ରାଜନୈତିକ ପ୍ରାଧାନ୍ୟ ବୃଦ୍ଧି କରିବା ଲକ୍ଷ୍ୟରେ ବ୍ୟବହାର କରିପାରନ୍ତି କି ? ଯେଉଁ କାର୍ଯ୍ୟ ମଣିଷକୁ ନିମ୍ନଗାମୀ କରିପାରେ ?

ଉତ୍ତର : ଯେକୌଣସି ବ୍ୟକ୍ତି ରାଜନୈତିକ ପଦ୍ଧତି ଅଥବା ତତ୍ତ୍ୱ ଯଦି ଏପରି ଭାବରେ ବ୍ୟବହାର କରନ୍ତି ଯାହାଦ୍ୱାରା ହିନ୍ଦୁମାନଙ୍କ ମଧ୍ୟରେ କୌଣସି ପ୍ରକାରର ବିଭେଦ ସୃଷ୍ଟି ହୁଏ, ସେ ଈଶ୍ୱରଙ୍କର ଶତ୍ରୁ ଏବଂ ତାହାର ବିନାଶ କର୍ତ୍ତବ୍ୟ । ଈଶ୍ୱର କାର୍ଯ୍ୟର ଉଚ୍ଚ-ନୀଚ ଭେଦ ଜାଣନ୍ତି ନାହିଁ । ଯଦି କୌଣସି କାର୍ଯ୍ୟ

କରିବାର ଆବଶ୍ୟକ ହୋଇପଡ଼େ ତେବେ ସେହି କାର୍ଯ୍ୟ ଭଲ । ନେତା ହିନ୍ଦୁମାନଙ୍କୁ ଏକତାବଦ୍ଧ କରି ପ୍ରଗତିଶୀଳତା ଏବଂ ବିଜ୍ଞାନମନସ୍କତା ପାଇଁ ନେତୃତ୍ୱ ଦେବେ ।

ପ୍ରଶ୍ନ-୭୨ : ଏହା କ'ଣ ଠିକ୍ ଯେ ଏକେଶ୍ୱରବାଦୀମାନେ ଯେଉଁମାନେ ମୂର୍ତ୍ତିପୂଜାର ବିରୋଧୀ, ସେମାନଙ୍କ ଦ୍ୱାରା ମାନବ ଜାତିର ବହୁତ କଲ୍ୟାଣ ଓ ଉନ୍ନତିସାଧନ ହେଉଛି ? ଉପାସ ପାପ କ୍ଷାଳନ କରେ କି ?

ଉତ୍ତର : ଚିକିତ୍ସାଶାସ୍ତ୍ର, ଖାଦ୍ୟପ୍ରଯୁକ୍ତି, ପଦାର୍ଥବିଦ୍ୟା, ରସାୟନ ଏବଂ ଗଣିତ ପ୍ରଭୃତିରେ ମୂର୍ତ୍ତି ଧ୍ୱଂସକାରୀମାନଙ୍କର ଅବଦାନ ନଗଣ୍ୟ । ସେମାନଙ୍କର ମତାନ୍ଧତା କେବଳମାତ୍ର ହିଂସା ଏବଂ ନିରୀହ ଦୁର୍ବଳ ବ୍ୟକ୍ତି, ନାରୀ, ଜୀବଜନ୍ତୁ ଆଦି ଉପରେ ଅତ୍ୟାଚାର କରିବାକୁ ଆଇନସିଦ୍ଧ କରେ । ସେମାନେ କେବଳମାତ୍ର ବିଶ୍ୱାସୀମାନଙ୍କର ଦୈହିକ ଓ ମାନସିକ ଦାସତ୍ୱକୁ ଉତ୍ସାହିତ କରନ୍ତି । ଅପରାଧୀମାନଙ୍କୁ ସମସ୍ତ ରକମର ଅପରାଧ ସମସ୍ତ ଅନୁଷ୍ଠାନରେ କରିବାକୁ ପ୍ରବୃତ୍ତ କରାନ୍ତି । ସେମାନେ ଅଳୀକ ପ୍ରତିଶ୍ରୁତି ଦିଅନ୍ତି ଯେ, ଈଶ୍ୱର ସେମାନଙ୍କର ସମସ୍ତ ପାପ ମୋଚନ କରିଦେବେ ଯଦି ସେମାନେ ମାତ୍ର କେତୋଟି ଦିନ ସେମାନଙ୍କର ଖାଦ୍ୟଗ୍ରହଣ ସଂଯତ କରନ୍ତି ।

ପ୍ରଶ୍ନ-୭୩ : ନିଷ୍ଠୁର ଜନ୍ତୁ ଏବଂ ଲୋଭାନ୍ଧ ସୈନ୍ୟବାହିନୀ ଈଶ୍ୱରଙ୍କ ନାମରେ ସମଗ୍ର ଜାତିକୁ ପଦାନତ କରନ୍ତି କିପରି ?

ଉତ୍ତର : ଗୋଷ୍ଠୀର ଅଭ୍ୟନ୍ତରସ୍ଥ ଏବଂ ଗୋଷ୍ଠୀ ବହିର୍ଭୂତ ମନସ୍ତତ୍ତ୍ୱ ଚିରଦିନ ନିଜ ନିଜ ସମ୍ପର୍କରେ ଅତି ଉଚ୍ଚ ଧାରଣାର ବଶବର୍ତ୍ତୀ ମାନସିକ ରୋଗୀମାନଙ୍କ ଦ୍ୱାରା ବ୍ୟବହୃତ ହୁଏ । ସେମାନଙ୍କର ଅଧିକାର ବିସ୍ତାର କରିବା ପାଇଁ ଲୋଭାନ୍ଧ ସେନାପତିମାନେ ନିଜ ନିଜର ଲୋକମାନଙ୍କ ମନରେ ଏହି ଭ୍ରାନ୍ତଧାରଣା ଜନ୍ମାଇବାକୁ ଚେଷ୍ଟା କରନ୍ତି ଯେ ସେମାନେ ଯାହା କରୁଛନ୍ତି ଈଶ୍ୱରଙ୍କୁ ପ୍ରୀତ କରିବା ପାଇଁ । ନିଜ ନିଜ ଅଧିକାର କ୍ଷେତ୍ରର ପ୍ରସାରକାମୀମାନେ ଈଶ୍ୱରଙ୍କ ନାମ ବ୍ୟବହାର କରନ୍ତି ସୈନ୍ୟମାନଙ୍କୁ ଭୟ ଦେଖାଇବା ପାଇଁ ଏବଂ ନିଜ ନିଜର ଶାସନ ପ୍ରତିଷ୍ଠା କରିବା ପାଇଁ । ସୈନ୍ୟବାହିନୀ ମଧ୍ୟରେ ସମ୍ଭାବ୍ୟ ଅଭ୍ୟୁତ୍‌ଥାନ ରୋଧ କରିବା ପାଇଁ ସେମାନେ ଈଶ୍ୱରଙ୍କ ନାମ କୂଟକୌଶଳ ହିସାବରେ ବ୍ୟବହାର କରନ୍ତି ।

ପ୍ରଶ୍ନ-୭୪ : ଜଣେ ସର୍ବମୟ କର୍ତ୍ତୃତ୍ୱସମ୍ପନ୍ନ ହିନ୍ଦୁରଜା, ଯିଏ ସର୍ବଦା ପ୍ରାଜ୍ଞ ବ୍ୟକ୍ତିମାନଙ୍କ ସହିତ ପରାମର୍ଶ କରି ରାଜ୍ୟଶାସନ କରନ୍ତି, ତାହା ହିଁ ସର୍ବଶ୍ରେଷ୍ଠ ବ୍ୟବସ୍ଥା କି ?

ଉତ୍ତର : ଯଦି ରଜା ଶାସକ ଓ ଶାସିତଙ୍କ ମଧ୍ୟରେ ପରାମର୍ଶ ପ୍ରଚଳିତ କରନ୍ତି ତେବେ ଐଶ୍ୱରିକ ବିଚାର ବ୍ୟବସ୍ଥାରେ ଅବିଚାର ବିରୁଦ୍ଧରେ ପ୍ରତିରୋଧର ଅଧିକାର କାର୍ଯ୍ୟକର ହେବ ଏବଂ ସ୍ୱତଃ ସର୍ବସାଧାରଣଙ୍କ ମଧ୍ୟରେ ଗଣତନ୍ତ୍ର ସୁନିଶ୍ଚିତ ହେବ ।

ତେବେ କାହା ସହିତ ପରାମର୍ଶ କରିବେ ଯେହେତୁ ତାହା ସର୍ବମୟ ରଜାଙ୍କ ସଦିଚ୍ଛା ଉପରେ ନିର୍ଭର କରେ, ଅବିଚାର ବିରୁଦ୍ଧରେ ଯାବତୀୟ ବ୍ୟବସ୍ଥାର ଆଲୋଚନା କେବଳମାତ୍ର ରଜାଙ୍କର ପସନ୍ଦ ଅନୁଯାୟୀ କତିପୟ ବିଦ୍ୱାନ ବ୍ୟକ୍ତିମାନଙ୍କ ମଧ୍ୟରେ ସୀମିତ ରହେ, କଦାପି ତାହା ଜନତାଙ୍କ ସ୍ୱାର୍ଥରେ କାର୍ଯ୍ୟକର ହୁଏ ନାହିଁ । ଅତଏବ ସର୍ବମୟ କର୍ତ୍ତୃତ୍ୱସମ୍ପନ୍ନ ହିନ୍ଦୁଶାସନ କୌଣସି ବିକଳ୍ପ ନୁହେଁ ।

ପ୍ରଶ୍ନ-୭୫ : ପ୍ରାଜ୍ଞ ବ୍ୟକ୍ତିମାନେ ଅତ୍ୟାଚାରୀ ଶାସକ ବିରୋଧରେ ରକ୍ଷାକବଚର କାର୍ଯ୍ୟ କରି ପାରିବ କି ?

ଉତ୍ତର : ଅନ୍ୟାୟକାରୀ ରଜା ଚିରଦିନ ସମାଜର ଉଚ୍ଚ କ୍ଷମତାସମ୍ପନ୍ନ ବ୍ୟକ୍ତିସମଷ୍ଟି ଏବଂ ନୈତିକ ଖ୍ୟାତିସମ୍ପନ୍ନ ଉଚ୍ଚ ଧର୍ମଯାଜକମାନଙ୍କୁ ଆହ୍ୱାନ କରି ତରବାରୀର ଭୟ ଦେଖାଇ ଅଥବା ଅନୁଗ୍ରହ ବିତରଣ କରି ନିଜର କର୍ମକାଣ୍ଡରେ ସେମାନଙ୍କର ସମ୍ମତି ଆଦାୟ କରିନିଅନ୍ତି । ପରେ ସେ କହିବାରେ ଲାଗନ୍ତି ଯେ ସେ ଇଶ୍ୱରଙ୍କ ନିର୍ଦ୍ଦେଶ ଲାଭ କରିଛନ୍ତି । ଫଳରେ ସାଧାରଣ ଲୋକମାନେ ଧୀରେ ଧୀରେ ଏହାକୁ ଈଶ୍ୱରନିର୍ଦ୍ଦିଷ୍ଟ ବୋଲି ମାନି ନେବାକୁ ବାଧ୍ୟ ହୁଅନ୍ତି । ପ୍ରାଜ୍ଞ ବ୍ୟକ୍ତିମାନଙ୍କର ଚିନ୍ତା ଅତ୍ୟାଚାରୀ ଶାସକଙ୍କୁ ପ୍ରତିରୋଧ କରିପାରେ ନାହିଁ । ଗଣତନ୍ତ୍ର ହିଁ ହିନ୍ଦୁମାନଙ୍କର ରକ୍ଷାକବଚ ।

ପ୍ରଶ୍ନ-୭୬ : ସର୍ବମୟ କ୍ଷମତାସମ୍ପନ୍ନ ଶାସନ ଭଲ, ନା ସମସ୍ତଙ୍କର ସହମତି ଉପରେ ଯାହାର ଭିତ୍ତି ସେଭଳି ଶାସନ ଭଲ ?

ଉତ୍ତର : ଐତିହାସିକ ଦୃଷ୍ଟାନ୍ତରେ ଦେଖାଯାଏ ସଭ୍ୟତାର ପ୍ରାରମ୍ଭରୁ କେବେହେଲେ ସମଗ୍ର ଜନଗଣ ଶାସକଙ୍କୁ ସିଂହାସନରେ ଅଧିଷ୍ଠିତ କରି ନାହାନ୍ତି, ସର୍ବଦା ତାହା ହୋଇଛି ଶକ୍ତି ପ୍ରୟୋଗରେ । ଯେଉଁମାନେ ସର୍ବମୟ କର୍ତ୍ତୃତ୍ୱସମ୍ପନ୍ନ ଶାସକର ସମର୍ଥକ, ସେମାନେ ଧର୍ମୀୟ ଓ ରାଜନୈତିକ ନେତା । ଏମାନେ ଭୟରେ ବା ଉତ୍କୋଚ ଗ୍ରହଣ ମାଧ୍ୟମରେ ସର୍ବମୟ କ୍ଷମତାସମ୍ପନ୍ନ ରଜାଙ୍କୁ ମାନିନିଅନ୍ତି ।

ପ୍ରଶ୍ନ-୭୭ : ଧର୍ମ ଓ ରାଜନୀତି ସ୍ୱତନ୍ତ୍ର ହେବା ଉଚିତ କି ?

ଉତ୍ତର : ରାଜନୀତି ଓ ଧର୍ମ ପରସ୍ପର ସହିତ ମିଶ୍ରିତ ବୋଲି ଜନସାଧାରଣଙ୍କ ମନରେ ଗୁନ୍ଥିହୋଇଯାଇଛି । ତାହାକୁ ଅଲଗା କରିବା ଅସମ୍ଭବ । ଯଦି ସମ୍ପୂର୍ଣ୍ଣରୂପେ ଅଲଗା କରି ଦିଆଯାଏ ତେବେ ଧର୍ମ ରାଜନୈତିକ ପୃଷ୍ଠପୋଷକତା ଅଭାବରେ ମୃତ୍ୟୁବରଣ କରିବ ଏବଂ ରାଜନୀତି ଧର୍ମ ଗଣ୍ଡିର ବାହାରେ ପଦାର୍ପଣ କଲେ ସେ ନୀତିହୀନ, ସ୍ୱାର୍ଥପର ଓ ପୈଶାଚିକ ଚରିତ୍ରସମ୍ପନ୍ନ ହୋଇପଡ଼ିବ ।

ପ୍ରଶ୍ନ-୭୮ : କିପରି ଭାବରେ ପୂଜା କରିବା ଉଚିତ ?

ଉତ୍ତର : ଈଶ୍ୱରଙ୍କ ପ୍ରତି ପ୍ରାର୍ଥନା ହିଁ ଶ୍ରେଷ୍ଠ ପୂଜା । ପୂଜା ପାଇଁ ଉତ୍ତେଜକ ପାନୀୟ ଆଦି ପରିହାର କର । ଏହା ଅସ୍ୱାସ୍ଥ୍ୟକର ଓ ଈଶ୍ୱରଙ୍କ ଅପ୍ରୀତିଭାଜନୀୟ ।

ପ୍ରଶ୍ନ-୭୯ : ପୂଜାରେ ସବୁଠାରୁ ଭଲ ଫଳପ୍ରାପ୍ତି ପାଇଁ ଆମର ଉପବାସ କରିବା ପ୍ରୟୋଜନ କି ?

ଉତ୍ତର : ପୂର୍ଣ୍ଣିମାରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉପବାସ ପରେ ସାମାଜିକ ଭୋଜିର ଆୟୋଜନ କରିବା ଉଚିତ । ବନ୍ଧୁ ଓ ପରିଚିତ ଲୋକଙ୍କୁ ନିମନ୍ତ୍ରଣ କରିବା ଉଚିତ । ଏଥିରେ ଈଶ୍ୱରଙ୍କ ଆଶୀର୍ବାଦ ଲାଭ ହୁଏ ଏବଂ ଭକ୍ତମାନେ ସୁସ୍ୱାସ୍ଥ୍ୟ ଓ ପ୍ରଭୂତ ଧନଲାଭ କରନ୍ତି । ଅନ୍ୟାନ୍ୟ ଦିନରେ ମଧ୍ୟ ପୂଜା କରି ପରିଚ୍ଛନ୍ନ ବସ୍ତ୍ର ପରିଧାନ କରି ଦୁଶ୍ଚିନ୍ତାମୁକ୍ତ ଚିତ୍ତରେ ରହିବା ଉଚିତ । କୌଣସି ସାମାଜିକ ଅନୁଷ୍ଠାନ ପାଇଁ ଉପବାସ ନିଷ୍ପ୍ରୟୋଜନ । ଭକ୍ତମାନଙ୍କର ବିଶ୍ୱାସ, ଭୋଜି ଉତ୍ସବରେ ଯେତେ ଜଣଙ୍କୁ ତୁମେ ନିମନ୍ତ୍ରଣ କରିବ, ତୁମର ସେତିକି ସଂଖ୍ୟକ ପୂର୍ବ ପୁରୁଷ ଖାଦ୍ୟ ପାଇବେ । ଭୋଜି ଉତ୍ସବକୁ

ପ୍ରତି ମାସରେ ଦିନେ ନିମନ୍ତ୍ରଣ କର ଅଥବା ନିମନ୍ତ୍ରିତ ହୁଅ, ଉଭୟ କ୍ଷେତ୍ରରେ ସୁଫଳ ଲାଭ ହୁଏ ।

ପ୍ରଶ୍ନ-୮୦ : ପୁରୋହିତ କିଏ ହୋଇ ପାରନ୍ତି ?

ଉତ୍ତର : କୋଡ଼ିଏ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଯେକୌଣସି ସଚ୍ଚରିତ୍ର ପୁରୁଷ ବା ନାରୀ ପୁରୋହିତ ହୋଇ ପାରନ୍ତି । ପୁରୋହିତ ଶିକ୍ଷିତ ହେବେ, ତାଙ୍କର ନୈତିକ ଚରିତ୍ର ଭଲ ହୋଇଥିବ, ସୁବକ୍ତା ହୋଇଥିବେ, ହିନ୍ଦୁ ଶାସ୍ତ୍ରରେ ଜ୍ଞାନୀ ହୋଇଥିବେ । ପୁରୋହିତ ସମବେତ ଭକ୍ତମଣ୍ଡଳୀ ନିକଟରେ ବେଦ, ଗୀତା, ଉପନିଷଦର ଗୁରୁତ୍ୱ, ଉନ୍ନତ ଜୀବନଯାପନ ପଦ୍ଧତି ସମ୍ପର୍କରେ ବ୍ୟାଖ୍ୟା କରିବାରେ ଏବଂ ଭଜନ କୀର୍ତ୍ତନାଦି କରିବାରେ ସକ୍ଷମ ହୋଇଥିବେ । ପୁରୋହିତ ସାହସୀ, ସୁସ୍ୱାସ୍ଥ୍ୟର ଅଧିକାରୀ ଏବଂ ସୁଅଭ୍ୟାସଯୁକ୍ତ ହେବେ । ପୁରୋହିତ ନିଜ ସନ୍ତାନମାନଙ୍କୁ ଏବଂ ଭକ୍ତମାନଙ୍କୁ ସମଦୃଷ୍ଟିରେ ଦେଖିବେ, ଭଲ ପାଇବେ ଓ ଯତ୍ନ କରିବେ ଏବଂ ଭକ୍ତମାନଙ୍କ ପୂଜାରେ ନେତୃତ୍ୱ ଦେବାରେ ସକ୍ଷମ ହେବେ, ସାମାଜିକ ଉନ୍ନତିର ନେତୃତ୍ୱ ଦେବେ ।

ପ୍ରଶ୍ନ-୮୧ : ବିଭିନ୍ନ ଦେବତାଙ୍କ ପୂଜା କିପରି ଭାବରେ କରିବାକୁ ହୁଏ ?

ଉତ୍ତର : ଅନ୍ତତଃ ପନ୍ଦରଟି ମନ୍ତ୍ର ଉଚ୍ଚାରଣ ଅବଶ୍ୟ କରିବାକୁ ହେବ । ପନ୍ଦରଟି ମୂଳମନ୍ତ୍ର ଉଚ୍ଚାରଣ କରିବା ପରେ ଯେଉଁ ଦେବତାଙ୍କ ପାଇଁ ଉତ୍ସବ ସେହି ଦେବତାଙ୍କ ମହତ କୀର୍ତ୍ତିସମୂହ ବର୍ଣ୍ଣନାପୂର୍ବକ ଗୁଣକୀର୍ତ୍ତନ କରା ଯାଇପାରେ । ବିଶେଷ ଦେବତାଙ୍କ ମହାନ ଅବଦାନ ସ୍ମରଣ କରିବାକୁ ହେବ । ତାହାଦ୍ୱାରା ଭକ୍ତମାନେ ତାଙ୍କୁ ଅନୁସରଣ କରିବାକୁ ଉତ୍ସାହିତ ହେବେ । ପୁରୋହିତ ସ୍ମୃତିରୁ ବା ପୋଥିରୁ ଏହି ସମସ୍ତ ଆବୃତ୍ତି କରିବେ । କେବଳ ପ୍ରାର୍ଥନା ବ୍ୟତୀତ ଅନ୍ୟ କୌଣସି ପୂଜୋପଚାର ଅପ୍ରୟୋଜନୀୟ । ଈଶ୍ୱରଙ୍କ ଖାଦ୍ୟ, ବସ୍ତ୍ର, ଅଳଙ୍କାର ବା ଅର୍ଥର ପ୍ରୟୋଜନ ନାହିଁ । ଈଶ୍ୱର ପ୍ରାର୍ଥନା ବ୍ୟତୀତ ଅନ୍ୟ କିଛି ଗ୍ରହଣ କରନ୍ତି ନାହିଁ ।

ପ୍ରଶ୍ନ-୮୨ : ପୁରୋହିତଙ୍କ ଆୟ କ'ଣ ହେବା ଉଚିତ ?

ଉତ୍ତର : ମନ୍ଦିରର କୋଷରୁ ପୁରୋହିତଙ୍କର ବେତନ ପାଇବା ଉଚିତ । ମନ୍ଦିରରେ କାମରେ ବା ହିନ୍ଦୁ ସମାଜିକ ସଙ୍ଗଠନରେ ଭକ୍ତମାନଙ୍କ ମାସିକ ଆୟର

ଏକ-ଶତାଂଶ ଦାନ କରିବା ଅବଶ୍ୟ କର୍ତ୍ତବ୍ୟ । ଈଶ୍ୱର ଆମ୍ଭମାନଙ୍କୁ ଯେ ଜୀବନ ଓ ଧନସମ୍ପଦ ଦାନ କରିଛନ୍ତି ଏହା ତା'ର କୃତଜ୍ଞତାସ୍ୱରୂପ ।

ପ୍ରଶ୍ନ-୮୩ : ମନ୍ଦିର ବା ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ଉଦ୍ଦେଶ୍ୟରେ ଭକ୍ତର ଦାନ କରିବା କର୍ତ୍ତବ୍ୟ କାହିଁକି ?

ଉତ୍ତର : ଜଗତର ସମସ୍ତ ମଣିଷଙ୍କୁ ଈଶ୍ୱର ସମାନଭାବେ ଭଲ ପାଆନ୍ତି । ତେବେ ବିଭିନ୍ନ କାରଣ ପାଇଁ କେହି ଜଗତର ଧନସମ୍ପଦର ଅପେକ୍ଷାକୃତ ବୃହତ୍ତର ଅଂଶ ଭୋଗ କରନ୍ତି, କିନ୍ତୁ ତାହା ସମସ୍ତେ ସମାନ ଅଂଶ ପାଇବା ଉଚିତ । ଅଧିକତର ଆୟ ଏବଂ ସମ୍ପଦ ସୃଷ୍ଟିର ଯେଉଁ ପାପ ତାହା ମୋଚନ ହୁଏ ଅନ୍ୟମାନଙ୍କ ସହିତ ନିଜର ଆୟର କିଛି ଅଂଶ ଭାଗ କରି ନେଲେ । ମନ୍ଦିର ଏବଂ ଅନ୍ୟାନ୍ୟ ସାମାଜିକ ସେବା ପାଇଁ ଅନ୍ତତଃ ମାସିକ ଆୟର ଏକ-ଶତାଂଶ ନିୟମିତ ଦାନ କରାହୁଏ ।

ପ୍ରଶ୍ନ-୮୪ : କେଉଁ କେଉଁ ଉଦ୍ଦେଶ୍ୟରେ ଦାନ କିରବା କର୍ତ୍ତବ୍ୟ ?

ଉତ୍ତର : ମନ୍ଦିର ନିର୍ମାଣ ପାଇଁ ଜମି, କ୍ଷୁଧାର୍ତ୍ତ ପାର୍ଇ ଅନ୍ନ, ବସ୍ତ୍ର ଓ ବୃଦ୍ଧ ବ୍ୟକ୍ତିଙ୍କ ପାଇଁ ଔଷଧ ଓ ତ୍ରାଣ, ସର୍ବସାଧାରଣଙ୍କ ପାଇଁ ଶିକ୍ଷା, କର୍ମପ୍ରାର୍ଥୀଙ୍କ ପାଇଁ ପ୍ରଶିକ୍ଷଣ, ଭୟାର୍ତ୍ତ ପାଇଁ ନିରାପତ୍ତା ଦାନ ଈଶ୍ୱରଙ୍କୁ ପ୍ରୀତ କରେ ।

ପ୍ରଶ୍ନ-୮୫ : ପ୍ରାର୍ଥନା ପାଇଁ କେତେ ସମୟ ଦେବା ଉଚିତ ?

ଉତ୍ତର : ଦିନକୁ ଦୁଇଥର ପ୍ରାର୍ଥନା କରିବା ଉଚିତ, ଥରେ ଅତି ପ୍ରତ୍ୟୁଷରେ ଆଉ ଥରେ ଶଯ୍ୟା ଗ୍ରହଣ ପୂର୍ବେ । ପ୍ରାର୍ଥନାରେ ନ୍ୟୁନ ପକ୍ଷରେ ପ୍ରାୟ ପାଞ୍ଚମିନିଟ ଯେମିତି ବ୍ୟୟ ହୁଏ । ତେବେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ପରେ ବିଭିନ୍ନ ଦେବତାଙ୍କ ନିକଟରେ ପ୍ରାର୍ଥନା କରାଯାଏ ଏବଂ ଏଥିରେ କାହାର କାହାର ଘଣ୍ଟା ଘଣ୍ଟା ସମୟ ବ୍ୟୟ ହୋଇପାରେ । ଅନ୍ତତଃ ଦଶମିନିଟ ନିୟମିତ ପ୍ରାଣାୟାମ କରିବା ଉଚିତ । ପୁରୋହିତଙ୍କର ସତର୍କ ରହିବା ଉଚିତ ବୟୋବୃଦ୍ଧ, ଶିଶୁ ଓ ରୁଗ୍ଣ ବ୍ୟକ୍ତିମାନଙ୍କର ଯେମିତି କଷ୍ଟ ନ ହୁଏ, ସେହି ଭାବରେ ପ୍ରାର୍ଥନାର ସମୟ ନିର୍ଦ୍ଦିଷ୍ଟ କରିବେ । ଦିନକୁ ଦୁଇଥର ପାଞ୍ଚମିନିଟ କରି ପ୍ରାର୍ଥନା, ଦଶ ମିନିଟ ପ୍ରାଣାୟାମ ଏବଂ ମାସକୁ ଥରେ ଭୋଜ-ଉତ୍ସବ ଈଶ୍ୱରଙ୍କୁ ପ୍ରୀତ କରେ ଏବଂ ତାଙ୍କର ଆଶୀର୍ବାଦ ଲାଭ କରି ସ୍ୱର୍ଗାରୋହଣ କରାଯାଏ ।

ପ୍ରଶ୍ନ-୮୬ : ମନ୍ଦିରରେ ଭକ୍ତମଣ୍ଡଳୀଙ୍କ ମଧ୍ୟରେ ପ୍ରାର୍ଥନା ପାଇଁ କିପରି ଭାବରେ ଛିଡ଼ା ହେବା ଉଚିତ ?

ଉତ୍ତର : ପ୍ରାର୍ଥନା କକ୍ଷର ଆକାର ଓ ଭକ୍ତଙ୍କ ସଂଖ୍ୟାନୁଯାୟୀ ଧାଡ଼ିରେ ନଅ ନଅ ଅଥବା ବାର ବାର ଜଣ କରି ଭକ୍ତ ଛିଡ଼ା ହେବା ଉଚିତ । ଅର୍ଥାତ ପଛକୁ ପଛ ନଅ ଜଣ ଏବଂ ପାଖକୁ ପାଖ ନଅ ଜଣ କରି ଛିଡ଼ା ହେଲେ ୮୧ ଜଣ ସଜ୍ଜିତ ହୋଇ ଛିଡ଼ା ହୋଇପାରିବେ । କିନ୍ତୁ ଯଦି ଦେଖାଯାଏ ମାତ୍ର ବାଇଶ ଜଣ ଉପସ୍ଥିତ, ତେବେ ଆଗ ଦୁଇ ଧାଡ଼ିରେ ନଅ ଜଣ କରି ଅଠର ଜଣ ଏବଂ ତା' ପଛକୁ ତୃତୀୟ ଧାଡ଼ିରେ ଚାରିଜଣ ଛିଡ଼ା ହେବେ । ଏହିପରି ଭାବରେ ସୁସଜ୍ଜିତ ଭାବରେ ଛିଡ଼ା ହେବା ଦ୍ୱାରା ପ୍ରାର୍ଥନା ଶୃଙ୍ଖଳିତ ହୁଏ ।

ପ୍ରଶ୍ନ-୮୭ : ମନ୍ଦିରରେ ଭକ୍ତମଣ୍ଡଳୀ ମଧ୍ୟରେ ନାରୀମାନଙ୍କର ନିର୍ଦ୍ଦିଷ୍ଟ ସ୍ଥାନ କେଉଁଠି ?

ଉତ୍ତର : ଭକ୍ତମଣ୍ଡଳୀର ଆକାର ଅନୁଯାୟୀ ବାମ ଦିଗରେ ପଂକ୍ତି ଓ ଧାଡ଼ିଗୁଡ଼ିକର ଅର୍ଦ୍ଧେକ ନାରୀମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ରହିବା ଉଚିତ ।

ପ୍ରଶ୍ନ-୮୮ : ଦୈନିକ ପ୍ରାର୍ଥନା କାହିଁକି ପ୍ରୟୋଜନ ?

ଉତ୍ତର : ପ୍ରାର୍ଥନା ଏକ ଅଦୃଶ୍ୟ ଅସ୍ତ୍ର । ତାହାଦ୍ୱାରା ବହୁ ବିପଦରୁ ରକ୍ଷା ମିଳେ । ସୁସ୍ୱାସ୍ଥ୍ୟ ଓ ପ୍ରଭୂତ ଧନ ଅର୍ଜନରେ ସହାୟତା ମିଳେ । ପାର୍ଥିବ ଜଗତରେ ସର୍ବାଙ୍ଗୀନ ସାଫଲ୍ୟ ଲାଭ ହୁଏ ଏବଂ ଅନନ୍ତ ଜୀବନ ଲାଭ କରାଯାଏ । ଶହେ ବର୍ଷ ପରେ କୌଣସି ବ୍ୟକ୍ତିର ସାଫଲ୍ୟ ଓ ବିଫଳତାର କଥା ସମସ୍ତେ ଭୁଲିଯିବେ, କିନ୍ତୁ ଆଜିର ପ୍ରାର୍ଥନା ତାହାକୁ ଅନନ୍ତ ଜୀବନର ପଥ ଦେଖାଇବ ।

ପ୍ରଶ୍ନ-୮୯ : ଈଶ୍ୱରଙ୍କ ସାକ୍ଷାତ କିପରି ଲାଭ ହେବ ?

ଉତ୍ତର : ଯେ କେହି ଈଶ୍ୱରଙ୍କୁ ଭଲ ପାଇ ଅତ୍ୟନ୍ତ ଆଗ୍ରହ ସହକାରେ ସାକ୍ଷାତ ପ୍ରାର୍ଥନା କଲେ, ଈଶ୍ୱର ତାହାଙ୍କୁ ସାକ୍ଷାତ ଦେବାକୁ ଭଲ ପାଆନ୍ତି ।

ପ୍ରଶ୍ନ-୯୦ : ଈଶ୍ୱରଙ୍କ ସମ୍ମାନ ରକ୍ଷା ପାଇଁ ହିନ୍ଦୁର ଅନ୍ୟ ଧର୍ମର ଲୋକଙ୍କର ଶତ୍ରୁ ହେବା ଉଚିତ କି ?

ଉତ୍ତର : ଅହଂକାରୀ ଓ ନିଜକୁ ଖୁବ ବଡ଼ ମନେ କରୁଥିବା ମୂର୍ଖ ବ୍ୟକ୍ତିମାନେ ଭାବନ୍ତି ସେମାନେ ଈଶ୍ୱରଙ୍କ ସମ୍ମାନର ରକ୍ଷାକର୍ତ୍ତା ଏବଂ ସେମାନେ ଅସ୍ୱୀକାର କରନ୍ତି ଯେ ଈଶ୍ୱର ହିଁ ସମସ୍ତ ଜାତିକୁ ସୃଷ୍ଟି କରିଛନ୍ତି ଏବଂ ତାହାଙ୍କ ଦୂତମାନଙ୍କ ମାଧ୍ୟମରେ ସେମାନଙ୍କୁ ଧର୍ମାଚରଣର ରୀତିନୀତି ଶିଖାଉଛନ୍ତି । ଈଶ୍ୱର ନ ଚାହିଁଲେ କିଏ ବଞ୍ଚି ରହିପାରେ !

ପ୍ରଶ୍ନ-୯୧ : ସ୍ୱର୍ଗକୁ ଯିବ କିଏ ଏବଂ ନର୍କକୁ ଯିବ କିଏ ?

ଉତ୍ତର : ପୃଥିବୀରେ ଦୁଇ ପ୍ରକୃତିର ମଣିଷ ଅଛନ୍ତି, ସୁର ଓ ଅସୁର । ସୁରମାନେ କାର୍ଯ୍ୟ କରନ୍ତି, ସମ୍ପଦ ସୃଷ୍ଟି କରନ୍ତି ଏବଂ ଅନ୍ୟମାନଙ୍କ ସହିତ ତାହା ଭାଗକରି ନିଅନ୍ତି ଯେମିତି ପୃଥିବୀ ସମସ୍ତଙ୍କ ପାଇଁ ଶାନ୍ତିପୂର୍ଣ୍ଣ ଓ ଅଧିକତର ସୁଖକର ବାସସ୍ଥାନ ହୋଇପାରେ । ଈଶ୍ୱର ସେମାନଙ୍କୁ ସୃଷ୍ଟି କରିଛନ୍ତି । ସେମାନେ ଅନନ୍ତ କାଳ ସ୍ୱର୍ଗରେ ବାସ କରିବେ । ଅସୁରମାନେ ଈଶ୍ୱରସୃଷ୍ଟ ମାନବର ଧନସମ୍ପଦ କାଢ଼ିନେଇ ଜୀବନ ଧାରଣ କରନ୍ତି ଅଥବା ଘୃଣା ଓ ଆତଙ୍କ ପ୍ରଚାର କରନ୍ତି । ଅସୁରମାନେ ପିଶାଚ ମନୋବୃତ୍ତିର ମୂର୍ତ୍ତିମାନ ମାନବ ବିଗ୍ରହ । ସେମାନେ ଅନନ୍ତ କାଳ ନରକରେ ଦଗ୍ଧ ହୁଅନ୍ତି ।

ପ୍ରଶ୍ନ-୯୨ : କେହି ଯଦି କୌଣସି ପାପ ବା ଅପରାଧ କରେ, ଈଶ୍ୱରଙ୍କୁ ପୂଜା ଭୋଗ ନିବେଦନ କଲେ ପାପର ଶାସ୍ତି ଲାଘବ ହେବ କି ?

ଉତ୍ତର : ଈଶ୍ୱର କିମ୍ବା ଦେବତା ଉତ୍କୋଚ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ । ପୂଜା ଦେଲେ ତାହାଦ୍ୱାରା ଏକମାତ୍ର ଦରିଦ୍ର ପୁରୋହିତମାନଙ୍କର ଉପକାର ହୁଏ, ପାପର ଶାସ୍ତି ଲାଘବ ହୁଏ ନାହିଁ । ଆନ୍ତରିକ ଅନୁତାପ, କ୍ଷତିଗ୍ରସ୍ତକୁ ଯଥେଷ୍ଟ କ୍ଷତିପୂରଣ ଦାନ ଏବଂ ନିୟମିତ ପ୍ରାର୍ଥନା ହିଁ ଈଶ୍ୱରଙ୍କ ପ୍ରେମ ଓ ଆଶୀର୍ବାଦ ଲାଭ କରିବା ନିଶ୍ଚିତ କରେ ।

ପ୍ରଶ୍ନ-୯୩ : ହିନ୍ଦୁମାନେ ବିଦ୍ରୋହ ପରିବର୍ତ୍ତେ ଧୈର୍ଯ୍ୟର ହିଁ ପ୍ରତିମୂର୍ତ୍ତି ନୁହନ୍ତି କି ?

ଉତ୍ତର : ସହସ୍ରାଧିକ ବର୍ଷ ହିନ୍ଦୁମାନେ ବିଦେଶୀ ଶାସନ ଅଧୀନରେ ରହିଥିଲେ । ସେମାନେ ଐକ୍ୟବଦ୍ଧ ହୋଇ ନାହାନ୍ତି ବୋଲି ବିଦେଶୀମାନଙ୍କୁ ପ୍ରତିହତ କରିବାର ସାହସ ସଞ୍ଚୟ କରିପାରି ନାହାନ୍ତି । ବିଦ୍ରୋହ ପରିବର୍ତ୍ତରେ ସେମାନଙ୍କର ଅପମାନଜନକ ଅସ୍ତିତ୍ୱକୁ ଅହିଂସା ଓ ଶାନ୍ତିପ୍ରିୟତାର

ଛଦ୍ମବେଶରେ ଲୁକ୍କାୟିତ ରଖିଥିଲେ । ସେମାନେ ଅନେକ ଦାର୍ଶନିକ ମତବାଦ ଉଦ୍‌ଭାବନ କରି ହିନ୍ଦୁ ସମାଜକୁ ପୁରୁଷତ୍ୱହୀନତାର ସଦର୍ଥକ ରୂପାୟନ କରୁ ଥାଆନ୍ତି । ସେମାନଙ୍କର କାପୁରୁଷତା ଓ ଦାସତ୍ୱ ଅବସ୍ଥାର ପ୍ରଶଂସା କରିବା ଯୋଗୁଁ ଓ ନୃଶଂସତା, ଅତ୍ୟାଚାର ସହ୍ୟ କରିବାରୁ ଅପରିସୀମ କ୍ଷମତା ସମ୍ପର୍କରେ ଗର୍ବ ବୋଧ କରିବା ଆରମ୍ଭ କଲେ ।

ପ୍ରଶ୍ନ-୯୪ : ଈଶ୍ୱରଙ୍କ ସମସ୍ୟା ସୃଷ୍ଟିକାରୀ ପିଶାଚକୁ ବିନାଶ କରିବା ପାଇଁ ହିନ୍ଦୁର କ'ଣ କରିବା ଉଚିତ ?

ଉତ୍ତର : ହିନ୍ଦୁମାନେ ବିଶ୍ୱାସ କରନ୍ତି, ଈଶ୍ୱର ଅନାଦି ଅନନ୍ତ ଓ ସୀମାହୀନ କ୍ଷମତାର ଅଧିକାରୀ । ପିଶାଚ ତାହାଙ୍କ ସମକକ୍ଷ ହୋଇପାରେ ନାହିଁ । ଯଦି କେହି ବିଶ୍ୱାସ କରେ ଈଶ୍ୱରଙ୍କ ରାଜତ୍ୱରେ ପିଶାଚର ଅସ୍ତିତ୍ୱ ଅଛି ଏବଂ ଈଶ୍ୱରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି, ତେବେ ସେ ବିଶ୍ୱାସ କରେ ଯେ ଈଶ୍ୱର ଅସହାୟ ଏବଂ ଈଶ୍ୱରଙ୍କ କ୍ଷମତା ସୀମାବଦ୍ଧ । କିନ୍ତୁ ଈଶ୍ୱର ଯଦି ସର୍ବଶକ୍ତିମାନ ହୁଅନ୍ତି, ନ୍ୟାୟଶାସ୍ତ୍ର ଅନୁଯାୟୀ ଈଶ୍ୱରଙ୍କ ପାଇଁ ସମସ୍ୟା ସୃଷ୍ଟି କରିବା ପାଇଁ ପିଶାଚର ଅସ୍ତିତ୍ୱ ରହିପାରେ ନାହିଁ ।

ପିଶାଚର ଚରିତ୍ର ଓ କୀର୍ତ୍ତିକଳାପ ଅତିଶୟ ମାନବିକ ଘଟଣା । ଈଶ୍ୱର ଆମ୍ଭମାନଙ୍କୁ ବୁଦ୍ଧି, କାଣ୍ଡଜ୍ଞାନ ଓ ବିଚାରଶକ୍ତି ଦେଇଛନ୍ତି । ଈଶ୍ୱର ପ୍ରଦତ୍ତ ଗୁଣର ଅସଦ୍‌ବ୍ୟବହାର ମାଧ୍ୟମରେ ମଣିଷ ପିଶାଚ ହେବାକୁ ଚାହେଁ । ନୃଶଂସ ଭାବରେ ଦୈହିକ କାମନାର ତୃପ୍ତି, ଶକ୍ତି ଓ ଧନସମ୍ପଦ ଲାଭ ପାଇଁ ମଣିଷ ପୈଶାଚିକତା ଅବଲମ୍ବନ କରେ ।

ପ୍ରଶ୍ନ-୯୫ : କେହି ଯଦି ନିୟମିତ ଈଶ୍ୱରଙ୍କ ପ୍ରାର୍ଥନା ନ କରେ, ଈଶ୍ୱର ତାହା ପ୍ରତି ଅସନ୍ତୁଷ୍ଟ ହେବେ କି ?

ଉତ୍ତର : ଈଶ୍ୱର ଯଦି ଚାହୁଁଥାଆନ୍ତେ ଯେ, ମଣିଷ ଅବିରତ ତାଙ୍କ ନିକଟରେ ପ୍ରାର୍ଥନା କରୁ, ତେବେ ସେ ମଣିଷକୁ ନିଜ ନିକଟରେ ରଖି ଦିଅନ୍ତେ । ଈଶ୍ୱର ଏତେ ବିରାଟ ଯେ ଏହି ସମସ୍ତ କ୍ଷୁଦ୍ର ବିଷୟରେ ଚିନ୍ତା କରନ୍ତି ନାହିଁ । ତେବେ ମଣିଷ ଯେହେତୁ ବୁଦ୍ଧିମାନ ଜୀବ, ତେଣୁ ସେ ପ୍ରାର୍ଥନା କରିବାର

ସୁଯୋଗ ପାଏ । ପ୍ରାର୍ଥନାରୁ ଶକ୍ତି ମିଳେ ଜୀବନର ସର୍ବକ୍ଷେତ୍ରରେ ସାଫଲ୍ୟ ଲାଭ ପାଇଁ ଏବଂ ଅନନ୍ତ ଜୀବନ ପାଇଁ । ଈଶ୍ୱରଙ୍କୁ ବାଦ ଦେଇ ସାରାଜୀବନରେ ଯେତେ କିଛି ସାଫଲ୍ୟ ଲାଭ କରାଯାଏ, ଈଶ୍ୱରଙ୍କ ସନ୍ନିଧାନରେ ଘଣ୍ଟାକରେ ତାହାଠାରୁ ବେଶୀ ଫଳ ଲାଭ କରାଯାଏ ।

**ମନ୍ତବ୍ୟ :** ଦୃଷ୍ଟାନ୍ତସ୍ୱରୂପ ଜଣେ ବ୍ୟକ୍ତି ସମୁଦ୍ର ତୀରରେ ବାସକରେ ଅଥଚ ଯଦି ନିୟମିତ ସମୁଦ୍ର ସ୍ନାନ ନ କରେ ସେଥିରେ ସମୁଦ୍ରର କୌଣସି କ୍ଷତି ହୁଏ ନାହିଁ, କିନ୍ତୁ ନିୟମିତ ସମୁଦ୍ରସ୍ନାନ ଦ୍ୱାରା ସ୍ୱାସ୍ଥ୍ୟ ଓ ଶକ୍ତିଲାଭ ହୁଏ ।

ପ୍ରଶ୍ନ-୯୬ : ଈଶ୍ୱରଙ୍କ ରାଜତ୍ୱରେ ଏପରି କାହିଁକି ଯେ, କେହି ଭଲ କେହି ମନ୍ଦ, କେହି ସାଧୁ ପୁଣି କେହି ଆତଙ୍କବାଦୀ ?

ଉତ୍ତର : ପୃଥିବୀରେ ଆମ ଜୀବନକାଳ ସ୍ୱଳ୍ପ । ଶିକ୍ଷା ପାଇଁ ମଣିଷକୁ ବୁଦ୍ଧି ଓ ବିଚାରଶକ୍ତି ଦିଆ ଯାଇଛି । ଏଠାରେ ଆମେ ନିଜ ନିଜକୁ ପ୍ରଶିକ୍ଷିତ କରିତୋଳୁ । କିପରି ଜୀବନଯାପନ କରିବୁ ତାହା ଠିକ କରୁ । ଏହି ପୃଥିବୀରେ ଆମର ସ୍ୱଳ୍ପକାଳର କର୍ମଦ୍ୱାରା ନିର୍ଦ୍ଧାରିତ ହୋଇଯାଏ ଆମର ସ୍ଥାନ ସ୍ୱର୍ଗରେ କିମ୍ବା ନର୍କରେ । ଆମର ବିଚାରବୁଦ୍ଧି ଏବଂ ଶିକ୍ଷା ନିଜେ ନିଜେ ଆମେ ଠିକ୍ କରୁ ଆମେ ଭଲ ହେବୁ ନା ମନ୍ଦ ହେବୁ, ସାଧୁ ହେବୁ ନା ଆତଙ୍କବାଦୀ ହେବୁ ।

ପ୍ରଶ୍ନ-୯୭ : ସମସ୍ତ ମଣିଷ ଯଦି ଈଶ୍ୱର ବିଶ୍ୱାସୀ ହୁଅନ୍ତି, ତାହା ହେଲେ ଈଶ୍ୱର ପ୍ରୀତ ହେବେ କି ?

ଉତ୍ତର : ଈଶ୍ୱରଙ୍କର ଯଦି ଇଚ୍ଛା ଏପରି ହୁଅନ୍ତା ଯେ କେବଳ ଈଶ୍ୱରଙ୍କ ନାମରେ ସମସ୍ତେ ପୂଜା ଦିଅନ୍ତୁ, ତେବେ ତାହା ସେ ମୁହୂର୍ତ୍ତରେ କରିପାରନ୍ତେ । ଈଶ୍ୱର ସର୍ବଶକ୍ତିମାନ, ତାଙ୍କର କୌଣସି ଇଚ୍ଛା ଅପୂର୍ଣ୍ଣ ରହେ ନାହିଁ । ଯେଉଁମାନେ ପ୍ରଲୋଭନ ଦେଖାଇ କିମ୍ବା ଜୋର କରି ଅନ୍ୟ ଧର୍ମର ଲୋକଙ୍କୁ ନିଜ ଧର୍ମରେ ଧର୍ମାନ୍ତରିତ କରି ଦଳ ସୃଷ୍ଟି କରନ୍ତି, ପ୍ରକୃତ ପକ୍ଷରେ ସେମାନେ ଈଶ୍ୱରଙ୍କୁ ଅପମାନ କରନ୍ତି । ବିଭିନ୍ନ ମାନବ ଜାତିର ବିଭିନ୍ନ ରୀତିରେ ଉପାସନା ଯଦି ଈଶ୍ୱରଙ୍କ ଅପସନ୍ଦ ହୁଅନ୍ତା, ଈଶ୍ୱର ତାହା ହେବାକୁ ଦିଅନ୍ତେ

ନାହିଁ । ସମସ୍ତେ ପ୍ରାକୃତିକ ଶକ୍ତିର ପ୍ରଭାବରେ ଏକମାତ୍ର ଈଶ୍ୱରଙ୍କର ହିଁ ନାମ ଗାଇ ପାରନ୍ତେ । ଈଶ୍ୱରଙ୍କ ଇଚ୍ଛା ଅନୁଯାୟୀ ବିଭିନ୍ନ ଧର୍ମର ଲୋକ ତାଙ୍କର ନିଜ ନିଜର ରୀତିରେ ଉପାସନା କରନ୍ତି । ତେବେ ଯେଉଁ ରୀତିରେ କରା ହେଉ ସବୁ ପ୍ରାର୍ଥନା ଈଶ୍ୱରଙ୍କ ନିକଟରେ ପହଞ୍ଚେ ।

ପ୍ରଶ୍ନ-୯୮ : ବ୍ୟକ୍ତିଗତ ଭାବରେ ମଣିଷର ମୋକ୍ଷଲାଭ ପାଇଁ ଈଶ୍ୱର କିପରି ଦାୟୀ ?

ଉତ୍ତର : ବେଦର ବିଭିନ୍ନ ସ୍ତୋତ୍ର ଅନୁଯାୟୀ ବ୍ୟକ୍ତିର ମୋକ୍ଷଲାଭ ପାଇଁ ଈଶ୍ୱରଙ୍କର କୌଣସି ଦାୟିତ୍ୱ ନାହିଁ । ମୋକ୍ଷ ମଣିଷର ନିଜର କର୍ମର ଫଳ ।

ପ୍ରଶ୍ନ-୯୯ : ଭଗବାନ କୃଷ୍ଣଙ୍କ ଭଳି ଜଣେ ଦେବତା କାହିଁକି ତାଙ୍କର କ୍ଷମତା ବ୍ୟବହାର କରି ହିନ୍ଦୁ ଜନସାଧାରଣଙ୍କୁ ଦାରିଦ୍ର୍ୟ ଓ ଅସ୍ୱାସ୍ଥ୍ୟରୁ ମୁକ୍ତ କରି ଆଧୁନିକ ଜାତିରେ ପରିବର୍ତ୍ତନ କରି ପାରିଲେ ନାହିଁ ?

ଉତ୍ତର : ବେଦର ଶ୍ଳୋକରେ ଦେବତାମାନଙ୍କୁ ସେମାନଙ୍କର କାର୍ଯ୍ୟ ଉପଦେଶ ଦାନ ବିଷୟ କୁହାଯାଇଛି । ଧର୍ମନିଷ୍ଠ ଆଚରଣ ଦ୍ୱାରା ଈଶ୍ୱରଙ୍କ ବାଣୀ ପ୍ରଚାର ମଧ୍ୟରେ ସୀମାବଦ୍ଧ ସେମାନଙ୍କ କାର୍ଯ୍ୟ । ସେମାନଙ୍କୁ ମାନବ ଜାତି ଉପରେ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱର ଅଧିକାରୀ ହୋଇ କାର୍ଯ୍ୟ କରିବାରୁ ନିବୃତ୍ତ ହେବାକୁ ବାରମ୍ବାର ସତର୍କ କରି ଦିଆଯାଇଛି । ଭଗବାନ କୃଷ୍ଣ ଅଥବା ଅନ୍ୟ କୌଣସି ଦେବତା ଈଶ୍ୱରଙ୍କ କ୍ଷମତା ସ୍ୱହସ୍ତରେ ନେଇ ପାରନ୍ତି ନାହିଁ । ଆଧୁନିକ ଦାରିଦ୍ର୍ୟମୁକ୍ତ ସ୍ୱାସ୍ଥ୍ୟୋଜ୍ଜ୍ୱଳ ଜାତିରେ ପରିଣତ ହେବାକୁ ହେଲେ ଆଧୁନିକ ମାନବିକତାମୟ ମାନସିକତାର ପ୍ରୟୋଜନ ।

ପ୍ରଶ୍ନ-୧୦୦ : କୌଣସି ହିନ୍ଦୁ ନାରୀ ଯଦି ନିଜକୁ ଉପଯୁକ୍ତ ପୋଷାକରେ ଆବୃତ ନ ରଖନ୍ତି, ଈଶ୍ୱର ସେଥିପାଇଁ ଅସନ୍ତୁଷ୍ଟ ହୁଅନ୍ତି କି ?

ଉତ୍ତର : ଈଶ୍ୱରଙ୍କ ପ୍ରସନ୍ନତା ଅପ୍ରସନ୍ନତା ସହିତ ପୋଷାକର କୌଣସି ସମ୍ପର୍କ ନାହିଁ । ଈଶ୍ୱର ଅତ୍ୟନ୍ତ ବିଶାଳ ଏହି ସମସ୍ତ ବିଷୟରେ । ନାରୀର ପୋଷାକର ନିୟମ-ବିଧି ନିର୍ଦ୍ଦିଷ୍ଟ କରିଦେବା ମଧ୍ୟରେ ପୁରୁଷର ସ୍ୱଭାବ ଓ ଚରିତ୍ର ସମାଜରେ ପ୍ରତିଫଳିତ ହୁଏ । ପୁରୁଷମାନେ ଯେଉଁଠି ଶିକ୍ଷିତ ଓ ସଭ୍ୟ ସେଠାରେ ହିନ୍ଦୁ ନାରୀମାନେ ସ୍ୱାଧୀନ ଭାବରେ ସେମାନଙ୍କର ପୋଷାକ ଓ ରୀତିନୀତି ନିର୍ଦ୍ଧାରଣ ନିଜେ ନିଜେ କରି ନେଇ ପାରନ୍ତି ।

ପ୍ରଶ୍ନ-୧୦୧ : ଆମର ହିନ୍ଦୁ ଧର୍ମାବଲମ୍ବୀ ଚିହ୍ନ ଧାରଣ କରିବା ଉଚିତ କି ?

ଉତ୍ତର : ପ୍ରତ୍ୟେକଙ୍କର ଉଚିତ ସେ ଯେ ହିନ୍ଦୁ ତାହା ପ୍ରଦର୍ଶନର ସୁଯୋଗ ଗ୍ରହଣ କରିବା ଏବଂ ତାଙ୍କର ଧର୍ମର କଥା କହିବା, ଧର୍ମର ବାଣୀ ପ୍ରଚାର କରିବା । ସେହି ସେବା ଦ୍ୱାରା ଈଶ୍ୱର ତୃପ୍ତ ହୁଅନ୍ତି ।

ପ୍ରଶ୍ନ-୧୦୨ : ହିନ୍ଦୁ ପକ୍ଷରେ ବାଞ୍ଛନୀୟ ଓ ନୀତିସମ୍ମତ ଖାଦ୍ୟ କ'ଣ ?

ଉତ୍ତର : ବୈଦିକ ଯୁଗରୁ ଆମିଷାଶୀ ଏବଂ ନିରାମିଷାଶୀ ହିନ୍ଦୁ ଅଛନ୍ତି । ଯେଉଁ ସମସ୍ତ ସ୍ଥାନରେ ପନିପରିବା ଓ ଫଳମୂଳର ପ୍ରାଚୁର୍ଯ୍ୟ ସେହି ସମସ୍ତ ସ୍ଥାନରେ ଶାକାହାର ପ୍ରଚଳିତ । ଏପରି ଅନେକ ସ୍ଥାନ ଅଛି ଯେଉଁଠି ଗୋଟିଏ ଘାସ ମଧ୍ୟ ଜନ୍ମେ ନାହିଁ, ସେଠାରେ ଜୀବନଧାରଣ ପାଇଁ ମଣିଷ ଆମିଷ ଭୋଜନ କରିବାକୁ ବାଧ ହୁଅନ୍ତି । ଖାଦ୍ୟାଭ୍ୟାସ ସହିତ ଜୀବନର ନୈତିକତାର କୌଣସି ବିଶେଷ ସମ୍ପର୍କ ନାହିଁ ।

ପ୍ରଶ୍ନ-୧୦୩ : ଭାରତରେ ଗୋମାଂସ ଭକ୍ଷଣକାରୀମାନଙ୍କ ପାଇଁ କେଉଁ ଶାସ୍ତି ନିର୍ଦ୍ଦିଷ୍ଟ ?

ଉତ୍ତର : ଗୋରୁ ଯେହେତୁ ଭାରତର କୃଷି ଓ ଅର୍ଥନୀତିର ପ୍ରଧାନ ସ୍ତମ୍ଭ, ସେହି ହେତୁ ତା'ର ନିଧନ ନିଷିଦ୍ଧ ହେବା ଉଚିତ । ଭାରତ ଭଳି ଜନବହୁଳ, କ୍ଷୁଧାର୍ତ୍ତ ଓ ଦାରିଦ୍ର୍ୟପୀଡ଼ିତ ଦେଶରେ ଖାଦ୍ୟ ପାଇଁ ଗୋହତ୍ୟାର ଅନୁମତି ଯଦି ଦିଆଯାଏ, ତେବେ ଦେଖୁ ଦେଖୁ ଗୋରୁ ଖାଇ ଶେଷ କରି ଦିଆହେବ ଏବଂ ତାହା ଫଳରେ ଶସ୍ୟାଦିର ଜନ୍ମ କ୍ରମାଗତ ହ୍ରାସପ୍ରାପ୍ତ ହୋଇ ଦରିଦ୍ରମାନଙ୍କର ଅନାହାରରେ ମୃତ୍ୟୁ ଆରମ୍ଭ ହେବ । ଗ୍ରାମର ଦରିଦ୍ର ଜନସାଧାରଣଙ୍କୁ ରକ୍ଷା କରିବା ପାଇଁ କୃଷି ନିମିତ୍ତ ଗୋହତ୍ୟା ନିଷେଧ କରିବାକୁ ହିଁ ହେବ ।

ପ୍ରଶ୍ନ-୧୦୪ : କୌଣସି କୌଣସି ହିନ୍ଦୁ ଦେବତାଙ୍କୁ ଅଧିକ ହସ୍ତପଦ ଓ ମସ୍ତକ ବିଶିଷ୍ଟ ଦେଖାଯାଏ କାହିଁକି ?

ଉତ୍ତର : ଅସ୍ତ୍ରର ବ୍ୟବହାର କିମ୍ବା ଜ୍ଞାନ କ୍ଷେତ୍ରରେ ଦେବତାମାନଙ୍କର ଅତିମାନବିକ କ୍ଷମତା କାହାଣୀକାରମାନେ ଅତିରଞ୍ଜିତ କରି ଦେଖାଇବାକୁ ଚେଷ୍ଟା କରିଛନ୍ତି ଏବଂ ଦେବତାମାନଙ୍କ ସମ୍ପର୍କରେ ବଲ୍‌ଗାହୀନ କଳ୍ପକାହାଣୀ ରଚନା କରିଛନ୍ତି । ତାହା ଫଳରେ ଶିଳ୍ପୀ ଓ ଭାସ୍କରମାନେ କାହାଣୀକାରମାନଙ୍କର

ଲଗାମହୀନ କଳ୍ପନାକୁ ଅସ୍ୱାଭାବିକ ରୂପ ଦାନ କରିଛନ୍ତି । ଦେବତାମାନେ ସମସ୍ତେ ମଣିଷ ଥିଲେ, ପ୍ରକୃତିର ନିୟମର ଉର୍ଦ୍ଧ୍ୱରେ କେହି ନୁହନ୍ତି । ଦେବତାମାନଙ୍କର ଗୋଟିଏ ମସ୍ତକ ଓ ଦୁଇଟି ହସ୍ତ ଥିଲା । ହିନ୍ଦୁ ମନ୍ତ୍ର ଏହିଭଳି ବ୍ୟାଖ୍ୟା ଦେଇଛନ୍ତି ।

ତ୍ରିମସ୍ତକାନାଂ ଜ୍ଞାନମ୍ ଏକଶିରେ ଅବସ୍ଥିତଂ

ଚତୁର୍ବାହୁତୁଲ୍ୟବଲଂ ଦ୍ୱିହସ୍ତେ ରୋପିତମ୍ ॥

ଭକ୍ତେଚ୍ଛାପୂରଣାର୍ଥ ପୁନଃ ପୁନଃ ଆବିର୍ଭୂତମ୍

ପ୍ରଣମାମି ତ୍ୱାଂ ହି ଈଶ୍ୱରପ୍ରେରିତଦୂତମ୍ ॥

(ଶ୍ଳୋକଟି 'ଦି ହୋଲି ବୁକ୍ ଅଫ୍ ହିନ୍ଦୁ ରିଲିଜିଅନ' ବହିରୁ ଉଦ୍ଧୃତ ହୋଇଅଛି ।)

ହେ ଈଶ୍ୱର, ତୁମେ ମଣିଷ ରୂପରେ ବାରମ୍ବାର ତୁମର ଦୂତମାନଙ୍କୁ ପ୍ରେରଣ କରିଛ । ସେହି ଦୂତମାନେ ଅତି ପ୍ରାଜ୍ଞ ଏବଂ ସେମାନଙ୍କର ଗୋଟିଏ ମସ୍ତକରେ ତିନୋଟି ମସ୍ତକର ଶକ୍ତି ଧାରଣ କରନ୍ତି । ସେମାନଙ୍କର ଦୁଇଟି ହସ୍ତ ଏତେ ଶକ୍ତିଶାଳୀ ଯେ ମନେହୁଏ ଯେମିତି ଚାରୋଟି ହସ୍ତ ଅସ୍ତ୍ରଚାଳନା କରୁଛନ୍ତି ।

ପ୍ରଶ୍ନ-୧୦୫ : କେହି କେହି ଦେବତାଙ୍କୁ ଯେମିତି ଇନ୍ଦ୍ରଙ୍କୁ ଲମ୍ପଟ କରି ଚିତ୍ରିତ କରାଯାଇଛି, ତାହାସତ୍ତ୍ୱେ ହିନ୍ଦୁମାନେ କାହିଁକି ସେମାନଙ୍କ ପ୍ରତି ଶ୍ରଦ୍ଧାଶୀଳ ?

ଉତ୍ତର : ଦୈହିକ ଶକ୍ତି ଏବଂ ସାମରିକ କୌଶଳରେ ଇନ୍ଦ୍ର ଥିଲେ ଶ୍ରେଷ୍ଠ । ସେ ଅତି ବୁଦ୍ଧିମାନ ରାଜନୈତିକ ନେତା ମଧ୍ୟ ଥିଲେ । ଅତି ଦୂରଦୃଷ୍ଟିସମ୍ପନ୍ନ ଥିଲେ । କିନ୍ତୁ ନିଜର କାମପ୍ରବୃତ୍ତି ଉପରେ ତାଙ୍କର ନିୟନ୍ତ୍ରଣ ଥିଲା ନାହିଁ । ବହୁ କଳଙ୍କକର ଘଟଣାରେ ଜଡ଼ି ପଡୁଥିଲେ । ହିନ୍ଦୁମାନେ ଇନ୍ଦ୍ରଙ୍କର ଅତିମାନବିକ ଗୁଣାବଳୀକୁ ଶ୍ରଦ୍ଧା କରନ୍ତି, କିନ୍ତୁ ତାଙ୍କର କଳଙ୍କକୁ କରନ୍ତି ନାହିଁ । ଇନ୍ଦ୍ରଙ୍କ କାହାଣୀ ହିନ୍ଦୁମାନଙ୍କୁ ଶିକ୍ଷା ଦିଏ ଯେ ପ୍ରତିଭାଶାଳୀ ମଣିଷ ମାତ୍ର ହିଁ ସର୍ବଦା ସର୍ବଗୁଣସମ୍ପନ୍ନ ନିର୍ମଳ ଚରିତ୍ରର ହେବେ ତାହାର କୌଣସି ନିଶ୍ଚୟତା ନାହିଁ ।

**ମନ୍ତବ୍ୟ :** (୧) ଏମିତି ଅନେକ ଦୃଷ୍ଟାନ୍ତ ଅଛି ଯେ ଜଣେ ଡାକ୍ତର ଖୁବ୍ ବଡ଼ ଶଲ୍ୟଚିକିତ୍ସକ ହୋଇ ମଧ୍ୟ କର ଫାଙ୍କିଦେଇ ଦେଶକୁ ପ୍ରବଞ୍ଚିତ କରନ୍ତି ।

(୨) ଆଲବାର୍ଟ ଆଇନଷ୍ଟାଇନ୍ ସର୍ବଯୁଗର ଅନ୍ୟତମ ଶ୍ରେଷ୍ଠ ବିଜ୍ଞାନୀ, କିନ୍ତୁ ସେ ତାଙ୍କ ସ୍ତ୍ରୀଙ୍କୁ ବଞ୍ଚନା କରି ଅନ୍ୟ ଏକ ନାରୀଙ୍କୁ ବିବାହ କରିଥିଲେ ।

ଏହି ସମସ୍ତ କ୍ଷେତ୍ରରେ ବ୍ୟକ୍ତିଗତ ତ୍ରୁଟି ସତ୍ତ୍ୱେ ଏମାନେ ଜନସାଧାରଣଙ୍କର ଶ୍ରଦ୍ଧା ଲାଭ କରିଛନ୍ତି ସେମାନଙ୍କର ପ୍ରତିଭା ଓ ଅବଦାନ ପାଇଁ । ଇନ୍ଦ୍ରଙ୍କ କାହାଣୀ କୌଣସି ବ୍ୟତିକ୍ରମ ନୁହେଁ ।

ପ୍ରଶ୍ନ-୧୦୬ : ଯେଉଁମାନେ ମୋକ୍ଷଲାଭର ଅନ୍ୟାନ୍ୟ ପଥ ବିଶ୍ୱାସ କରନ୍ତି, ସେମାନଙ୍କ ସହିତ ହିନ୍ଦୁମାନଙ୍କର କିଭଳି ବ୍ୟବହାର କରିବା ଉଚିତ ?

ଉତ୍ତର : ଯେଉଁମାନେ ମୋକ୍ଷଲାଭର ଅନ୍ୟାନ୍ୟ ପଥର ବିଶ୍ୱାସୀ ସେମାନଙ୍କ ପ୍ରତି ଭଦ୍ର ବ୍ୟବହାର କରିବା ଉଚିତ ।

ପ୍ରଶ୍ନ-୧୦୭ : ହିନ୍ଦୁ ପକ୍ଷରେ କେଉଁ ପେଶା ସବୁଠାରୁ ଉପଯୋଗୀ ?

ଉତ୍ତର : ଯେକୌଣସି ପେଶାର କାର୍ଯ୍ୟ ଯଥାସାଧ୍ୟ ଓ ସଦ୍‌ଭାବରେ ଏବଂ ଆନ୍ତରିକ ଭାବରେ ଯଦି କରାଯାଏ, ସେହି କାର୍ଯ୍ୟ ସମ୍ମାନଜନକ । ତେବେ କାୟିକ ଶ୍ରମରେ ଜୀବନ ନିର୍ବାହକାରୀମାନଙ୍କୁ ଈଶ୍ୱର ସବୁଠାରୁ ବେଶୀ ଭଲପାଆନ୍ତି ଏବଂ ବ୍ୟବସାୟୀମାନେ ଈଶ୍ୱରଙ୍କୁ ସବୁଠାରୁ ବେଶୀ ଖୁସି କରି ପାରନ୍ତି, କାରଣ ସେମାନେ ସମ୍ପଦ ସୃଷ୍ଟି କରନ୍ତି ଓ ତାହା ଭବିଷ୍ୟତ ପାଇଁ ରଖି ଯାଆନ୍ତି ।

ପ୍ରଶ୍ନ-୧୦୮ : ହିନ୍ଦୁ ଧର୍ମର ସ୍ଥାୟିତ୍ୱ ଓ ଉନ୍ନତି ପାଇଁ କେଉଁ ସମ୍ପ୍ରଦାୟର ଅବଦାନ ସର୍ବାଧିକ ?

ଉତ୍ତର : ଈଶ୍ୱର ତାଙ୍କ ସୃଷ୍ଟିକୁ ଭଲ ପାଆନ୍ତି ଏବଂ ଆର୍ଥିକ ଭାବରେ ସେମାନଙ୍କୁ ସ୍ୱଚ୍ଛଳ ଦେଖିଲେ ଖୁସି ହୁଅନ୍ତି । ଶ୍ରମଜୀବୀ ଓ କାରିଗରମାନଙ୍କର ଦାନ ସର୍ବାଧିକ, ଉଦ୍ୟୋଗପତିଙ୍କ ସ୍ଥାନ ଦ୍ୱିତୀୟରେ, ବିଦ୍ୱଜ୍ଜନ ଏବଂ ରାଜନୀତିଜ୍ଞଙ୍କ ସ୍ଥାନ ତୃତୀୟରେ, ଅନ୍ୟ ସମସ୍ତଙ୍କ ପେଷା ଚତୁର୍ଥରେ । ତେବେ ଧନ ବଣ୍ଟନ ଅର୍ଥନୀତିରେ ଅବଦାନ ଅନୁସାରେ ହୋଇ ନାହିଁ । ହିନ୍ଦୁ ମଧ୍ୟରେ ସମାଜ ଗଠନର ପରିବର୍ତ୍ତନ ହେବା ଦରକାର ।

ପ୍ରଶ୍ନ-୧୦୯ : କେଉଁ କେଉଁ ଛଅଟି ଜିନିଷ ମଣିଷର ବିଶ୍ୱାସ କରିବା ଉଚିତ ନୁହେଁ ?

ଉତ୍ତର : ଈଶ୍ୱରଙ୍କ ଆଦେଶ ଯେ ମଣିଷ କେବେହେଲେ ଏହି ଛଅଟି ଅବିଶ୍ୱାସ ଯୋଗ୍ୟ ଜିନିଷକୁ ବିଶ୍ୱାସ କରିବେ ନାହିଁ । ଯଥା :

(କ) ରଜାଙ୍କ ପ୍ରତିଜ୍ଞା

(ଖ) ଅଗ୍ନିର ବିସ୍ମୃତି

(ଗ) ବାୟୁର ଗତି

(ଘ) ପାଣିର ଗଭୀରତା

(ଙ) ପ୍ରଚଳିତ ଧର୍ମମତର ବିରୁଦ୍ଧବାଦୀ ବ୍ୟକ୍ତି

(ଚ) ମୁଖରେ ମଧୁ ହୃଦୟରେ ହଳାହଳ ପୋଷଣକାରୀ ବ୍ୟକ୍ତି ।

ପ୍ରଶ୍ନ-୧୧୦ : ବିଜ୍ଞାନ ଓ ଧର୍ମ ମଧ୍ୟରେ କୌଣସି ବିରୋଧ ଅଛି କି ?

ଉତ୍ତର : ବିଜ୍ଞାନ ବିଶ୍ୱର ସମସ୍ତ ଜୀବନ ନିର୍ବାହ ଜୈବିକ, ଭୌତିକ, ରାସାୟନିକ ଇତ୍ୟାଦିର ଯୁକ୍ତିଗ୍ରାହ୍ୟ ଅନୁଶୀଳନ ଦ୍ୱାରା ଜ୍ଞାନଲାଭ କରି ପୃଥିବୀକୁ ମଣିଷ ପକ୍ଷରେ ଆହୁରି ଉଚ୍ଚ ମାନର ଜୀବନ ନିର୍ବାହ ଯୋଗ୍ୟ କରିବାକୁ ଚେଷ୍ଟା କରେ । ବିଜ୍ଞାନ ଓ ଧର୍ମ ମଧ୍ୟରେ ହିନ୍ଦୁଧର୍ମ ମତରେ କୌଣସି ପାର୍ଥକ୍ୟ ନାହିଁ । ମତବିରୋଧ ହୁଏ ଯେତେବେଳେ କୌଣସି ଭଣ୍ଡ ସାଧୁ ପ୍ରଚାର କରନ୍ତି ଯେ ସେ ଈଶ୍ୱରଙ୍କ ସହିତ ଯୋଗାଯୋଗ, କଥୋପକଥନ ଇତ୍ୟାଦି କରିବାରେ ସକ୍ଷମ ।

ଈଶ୍ୱରଙ୍କର କୌଣସି ଆକାର,ରଙ୍ଗ ବା ବିବରଣ ନାହିଁ । ସୁତରାଂ ତାଙ୍କର କାହା ସହିତ କଥା କହିବା ସମ୍ଭବ ନୁହେଁ ।

ପ୍ରଶ୍ନ-୧୧୧ : ମାନବ ଜାତିକୁ କିଏ ସୃଷ୍ଟି କରିଛନ୍ତି ଏବଂ ଆଦିମ ମାନବ କିପରି ବାସ କରୁଥିଲେ ?

ଉତ୍ତର : ବିବର୍ତ୍ତନ ମାଧ୍ୟମରେ ମାନବ ଜାତି ପୃଥିବୀକୁ ଆସିଛି ଅନେକ କୋଟି ବର୍ଷ ପୂର୍ବରୁ । ଆଦିମ ମାନବର ଈଶ୍ୱର ସମ୍ପର୍କରେ କୌଣସି ଜ୍ଞାନ ନ ଥିଲା ।

ଧାରଣା ନ ଥିଲା କିପରି ସବୁ କିଛିର ଆବର୍ତ୍ତନ ହୁଏ । ସେମାନେ ଗୋଷ୍ଠୀବଦ୍ଧ ହୋଇ ଜୀବନଯାପନ କରୁଥିଲେ । ସେମାନେ ପଶୁ ଶିକାର କରି, ଗଛରୁ ଫଳ ତୋଳି, ଅନ୍ୟର ଖାଦ୍ୟ ଓ ସମ୍ପଦ ଛଡ଼ାଇ ନେଉଥିଲେ, ଅନ୍ୟ ଗୋଷ୍ଠୀର ନାରୀ ଅପହରଣ କରୁଥିଲେ, ନୃଶଂସ ଜୀବନଯାପନ କରି ଗୁହାରେ ବାସ କରୁଥିଲେ ।

ପ୍ରଶ୍ନ-୧୧୨ : ଈଶ୍ୱର କେବେ ମାନବକୁ ଉଦ୍ଧାର କରିବାକୁ ଆସିଲେ ?

ଉତ୍ତର : ଈଶ୍ୱର ସୃଷ୍ଟିର ପ୍ରଥମରୁ ବିଦ୍ୟମାନ, ତେବେ ମଣିଷ ଅଜ୍ଞାନତା ପାଇଁ ତାଙ୍କୁ ଜାଣିପାରି ନାହାନ୍ତି । ଈଶ୍ୱର ଅନେକ ପ୍ରବର୍ତ୍ତକ ପଠାଇଛନ୍ତି, କିନ୍ତୁ ସେମାନେ ଅଧିକାଂଶ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରି ନାହାନ୍ତି । କାରଣ ଯୋଗାଯୋଗ କରିବା ପାଇଁ କୌଣସି ଭାଷା ନ ଥିଲା । ତାହା ବ୍ୟତୀତ ସେତେବେଳେ ଆଦିବାସୀମାନେ ଥିଲେ ଦୁର୍ଦ୍ଧର୍ଷ ଓ ଭୟାନକ । ସେମାନେ ସେମାନଙ୍କର ଦଳର ନେତା ବ୍ୟତୀତ ଅନ୍ୟ କାହାକୁ ମାନୁ ନ ଥିଲେ । ସେମାନଙ୍କର ଭୟ ଥିଲା ପ୍ରାକୃତିକ ଦୁର୍ଯୋଗର, ରୋଗର, ଭୟାନକ ଜନ୍ତୁଜାନୁଆରର ଏବଂ ଅନ୍ୟ ଦଳର । ସେମାନେ ଭାବୁଥିଲେ ଯେ, ସେମାନଙ୍କର ପ୍ରିୟ ଖାଦ୍ୟ ଯଦି ତ୍ୟାଗ କରାହୁଏ ବା ବଳି ଦାନ କରାହୁଏ ତାହା ହେଲେ ଏହି ସମସ୍ତ ପ୍ରାକୃତିକ ଦୁର୍ଯୋଗରୁ ତ୍ରାହି ମିଳିବ । ସେମାନେ ଭାବୁଥିଲେ ଭଗବାନ ହେଉଛନ୍ତି ଅଲୌକିକ କ୍ଷମତାସମ୍ପନ୍ନ କୌଣସି ରଜା ବା ଦଳୀୟ ସର୍ଦ୍ଦାର ଏବଂ ଏହିଭଳି ଅଳୀକ ଭଗବାନ ତାଙ୍କର ସମସ୍ତ ଅନୁସାରୀମାନଙ୍କ ନିକଟରୁ ସମ୍ପୂର୍ଣ୍ଣ ଆନୁଗତ୍ୟ ଦାବୀ କରୁଥିଲେ ଏବଂ ନିଜର ଆଧିପତ୍ୟର ସୁରକ୍ଷା ନିମିତ୍ତ କୌଣସି ସ୍ୱାଧୀନ ଆଲୋଚନା ସହ୍ୟ କରୁ ନ ଥିଲେ । ପ୍ରାୟ ୨୦,୦୦୦ ବର୍ଷ ପୂର୍ବେ ଈଶ୍ୱର ପୁଣି ମାନବର କଲ୍ୟାଣ ପାଇଁ ତିନିଜଣ ପ୍ରବର୍ତ୍ତକ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ପୃଥିବୀକୁ ପଠାଇଲେ । ସେମାନେ ଭାରତୀୟ ଉପମହାଦେଶରେ ମାନବ ଜାତିକୁ ଏକତ୍ରିତ କରି ସେମାନଙ୍କୁ ଜୀବନ ଯାତ୍ରାର ଐଶ୍ୱରୀୟ ଜ୍ଞାନ ଦାନ କରି ଧର୍ମପଥ ଦର୍ଶାଇଲେ । ସେମାନେ ବେଦ ଉପସ୍ଥାପିତ କଲେ । ସନାତନ

ଧର୍ମ ପ୍ରତିଷ୍ଠିତ ହେଲା ଏବଂ ମଣିଷ ପାଶବିକ ଜୀବନଯାପନରୁ ମୁକ୍ତିଲାଭ କଲା ।

ପ୍ରଶ୍ନ-୧୧୩ : ଉପଜାତୀୟ ଭଗବାନ ଏବଂ ଈଶ୍ୱରଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ?

ଉତ୍ତର : ଉପଜାତୀୟ ଭଗବାନ ବୋଇଲେ ଅଳୀକ ଭଗବାନ ବା କଳ୍ପନା । ସେମାନେ ଈର୍ଷାପରାୟଣ ରାଜନୈତିକ ନେତାଙ୍କ ପରି, ଯେଉଁମାନେ ଶପଥ କରନ୍ତି ଅନେକ ପ୍ରକାରର ଆଦର୍ଶମୂଳକ କାର୍ଯ୍ୟକରିବେ, କରନ୍ତି ଅନାଦର୍ଶମୂଳକ କାର୍ଯ୍ୟ ତାଙ୍କର ଅନୁଗାମୀ ମାନଙ୍କର ପ୍ରୟୋଜନ ପାଇଁ । ତେଣୁ ତାଙ୍କର ନେତୃତ୍ୱର ବିଶ୍ୱାସୀଙ୍କ ସଂଖ୍ୟା ଫୁଲିଉଠେ । ତାଙ୍କ ସ୍ୱପକ୍ଷ ବାହିନୀ ବିପକ୍ଷୀୟମାନଙ୍କୁ ମାରି, ବଳାତ୍କାର କରି, ଲୁଣ୍ଠନ କରି ଅଥବା ପ୍ରଲୋଭନ ଦେଖାଇ ବଶୀଭୂତ କରନ୍ତି ।

ପ୍ରକୃତ ଭଗବାନଙ୍କ ଅର୍ଥାତ୍ ଈଶ୍ୱରଙ୍କର ଭକ୍ତ ଈଶ୍ୱରଙ୍କ ବାଣୀ ପ୍ରତି ଶ୍ରଦ୍ଧାଶୀଳ ହୋଇ ଥାଆନ୍ତି ତାଙ୍କର ଏହି ପୃଥିବୀରେ ସଭ୍ୟ ଓ ସୁନ୍ଦର ଜୀବନଯାପନ ପାଇଁ । ସେମାନେ ସ୍ୱର୍ଗକୁ ଠିକ୍ ଓ ସଂକ୍ଷିପ୍ତ ପଥର ସନ୍ଧାନ ପାଆନ୍ତି । ଈଶ୍ୱର ବିଶ୍ୱାସୀଙ୍କ ସଂଖ୍ୟାବୃଦ୍ଧି ନିମିତ୍ତ କୌଣସି ରକମର ବଳ ପ୍ରୟୋଗ ବା ପ୍ରଲୋଭନର କୌଣସି ପ୍ରଚେଷ୍ଟା କରନ୍ତି ନାହିଁ ।

ପ୍ରଶ୍ନ-୧୧୪ : ଭୋଜ-ଉତ୍ସବ କଅଣ ? ଏହାର ଉପକାରିତା କଅଣ ?

ଉତ୍ତର : ଭୋଜ-ଉତ୍ସବ ଏକ ଧର୍ମୀୟ ସଂପ୍ରଦାୟର ପ୍ରୀତିଭୋଜନ । ଦିନସାରା ଉପବାସ ରହିବେ ପୂର୍ଣ୍ଣମୀ ଦିନ ଏବଂ ସେହି ରାତିରେ ଭୋଜ-ଉତ୍ସବ ହୁଏ । ଏହି ଭୋଜ-ଉତ୍ସବ ପାଳିତ ହୁଏ ପାଳି କରି ବନ୍ଧୁ, ଆତ୍ମୀୟ, ଶୁଭାକାଙ୍କ୍ଷୀ ଏବଂ ପରିଚିତ ବ୍ୟକ୍ତିଙ୍କ ମଧ୍ୟରେ । ମାସକରେ ଥରେ ଉପବାସ କରାହୁଏ ପୂର୍ଣ୍ଣମୀ ଦିନ ଦିନରେ । ଯେଉଁମାନେ ଭୋଜ-ଉତ୍ସବର ଆୟୋଜନ କରନ୍ତି ବା ଭାଗ ନିଅନ୍ତି, ସେମାନେ ସ୍ୱର୍ଗରେ ନିଶ୍ଚିତ ସ୍ଥାନ ପାଇବେ ଏବଂ ତାଙ୍କର ସନ୍ତାନ-ସନ୍ତତି ଓ ସମ୍ପଦକୁ ସୁରକ୍ଷିତ କରିବାର ବନ୍ଦୋବସ୍ତ ହେବ । ଏହା ସମସ୍ତ ହିନ୍ଦୁଙ୍କ ପାଇଁ ବାଧ୍ୟତାମୂଳକ । ଈଶ୍ୱରଙ୍କୁ

ଓ ମୃତ ପୂର୍ବପୁରୁଷମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ଖାଦ୍ୟ ଗ୍ରହଣ କରାଯାଏ । ବେଦରେ କୁହାଯାଇଛି ଭୋଜ-ଉତ୍ସବ ଯଜ୍ଞାନୁଷ୍ଠାନ ଠାରୁ ଅଧିକ ଶୁଭଫଳଦାୟୀ ।

ପ୍ରଶ୍ନ-୧୧୫ : ମୃତ୍ୟୁ ପରେ ବିଷୟ-ସମ୍ପତ୍ତି କିପରି ଭାବରେ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ବଣ୍ଟନ କରାହେବ ?

ଉତ୍ତର : ସମସ୍ତ ସମ୍ପଦର ସୃଷ୍ଟିକର୍ତ୍ତା ଓ ମାଲିକ ହେଉଛନ୍ତି ଈଶ୍ୱର । ମଣିଷ ତାହାର ବୁଦ୍ଧିବଳରେ ଏବଂ ବିଜ୍ଞାନର କୌଶଳ ଓ କଠିନ ପରିଶ୍ରମ ଦ୍ୱାରା ସମ୍ପଦ ବ୍ୟବହାର ଏବଂ ବୃଦ୍ଧି କରେ । ସେଥିପାଇଁ ତାହାର ମୃତ୍ୟୁ ପରେ ତାହାର ବଂଶଧରମାନଙ୍କର ସମ୍ପଦ ଉପରେ ଅଧିକାର ଥିଲେ ମଧ୍ୟ ତାହା ସୀମାବଦ୍ଧ । ମୃତ୍ୟୁ ପରେ ତାହାର ସମସ୍ତ ସମ୍ପତ୍ତିର ଅଧିକାରିଣୀ ସହଧର୍ମିଣୀ । ତାହାର ମୃତ୍ୟୁ ପରେ ତାହା ପାଇବେ ସନ୍ତାନମାନେ ସମାନ ଭାବରେ ଯେମିତି ବିଭାଜନ ପାଇଁ କୌଣସି ଅର୍ଥନୈତିକ ଅପବ୍ୟବହାର ନ ହୁଏ । ସାଧାରଣତଃ ଘରବାଡ଼ି ଜମି ଇତ୍ୟାଦି ସ୍ଥାବର ସମ୍ପତ୍ତି ପୁତ୍ରମାନଙ୍କ ମଧ୍ୟରେ ଓ ଅର୍ଥ ଅଳଙ୍କାରାଦି ଅସ୍ଥାବର ସମ୍ପଦ କନ୍ୟାମାନଙ୍କ ମଧ୍ୟରେ ବଣ୍ଟିତ ହେବ ।

କନ୍ୟାମାନେ ବିବାହ ପରେ ଅନ୍ୟ ପରିବାରର ଅଂଶଭୁକ୍ତ ହୁଅନ୍ତି, ତେଣୁ ସ୍ଥାବର ସମ୍ପତ୍ତି ଉପରେ ଅଧିକାର ରହେ ନାହିଁ । କିନ୍ତୁ କନ୍ୟା ଅବିବାହିତା ରହିଲେ ବା ବୈଧବ୍ୟ ଲାଭ କଲେ ସ୍ଥାବର ଉପରେ ମଧ୍ୟ ପୁତ୍ରମାନଙ୍କ ଭଳି ସମାନାଧିକାରିଣୀ ହେବେ ।

ଯଦି ସମତା ରକ୍ଷା କରିବା ସମ୍ଭବ ନ ହୁଏ ତାହାହେଲେ ସ୍ଥାବର ସମ୍ପତ୍ତିର ମୂଲ୍ୟମାନ ସ୍ଥିର କରି ସୁଷମବଣ୍ଟନ ହେବା ପରେ ସମ୍ପତ୍ତି ଭାଗ କରାଯିବ । କନ୍ୟାମାନଙ୍କୁ ଅର୍ଥ ଦିଆଯିବ ବିଷୟ ହସ୍ତାନ୍ତରିତ ହେବା ପୂର୍ବରୁ । ସମାଜର ପ୍ରବୀଣ ବ୍ୟକ୍ତିମାନଙ୍କର ବଣ୍ଟନ କାର୍ଯ୍ୟରେ ସାହାଯ୍ୟ ନିଆଯାଇ ପାରେ କୌଣସି ରକମର ବିତର୍କ ଏଡ଼ିଯିବା ପାଇଁ । ପରିବାରର କୌଣସି ସଦସ୍ୟ ଯଦି ତାହାର ଅଂଶ ବିକ୍ରୟ କରିବାକୁ ଚାହେଁ ତେବେ ପ୍ରଥମେ ବର୍ତ୍ତମାନ ଅଂଶୀଦାରମାନଙ୍କୁ ସେହି ଅଂଶ କିଣିବାର ସୁଯୋଗ ଦେବାକୁ ହେବ ।

ଅବଶେଷରେ ଦେଶର ଆଇନ ହେଲା ସର୍ବୋଚ୍ଚ ସଂସ୍ଥା ଯାହା ସମସ୍ତ ବିଷୟ-ସମ୍ପତ୍ତିର ବିତର୍କ ସମାଧାନ କରିବେ ।

ପ୍ରଶ୍ନ-୧୧୬ : କିପରି ଜଣେ ସତ୍ ଓ ଭଲ ହିନ୍ଦୁ ହୋଇ ପାରିବ ?

ଉତ୍ତର : କୌଣସି ବ୍ୟକ୍ତି ଯଦି ସତ୍ ଓ ଭଲ ହିନ୍ଦୁ ହେବାକୁ ଚାହାନ୍ତି ତେବେ ତାହାଙ୍କୁ ହିନ୍ଦୁ ଧର୍ମର ମୌଳିକ ନୀତି ପ୍ରତି ଶ୍ରଦ୍ଧାଶୀଳ ହେବାକୁ ହେବ ଏବଂ ଶପଥ ନେବାକୁ ହେବ ଯେ :

କ) ସ୍ତ୍ରୀ-ପୁରୁଷ ସମସ୍ତେ ସମାନ ଭାବରେ ଈଶ୍ୱରଙ୍କ ଭଲପାଇବା ଯେମିତି ପାଆନ୍ତି । ଜୀବନ ଭୋଗ କରିବାର ଅଧିକାର ସମସ୍ତଙ୍କର ସମାନ ।

ଖ) ଈଶ୍ୱର ପୃଥିବୀର ସମସ୍ତ ମଣିଷ, ଜୀବ ଏବଂ ପ୍ରକୃତି ସୃଷ୍ଟି କରିଛନ୍ତି । କୌଣସି ମଣିଷ ତାଙ୍କ ଇଚ୍ଛା ବିରୁଦ୍ଧରେ ବଞ୍ଚିପାରେ ନାହିଁ । ଈଶ୍ୱରଦ୍ରୋହୀକୁ ଯିଏ କ୍ଷମା କରେ ସେ ମୂର୍ଖ ।

ଗ) ଈଶ୍ୱର ସବୁ ଲୋକଙ୍କୁ ହାତ, ଗୋଡ଼, ଆଖି, କାନ ଇତ୍ୟାଦି ପ୍ରତ୍ୟଙ୍ଗ ଏବଂ ବିବେକ ବୁଦ୍ଧି ଦେଇଛନ୍ତି ସେମାନେ ଯେପରି ଏହାଦ୍ୱାରା କଠୋର ପରିଶ୍ରମ କରନ୍ତି ଏବଂ ନିଜ ଦାୟିତ୍ୱ ପାଳନ କରନ୍ତି । ମଣିଷ ଇହ ଜଗତରେ ସତ୍ ଭାବରେ ସହାନୁଭୂତିଶୀଳ ହୋଇ ସୁସ୍ଥ, ଶାନ୍ତିମୟ ଜୀବନଯାପନ କରି ନିଜକୁ ମୃତ୍ୟୁ ପରେ ସ୍ୱର୍ଗାରୋହଣ କରିବାର ଉପଯୁକ୍ତ ରୂପେ ଗଢ଼ି ତୋଳିବାକୁ ଚେଷ୍ଟା କରିବା ପ୍ରୟୋଜନ । (ଈଶ୍ୱର ଦାୟୀ ହୁଅନ୍ତି ନାହିଁ ମଣିଷର ପାପ ପୁଣ୍ୟ ପାଇଁ) ।

ଘ) ପ୍ରତ୍ୟେକଙ୍କର ଉଚିତ ସକାଳେ ଓ ସନ୍ଧ୍ୟାରେ ପ୍ରତିଦିନ ଦୁଇଥର ପନ୍ଦରଟି ମନ୍ତ୍ର ଉଚ୍ଚାରଣ କରିବା, ଅନ୍ତତଃ ଥରେ ଦଶମିନିଟ ପାଇଁ ପ୍ରାଣାୟାମ କରିବା ଏବଂ ପୂର୍ଣ୍ଣିମା ଦିନ ଦିନରେ ଉପବାସ ରହି ରାତିରେ ଭୋଜ-ଉତ୍ସବରେ ଯୋଗ ଦେବା ।

ଙ)	ସତ୍ କର୍ମରେ ସାହସୀ ହେବାକୁ ହେବ, ଭୀରୁତାକୁ ଘୃଣା କରିବାକୁ ହେବ ।

ଚ)	ଜୀବନର କୌଣସି ବିଷୟରେ ସିଦ୍ଧାନ୍ତ ନେବାର ପ୍ରୟୋଜନ ହେଲେ ଗୀତା ଓ ବେଦ ପାଠ କରି ତାହା ମଧ୍ୟରୁ ସମାଧାନ ଲାଭ କରିବାକୁ ଚେଷ୍ଟା କରିବାକୁ ହେବ ।

ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ନିଜ ନିଜର ବିଶ୍ୱାସକୁ ପ୍ରଚାର କରିବେ ଏବଂ ଆକ୍ରମଣକାରୀଙ୍କ ଦାଉରୁ ଧର୍ମକୁ ରକ୍ଷା କରିବେ, ସେମାନେ ନିଶ୍ଚୟ ସ୍ୱର୍ଗରେ ସୁଖ ଓ ଆନନ୍ଦରେ ବାସ କରିବେ ।

# ବୈଦିକ ହିନ୍ଦୁଧର୍ମ

ବେଦ କୌଣସି ପାପ ସ୍ୱୀକାର କରନ୍ତି ନାହିଁ, କେବଳ ଭ୍ରାନ୍ତିକୁ ସ୍ୱୀକାର କରନ୍ତି ଏବଂ ସର୍ବାପେକ୍ଷା ବଡ଼ ଭ୍ରାନ୍ତି, ବେଦଙ୍କ ମତରେ, ନିଜକୁ ଦୁର୍ବଳ ଓ ପାପୀ ମନେକରିବା ।

ବୈଦିକ ଧର୍ମ ଅଥବା ବେଦରେ ପ୍ରତିପାଦିତ ଧର୍ମ ପୃଥିବୀରେ ଯେତେ ଧର୍ମର କଥା ଜଣାଯାଏ, ତାହା ମଧ୍ୟରେ ପ୍ରାଚୀନତମ ଧର୍ମ । ଭାରତରେ ୧୪,୦୦୦ ଖ୍ରୀଷ୍ଟପୂର୍ବାବ୍ଦରୁ ବେଦର ଆବୃତ୍ତି ଚାଲି ଆସୁଛି । ଏହି ଧର୍ମ ପ୍ରାୟ ୨୦,୦୦୦ ବର୍ଷର ପ୍ରାଚୀନ । ସଭ୍ୟ ଜଗତରେ ଏହି ବେଦକଥିତ ଧର୍ମରୁ ସମସ୍ତ ଧର୍ମର ସୂତ୍ରପାତ । ବେଦଭିତ୍ତିକ ଏହି ଧର୍ମର ନାମ ସନାତନ ଧର୍ମ । ପରବର୍ତ୍ତୀ କାଳରେ ଏହାର ନାମ ହେଲା ହିନ୍ଦୁଧର୍ମ ଅଥବା ବୈଦିକ ହିନ୍ଦୁଧର୍ମ । ସନାତନ ଧର୍ମର ଅର୍ଥ ଚିରାଚରିତ ଜୀବନପନ୍ଥା ।

୩୫୦୦ ଖ୍ରୀଷ୍ଟପୂର୍ବାବ୍ଦ ପର୍ଯ୍ୟନ୍ତ ସନାତନ ଧର୍ମ ଅବିଘ୍ନିତ ଥିଲା । ଆନୁମାନିକ ୩,୫୦୦ ଖ୍ରୀଷ୍ଟପୂର୍ବାବ୍ଦରେ ଭାରତ ଉତ୍ତର ପଶ୍ଚିମ ସୀମାନ୍ତରୁ ଆଗତ ବିଦେଶୀ ଅଶ୍ୱାରୋହୀ ଦ୍ୱାରା ଆକ୍ରାନ୍ତ ହୁଏ । ସେମାନେ ଭାରତୀୟମାନଙ୍କ ସଭ୍ୟତାକୁ କହୁଥିଲେ ହିନ୍ଦୁ ଅର୍ଥାତ୍ ସିନ୍ଧୁ ନଦୀର ତୀରବର୍ତ୍ତୀ ଅଞ୍ଚଳର ସଭ୍ୟତା । ଶାସକମାନଙ୍କ ପ୍ରଦତ୍ତ ନାମଟି ସ୍ଥାୟୀ ହୋଇଗଲା ଏବଂ ସନାତନ ଧର୍ମ କାଳକ୍ରମେ ହିନ୍ଦୁଧର୍ମ ନାମରେ ପରିଚିତ ହେଲା ।

'ସନାତନ'ର ଅର୍ଥ ନିତ୍ୟ, ଚିରନ୍ତନ । 'ଧର୍ମ'ର ଅର୍ଥ ମାନବିକତାବାଦୀ ସତ୍‌ଜୀବନ । ଏହି ବିଦେଶୀମାନଙ୍କ ଦ୍ୱାରା ଭାରତ ଆକ୍ରମଣ ସମୟରୁ କଳିଯୁଗ ଆରମ୍ଭ ହୁଏ । ବେଦର ଗୁରୁତ୍ୱ ବିଜ୍ଞାନ ଭିତ୍ତିକ । କଳିଯୁଗରେ ବେଦ ସେହି ଗୁରୁତ୍ୱ ହରାଏ ଏବଂ ଆଚାର-ଅନୁଷ୍ଠାନ ସଂକ୍ରାନ୍ତ ସ୍ତୋତ୍ରଗୁଡ଼ିକର ଅନ୍ତର୍ଭୁକ୍ତି କାରଣରୁ କିୟତ୍ ପରିମାଣରେ ଅଶୁଦ୍ଧ ହୋଇପଡ଼େ ।

ବୈଦିକ ଧର୍ମ ଭାରତକୁ ତାହାର ବୈଜ୍ଞାନିକ ଓ ଦାର୍ଶନିକ ଭିତ୍ତି-ଭୂମିରେ ପ୍ରତିଷ୍ଠିତ କରେ ଏବଂ ଅତି ଉଚ୍ଚ ମାନବିକ ମୂଲ୍ୟବୋଧ ଓ ସର୍ବଜୀବପ୍ରତି ମମତ୍ୱ ବୋଧ ଦାନ କରେ । ବେଦର ଶକ୍ତି ନିହିତ ତାହାର ଆଲୌକିକ କ୍ଷମତା ମଧ୍ୟରେ ।

ଯେଉଁମାନେ ନିୟମିତ ବେଦ ଆବୃତ୍ତି କରନ୍ତି ସେମାନଙ୍କର ପରିବାର ଓ ସ୍ୱଜନବର୍ଗର ବ୍ୟାଧିର ନିରାମୟ ହୁଏ, ଘରେ ଏକ ଅଦୃଶ୍ୟ ଐଶ୍ୱରିକ ନିରାପତ୍ତାର ବଳୟ ସୃଷ୍ଟି ହୁଏ । ଆଜି ପର୍ଯ୍ୟନ୍ତ ଅନେକ ପରୀକ୍ଷା-ନିରୀକ୍ଷା କରି ଏହାର ସତ୍ୟତାର ପ୍ରମାଣ ମିଳିଛି, କିନ୍ତୁ ଏହି ଅଲୌକିକ ଘଟଣାର କୌଣସି ବ୍ୟାଖ୍ୟା ମିଳି ନାହିଁ ।

ପ୍ରକାଶ୍ୟ ସ୍ଥାନରେ ବହୁ ଲୋକଙ୍କର ଏକତ୍ର ବେଦ ଆବୃତ୍ତି ଅନେକ ମୃତ୍ୟୁପଥଯାତ୍ରୀ

ରୋଗୀଙ୍କୁ ଜୀବନଦାନ କରିଛି । ହିନ୍ଦୁମାନଙ୍କର ବିଶ୍ୱାସ, ନିୟମିତ ବେଦ ଆବୃତ୍ତି ଓ ବେଦର ଉକ୍ତି ପାଳନ ଦ୍ୱାରା ଜୀବନର ସର୍ବକ୍ଷେତ୍ରରେ ସାଫଲ୍ୟ ଓ ଶାନ୍ତି ଲାଭ ହୁଏ ।

ବୈଦିକ ଧର୍ମର ପତନ ଘଟେ ଆନୁମାନିକ ୩୫୦୦୦ ଖ୍ରୀଷ୍ଟପୂର୍ବାବ୍ଦରେ ଯେତେବେଳେ ଏସିଆମାଇନର, ୟୁରୋପ ଏବଂ ପାରସ୍ୟରୁ ଆକ୍ରମଣକାରୀମାନେ ସିନ୍ଧୁ ନଦର ଅବବାହିକା ଅଞ୍ଚଳ ଆକ୍ରମଣ କରନ୍ତି । ଇରାନର ଧର୍ମ ଉପରେ ବେଦର ପ୍ରଭାବ ଜରଥୁସ୍ତ୍ରୀୟମାନଙ୍କ ଠାରୁ ମଧ୍ୟ ପ୍ରାଚୀନ । ସେମାନଙ୍କ ଦର୍ଶନ ସହିତ ବୈଦିକ ଭାରତର ଧର୍ମର ଅନେକ ସାଦୃଶ୍ୟ ଦେଖାଯାଏ ।

ମୂଳ ବେଦସମୂହ ଥିଲେ ଏକେଶ୍ୱରବାଦୀ, ବଳପୂର୍ବକ ସେଥିରେ ଇରାନର ସୂର୍ଯ୍ୟ ଏବଂ ଇନ୍ଦ୍ରପୂଜା ଓ ପଶୁବଳି ପ୍ରଥାର ମିଶ୍ରଣ କରା ହୋଇଛି । ଧାର୍ମିକ ଧ୍ୟାନ-ଧାରଣାର ଆଦାନ-ପ୍ରଦାନ ଫଳରେ ବିଦେଶୀମାନେ ଭାରତର ସ୍ୱର୍ଣ୍ଣଭଣ୍ଡାରର ଏବଂ ଐଶ୍ୱର୍ଯ୍ୟର ସନ୍ଧାନ ପାଇ ଆକ୍ରମଣକାରୀ ରୂପେ ଭାରତକୁ ଆଗମନ କରନ୍ତି । ସେମାନଙ୍କର ଧର୍ମ ଓ ଲୋକାଚାର ସେମାନେ ଭାରତରେ ସ୍ଥାନୀୟ ଅଧିବାସୀମାନଙ୍କ ଉପରେ ଜୋରକରି ଚପାଇଦେଲେ ।

ସ୍ଥାନୀୟ ଅଧିବାସୀମାନଙ୍କୁ ସେମାନେ ସାମାଜିକ ଓ ମାନସିକ ଭାବରେ ଧର୍ଷଣ କରି ବିକଳାଙ୍ଗ ଓ ଦମନ କରନ୍ତି । ଭାରତୀୟମାନେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଅହିଂସା ଓ ଶାନ୍ତିପୂର୍ଣ୍ଣ ଅବସ୍ଥାନରେ ବିଶ୍ୱାସୀ । ଦୁର୍ଭାଗ୍ୟବଶତଃ ଭାରତୀୟମାନେ ଶୃଙ୍ଖଳାବୋଧ, ସମରବିଦ୍ୟା ଏବଂ ଆତ୍ମରକ୍ଷାକୁ କେବେହେଲେ ଗୁରୁତ୍ୱ ଦେଇ ନାହାନ୍ତି । ତାହା ଫଳରେ ସେମାନେ ସବୁଦିନ ପାଇଁ ଦୁର୍ବଳ ହୋଇପଡ଼ିଲେ ଓ ଆକ୍ରମଣର ଶିକାର ହେଲେ ।

ଆକ୍ରମଣକାରୀମାନେ ବେଦର ଅଧିକ ଅଂଶ ପୋଡ଼ିଦେଲେ । ଅବଶିଷ୍ଟ ଅଂଶ ସହିତ ଦେଶୀ ଓ ବିଦେଶୀମାନଙ୍କର ରଚନାସମୂହ ମିଶ୍ରିତ କରି ଦିଆଗଲା ସେହି ବେଦ ବର୍ତ୍ତମାନ ଅନୁଶୀଳନ କରାଯାଏ । ଏହି ସମସ୍ତ ଲେଖା ବୈଚିତ୍ର୍ୟପୂର୍ଣ୍ଣ ଏବଂ ବେଦର ଉତ୍ପତ୍ତି ସଂକ୍ରାନ୍ତ ସୁଦୀର୍ଘ ବିବରଣ । ବେଦର ସ୍ତୋତ୍ରସମୂହ ଈଶ୍ୱର ପ୍ରଥମରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ଦେଇଥିଲେ ଏବଂ ଏହି ବିଷୟରେ ସମସ୍ତେ ଏକମତ ଯେ ଋଷିଗଣଙ୍କ ନିକଟରେ ତାହା ପ୍ରକାଶ କରାଯାଇଥିଲା ଶତସହସ୍ର ବର୍ଷ ଧରି । ବେଦ ମୁଖସ୍ଥ କରି ଋଷିଗଣ ତାହା ସ୍ମୃତିରେ ରଖୁଥିଲେ । ବେଦର ଆଧିପତ୍ୟ ଥିଲା ୧୮,୦୦୦ ଖ୍ରୀଷ୍ଟପୂର୍ବାବ୍ଦରୁ ୧,୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ । ତାହା ପରେ ହଠାତ୍ ଏକ ଶୂନ୍ୟତାର ସୃଷ୍ଟି ହୁଏ । ଆଜି ଆମେ ଯେଉଁ ବେଦ ପାଉଁ, ତାହା ଜର୍ମାନ ଏବଂ ବ୍ରିଟିଶମାନଙ୍କ ଲିଖିତ ଏବଂ ସେଥିରେ କେବଳ ଆଚାର-ଅନୁଷ୍ଠାନର କଥା ରହିଛି । ମୂଳବେଦ ବର୍ତ୍ତମାନ ମଧ୍ୟ କେତେକ ଋଷି ଧରି ରଖିଛନ୍ତି ।

ବୈଦିକ ବିଦ୍ୟାଳୟଗୁଡ଼ିକର ଉତ୍‌ଥାନ ଓ ପତନର ସମୟ ନିଶ୍ଚିତରୂପେ ନିର୍ଣ୍ଣୟ କରି

ହୁଏ ନାହିଁ । ପ୍ରଚଳିତ ଧାରଣାନୁଯାୟୀ କେତେ ଶହ ବୈଦିକ ବିଦ୍ୟାଳୟର ନାମ ମିଳେ, କିନ୍ତୁ ଅଳ୍ପ କେତୋଟି ବ୍ୟତୀତ ସେଗୁଡ଼ିକର କଥା କିଛି ଜଣାଯାଏ ନାହିଁ । କେବଳ ଅଳ୍ପ କେତୋଟିର ତଥାକଥିତ ରଚନା ଅବଶିଷ୍ଟ ଅଛି, ଯେମିତି ତୈତରେୟ ଓ ସଂଖ୍ୟାୟନ, ଋଗ୍‌ବେଦ ଏବଂ ଅପସ୍ତମ୍ଭ ଓ ଯଜୁର୍ବେଦୀୟ ଧାରା ଇତ୍ୟାଦି । ସର୍ବାପେକ୍ଷା ପ୍ରାଚୀନ ରଚନାଗୁଡ଼ିକ ସର୍ବାପେକ୍ଷା ମୂଲ୍ୟବାନ । ସେହିଗୁଡ଼ିକ ହେଲା ଚାରିଟି ସଂହିତା, ଯାହାକୁ ବେଦ କୁହାଯାଏ । ବ୍ୟାପକତର ଅର୍ଥରେ ବେଦ ବୋଇଲେ ପରବର୍ତ୍ତୀ ରଚନାର ସମଗ୍ର ଓ ଅଂଶବିଶେଷକୁ ମଧ୍ୟ ବୁଝାଏ । କାରଣ ସେହିଗୁଡ଼ିକର ଭିତ୍ତି ଥିଲା ଚାରିଟି ସଂହିତାରୁ କୌଣସି ଗୋଟିଏ । ଚାରିଟି ବେଦର ନାମ ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ ।

'ଋଗ୍‌ବେଦ' 'କାବ୍ୟର ବେଦ' ସଂହିତାଗୁଡ଼ିକ ମଧ୍ୟରେ ପ୍ରାଚୀନତମ । ପ୍ରାୟ ୧,୦୦୦ ସ୍ତୋତ୍ର ଈଶ୍ୱର ନିବେଦିତ ଏବଂ 'ଓଁ' ଦ୍ୱାରା ଚିହ୍ନିତ । ଅଧିକାଂଶ ସ୍ତୋତ୍ର ପ୍ରତ୍ୟକ୍ଷ ଅଥବା ପରୋକ୍ଷଭାବରେ ଏକ ଈଶ୍ୱରଙ୍କ କଥା ହିଁ କହେ, କିନ୍ତୁ ସାଧାରଣ ଭାବରେ ଆଚାର ଅନୁଷ୍ଠାନ ସହିତ ତାହାର ସମ୍ପର୍କ ଦୂରୀଭୂତ । ଈଶ୍ୱରଙ୍କୁ ଉପଲବ୍ଧି କରିବା ପାଇଁ ରଚିତ ଋଗ୍‌ବେଦର ବିଭିନ୍ନ ସୂକ୍ତ ।

'ସାମବେଦ' ପ୍ରାୟ ସାମଗ୍ରିକ ଭାବରେ ଋଗ୍‌ବେଦରୁ ଆହୃତ । ସଙ୍ଗୀତର ସ୍ୱରଲିପି ସହିତ ଈଶ୍ୱରଙ୍କ ବାଣୀ ଆକର୍ଷଣୀୟ ଓ ପ୍ରୀତିପଦ ଭାବରେ ସର୍ବସାଧାରଣଙ୍କ ମଧ୍ୟରେ ପ୍ରଚାର ଉଦ୍ଦେଶ୍ୟରେ ରଚିତ । ଏହା ମନ୍ତ୍ରର ବେଦ ।

'ଅଥର୍ବ' ବେଦର ବିଷୟ ପ୍ରଧାନତଃ ବ୍ୟକ୍ତିଗତ ସମ୍ପର୍କସମୂହ । ବିବିଧ ଆଚାର ଅନୁଷ୍ଠାନ ସମ୍ପର୍କ ସମ୍ବଳିତ ବେଦ ହେଉଛି 'ଯଜୁର୍ବେଦ' ।

କଳାନୁକ୍ରମିକ ଧାରାରେ ଏହାର ପାଠ ସମ୍ଭବତଃ 'ବ୍ରାହ୍ମଣ'ର ଟୀକାସମୂହ । 'ବ୍ରାହ୍ମଣ' କୌଣସି ବର୍ଣ୍ଣ ସମ୍ପର୍କିତ ନୁହେଁ, ଏହା ଏକ ଗ୍ରନ୍ଥର ନାମ । ସେହିଗୁଡ଼ିକ ଆବୃତ୍ତି ଉଦ୍ଦେଶ୍ୟରେ ରଚିତ । ଏଗୁଡ଼ିକ ଗଦ୍ୟ ରଚନା, ବିଭିନ୍ନ ବେଦରୁ ସଂକଳିତ, ବିଭିନ୍ନ ବେଦର ସୂତ୍ରଗୁଡ଼ିକ ଏବଂ ଆଚାର ଅନୁଷ୍ଠାନର ବ୍ୟାଖ୍ୟା ହିସାବରେ ରଚିତ ।

'ଆରଣ୍ୟକ' ଗୁଡ଼ିକ ୧୨,୦୦୦ ଖ୍ରୀଷ୍ଟପୂର୍ବାବ୍ଦରେ ରଚିତ । ସେଗୁଡ଼ିକ ଗୁହା ଜୀବନ ଓ ଅତିପ୍ରାକୃତ ଚରିତ୍ର ପାଇଁ ଅରଣ୍ୟ ମଧ୍ୟରେ ଅଧ୍ୟୟନ ପାଇଁ ରଚିତ । ସେଗୁଡ଼ିକ ମଧ୍ୟରେ ପ୍ରଧାନତଃ ରହିଛି ବିଭିନ୍ନ ଖଣ୍ଡ ଓ ଆଚାର ଅନୁଷ୍ଠାନର ପ୍ରତୀକୀ ବ୍ୟାଖ୍ୟା । ସର୍ବଶେଷରେ ସର୍ବାପେକ୍ଷା ମୂଲ୍ୟବାନ ଉପନିଷଦସମୂହ ୧୬,୦୦୦-୧,୦୦୦ ଖ୍ରୀଷ୍ଟପୂର୍ବାବ୍ଦ ସମୟରେ ରଚିତ । ସର୍ବସାଧାରଣଙ୍କ ବୋଧଗମ୍ୟ ପାଇଁ ଉପଦେଶମୂଳକ କାହାଣୀ ଓ କଥୋପକଥନ

ମାଧ୍ୟମରେ ପ୍ରଦତ୍ତ ଦାର୍ଶନିକ ଚିନ୍ତାର ସଂକ୍ଷିପ୍ତ ସାର ସମନ୍ୱିତ ଏହି ଉପନିଷଦସମୂହ । ବୈଦିକ ଉପନିଷଦର ସଂଖ୍ୟା ତେର ।

ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ ସମୂହକୁ 'ଶ୍ରୁତି' ନାମରେ ଅଭିହିତ କରାହୁଏ । ତା'ର ଅର୍ଥ ରଚନାଗୁଡ଼ିକ ଦୈବ ପ୍ରେରିତ ଶ୍ରୁତି ଅଂଶ । ଆଶ୍ଚର୍ଯ୍ୟର ବିଷୟ, ବେଦର ଆବୃତ୍ତି ଅଲୌକିକ କ୍ଷମତା ଦାନ କରେ, କିନ୍ତୁ ଆଜିଯାଏ ଏହାର ବୈଜ୍ଞାନିକ ବ୍ୟାଖ୍ୟା ମିଳି ନାହିଁ । ଉଲ୍ଲେଖଯୋଗ୍ୟ ବିଷୟ ଏହା ଯେ, ହଜାରରୁ ଅଧିକ ବର୍ଷ ଭାରତବାସୀ ବିଦେଶୀ ବିଧର୍ମୀ ଶାସନର ଅଧୀନ ଥିଲେ । ବୈଦିକ ଭାରତ ସନାତନ ଧର୍ମ ଅର୍ଥାତ୍ ହିନ୍ଦୁଧର୍ମର ବିଶ୍ୱାସୀ ହୋଇ ରହିଯାଇଛି । ଅନ୍ୟ ଅନେକ ଦେଶ ଆକ୍ରମଣକାରୀମାନଙ୍କର ଧର୍ମର ଚାପ ସହ୍ୟ କରି ନ ପାରି ଧର୍ମାନ୍ତରିତ ହୋଇଛନ୍ତି । ବେଦର ଶିକ୍ଷା ଭାରତବାସୀମାନଙ୍କୁ ଅବିଚଳ ରହିବାର ଐଶ୍ୱରିକ ବଳ ଦାନ କରିଛି । କୌତୂହଳୀ ବ୍ୟକ୍ତିମାନଙ୍କର ପାଠ, ଉପଲବ୍ଧି ଓ ଆବୃତ୍ତି ପାଇଁ କେତେକ ଉପଯୋଗୀ ବୈଦିକ ସ୍ତୋତ୍ର ଏହି ଗ୍ରନ୍ଥରେ ସନ୍ନିବେଶିତ ହେଲା ।

# ବେଦର ଶ୍ଲୋକ

वेदोऽखिलो धर्ममूलम् ॥1॥

ବେଦୋ ଖିଳୋ-ଧର୍ମମୂଳମ୍ ।
ବେଦସମୂହ ଅଖିଳ ବିଶ୍ୱର ସମସ୍ତ ଧର୍ମର ମୂଳ ।

मधु मे जिह्वायां दधातु परमेश्वर ।
येनाऽहं सर्वप्रियः सर्वजनेभ्यः भूयासम् ॥2॥

ମଧୁ ମେ ଜିହ୍ୱାୟାଂ ଦଧାତୁ ପରମେଶ୍ୱର
ଯେନାହଂ ସର୍ବପ୍ରିୟଃ ସର୍ବଜନେଭ୍ୟଃ ଭୂୟାନମ୍ ।

ଆଲୋକର ଦେବତା ! ମୋତେ ମଧୁମୟତାରେ ପୂର୍ଣ୍ଣ କର ଯେମିତି ମୁଁ ଜନସମଷ୍ଟିକୁ ବେଦର ଅପରୂପ ବାଣୀ ଶୁଣାଇପାରେ ।

नासदासीन्नो सदासीत् तदानीं नासीद्रजो नो व्योमा परो यत् ।
किमावरीवः कुह कस्य शर्मन्नम्भः किमासीद् गहनं गभीरम् ॥
न मृत्युरासीदमृतं न तर्हि न रात्रया अह्न आसीत् प्रकेतः ।
आनीदवातं स्वधया तदेकं तस्माद्धान्यन्न परः किं चनास ॥
तम आसीत् तमसा गूळ्हमग्रे ऽप्रकेतं सलिलं सर्वमा इदम् ।
तुच्छ्येनाभ्वपिहितं यदासीत् तपसस्तन्महिनाजायतैकम् ॥3॥

ନାସଦାସୀନ୍ନୋ ସଦାସୀତ୍ ତଦାନୀଂ ନାସୀଦ୍ରଜୋ ନୋ ବ୍ୟୋମାପରୋ । ଯତ୍ ।
କିମାବରୀବଃ କୁହ କସ୍ୟ ଶର୍ମନ୍ନମ୍ଭଃ କିମାମୀଦ୍ ଗହନଂ ଗଭୀରମ୍ ॥
ନ ମୃତ୍ୟୁରାସୀଦମୃତଂ ନ ତର୍ହି ନ ରାତ୍ରୟା ଅହ୍ନ ଆସୀତ୍ ପ୍ରକେତଃ ।
ଆନୀଦବାତଂ ସ୍ୱଧୟା ତଦେକଂ ତସ୍ମାଦ୍ଧାନ୍ୟନ୍ନ ପରଃ କିଂ ଚନାସଃ ॥
ତମଃ ଆସୀତ୍ ତମସା ଗୂହ୍ୟମଗ୍ରେ ଅପ୍ରକେତମ୍ ସଲିଲଂ ସର୍ବମା ଇଦମ୍ ।
ତୁଚ୍ଛୟେନାଭ୍ୱପିହିତଂ ଯଦାସୀତ୍ ତପସସ୍ତନ୍ମହିନାଜାୟତୈକମ୍ ॥

ସେହି ସମୟରେ ଅସ୍ତିତ୍ୱ ଥିଲା ନାହିଁ, ଅନସ୍ତିତ୍ୱ ମଧ୍ୟ ଥିଲା ନାହିଁ । ବାୟୁ ଥିଲା ନାହିଁ, ଆକାଶ ଥିଲା ନାହିଁ । ଅତଳ ଗଭୀର ଜଳରାଶି ଥିଲା ନାହିଁ, ମୃତ୍ୟୁ ଥିଲା ନାହିଁ, ଅମରତ୍ୱ ମଧ୍ୟ ଥିଲା ନାହିଁ, ଦିବସ ଥିଲା ନାହିଁ, ରାତ୍ରି ମଧ୍ୟ ଥିଲା ନାହିଁ । ଏକମାତ୍ର ସେହି ପୁରୁଷ ଥିଲେ, ତାଙ୍କ ବ୍ୟତୀତ ଆଉ କିଛି ନ ଥିଲା । ସବୁକିଛି ଅନ୍ଧାର ଓ ଶୂନ୍ୟ ଥିଲା । ପରେ

ବାୟବୀୟ ପଦାର୍ଥରେ ଆଚ୍ଛନ୍ନ ହେଲା । ତାହାପରେ ସୃଷ୍ଟି ହେଲା ଅବିଚ୍ଛିନ୍ନ ଜଳରାଶି । ସେହି ପୁରୁଷ ଉତ୍‌ଥିତ ହେଲେ, ଯିଏ ସର୍ବଶକ୍ତିମାନ ।

यत्राग्निश्चन्द्रमा: सूर्यो वातस्तिष्ठन्त्यार्पिता:
स्कम्भं तं ब्रूहि कतम: स्विदेव स:
यस्य त्रयस्त्रिंशद्देवा अङ्गे सर्वे समाहिता: ॥4॥

ଯତ୍ରାଗ୍ନିଶ୍ଚନ୍ଦ୍ରମାଃ ସୂର୍ଯ୍ୟୋ ବାତସ୍ତିଷ୍ଠନ୍ତ୍ୟର୍ପିତାଃ
ସ୍କମ୍ଭଂ ତଂ ବ୍ରୁହି କତମଃ ସ୍ୱିଦେବ ସଃ
ଯସ୍ୟ ତ୍ରୟସ୍ତ୍ରିଂଶଦ୍ଦେବା ଅଙ୍ଗେ ସର୍ବେ ସମାହିତା

ବିଶ୍ୱକୁ କିଏ ଧାରଣ କରି ଅଛନ୍ତି ? କିଏ ସେହି ଏକମାତ୍ର ପୁରୁଷ ଯାହାଙ୍କ ଉପରେ ଅଗ୍ନି, ଚନ୍ଦ୍ରମା, ସୂର୍ଯ୍ୟ ଏବଂ ବାତ ସ୍ଥିତ ? ଈଶ୍ୱରଙ୍କ ପ୍ରତିଫଳିତ ମହିମା ମଧ୍ୟରେ ନିହିତ ସର୍ବ ଦେବତା, ତାଙ୍କ ପ୍ରକାଶର ବୈଚିତ୍ର୍ୟ ସ୍ୱରୂପ ।

पुण्डरीकं नवद्वारं त्रिभिगुरोभिरावृतम् ।
तस्मिन् यद् यक्षमात्मन्वत् तद् वै ब्रह्मविदो विदु: ॥5॥

ପୁଣ୍ଡରୀକଂ ନବଦ୍ୱାରଂ ତ୍ରିଭିର୍ଗୁଣୈରାବୃତମ୍ ।
ତସ୍ମିନ୍ ଯଦ୍ ଯକ୍ଷମାତ୍ମନ୍ୱତ୍ ତଦ୍ ବୈ ବ୍ରହ୍ମବିଦୋ ବିଦୁଃ ॥

ମଣିଷର ଦେହ ଯେମିତି ନବଦଳପଦ୍ମ । ଏହାର ନଅଟି ନିର୍ଗମ ଦ୍ୱାର । ସତ୍ୟ, ରଜ ଓ ତମ ତିନି ଗୁଣ । ବେଦାଧ୍ୟୟନକାରୀମାନେ ସେ ବିଷୟରେ ଅବଗତ । ଏହି ତିନି ଗୁଣ ସମସ୍ତ ମଣିଷ ମଧ୍ୟରେ ଅଳ୍ପାଧିକ ରହିଛି । ବକ୍ଷ ମଧ୍ୟରେ ପଦ୍ମଭଳି ରହିଛି ହୃଦୟ, ସେଠାରେ ଈଶ୍ୱର ବାସ କରନ୍ତି ।

ईश्वर: परमैकस्वरूप: ॥
स नित्य: सर्वव्यापी विभुरनादिरनन्तश्च स निराकारो निरूपो वर्णनातीतो निष्कम्पश्च ।
क्वचित् शब्दरूपेण स आत्मानं प्रकाशयति स विधाता
कारणानां कारणं तथा सर्वशक्तिमान् तदिच्छापुरणाय कस्यापि सहायस्य प्रयोजनं न वर्तते
यतो द्वितीय: कोऽपि नास्ति ॥6॥

ଈଶ୍ୱରଃ ପରମୈକସ୍ୱରୂପଃ
ସ ନିତ୍ୟଃ ସର୍ବବ୍ୟାପୀ ବିଭୁରନାଦିରନନ୍ତଶ୍ଚ ସ ନିରାକାରୋ
ନିରୂପୋ ବର୍ଣ୍ଣନାତୀତୋ ନିଷ୍କମ୍ପଶ୍ଚ ।
କ୍ୱଚିତ୍ ଶବ୍ଦ ରୂପେଣ ସ ଆତ୍ମାନଂ ପ୍ରକାଶୟତି ସ ବିଧାତା

କାରଣାନାଂ କାରଣଂ ତଥା ସର୍ବଶକ୍ତିମାନ୍ ତଦିଚ୍ଛାପୂରଣାୟ କସ୍ୟାପି ସହାୟସ୍ୟ
ପ୍ରୟୋଜନଂ ନ ବର୍ତ୍ତତେ ।
ଯତୀ ଦ୍ୱିତୀୟଃ କୋ ପି ନାସ୍ତି ।

ଈଶ୍ୱର ହିଁ ଏକମାତ୍ର ପୁରୁଷ । ସେ ସର୍ବାତୀତ, ସର୍ବବ୍ୟାପୀ, ଅନାଦି-ଅନନ୍ତ, ତାଙ୍କର ରୂପ ନାହିଁ, ବର୍ଣ୍ଣ ନାହିଁ, ସେ ଅବର୍ଣ୍ଣନୀୟ । କେବେ କେବେ ସେ ବାକ୍ୟ ରୂପରେ ବ୍ୟକ୍ତ ହୁଅନ୍ତି । ସେ ସ୍ରଷ୍ଟା, ସମସ୍ତ କାରଣର କାରଣ । ସେ ସର୍ବଶକ୍ତିମାନ, ତାଙ୍କର ଇଚ୍ଛା ପୂରଣ ପାଇଁ ଅଧୀନସ୍ଥ କୌଣସି ସହକାରୀର ପ୍ରୟୋଜନ ହୁଏ ନାହିଁ ।

केचित् तत्सायुज्यं लभन्ते, केचिच्च विरहेण वियुज्यन्ते ।
तस्येच्छया सर्वं घटते, तेन विना कः कार्यकरणे समर्थः ? ॥7॥
କେଚିତ୍ ତତ୍‌ସାୟୁଜ୍ୟଂ ଲଭନ୍ତେ, କେଚିଚ୍ଚ ବିରହେଣ ବିୟୁଜ୍ୟନ୍ତେ ।
ତସ୍ୟେଚ୍ଛୟା ସର୍ବଘଟତେ, ତେନ ବିନା କଃ କାର୍ଯ୍ୟକରଣେ ସମର୍ଥଃ ?

କେହି କେହି ତାଙ୍କର ସ୍ୱରୂପ ଉପଲବ୍ଧି କରନ୍ତି, କେହି ଅଜ୍ଞାନତା ମଧ୍ୟରେ ଜୀବନ ବାହିତ କରି ବିଦାୟ ଗ୍ରହଣ କରନ୍ତି । ତାହାଙ୍କୁ ଉପଲବ୍ଧି କରିବାର ଚେଷ୍ଟା ଥିଲେ ଇଚ୍ଛା ପୂର୍ଣ୍ଣ ହୁଏ । ଅନ୍ୟ କେହି କରି ପାରେ କି ?

स वा एष महानज आत्माऽजरोऽमरोऽमृतोऽभयो
ब्रह्माभयं वै ब्रह्म भवति य एवं वेद ॥8॥
ସ ବା ଏସ ମହାନଜ ଆତ୍ମା ଅଜରୋ ଅମରୋ ଅମୃତୋ ଭୟୋ
ବ୍ରହ୍ମାଭୟଂ ବୈ ବ୍ରହ୍ମ ଭବତି ଯ ଏବଂ ବେଦ ।

ଆତ୍ମା ନିରାକାଙ୍କ୍ଷା, ତାଙ୍କର କୌଣସି ଅଭାବ ନାହିଁ । ତାଙ୍କର ମୃତ୍ୟୁ ଭୟ ନାହିଁ । ଆତ୍ମାର ବୟସ ହୁଏ ନାହିଁ । ସେ ମୃତ୍ୟୁହୀନ, ଚିର ଯୌବନର ଅଧିକାରୀ । ଯିଏ ଏହା ଉପଲବ୍ଧି କରିଛନ୍ତି, ସେ ନିର୍ଭୀକ ସାହସୀ ହେବେ ।

एक एवास्ति नापरो विश्वभुवनस्य स्रष्टा ।
पालयिता च संहर्त्ता च पुनरपि सृजनाय तत्
एतदेव दिव्यत्वमीशस्य भास्वत् वर्चसममेयम् ॥9॥
ଏକ ଏବାସ୍ତି ନା ପରୋ ବିଶ୍ୱଭୁବନସ୍ୟ ସ୍ରଷ୍ଟା
ପାଲୟିତା ଚ ସଂହର୍ତ୍ତା ଚ ପୁନରପି ସୃଜନାୟ ତତ୍
ଏତଦେବ ଦିବ୍ୟତ୍ୱମୀଶସ୍ୟ ଭାସ୍ୱତ୍ ବର୍ଚସମମେୟମ୍ ॥

ଏକମାତ୍ର ଈଶ୍ୱର ହିଁ ସେହି ପୁରୁଷ ଯିଏ ବିଶ୍ୱର ସୃଷ୍ଟିକର୍ତ୍ତା ଏବଂ ସମୟରେ ବିଶ୍ୱକୁ ବିନାଶ କରନ୍ତି, ପୁଣି ନୂଆ ଏକ ବିଶ୍ୱ ସୃଷ୍ଟି କରନ୍ତି । ସେ ହିଁ ସମସ୍ତ କର୍ତ୍ତୃତ୍ୱମୟ ଈଶ୍ୱର ।

ईश्वरस्तस्यैव दूतरूपेण पृथिव्यां प्रेरयति देवान्
तस्माच्च प्रभवति मङ्गलं समासेनेह मनुष्यमंण्डले ॥10॥

ଈଶ୍ୱରସ୍ତସ୍ୟୈବ ଦୂତରୂପେଣ ପୃଥିବ୍ୟାଂ ପ୍ରେରୟତି ଦେବାନ୍
ତସ୍ମାଚ୍ଚ ପ୍ରଭବତି ମଙ୍ଗଳଂ ସମାସେନେହ ମନୁଷ୍ୟମଣ୍ଡଳେ ॥

ଈଶ୍ୱର ମାନବର ମଙ୍ଗଳ ପାଇଁ ବିଶ୍ୱର ବିଭିନ୍ନ ସ୍ଥାନରେ ଦୂତ ହିସାବରେ ମାନବରୂପୀ ଦେବତାମାନଙ୍କୁ ପ୍ରେରଣ କରନ୍ତି । ଏହି ଦେବତାମାନେ ମଣିଷକୁ ଉନ୍ନତ ଓ ମାନବିକ ଜୀବନ ଯାପନର ପଥ ଦେଖାନ୍ତି ।

यथाकामं वा उत्तिष्ठन् वा अनन्यमनसा स्तूयमानश्च भगवन्तं
सायं प्रातश्च स्व–समाजेन सार्धं
प्रार्थनां कुर्वीताहर्निशं भगवत्–सकाशम् ॥
प्रार्थनया क्षीयते सर्वपापं प्राप्स्यते च स्वर्गं
भुयिष्ठं परिमार्जनेन लौहमलं यथा प्रयाति
अयश्च भवति परिशुद्धम् ॥11॥

ଯଥାକାମଂ ବା ଉତ୍ତିଷ୍ଠନ୍ ବା ଅନନ୍ୟମନସା ସ୍ତୂୟମାନଶ୍ଚ ଭଗବନ୍ତମ୍
ସାୟଂ ପ୍ରାତଶ୍ଚ ସ୍ୱ-ସମାଜେନ ସାର୍ଦ୍ଧମ୍
ପ୍ରାର୍ଥନାଂ କୁର୍ବିତାହର୍ନିଶଂ ଭଗବତ୍-ସକାଶମ୍ ॥
ପ୍ରାର୍ଥନୟା କ୍ଷୀୟତେ ସର୍ବପାପଂ ପ୍ରାପସ୍ୟତେ ଚ ସ୍ୱର୍ଗମ୍
ଭୁୟିଷ୍ଠ ପରିମାର୍ଜନେନ ଲୌହମଳଂ ଯଥା ପ୍ରୟାତି
ଅୟଶ୍ଚ ଭବତି ପରିଶୁଦ୍ଧମ୍ ॥

ପ୍ରାତଃ ଓ ସାୟଂକାଳରେ ସ୍ୱ-ସମ୍ପ୍ରଦାୟ ସହିତ ଦଣ୍ଡାୟମାନ ଅବସ୍ଥାରେ ଅନନ୍ୟ ମନରେ ଈଶ୍ୱରଙ୍କ ପ୍ରଶସ୍ତି ଉଚ୍ଚାରଣ କର । ଏହି ପ୍ରଶସ୍ତି ହିଁ ସ୍ୱର୍ଗ ଲାଭର ଉପାୟ, ଯେମିତି ପରିମାର୍ଜନାରେ କଳଙ୍କ ଦୂର ହୁଏ, ପ୍ରାର୍ଥନାରେ ପାପ ଧୌତ ହୋଇଯାଏ ।

सर्वेऽत्र जन्मना अमृतस्य पुत्रा अपापविद्धाश्च ते ।
क्वचित् कल्मषं च कृत्वा केचिदात्मानं क्लेदयन्ति ॥12॥

ସର୍ବେ ତ୍ର ଜନ୍ମନା ଅମୃତସ୍ୟ ପୁତ୍ରା ଅପାପବିଦ୍ଧାଶ୍ଚ ତେ ।
କ୍ୱଚିତ୍ କଲ୍ମଷଂ ଚ କୃତ୍ୱା କେଚିଦାତ୍ମାନଂ କ୍ଲେଦୟନ୍ତି ॥

ଜୀବମାତ୍ରେ ହିଁ ନିଷ୍ପାପ ଅବସ୍ଥାରେ ଅମୃତର ପୁତ୍ର ହୋଇ ଜନ୍ମ ଗ୍ରହଣ କରେ, ତାହାର ମୌଳିକ ଶୁଦ୍ଧତା ଜୀବିତାବସ୍ଥାରେ ଅକ୍ଷତ ଥାଏ, ଯଦି ବି ସାମୟିକ ଭାବରେ ନିଜ କର୍ମଫଳ ଦ୍ୱାରା ମାଳିନ୍ୟ ତାହାକୁ ଗ୍ରାସ କରେ ।

उच्चो वा नीचो वा न कोऽपि जनः ।
न च नितरां पापकृन् न वा पवित्रस्वरूपः ॥
ईश्वरकरुणया कश्चित् महत्त्वं लभते ।
तदिच्छया ऋद्धश्च जायते कश्चित्,
श्रमेण तु कश्चिदभ्येति पदमुन्नतम् ॥13॥

ଉଚ୍ଚୋ ବା ନୀଚୀ ବା ନ କୋ ପି ଜନଃ ।
ନ ଚ ନିତରାଂ ପାପକୃନ୍ ନ ବା ପବିତ୍ରସ୍ୱରୂପଃ ॥
ଈଶ୍ୱରକରୁଣୟା କଶ୍ଚିତ୍ ମହତ୍ୱଂ ଲଭତେ ।
ତଦିଚ୍ଛୟା ଋଦ୍ଧଶ୍ଚ ଜାୟତେ କଶ୍ଚିତ୍, ଶ୍ରମେଣ ତୁ କଶ୍ଚିଦଭ୍ୟେତି ପଦମୁନ୍ନତମ୍ ॥

କୌଣସି ମଣିଷ ଉଚ୍ଚ ନୁହେଁ, କେହି ନୀଚ ନୁହେଁ, କେହି ଘୃଣିତ ପାପୀ ନୁହେଁ, କେହି ପୁଣ୍ୟାତ୍ମା ନୁହେଁ । ପରିଶ୍ରମ ଦ୍ୱାରା ଈଶ୍ୱରଙ୍କ କରୁଣାରେ ମହତ୍ୱ ଲାଭହୁଏ । ତାଙ୍କର କୃପାରେ କେହି ଜନ୍ମସୂତ୍ରରେ ଉନ୍ନତିଲାଭ କରେ, କାହାକୁ ସେଥିପାଇଁ ପରିଶ୍ରମ କରିବାକୁ ହୁଏ ।

यत्र यत्र मे मनो गच्छति दृश्यते प्रभुम् ।
तस्य कृपां विना न कोऽपि मुक्तिमर्हति ॥14॥

ଯତ୍ର ଯତ୍ର ମେ ମନୋ ଗଚ୍ଛତି ଦୃଶ୍ୟତେ ପ୍ରଭୁମ୍ ।
ତସ୍ୟ କୃପାଂ ବିନା ନ କୋ ପି ମୁକ୍ତିମର୍ହତି ॥

ଯେଉଁ ଦିଗକୁ ଦୃଷ୍ଟିପାତ କରେଁ ଈଶ୍ୱରଙ୍କ ସୃଷ୍ଟି ଦେଖିବାକୁ ପାଏଁ । ତାଙ୍କର କରୁଣା ବ୍ୟତୀତ କେହି ମୁକ୍ତିଲାଭ କରେ ନାହିଁ ।

अक्लेशेन वै सम्भवति ईश्वरस्य गुणकीर्तनम्,
तद्गुणानां च निरूपणं तु क्लेशकरमेव प्रतीयते ।
गुरोः कृपया एव तज् ज्ञानमेवाधिगम्यते ॥15॥

ଅକ୍ଲେଶେନ ବୈ ସମ୍ଭବତି ଈଶ୍ୱରସ୍ୟ ଗୁଣକୀର୍ତ୍ତନମ୍
ତଦ୍‌ଗୁଣାନାଂ ଚ ନିରୂପଣଂ ତୁ କ୍ଲେଶକରମେବ ପ୍ରତୀୟତେ ।
ଗୁରୋଃ କୃପୟା ଏବ ତଜ୍ ଜ୍ଞାନମେବାଧିଗମ୍ୟତେ ॥

ଈଶ୍ୱରଙ୍କ ଗୁଣକୀର୍ତ୍ତନ କରିବା ସହଜ, ତାଙ୍କର ରହସ୍ୟର ଗଭୀରତାର ପରିମାପ କରିବା ଦୁଃସାଧ୍ୟ । ଗୁରୁଙ୍କ କୃପାରେ ଯଦି ଅନ୍ତରରେ ତାଙ୍କର ଉପଲବ୍ଧି ଜନ୍ମ ହୁଏ, ଫଳଲାଭ ସହଜରେ ହୁଏ ।

वेनस्तत्पश्यन्निहितं गुहा सद्यत्र विश्वं भवत्येकनीडम् ।
यस्मिन्निदं सं च विचैति सर्वं स ओतः प्रोतश्च विभूः प्रजासु ॥16॥
ବେନସ୍ତତ୍‌ପଶ୍ୟନ୍ୱିଶ୍ୱା ଭୁବନାନି ବିଦ୍ୱାନ୍ ଯତ୍ର ବିଶ୍ୱ ଭବତ୍ୟେକନୀଡ଼ମ୍ ।
ଯସ୍ମିନ୍ନିଦଂ ସଂ ଚ ବିଚୈତି ଓତଃପ୍ରୋତଶ୍ଚ ପ୍ରଜାସୁ ॥

ଯାହା ଯାହା ବିଚରଣ କରେ, ଯାହା ସ୍ଥିର ରହେ, ଯାହା ଚାଲେ, ଯାହା ସନ୍ତରଣ କରେ, ଯାହା ଉଡ଼େ ସେହି ସମସ୍ତଙ୍କର ପ୍ରଭୁ ସେହି ଈଶ୍ୱର । ଈଶ୍ୱରଙ୍କ ଦ୍ୱାରା ବିଶ୍ୱ ଐକ୍ୟବଦ୍ଧ, ତାହାଙ୍କ ନିକଟରୁ ସବୁକିଛିର ଉତ୍ପତ୍ତି ।

अमोघाशिषस्तस्मिन्नेव सदैव सन्ति परमेश्वरस्य ।
यो जानाति दुःखत्रयजर्जरो मनुष्येह संसारे ॥
स एव ज्ञातुमर्हति दुःखत्रयस्य हेतवश्च परानिवृत्तेरुपायश्च तस्य
स वै विजानाति संसारसागरस्य गहनं रहस्यम् ॥17॥
ଅମୋଘାଶିଷସ୍ତସ୍ମିନ୍ନେବ ସଦୈବ ସନ୍ତି ପରମେଶ୍ୱରସ୍ୟ ।
ଯୋ ଜାନାତି ଦୁଃଖତ୍ରୟଜର୍ଜରୋ ମନୁଷ୍ୟେହ ସଂସାରେ ॥
ସ ଏବ ଜ୍ଞାତୁମର୍ହତି ଦୁଃଖତ୍ରୟସ୍ୟ ହେତବଶ୍ଚ ପରା-ନିବୃତ୍ତେରୁପାୟଶ୍ଚ ତସ୍ୟ
ସ ବୈ ବିଜାନାତି ସଂସାର ସାଗରସ୍ୟ ଗହନଂ ରହସ୍ୟମ୍ ॥

ଈଶ୍ୱର ତାହାଙ୍କୁ ଆଶୀର୍ବାଦ କରନ୍ତି, ଯିଏ ଦୁଃଖର ଅସ୍ତିତ୍ୱ, ତାହାର କାରଣ ଓ ଅବସାନର ପଥ ଉପଲବ୍ଧି କରିପାରନ୍ତି । ପାର୍ଥିବ ଜୀବନଯାପନର ଯଥାର୍ଥ ପଥ ସେ ଜ୍ଞାତ ହୋଇଛନ୍ତି ।

वेदपठनं, पुरोहितेभ्यो दानं, यज्ञस्तापशीतादिकैरात्मपीड़नम्
अमृतत्वलाभाय तपश्चरणमित्यादिकं मोहग्रस्तं परिशुद्धं न करोति ॥18॥

ବେଦପଠନଂ, ପୁରୋହିତେଭ୍ୟୋ ଦାନଂ ଯଜ୍ଞସ୍ତାପଶୀତାଦିକୈରାତ୍ମପୀଡ଼ନମ୍
ଅମୃତତ୍ୱଲାଭାୟ ତପଶ୍ଚରଣମିତ୍ୟାଦିକଂ ମୋହଗ୍ରସ୍ତଂ ପରିଶୁଦ୍ଧଂ ନ କରୋତି ॥

ଯାହାର ମନର କ୍ଲେଦ ଦୂର ହୋଇ ନାହିଁ, ବେଦ ଅଧ୍ୟୟନ, ପୁରୋହିତକୁ ଅର୍ଘ୍ୟ ଦାନ, ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଯଜ୍ଞ, ତାପ ଓ ଶୈତ୍ୟଦ୍ୱାରା ଆତ୍ମନିପୀଡ଼ନ ଏବଂ ଅମରତ୍ୱ ଲାଭ ଉଦ୍ଦେଶ୍ୟରେ କୃଚ୍ଛ୍ରସାଧନ ଇତ୍ୟାଦି ତାହାଙ୍କୁ ଶୁଦ୍ଧତା ଦାନ କରେ ନାହିଁ ।

श्रद्धया पूजितो वै ईश्वरोऽस्मत्प्रार्थनां पूरयति ।
हे प्रियतम! तवैव सुरक्षाश्रितानां श्रुभैषणां च गृहाण ॥19॥
ଶ୍ରଦ୍ଧୟା ପୂଜିତୋ ବୈ ଈଶ୍ୱରୋଽସ୍ମତ୍ ପ୍ରାର୍ଥନାଂ ପୂରୟତି ।
ହେ ପ୍ରିୟତମ ! ତବୈବ ସୁରକ୍ଷାଶ୍ରିତାନାଂ ଶ୍ରୁଭୈଷଣାଂ ଚ ଗୃହାଣ ॥

ଶ୍ରଦ୍ଧାର ସହିତ ଈଶ୍ୱରଙ୍କ ପୂଜା କଲେ, ଈଶ୍ୱର ଭକ୍ତର ପ୍ରତ୍ୟେକ ପୂଜା ଗ୍ରହଣ କରନ୍ତି । ହେ ପ୍ରିୟତମ ଈଶ୍ୱର, ଭକ୍ତର ସମସ୍ତ ସଦିଚ୍ଛା ଗ୍ରହଣ କରନ୍ତୁ ।

अन्तश्चारन्ति मनसि कामास्तेभ्यो उदितानि
सर्वाणि न्चेष्टितानि कर्माणि इहलोके ॥
एतान् कामान् विलोक्यते विधात्रा ईशलोके
नराणां शुभाशुभ-कर्मफल-विधानकाले ॥
तीक्ष्णभाषणरताश्च ये ये चातिदर्पपरायणाः
तेषां कृते स्वर्गो भवति पराङ्मुखः सर्वदा ॥20॥
ଅନ୍ତଶ୍ଚରନ୍ତି ମନସି କାମାସ୍ତେଭ୍ୟୋ ଉଦିତାନି
ସର୍ବାଣି ଚେଷ୍ଟିତାନି କର୍ମାଣି ଇହଲୋକେ ॥
ଏତାନ୍ କାମାନ୍ ବିଲୋକ୍ୟତେ ବିଧାତ୍ରା ଈଶଲୋକେ
ନରାଣାଂ ଶୁଭାଶୁଭ-କର୍ମଫଳ-ବିଧାନକାଳେ ॥
ତୀକ୍ଷ୍ଣଭାଷଣରତାଶ୍ଚ ଯେ, ଯେ ଚାତିଦର୍ପପରାୟଣାଃ
ତେଷାମ୍ କୃତେ ସ୍ୱର୍ଗୀ ଭବତି ପରାଙ୍ମୁଖଃ ସର୍ବଦା ॥

ଈଶ୍ୱରଙ୍କ ରାଜତ୍ୱରେ ସମସ୍ତ କର୍ମର ବିଚାର ହୁଏ ମନର ଅନ୍ତର୍ନିହିତ ଉଦ୍ଦେଶ୍ୟର ବିବେଚନାରେ । ଯିଏ ଆତ୍ମମ୍ଭରୀ, କଥାବାର୍ତ୍ତାରେ ଉଗ୍ର, ସେ ସ୍ୱର୍ଗରେ ପ୍ରବେଶ କରିପାରେ ନାହିଁ ।

नायमात्मा प्रवचनेन लभ्यो न मेधया न बहुना श्रुतेन ।
यमेवैष वृणुते तेन लभ्यस्तस्यैष आत्मा विवृणुते तनूं स्वाम् ॥21॥
ନାୟମାତ୍ମା ପ୍ରବଚନେନ ଲଭ୍ୟଃ ନ ମେଘୟା ନ ବହୁଧା ଶ୍ରୁତେନ ।
ୟମେବୈଷ ବୃଣୁତେ ତେନ ଲଭ୍ୟସ୍ତସୈଷ ଆତ୍ମା ବିବୃଣୁତେ ତନୁଂ ସ୍ୱାମ୍ ॥

ଈଶ୍ୱରଙ୍କୁ ଯୁକ୍ତି ଦ୍ୱାରା ଲାଭ କରି ହୁଏ ନାହିଁ । ଯୁଗଯୁଗାନ୍ତରର ଯୁକ୍ତି ପ୍ରୟୋଗରେ ମଧ୍ୟ ସେ ଲଭ୍ୟ ନୁହନ୍ତି । ବିଶ୍ୱାସ ଓ ଭଲପାଇବା ଦ୍ୱାରା ସେ ସହଜ ଲଭ୍ୟ ।

शुभैषणा सत्यमक्रोधश्च शुद्धता सत्यवादिता
प्रेम–दयादिगुणैरन्विताश्च ये जनाः ईश्वरस्तेषां प्रसीदति ॥22॥

ସୁଭେଷଣା ସତ୍ୟମକ୍ରୋଧଶ୍ଚ ଶୁଦ୍ଧତା ସତ୍ୟବାଦିତା
ପ୍ରେମ-ଦୟାଦୟୋ ଗୁଣୈରନ୍ୱିତାଶ୍ଚ ୟେ ଜନାଃ ଈଶ୍ୱରସ୍ତେଷାଂ ପ୍ରସୀଦତି ।

ସଦିଚ୍ଛା, ପ୍ରେମ, ଶୁଦ୍ଧତା, ସତ୍ୟବାଦିତା ଓ ଦୟାଦି ଗୁଣ ଯାହାଙ୍କ ଚରିତ୍ରରେ ବିଦ୍ୟମାନ, ଈଶ୍ୱର ତାହାଙ୍କୁ ପସନ୍ଦ କରନ୍ତି ।

यावन्नैव आस्था ईश्वरे भवति पूर्णा
तावन्नाकपृष्ठं च भवति सुदुस्तरम् ।
सा आस्था च तावन्न याति पूर्णतां यावदास्तिकेषु न जायते प्रीतिः ॥23॥

ଯାବନ୍ନୈବ ଆସ୍ଥା ଈଶ୍ୱରେ ଭବତି ପୂର୍ଣ୍ଣା
ତାବନ୍ନାକପୃଷ୍ଠଂ ଚ ଭବତି ସୁଦୁସ୍ତରମ୍
ସା ଆସ୍ଥା ଚ ତାବନ୍ନ ୟାତି ପୂର୍ଣ୍ଣତାଂ ଯାବଦାସ୍ତିକେଷୁ ନ ଜାୟତେ ପ୍ରୀତିଃ ॥

ବିଶ୍ୱାସ ନ ଥିଲେ ତୁମେ ସ୍ୱର୍ଗରେ ପ୍ରବେଶ କରି ପାରିବ ନାହିଁ ଏବଂ ତୁମର ବିଶ୍ୱାସ ସମ୍ପୂର୍ଣ୍ଣ ହେବ ନାହିଁ ଯେତେଦିନ ପର୍ଯ୍ୟନ୍ତ ତୁମେ ଈଶ୍ୱରବିଶ୍ୱାସୀମାନଙ୍କୁ ଭଲ ପାଉ ନାହଁ ।

प्रतिनियतं प्रार्थनां कुर्वीत सदा तदर्थभावनया सह ।
ततो वै दृश्यते भगवदुद्भासं भाग्यश्रीश्च भवति प्रसन्ना ॥24॥

ପ୍ରତିନିୟତଂ ପ୍ରାର୍ଥନାଂ କୁର୍ବୀତ ସଦା ତଦର୍ଥ ଭାବନୀୟା ସହ ।
ତତୋ ବୈଦୃଶ୍ୟତେ ଭଗବଦ୍ଭୁଭାସଂ ଭାଗ୍ୟଶ୍ରୀଶ୍ଚ ଭବତି ପ୍ରସନ୍ନା ॥

ନିୟମିତ ପ୍ରାର୍ଥନା ଅବ୍ୟାହତ ରଖ, କାରଣ ଭାଗ୍ୟ ତାହା ପ୍ରତି ସୁପ୍ରସନ୍ନ ହୁଏ, ଈଶ୍ୱର ଜ୍ୟୋତି ଯାହା ନିକଟରେ ଉନ୍ମୋଚିତ ହୁଏ ।

दर्शन–गणितशास्त्रपारगानां भगवत्–प्रेषितमहाजनानां
प्रतिबोधसुकरं तु भगवत्–सृष्टिरहस्यं गहनं गभीरम् ॥
यश्च यस्य धर्ममार्गस्ततः प्रतीपगमनमीश्वरस्यासहनीयम् ॥25॥

ଦର୍ଶନ-ଗଣିତ ଶାସ୍ତ୍ରପାରଗାନାଂ ଭଗବଦ୍-ପ୍ରେଷିତମହାଜନାନାମ୍
ପ୍ରତିବୋଧସୁକରଂ ତୁ ଭଗବଦ୍-ସୃଷ୍ଟିରହସ୍ୟଂ ଗହନଂ ଗଭୀରମ୍ ।
ୟଶ୍ଚ ୟସ୍ୟ ଧର୍ମମାର୍ଗଃ ତତଃ ପ୍ରତୀପଗମନମୀଶ୍ୱରସ୍ୟାସହନୀୟମ୍ ॥

ଦାର୍ଶନିକ, ଗଣିତଜ୍ଞ ଓ ଦେବଗଣ ଈଶ୍ୱରଙ୍କ ସୃଷ୍ଟିର ଗଭୀରତ୍ୱ ସହଜରେ ଉପଲବ୍ଧି କରି ପାରୁଥିଲେ । ଧର୍ମର ପଥରୁ ଚ୍ୟୁତି ଈଶ୍ୱର ସହ୍ୟ କରନ୍ତି ନାହିଁ ।

पापरहिताश्च भूत्वा श्रद्धया सेवामहे ईश्वरं नित्यम् ।
महान् वै ईश्वरो धीहीनानां धियं यः प्रचोदयति ॥
तद्वदिहलोके वर्त्तते यः प्राज्ञो धी-सम्पत्समृद्धः ।
स एव नयेत् सुपथा यावदल्पज्ञान् जनान् पृथिव्याम् ॥26॥

ପାପରହିତାଶ୍ଚ ଭୂତ୍ୱା ଶ୍ରଦ୍ଧୟା ସେବାମହେ ଈଶ୍ୱରଂ ନିତ୍ୟମ୍ ।
ମହାନ ବୈ ଈଶ୍ୱରୋ ଧୀ-ହୀନାନାଂ ଧିୟଂ ଯଃ ପ୍ରଚୋଦୟତି ॥
ତଦ୍‌ବଦିହଲୋକେ ବର୍ତ୍ତତେ ଯଃ ପ୍ରାଜ୍ଞୋ ଧୀ ସମ୍ପତ୍ ସମୃଦ୍ଧଃ ।
ସ ଏବ ନୟେତ୍ ସୁପଥା ଯାବଦି ଲ୍ପଜ୍ଞାନ୍ ଜନାନ୍ ପୃଥିବ୍ୟାମ୍ ॥

ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତଜନ ଭଳି ମୁଁ ସେବାପରାୟଣ । ପାପମୁକ୍ତ ହୋଇ ଆମେ ଯେମିତି ଈଶ୍ୱରଙ୍କ ସେବା କରି ପାରୁଁ । ଈଶ୍ୱର ଅବହେଳା ଓ ବୁଦ୍ଧିବିକାର ଦେଖିଲେ ଅପ୍ରସନ୍ନ ହୁଅନ୍ତି । ମହାନ ଈଶ୍ୱର ବୁଦ୍ଧିହୀନର ବୁଦ୍ଧି ଜାଗ୍ରତ କରନ୍ତୁ । ଜ୍ଞାନୀବ୍ୟକ୍ତିର ଉଚିତ ଈଶ୍ୱର ପ୍ରଦର୍ଶିତ ପଥ ଅନୁସରଣ କରିବା ପାଇଁ ଅଳ୍ପଜ୍ଞାନୀ ବ୍ୟକ୍ତିଙ୍କୁ ଉଜ୍ଜୀବିତ କରିବା ।

ईश्वरस्य महद् दानं विवेको विद्यते नृणाम् ।
तस्मादधिकतरं समर्थसाधनमिष्टतरं वा न किंचनास्ति
तत्त्वबोधाय सम्यक् ॥27॥

ଈଶ୍ୱରସ୍ୟ ମହଦ୍‌ଦାନଂ ବୀବେକୋ ବିଦ୍ୟତେ ନୃଣାମ୍ ।
ତସ୍ମାଦଧିକତରଂ ସମର୍ଥସାଧନମିଷ୍ଟତରଂ ବା ନ କିଞ୍ଚନାସ୍ତି
ତତ୍ତ୍ୱବୀଧାୟ ସମ୍ୟକ୍ ॥

ମଣିଷକୁ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ଦାନ ବିଚାରବୁଦ୍ଧି । ବିଚାରବୁଦ୍ଧିଠାରୁ ସର୍ବାଙ୍ଗ ସୁନ୍ଦର ଓ କାଙ୍କ୍ଷନୀୟ ଅନ୍ୟ କିଛି ନାହିଁ । ବିଚାରବୁଦ୍ଧି ମାଧ୍ୟମରେ ମଣିଷ ବୁଝେ କେଉଁଟା ସତ୍ୟପଥ ଏବଂ କେଉଁଟା ମିଥ୍ୟା ।

नगत एव धरामेति, नगश्च प्रतिगच्छति ।
यद् दैवविहितं कर्म तत्तु साध्यं प्रयत्नतः ॥28॥

ନଗ୍ନ ଏବ ଧରାମେତି, ନଗ୍ନଶ୍ଚ ପ୍ରତିଗଛତି ।
ଯଦ୍‌ଦୈବ ବିହିତମ୍ କର୍ମ ତତ୍ତ୍ୱ ସାଧ୍ୟଂ ପ୍ରଯତ୍ନତଃ ॥

ମଣିଷ ପୃଥିବୀକୁ ଆସେ ନଗ୍ନ ଅବସ୍ଥାରେ, ବିଦାୟ ମଧ୍ୟ ନିଏ ନଗ୍ନ ହୋଇ । ଯତ୍ନ ସହକାରେ କର୍ମ କରିବାକୁ ହେବ ଲଲାଟ ଲିପି (ଈଶ୍ୱର ଲିପି) ଅନୁଯାୟୀ ।

स एव सुखी सदैव यः स्वार्थपरतामत्येति सर्वशः
सत्यं तेनैव लब्धं शान्तिः शाश्वती तेनैव चाप्ता ॥29॥

ସ ଏବ ସୁଖୀ ସଦୈବ ଯଃ ସ୍ୱାର୍ଥପରତାମତ୍ୟେତି ସର୍ବଶଃ
ସତ୍ୟଂ ତେନୈବ ଲବ୍ଧଂ ଶାନ୍ତିଃ ଶାଶ୍ୱତି ତେନୈବ ଚାପ୍ତା ॥

ସେହି ବ୍ୟକ୍ତି ସୁଖୀ ଯିଏ ସମସ୍ତ ପ୍ରକାରର ସ୍ୱାର୍ଥପରତାକୁ ଜୟ କରିଛନ୍ତି, ଶାନ୍ତିଲାଭ କରିଛନ୍ତି, ସତ୍ୟର ସନ୍ଧାନ ପାଇଛନ୍ତି ।

जीवनं यथाप्तं तदेव वरेण्यमिति विचिन्त्य
गतासूनां च पूरणशक्यं धर्मानुगं यस्य जीवितम् ।
जरया पीड्यमानोऽपि यस्तामभिनन्दति च
तेनैव लभ्यं भगवत्-प्रसादं दीर्घमायुश्नोति ध्रुवम् ॥30॥

ଜୀବନଂ ଯଥାପ୍ତଂ ତମେବ ବରେଣ୍ୟମିତି ବିଚିନ୍ତ୍ୟ
ଗତାସୂନାଂ ଚ ପୂରଣଶକ୍ୟଂ ଧର୍ମାନୁଗମଂ ଯସ୍ୟ ଜୀବିତମ୍ ।
ଜରୟା ପୀଡ୍ୟମାନୋ ପି ଯସ୍ତାମଭିନନ୍ଦତି ଚ
ତେନୈବ ଲଭ୍ୟଂ ଭଗବଦ୍-ପ୍ରସାଦଂ ଦୀର୍ଘମାୟୁଶ୍ନେତି ଧ୍ରୁବମ୍ ॥

ଜୀବନକୁ କର୍ମମୟ କରିନିଅ, ବାର୍ଦ୍ଧକ୍ୟକୁ ସ୍ୱାଗତ କର, ମୃତ୍ୟୁକର୍ତ୍ତୃକ ସୃଷ୍ଟ ଶୂନ୍ୟତା ପୂର୍ଣ୍ଣ କରିବା ପାଇଁ ନବ ପ୍ରଜନ୍ମକୁ ସାହାଯ୍ୟ କର । ଈଶ୍ୱର ତୁମ୍ଭମାନଙ୍କୁ ଦୀର୍ଘ ଓ ସୁସ୍ଥ ଜୀବନ ଦାନ କରିବେ ।

ये विश्वासनिर्वाहं कुर्वन्ति स्ववचनात् कदापि न प्रविचलन्ति
ईश्वरनाम्ना कृतां प्रतिज्ञां निर्वाहयन्ति ते वै विश्वास–परायणाः ॥31॥

ଯେ ବିଶ୍ୱାସନିର୍ବାହଂ କୁର୍ବନ୍ତି ସ୍ୱବଚନାତ୍ କଦାପି ନ ପ୍ରବିଚଳନ୍ତି
ଈଶ୍ୱରନାମ୍ନା କୃତାଂ ପ୍ରତିଜ୍ଞା ନିର୍ବାହୟନ୍ତି ତେ ବୈ ବିଶ୍ୱାସ-ପରାୟଣାଃ ॥

ସେହିମାନେ ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ଯେଉଁମାନେ ନ୍ୟସ୍ତଦାୟିତ୍ୱ ପାଳନ କରନ୍ତି, ଯେଉଁମାନଙ୍କ କଥାର କୌଣସି ଚ୍ୟୁତି ହୁଏ ନାହିଁ, ଦେଇଥିବା ପ୍ରତିଶ୍ରୁତି ଈଶ୍ୱରଙ୍କ ପ୍ରତି କର୍ତ୍ତବ୍ୟ ଜ୍ଞାନରେ ପାଳନ କରନ୍ତି ।

प्रीतिं विना भगवद्भक्तेषु श्रद्धा नैव परिपूर्यते
श्रद्धां विना नूनं भवति स्वर्गप्रवेशो दुष्करः ॥32॥

ପ୍ରୀତିଂ ବିନା ଭଗବଦ୍‌ଭକ୍ତେଷୁ ଶ୍ରଦ୍ଧା ନୈବ ପରିପୂର୍ଯତି
ଶ୍ରଦ୍ଧାଂବିନା ନୂନଂ ଭବତି ସ୍ୱର୍ଗ ପ୍ରବେଶଦୁଷ୍କର ॥

ଈଶ୍ୱରଙ୍କୁ ଭକ୍ତି ନ କଲେ ସ୍ୱର୍ଗରେ ପ୍ରବେଶ କରି ପାରିବ ନାହିଁ, ଭକ୍ତି ସମ୍ପୂର୍ଣ୍ଣ ହେବ ନାହିଁ ଈଶ୍ୱର ସୃଷ୍ଟ ସମସ୍ତଙ୍କୁ ଭଲ ନ ପାଇଲେ ।

यदा सन्तोषमाप्नोति सत्कार्येण असत्कार्येण क्लिश्यति
तदैव हि भवेन्नरः सत्यं सत्यमीश्वरास्थितः ॥33॥

ଯଦା ସନ୍ତୋଷମାପ୍ନୋତି ସତ୍‌କାର୍ଯ୍ୟତା ଅସତ୍‌କାର୍ଯଣ କ୍ଲିଶ୍ୟତି
ତଦୈବ ହି ଭବେନ୍ନରଃ ସତ୍ୟଂ ସତ୍ୟମୀଶ୍ୱରାସ୍ଥିତଃ ॥

ତୁମର ଭଲକାର୍ଯ୍ୟ ଯେବେ ତୁମକୁ ଆନନ୍ଦିତ କରେ ଏବଂ ତୁମର ମନ୍ଦକାର୍ଯ୍ୟ ଯେବେ ତୁମକୁ ଦୁଃଖିତ କରେ, ସେତେବେଳେ ତୁମେ ଈଶ୍ୱରଙ୍କ ଯଥାର୍ଥ ଅନୁଗତ ।

अन्नं यो ददाति बुभुक्षितेभ्यः पीडितानां भवति सहायकः
दुःखार्त्तान् समाश्लिष्यति तस्यैव ईशः प्रसीदति ॥34॥

ଅନ୍ନଂ ଯୋ ଦଦାତି ବୁଭୁକ୍ଷିତେଭ୍ୟଃ ପୀଡ଼ିତାନାଂ ଭବତି ସହାୟକଃ
ଦୁଃଖାର୍ତ୍ତାନ୍ ସମାଶ୍ଳିଷ୍ୟତି ତସୈବ ଈଶଃ ପ୍ରସୀଦତି ॥

ଯେତେବେଳେ ତୁମେ ଜଣେ ମଣିଷର ହୃଦୟକୁ ଆନନ୍ଦିତ କର, ବୁଭୁକ୍ଷୁକୁ ଅନ୍ନଦାନ କର, ଆର୍ତ୍ତକୁ ସାହାଯ୍ୟ କର, ପୀଡ଼ିତର ଦୁଃଖ ଲାଘବ କର, ଅତ୍ୟାଚାରିତ ପ୍ରତି କୃତ

ଅନ୍ୟାୟର ଅବସାନ କର, ସେତେବେଳେ ଈଶ୍ୱର ପ୍ରସନ୍ନ ହୁଅନ୍ତି ।

क्षन्तव्याः सर्वजीवाश्च नापि शप्तव्या अरातयश्च ।
एवं ये मन्यन्ते तेषां प्रसीदति केशवः ॥35॥

କ୍ଷନ୍ତବ୍ୟାଃ ସର୍ବଜୀବାଶ୍ଚ ନାପି ସପ୍ତବ୍ୟା ଅରାତୟଶ୍ଚ ।
ଏବଂ ଯେ ମନ୍ୟନ୍ତେ ତେଷାଂ ପ୍ରସୀଦତି କେଶବଃ ॥

କ୍ଷମା କର, ତୁମର ଶତ୍ରୁକୁ ଅଭିଶାପ ଦିଅ ନାହିଁ । ତହିଁରେ ଈଶ୍ୱର ପ୍ରସନ୍ନ ହେବେ ।

यद् ददाति दक्षिणहस्तेन तन्न वामो विजानीयात् ।
एवं समाचरेत् बुध एष ईशानुशासनम् ॥36॥

ଯଦ୍ ଦଦାତି ଦକ୍ଷିଣହସ୍ତେନ ତନ୍ନ ବାମୋ ବିଜାନୀୟାତ୍
ଏବଂ ସମାଚରେତ୍ ବୁଧ ଏଷ ଈଶାନୁଶାସନମ୍ ॥

ଈଶ୍ୱରଙ୍କ ବିଧାନରେ ତାହା ଶ୍ରେଷ୍ଠ ଦାନ ଯାହା ଦକ୍ଷିଣ ହସ୍ତ ଦିଏ, ବାମ ହସ୍ତ ଜାଣିପାରେ ନାହିଁ । ଏହିପରି ସାଧୁଙ୍କ ସହିତ ଆଚରଣ କର ଏହା ହିଁ ଈଶ୍ୱରଙ୍କ ଅନୁଶାସନ ।

परत्र प्रयाते नरे कर्म च तस्य नूनं विरमति इहलोके ।
तथापि तस्य त्राण-दान-यानप्रसारणादि सुकृतस्य कीर्त्या
सुचिरं जीवति स हृदयेषु जनानां प्रीत्या च तमनुचरंन्ति जनाः ॥
येन केन प्रकारेण को हि नाम नु जीवति ।
परेषामुपकारार्थं यज्जीवति स जीवति ॥37॥

ପରତ୍ର ପ୍ରୟାତେ ନରେ କର୍ମ ଚ ତସ୍ୟ ନୂନଂ ବିରମତି ଇହଲୋକେ ।
ତଥାପି ତସ୍ୟ ତ୍ରାଣ-ଦାନ-ଜାନପ୍ରସାରଣାଦି ସୁକୃତସ୍ୟ କୀର୍ତ୍ୟା
ସୁଚିରଂ ଜୀବତି ସ ହୃଦୟେଷୁ ଜନାନାଂ ପ୍ରୀତ୍ୟା ଚ ତମନୁଚରଂତି ଜନାଃ ।
ଯେନ କେନ ପ୍ରକାରେଣ କୋ ହି ନାମ ନୁ ଜୀବତି ।
ପରେଷାମୁପକାରାର୍ଥଂ ଯଜ୍ଜୀବତି ସ ଜୀବତି ॥

ଈଶ୍ୱରଙ୍କ ରାଜତ୍ୱରେ ଯେତେବେଳେ କୌଣସି ମଣିଷର ମୃତ୍ୟୁ ହୁଏ, ତାଙ୍କର କର୍ମର ଅବସାନ ହୁଏ, କିନ୍ତୁ ତାଙ୍କର ଦୟାର କଥା ତାହାଙ୍କୁ ଅମର କରେ । ତାଙ୍କର କର୍ତ୍ତବ୍ୟ ଈଶ୍ୱରଙ୍କ ସୃଷ୍ଟିକୁ ଆହୁରି ସୁନ୍ଦର କରି ଗଠନ କରିବା । ଅନ୍ୟକୁ ସାହାଯ୍ୟ କରିବା ପାଇଁ ଯିଏ ଜୀବନଯାପନ କରେ ସେ ପୁଣ୍ୟାତ୍ମା ।

ईश्वरसृष्टौ जगति क्रोधद्वेषौ दूरतः परिहर ।
यतो हि द्वावेतौ मनुष्याणां सुकृतं ग्रसतः निर्मूलयतश्च
यथा अग्निरिन्धनं दहति भस्मीभूतं करोति च ॥38॥

ଈଶ୍ୱରସୃଷ୍ଟୌ ଜଗତି କ୍ରୋଧଦ୍ୱେଷୌ ଦୂରତଃ ପରିହର ।
ଯତୋ ହି ଦ୍ୱାବେତୌ ମନୁଷ୍ୟାଣାଂ ସୁକୃତଂ ଗ୍ରସତଃ ନିର୍ମୂଳୟତଶ୍ଚ
ଯଥା ଅଗ୍ନିରିନ୍ଧନଂ ଦହତି ଭସ୍ମୀଭୂତଂ କରୋତି ଚ ।

ଈଶ୍ୱରଙ୍କ ରାଜତ୍ୱରେ ଈର୍ଷା ଓ କ୍ରୋଧ ନିକଟରୁ ଦୂରରେ ରହିବ, କାରଣ ଏହା ପୁଣ୍ୟକର୍ମାଦି ବିନଷ୍ଟ କରେ, ଯେମିତି ଅଗ୍ନି କାଷ୍ଠକୁ ଦଗ୍‌ଧୀଭୂତ କରେ ।

माता तु सदा स्नेहार्द्रचित्ता नितरां सन्तान-वत्सला ।
सादरं यथा क्रोडे गृह्णाति रोरुद्यमानं निजपुत्रम् ॥
ईश्वरस्तु सदा भक्तवत्सलः करुणाघनविग्रहः ।
आत्मनि गृह्णाति तथा भक्तस्य श्रद्धया कृतां स्तुतिम् ॥39॥

ମାତା ତୁ ସଦା ସ୍ନେହାର୍ଦ୍ରଚିତ୍ତା ନିତରାଂ ସନ୍ତାନ-ବତ୍ସଲା ।
ସାଦରଂ ଯଥା କ୍ରୋଡ଼େ ଗୃହ୍ଣାତି ରୁରୁଦ୍ୟମାନଂ ନିଜପୁତ୍ରମ୍ ॥
ଈଶ୍ୱରସ୍ତୁ ସଦା ଭକ୍ତବତ୍ସଲଃ କରୁଣାଘନ ବିଗ୍ରହଃ
ଆତ୍ମନି ଗୃହ୍ଣାନ୍ତି ତଥା ଭକ୍ତସ୍ୟଶ୍ରଦ୍ଧୟା କୃତାଂ ସ୍ତୁତିମ୍ ॥

ଈଶ୍ୱର ଭକ୍ତର ସମସ୍ତ ସଶ୍ରଦ୍ଧ ସ୍ତୁତି ଗ୍ରହଣ କରନ୍ତି, ଯେମିତି ମା ତାଙ୍କର ପ୍ରିୟ କ୍ରନ୍ଦନାର୍ତ୍ତ ପୁତ୍ରକୁ ସ୍ନେହଭରେ କୋଳ କରି ନିଅନ୍ତି ।

इन्द्रं मित्रं वरुणमग्निमाहुरथो दिव्यः स सुपर्णो गरुत्मान् ।
एकं सद् विप्रा बहुधा वदन्त्यग्निं यमं मातरिश्वानमाहुः ॥40॥

ଇନ୍ଦ୍ରଂ ମିତ୍ରଂ କରୁଣମଗ୍ନି ମାହୁରଥୋ ଦିବ୍ୟଃ ସ ସୁପର୍ଣ୍ଣୋ ଗରୁତ୍ମାନଃ ।
ଏକଂ ସଦ୍‌ବିପ୍ରା ବହୁଧା ବଦଂତ୍ୟଗ୍ନିଂ ଯମଂ ମାତରିଶ୍ୱାନମାହୁଃ ॥

ଇନ୍ଦ୍ର, ମିତ୍ର, ବରୁଣ, ଅଗ୍ନି ଏବଂ ଦୈବପୁରୁଷ ଗୁରୁତ୍ମାନ ବିଷୟରେ ବର୍ଣ୍ଣନା କର, ସେମାନେ ସମସ୍ତେ ଏକ ସତ୍ତାର ପ୍ରତିବିମ୍ବ, ମୁନିମାନେ ତାହାଙ୍କୁ ବହୁ ନାମରେ ଅଭିହିତ କରନ୍ତି - ଅଗ୍ନି, ଯମ, ମାତରିଶ୍ୱା ଇତ୍ୟାଦି ।

उषाकाले अनुदये संध्यायां चास्तमिते रवौ देवं समुपासीत मन्दिरे ।
ध्यायमानश्च तस्य महिमानं देवस्य सायुज्यं प्रार्थय समाजेन सह ॥41॥
ଉଷାକାଲେ ଅନୁଦୟେ ସନ୍ଧ୍ୟାୟାଂ ଚାସ୍ତମିତେ ରବୌ ଦେବଂ ସମୁପାସୀତ ମନ୍ଦିରେ ।
ଧ୍ୟାୟମାନଶ୍ଚ ତସ୍ୟ ମହିମାନାଂ ଦେବସ୍ୟ ସାୟୁଜ୍ୟଂ ପ୍ରାର୍ଥୟ ସମାନଜନ ସହ ॥

ପ୍ରତ୍ୟୁଷ ଓ ସାୟଂକାଳର ଅମୃତ ମୁହୂର୍ତ୍ତରେ ନିଜ ସମ୍ପ୍ରଦାୟ ସହିତ ଏକତ୍ର ମନ୍ଦିରରେ ପରମାତ୍ମାଙ୍କ ସହିତ ସଂଯୋଗ ସ୍ଥାପନ କର ତାଙ୍କର ମହିମାକୀର୍ତ୍ତନ ମାଧ୍ୟମରେ ।

यस्यापि प्रेमातिशयमस्ति ईश्वरदर्शनायाचिरात् ।
ईश्वरस्यापि प्रेमातिशयं भवति स्वरूपप्रदर्शनाय तम् ॥42॥
ଯସ୍ୟାପି ପ୍ରେମାତିଶୟମସ୍ତି ଈଶ୍ୱର-ଦର୍ଶନାୟାଚରାତ୍ ।
ଈଶ୍ୱରସ୍ୟାପି ପ୍ରେମାତିଶୟଂ ଭବତି ସ୍ୱରୂପ-ପ୍ରଦର୍ଶନାୟ ତମ୍ ॥

ଯିଏ ଈଶ୍ୱରଙ୍କ ସାକ୍ଷାତ ଆକାଙ୍କ୍ଷା କରନ୍ତି, ଈଶ୍ୱର ତାଙ୍କ ସହିତ ସାକ୍ଷାତ ଅବଶ୍ୟ ହିଁ କରିବେ ।

यत्र यत्रापि पृथिव्यां वर्त्तते विद्वान् भगवत्सेवकोत्तमः ।
ज्ञानान्वेषणाय गन्तव्यं तत्तत् स्थानं तीर्थभूतं पवित्रम् ॥43॥
ଯତ୍ର ଯତ୍ରାପି ପୃଥିବ୍ୟାଂ ବର୍ତ୍ତତେ ବିଦ୍ୱାନ ଭଗବଦ୍ ସେବକୋତ୍ତମଃ ।
ଜ୍ଞାନାନ୍ୱେଷଣାୟ ଗନ୍ତବ୍ୟଂ ତତ୍ତଦ୍ ସ୍ଥାନଂ ତୀର୍ଥଭୂତଂ ପବିତ୍ରମ୍ ॥

ଜ୍ଞାନ ଅନ୍ୱେଷଣରେ ପୃଥିବୀର ଯେ କୌଣସି ପ୍ରାନ୍ତକୁ ଗମନ କରିବ, କାରଣ ଜ୍ଞାନବାନ ବ୍ୟକ୍ତି ଈଶ୍ୱରଙ୍କ ସେବା ଉତ୍ତମରୂପେ କରି ପାରନ୍ତି । ଜ୍ଞାନବାନ ବ୍ୟକ୍ତିଙ୍କର ସଙ୍ଗଲାଭ ମଧ୍ୟ ମଙ୍ଗଳଜନକ ।

ज्ञानमाहर, ज्ञानवान् वै सदसद्विवेकमेति ।
ऋतं च चरितुं शक्नुयान् मर्त्ये, गतिनिर्देशमाप्नुयात् च स्वर्गलोके ॥44॥
ଜ୍ଞାନମାହର, ଜ୍ଞାନବାନ ବୈ ସଦସଦ୍ ବିବେକମେତି
ରିତଂ ଚ ଚରିତୁଂ ଶକ୍ନୁୟାନ ମର୍ତ୍ତ୍ୟେ, ଗତିନିର୍ଦ୍ଦେଶମାପ୍ନୁୟାତ୍ ଚ ସ୍ୱର୍ଗଲୋକେ ॥

ଜ୍ଞାନ ଅର୍ଜନ କର । ଜ୍ଞାନ ଅଜ୍ଞାନକୁ ସତ୍ ଓ ଅସତ୍ ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରିବାକୁ ସାହାଯ୍ୟ କରେ ଏବଂ ପୃଥିବୀରେ ଏପରିକି ସ୍ୱର୍ଗରେ ମଧ୍ୟ ତାକୁ ସଠିକ ଗ୍ରହଣରେ ସାହାଯ୍ୟ କରେ ।

तिष्ठास्मिन् जगत्यां नलिनीदलगतजलबिन्दुवत्
वित्तं वर्धय, मा भव तदासक्तः
कथं त्वमिह ईश्वरेण प्रेरितो यदि न कर्त्तुं जगत् ऋद्धतरम् ! 45॥

ତିଷ୍ଠାସ୍ମିନ୍ ଜଗତ୍ୟାଂ ନଲିନୀଦଲଗତ ଜଲବିନ୍ଦୁବତ୍
ବିତ୍ତମ୍ ବର୍ଦ୍ଧୟ, ମା ଭବ ତଦାସକ୍ତଃ
କଥଂ ତ୍ୱମିହ ଈଶ୍ୱରେଣ ପ୍ରେରିତୋ ଯଦି ନ କର୍ତ୍ତୁଂ ଜଗତ୍ ଋଦ୍ଧତରମ୍ ॥

ପଦ୍ମପତ୍ରରେ ନୀରବିନ୍ଦୁ ପରି ସଂସାରରେ ଅବସ୍ଥାନ କର, ଧନ ସଞ୍ଚୟ କର, କିନ୍ତୁ ସେଥିପ୍ରତି ଆସକ୍ତ ହୁଅ ନାହିଁ, କାରଣ ଈଶ୍ୱର ତୁମକୁ ପୃଥିବୀକୁ ପ୍ରେରଣ କରିଛନ୍ତି ପୃଥିବୀକୁ ଧନସମୃଦ୍ଧ କରିବା ପାଇଁ ।

यदि भवति अन्विष्टं शाश्वतमानन्दम्,
भूमानन्दस्वरूपात् प्रार्थय आनन्दमश्नुते ध्रुवम् ॥46॥

ଯଦି ଭବତି ଅନ୍ୱିଷ୍ଟଂ ଶାଶ୍ୱତମାନନ୍ଦମ୍
ଭୂମାନନ୍ଦସ୍ୱରୂପାତ୍ ପ୍ରାର୍ଥୟ ଆନନ୍ଦମଶ୍ନୁତେ ଧ୍ରୁବମ୍ ॥

ଯଦି କେହି ଶାଶ୍ୱତ ଆନନ୍ଦର ଅନ୍ୱେଷଣ କରନ୍ତି, ସେ ପ୍ରାର୍ଥନା ଦ୍ୱାରା ସର୍ବବ୍ୟାପୀ ପରମାତ୍ମାଙ୍କ ନିକଟରୁ ତାହାର ସନ୍ଧାନ ପାଇବେ ।

यस्याचाराः नीतिधर्मनियताश्चिन्तनं च उत्तमं तत्त्वविकाशकरम्
पितरौ तथाचार्याश्च यस्मात् पूजां च सेवां च यथाविधिप्राप्ताः
यस्तु स्व-दोषाणां विशोधनाय स्वयमेव यतते सर्वदा
स भवति ईश्वरस्य परमप्रेमप्रसादभाजनमिति न संशयः ॥47॥

ଯସ୍ୟାଚାରାଃ ନୀତିଧର୍ମନିୟତାଶ୍ଚିନ୍ତନଂ ଚ ଉତ୍ତମଂ ତତ୍ତ୍ୱବିକାଶକରମ୍
ପିତରୌ ତଥାଚାର୍ଯାଶ୍ଚ ଯସ୍ମାତ୍ ପୂଜା ଚ ସେବା ଚ ଯଥାବିଧି-ପ୍ରାପ୍ତାଃ
ଯସ୍ତୁ ସ୍ୱଦୋଷାଣ୍ ବିଶୋଧନାୟ ସ୍ୱୟମେବ ଯତତେ ସର୍ବଦା
ସ ଭବତି ଈଶ୍ୱରସ୍ୟ ପରମପ୍ରେମପ୍ରସାଦଭାଜନମିତି ନ ସଂଶୟମ୍ ॥

ନୈତିକତାର ଶିକ୍ଷାସମୂହ ଯିଏ ପାଳନ କରନ୍ତି ସୁଚିନ୍ତା ନିଜ ମଧ୍ୟରେ ବିକଶିତ କରିତୋଳନ୍ତି, ପିତାମାତା ଓ ଗୁରୁଙ୍କୁ ସମ୍ମାନ ଓ ସେବା କରନ୍ତି, ନିଜର ଦୋଷସମୂହ ସଂଶୋଧନ କରନ୍ତି, ଈଶ୍ୱରଙ୍କ ପ୍ରୀତି ସେ ଅର୍ଜନ କରନ୍ତି ।

महद वै सत्यं मधुमच्च, सत्ये स्थिते पापान्मुच्यते
सत्याद् बलवत्तरो न कश्चिादपि त्राता विद्यते भूतले ॥48॥

ମହତ୍ ବୈ ସତ୍ୟଂ ମଧୁମଛ, ସତ୍ୟେ ସ୍ଥିତେ ପାପାନ୍ମୁଚ୍ୟତେ
ସତ୍ୟାଦ୍ ବଲବତ୍ତରୋ ନ କଶ୍ଚିଦପି ତ୍ରାତ ବିଦ୍ୟତେ ଭୂତଲେ ॥

ସତ୍ୟ ମହତ୍ ଓ ମଧୁର, ସତ୍ୟ ପାପରୁ ଉଦ୍ଧାର କରେ । ପୃଥିବୀରେ ସତ୍ୟ ଅପେକ୍ଷା ଶକ୍ତିଶାଳୀ ରକ୍ଷାକର୍ତ୍ତା ଅନ୍ୟ କେହି ନାହିଁ ।

मनो हि सर्वकरणानां ज्येष्ठं च श्रेष्ठं च ।
मनःप्रभवा हि प्रवृत्तिराद्या चेष्टितानां कर्मणाम् ॥
सर्वे भावपदार्थाश्चा मनस्येव प्रजायन्ते ॥49॥

ମନୋ ହି ସର୍ବକରଣାନାଂ ଜ୍ୟେଷ୍ଠଂ ଚ ଶ୍ରେଷ୍ଠଂ ଚ
ମନଃ-ପ୍ରଭବା ହି ପ୍ରବୃତ୍ତିରାଦ୍ୟା ଚେଷ୍ଟିତାନାଂ କର୍ମଣାମ୍ ॥
ସର୍ବେ ଭାବପଦାର୍ଥାଶ୍ଚ ମନେସ୍ୟେବ ପ୍ରଜାୟନ୍ତେ ॥

ମନ ହିଁ ସର୍ବକର୍ମେ ଅଗ୍ରଗାମୀ, ସମସ୍ତ ଇନ୍ଦ୍ରିୟ ମଧ୍ୟରେ ମନ ହିଁ ସର୍ବାପେକ୍ଷା ଶକ୍ତିଶାଳୀ । ସର୍ବପ୍ରକାର ଆପେକ୍ଷିକ ଧାରଣାର ଉତ୍ପତ୍ତି ସ୍ଥଳ ମନ ।

ईश्वरस्य जीवानां हितार्थं य उत्सृजति जीवनं कर्म च
स भवतु प्रेमास्पदं सर्वजनानाम् ।
ईश्वरे तु संशयो यस्य स भवतु घृणाभाजनम् ॥50॥

ଈଶ୍ୱରସ୍ୟ ଜୀବାନାଂ ହିତାର୍ଥଂ ଯ ଉତ୍ସୃଜ୍ୟତି ଜୀବନଂ କର୍ମ ଚ
ସ ଭବତୁ ପ୍ରେମାସ୍ପଦଂ ସର୍ବଜନାନାମ୍ ।
ଈଶ୍ୱରେ ତୁ ସଂଶୟଂ ଯସ୍ୟ ସ ଭବତୁ ଘୃଣାଭାଜନମ୍ ॥

ସେହିମାନେ ହିଁ ବିଶ୍ୱାସପରାୟଣ ଯେଉଁମାନେ ଈଶ୍ୱରଙ୍କ ସୃଷ୍ଟିରକ୍ଷା ଏବଂ ଉନ୍ନତି ଉଦ୍ଦେଶ୍ୟରେ ଜୀବନ ଉତ୍ସର୍ଗ କରନ୍ତି । ଈଶ୍ୱରଙ୍କ ପ୍ରତି ଅବିଶ୍ୱାସୀମାନେ ମାନବତାର ଶତ୍ରୁ, ତାହାକୁ ଘୃଣା କର ।

ईश्वरे परलोके च यस्यास्ति दृढमतिः ।
तेन न कर्त्तव्यं हिंसनं प्रतिवेशिनं कायेन मनसा वापि ॥51॥

ଈଶ୍ୱରେ ପରଲୋକେ ଚ ଯସ୍ୟାସ୍ତି ଦୃଢ଼ମତିଃ ।
ତେନ ନ କର୍ତ୍ତବ୍ୟଂ ହିଂସନଂ ପ୍ରତିବେଶିନଂ କାୟେନ ମନସା ବାପି ॥

ଯିଏ ଈଶ୍ୱର ଓ ପରଲୋକ ବିଶ୍ୱାସ କରନ୍ତି, ସେ ଯେମିତି ତାଙ୍କର ପ୍ରତିବେଶୀଙ୍କୁ ଶାରୀରିକ ବା ମାନସିକ ଭାବରେ ଆହତ ନ କରନ୍ତି ।

प्रतिवेशिनां कमपि क्षुधार्त्तं पश्यन् तमभुक्तं त्यक्त्वा
धार्मिको जनः स्वयं तु भुरिभोजनं कर्त्तुं न शक्नोति ॥52॥

ପ୍ରତିବେଶିନାଂ କମପି କ୍ଷୁଧାର୍ତ୍ତଂ ପଶ୍ୟନ୍ ତମଭୁକ୍ତଂ ତ୍ୟକ୍ତ୍ୱା
ଧାର୍ମିକୋ ଜନଃ ସ୍ୱୟଂ ତୁ ଭୂରିଭୋଜନଂ କର୍ତ୍ତୁଂ ଶକ୍ନୋତି ॥

ପ୍ରକୃତ ଧାର୍ମିକ ନିଜର ଉଦର ପୂରଣ କରି ପ୍ରତିବେଶୀଙ୍କୁ କ୍ଷୁଧାର୍ତ୍ତ ରଖିବେ ନାହିଁ ।

जिह्वा यस्य मर्मघातिनी निन्द्यवाग्भाषणरता ।
यो भवति सदा परपीडन–शोषण–प्रवृत्तिमनस्कः ॥
धर्मानुष्ठानादपि न तस्य निष्कृतिः स्यात् कदाचन ।
न कुत्रापि तस्य हिताय प्रायश्चित्तोऽपि विधीयते ॥53॥

ଜିହ୍ୱା ଯସ୍ୟ ମର୍ମଘାତିନୀ ନିନ୍ଦ୍ୟବାକ୍-ଭାଷଣରତା ।
ଯୋ ଭବତି ସଦା ପରପୀଡ଼ନ-ଶୋଷଣ-ପ୍ରବୃତ୍ତିମନସ୍କଃ ॥
ଧର୍ମାନୁଷ୍ଠାନାଦପି ନ ତସ୍ୟ ନିଷ୍କୃତିଃ ସ୍ୟାତ୍ କଦାଚନ ।
ନ କୁତ୍ରାପି ତସ୍ୟ ହିତାୟ ପ୍ରାୟଶ୍ଚିତ୍ତୋ ପି ବିଧୀୟତେ ॥

ଅପବ୍ୟବହାର ଓ ପରକୁ ଶୋଷଣର ପ୍ରବୃତ୍ତିର ଦୋଷ ଧର୍ମୀୟ ଆଚାର-ଅନୁଷ୍ଠାନ ପାଳନ ଦ୍ୱାରା କ୍ଷାଳନ ହୁଏ ନାହିଁ । ପ୍ରକୃତ ଅନୁଶୋଚନା ହିଁ ଏକମାତ୍ର ପଥ ।

प्राज्ञश्च विचक्षणश्च स एवास्ते संयता यस्येन्द्रियभोगवासना
यस्यास्ति च पारितोषिके विरक्तिः ॥
स वै मोहान्धकारे निमग्नः अन्धवदज्ञः प्रचरति संसारे
यो भोगलालसापूरणे ताडितोऽपि क्षमां याचते ईश्वरान्मृषा ॥54॥

ପ୍ରାଜ୍ଞଶ୍ଚ ବିଚକ୍ଷଣଶ୍ଚ ସ ଏବାସ୍ତେ ସଂଯତା ଯସ୍ୟେନ୍ଦ୍ରିୟଭୋଗବାସନା
ଯସ୍ୟାସ୍ତି ଚ ପାରିତୋଷିକେ ବିରକ୍ତିଃ ॥
ସ ବୈ ମୋହାନ୍ଧକାରେ ନିମଗ୍ନୋ ଅନ୍ଧବଦଜ୍ଞଃ ପ୍ରଚରତି ସଂସାରେ
ଯୋ ଭୋଗଲାଳସାପୂରଣେ ତାଡ଼ିତୋ ପି କ୍ଷମାଂ ଯାଚତେ ଈଶ୍ୱରାନ୍ମୃଷା ॥

ସେହି ବ୍ୟକ୍ତି ଜ୍ଞାନୀ ଓ ବୁଦ୍ଧିମାନ ଯିଏ ଇନ୍ଦ୍ରିୟାସକ୍ତି ଏବଂ କର୍ମଫଳର ଆକାଂକ୍ଷା ସଂଯତ କରନ୍ତି, ସେହି ବ୍ୟକ୍ତି ଅଜ୍ଞାନ ଯିଏ ଇନ୍ଦ୍ରିୟର ଦାସ ଏବଂ କୃତ ଅନ୍ୟାୟ କର୍ମ ପରେ ଈଶ୍ୱରଙ୍କୁ ବୃଥା କ୍ଷମାପ୍ରାର୍ଥନା କରେ ।

कुतश्चिद् देशादागतं वा कस्चन जनजातिजातं वा
ईश्वरादभयप्रार्थिनं शरणार्थिनमाश्रय: प्रदेय:, मंगलं च विधेयम् ॥55॥
କୁତଶ୍ଚିଦ୍ ଦେଶାଦାଗତଂ ବା କାଚନ ଜନଜାତି ଜାତଂ ବା
ଈଶ୍ୱରାଦ୍‌ଭୟପ୍ରାର୍ଥିନଂ ଶରଣାର୍ଥିନମାଶ୍ରୟଂ ପ୍ରଦେୟଂ ମଙ୍ଗଳଂ ଚ ବିଧେୟମ୍ ॥

ପୃଥିବୀର ଯେ କୌଣସି ସ୍ଥାନର ଅଥବା ଯେ କୌଣସି ଜାତିଭୁକ୍ତ ମଣିଷ ଯିଏ ଈଶ୍ୱରଙ୍କ ଶରଣ ନିଅନ୍ତି, ତାଙ୍କର ଉପକାର କର ଯେମିତି ସେ ନିରାପଦ ଆଶ୍ୱସ୍ତି ବୋଧ କରନ୍ତି ।

ईश्वरे केवलं भयं कुर्वाण: सर्वापदि विपदि चैव
न कस्मादपरात् स बिभेति निर्भयं जीवतीति ध्रुवम् ॥56॥
ଈଶ୍ୱରଂ କେବଳଂ ଭୟଂ କୁର୍ବାଣଃ ସର୍ବାପଦି ବିପଦି ଚୈବ
ନ କସ୍ମାଦପରାତ୍ ସ ବିଭେତି ନିର୍ଭୟଂ ଜୀବତୀତି ଧ୍ରୁବମ୍ ॥

ତୁମର ଜ୍ଞାନାନୁଯାୟୀ ଈଶ୍ୱରଙ୍କୁ ଭୟ କର, ତାହାହେଲେ ତୁମେ ନାନାବିଧ ବିଘ୍ନ ଓ ବିପଦରେ ସାହସ ସହିତ ସମ୍ମୁଖୀନ ହୋଇପାରିବ, ଈଶ୍ୱର ତୁମକୁ ଜୟୀ କରିବେ ।

अतिप्राकृतक्रियासिद्धाश्च ईश्वरस्य मांगल्यवार्त्तावहाश्च केवलम् ।
ते च श्रद्धार्हास्तथापि उपास्यस्तु एक एवाद्वितीय: परमेश्वर: ॥57॥
ଅତିପ୍ରାକୃତକ୍ରିୟାସିଦ୍ଧାଶ୍ଚ ଈଶ୍ୱରସ୍ୟ ମାଙ୍ଗଲ୍ୟବାର୍ତ୍ତାବହାଶ୍ଚ କେବଲମ୍ ।
ତେ ଚ ଶ୍ରଦ୍ଧାର୍ହା ସ୍ତଥାପି ଉପାସ୍ୟସ୍ତୁ ଏକ ଏବମଦ୍ୱିତୀୟଃ ପରମେଶ୍ୱରଂ ॥

ଯିଏ ଅଲୌକିକ କର୍ମରେ ସିଦ୍ଧ ସେ ଈଶ୍ୱରପ୍ରେରିତ ପୁରୁଷ, ଶୁଭବାର୍ତ୍ତା ବହନକାରୀ, ପୂଜନୀୟ କିନ୍ତୁ ଏକମାତ୍ର ପରମପୁରୁଷ ଈଶ୍ୱର ।

विभवे सति तु यो नृशंसो विधिं विहाय चरति जीवनम् ।
अन्यायवृत्तघ्ना भिक्षामाददाति तं प्रति ईश्वरो भवति पराङ्मुखः ॥58॥

ବିଭବେ ସତି ତୁ ଯୋ ନୃଶଂସୋ ବିଧିଂ ବିହାୟ ଚରତି ଜୀବନମ୍ ।
ଅନ୍ୟାୟ ବୃତ୍ତଶ୍ଚ ଭିକ୍ଷା ମା ଦଦାତି ତଂ ପ୍ରତି ଈଶ୍ୱରୋ ଭବତି ପରାଙ୍ମୁଖଃ ॥

ଯେଉଁ ବ୍ୟକ୍ତିର ହୃଦୟ ପାଷାଣ, ଈଶ୍ୱର ତାହାଙ୍କୁ କ୍ଷମା କରନ୍ତି ନାହିଁ । ଯିଏ ଅନୁଶାସନ ଲଙ୍ଘନ କରନ୍ତି, ଭିକ୍ଷା କରନ୍ତି, ଈଶ୍ୱର ତାଙ୍କ ନିକଟରୁ ନିଜକୁ ଦୂରରେ ରଖନ୍ତି ।

क्लान्तानां हृदयं य आलादयति आर्त्तानां क्लेशं च ।
यो दूरीकरोति स स्वर्गस्य लभते राजमार्गम् ॥59॥

କ୍ଳାନ୍ତାନାଂ ହୃଦୟଂ ଯ ଆହ୍ଲାଦୟତି ଆର୍ତ୍ତାନାଂ କ୍ଳେଶଂ ଚ ।
ଯୋ ଦୂରୀକରୋତି ସ ସ୍ୱର୍ଗସ୍ୟ ଲଭତେ ରାଜମାର୍ଗମ୍ ॥

ଯିଏ ପୀଡ଼ିତର ହୃଦୟକୁ ଆନନ୍ଦିତ କରନ୍ତି, ଆର୍ତ୍ତର ଦୁଃଖ ଦୂର କରନ୍ତି ସେ ସ୍ୱର୍ଗକୁ ଦ୍ରୁତ ଗମନର ପଥ ପ୍ରାପ୍ତ ହୁଅନ୍ତି ।

यः समर्थयते विश्वस्तानाआर्त्तानां च सहायकः ।
स पश्येत् स्वर्गद्वारमपावृतमीश्वरमपि सहायकम् ॥60॥

ଯଃ ସମର୍ଥୟତେ, ବିଶ୍ୱସ୍ତାନ ଆର୍ତ୍ତାନାଂ ଚ ସହାୟକଃ ।
ସ ପଶ୍ୟେତ୍ ସ୍ୱର୍ଗଦ୍ୱାରମପାବୃତମ୍ ଈଶ୍ୱରମପି ସହାୟକମ୍ ॥

ପ୍ରୟୋଜନ ସମୟରେ ଈଶ୍ୱରବିଶ୍ୱାସୀମାନଙ୍କୁ ଯିଏ ସାହାଯ୍ୟ କରନ୍ତି, ଯିଏ ଅତ୍ୟାଚାରିତକୁ ସହାୟତା ପ୍ରଦାନ କରନ୍ତି, ସ୍ୱର୍ଗର ପ୍ରବେଶଦ୍ୱାରରେ ଈଶ୍ୱର ତାହାଙ୍କୁ ସାହାଯ୍ୟ କରନ୍ତି ।

पृष्ठघातो व्यभिचारादपि भयंकरः । ईश्वरः पृष्ठघातिनं
तावन् न क्षमते यावदेवाहतस्य क्षमामसौ न लभेत ॥61॥

ପୃଷ୍ଠଘାତୋ ବ୍ୟଭିଚାରାଦପି ଭୟଂକରଃ । ଈଶ୍ୱର ପୃଷ୍ଠଘାତିନଂ ।
ତାବନ୍ ନ କ୍ଷମତେ ଯାବଦେବାହତସ୍ୟ କ୍ଷମାମସୌ ନ ଲଭତେ ॥

ବିଶ୍ୱାସଘାତକତା କରିବା ବ୍ୟଭିଚାର ଅପେକ୍ଷା ଦୋଷନୀୟ । ପୃଷ୍ଠଦେଶରେ ଯେଉଁମାନେ ଛୁରିକାଘାତ କରନ୍ତି, ସେମାନଙ୍କୁ ଈଶ୍ୱର କ୍ଷମା କରନ୍ତି ନାହିଁ, ଯେତେବେଳଯାଏ ଆହତ ବ୍ୟକ୍ତି ନିଜେ କ୍ଷମା ନ କରନ୍ତି ।

यस्तु नाचरति भैक्ष्यं परिश्रमेण तु अर्जयति
स्वजीविकां पुरुषस्य तस्य ईश्वरः प्रसीदति ॥62॥

ଯସ୍ତୁ ନାଚରତି ଭୈକ୍ଷ୍ୟଂ ପରିଶ୍ରମେଣ ତୁ ଅର୍ଜୟତି
ସ୍ୱଜୀବିକାଂ ପୁରୁଷସ୍ୟ ତସ୍ୟ ଈଶ୍ୱର ପ୍ରସୀଦତି ॥

ଯିଏ ନିଜର ପରିଶ୍ରମ ଦ୍ୱାରା ଜୀବିକା ନିର୍ବାହ କରନ୍ତି, ଭିକ୍ଷା କରନ୍ତି ନାହିଁ, ଈଶ୍ୱର ତାହାଙ୍କୁ ସାହାଯ୍ୟ ଓ କରୁଣା କରନ୍ତି ।

यो ददाति अन्नं स्वजनाय स तवानुगत्यमर्हति
विरोधस्तेन सह क्रियते चेत् ईश्वरो भवति विरक्तः ॥63॥

ଯୋ ଦଦାତି ଅନ୍ନଂ ସ୍ୱଜନାୟ ସ ତବାନୁଗତ୍ୟମର୍ହତି
ବିରୋଧଂ ତେନ ସହ କ୍ରିୟତେ ଚେତ୍ ଈଶ୍ୱରେ ଭବତି ବିରକ୍ତଃ ॥

ତୁମ ପରିବାରର ଅନ୍ନଦାତାଙ୍କର ତୁମର ଆନୁଗତ୍ୟ ପ୍ରାପ୍ୟ, ତାଙ୍କର ବିରୁଦ୍ଧାଚରଣ ଈଶ୍ୱରଙ୍କ ବିରକ୍ତିକାରକ ।

धनवान् पश्यतु धनवत्तरमुत्तरोत्तरम् ।
दरिद्रोऽपि पश्यतु दरिद्रतरमधः क्रमम् ।
एवमेव विचार्यस्तारतम्येन ईश्वर-प्रसादः ॥64॥

ଧନବାନ ପଶ୍ୟତୁ ଧନବତ୍ତରମୁତ୍ତରୋତ୍ତରମ୍ ।
ଦରିଦ୍ରୋ ପି ପଶ୍ୟତୁ ଦରିଦ୍ରତରମଧଃକ୍ରମମ୍ ।
ଏବମେବ ବିଚାର୍ଯ୍ୟଂ ତାରତମ୍ୟେନ ଈଶ୍ୱର-ପ୍ରସାଦମ୍ ॥

ଧନବାନ ବ୍ୟକ୍ତିମାନେ ତାଙ୍କଠାରୁ ଅଧିକତର ଧନବାନ ବ୍ୟକ୍ତିଙ୍କ ଦିଗରେ ଦୃଷ୍ଟିପାତ କରିବେ । ଦରିଦ୍ରମାନେ ଦରିଦ୍ରତରମାନଙ୍କୁ ଦେଖିବେ । ତାହା ହେଲେ ଆତ୍ମଶ୍ଳାଘା ପରିତ୍ୟାଗ କରି ଈଶ୍ୱରଙ୍କ କରୁଣା ଉପଲବ୍ଧି କରି ପାରିବେ ।

कामी इन्द्रियदासोऽस्ति कामभोगलालसा नीचत्वं नयति ।
तिष्ठ जगति पद्मपत्रमिवांम्भसा। एतद्वै ईश्वरानुशासनम् ॥65॥

କାମୀ ଇନ୍ଦ୍ରିୟଦାସୋ ସ୍ତି କାମଭୋଗଲାଳସା ନୀଚତ୍ୱଂ ନୟତି ।
ନିଷ୍ଠ ଜଗତି ପଦ୍ମପତ୍ରମିବାଂଭସା । ଏତଦ୍ୱୈ ଈଶ୍ୱରାନୁଶାସନମ୍ ॥

ଇନ୍ଦ୍ରିୟାସକ୍ତ ବ୍ୟକ୍ତିମାନେ ପ୍ରବୃତ୍ତିର ଦାସ । ଇନ୍ଦ୍ରିୟ ସୁଖର ସନ୍ଧାନ ମଣିଷକୁ ହୀନ କରେ । ଈଶ୍ୱରଙ୍କ ବିଧାନ, ମଣିଷକୁ ପଦ୍ମର ପାଖୁଡ଼ା ଭଳି ହେବାକୁ ହେବ । ନୀର ଦ୍ୱାରା ପରିବୃତ୍ତ ହୋଇ ମଧ୍ୟ ସେ ସିକ୍ତ ହୁଏ ନାହିଁ ।

विषयसुखत्यागो वा समाजं प्रति यत् कर्त्तव्यं
तत् त्यागो नैव त्यागः ईश्वरप्रीरितः
कामपाशविमोचनमिति त्यागः ईश्वरसम्मतः ॥66॥

ବିଷୟସୁଖତ୍ୟାଗଂ ବା ସମାଜଂ ପ୍ରତିଯତ୍ କର୍ତ୍ତବ୍ୟମ୍
ତତ୍ ତ୍ୟାଗଂ ନୈବ ତ୍ୟାଗମୀଶ୍ୱର ପ୍ରୀଣିତମ୍
କାମପାଶ-ବିମୋଚନମିତି ତ୍ୟାଗମୀଶ୍ୱରସମ୍ମତମ୍ ॥

ଦୈହିକ ସ୍ୱାଚ୍ଛନ୍ଦ୍ୟ ତ୍ୟାଗ କରିବା, ସାମାଜିକ ଦାୟିତ୍ୱରୁ ଅବ୍ୟାହତି ନେବା ଈଶ୍ୱରଙ୍କ ଅଭିପ୍ରେତ ନୁହେଁ । ସେ ଚାହାନ୍ତି କେବଳ କାମନା ବାସନାର ବଜ୍ରମୁଷ୍ଟିକୁ ପରାଭୂତ କରିବା ।

सत्यं यस्य व्रतोपवासः सन्तोषः तीर्थभूतः ।
दिव्यज्ञानं ध्यानं च यज्ञस्वरूपम् ॥
दया च प्रतिमा यस्य क्षमा वै जपमाला ।
तस्य प्रसीदति ईश्वरः पुरतो नित्यम् ॥67॥

ସତ୍ୟ ଯସ୍ୟ ବ୍ରତୋପବାସଂ ସନ୍ତୋଷଂ ତୀର୍ଥଭୂତମ୍ ।
ଦିବ୍ୟଜ୍ଞାନଂ ଧ୍ୟାନଂ ଚ ଯଜ୍ଞସ୍ୱରୂପମ୍ ॥
ଦୟା ଚ ପ୍ରତିମା ଯସ୍ୟ କ୍ଷମା ବୈ ଜପମାଲା ।
ତସ୍ୟ ପ୍ରସୀଦତି ଈଶ୍ୱରଃ ପୁରିତୋ ନିତ୍ୟମ୍ ॥

ସନ୍ତୋଷ ଯେଉଁମାନଙ୍କର ବ୍ରତୋପବାସ, ସତ୍ୟପଥରେ ଯାତ୍ରା ଯେଉଁମାନଙ୍କର ତୀର୍ଥଗମନ, ତତ୍ତ୍ୱଜ୍ଞାନ ଏବଂ ଧ୍ୟାନ ଯେଉଁମାନଙ୍କର ଅବଗାହନ, କରୁଣା ଯେଉଁମାନଙ୍କର ବିଗ୍ରହ ଏବଂ ଯେଉଁମାନଙ୍କର ଜପାମାଳା, ଈଶ୍ୱରଙ୍କ କରୁଣା ସର୍ବାଗ୍ରେ ସେହିମାନଙ୍କର ପ୍ରାପ୍ୟ ।

हिंसनात् स्तेयादनृतात् विरतो भव । एष ईश्वरादेशः ॥68॥

ହିଂସନାତ୍ ସ୍ତେୟାଦନୃତାନ୍ ବିରତୋ ଭବ । ଏଷ ଈଶ୍ୱରାଦେଶଃ ॥

ଈଶ୍ୱରଙ୍କ ବିଧାନ - ହତ୍ୟା, ଚୌର୍ଯ୍ୟ ଓ ମିଥ୍ୟାଭାଷଣ ପରିହାର କରିବାକୁ ହେବ ।

ईश्वरं मा दूषय। स्वयं विचारय ।
स्वकृत-पापप्रजातं वै सर्वं तव दुःखभोगम् ॥69॥
ଈଶ୍ୱରଂ ମା ଦୂଷୟ । ସ୍ୱୟଂ ବିଚାରୟ ।
ସ୍ୱକୃତ-ପାପପ୍ରଜାତଂ ବୈ ସର୍ବଂ ତବ ଦୁଃଖ ଭୋଗମ୍ ॥

ତୁମର ଦୁଃଖଭୋଗ ପାଇଁ ଈଶ୍ୱରଙ୍କୁ ଦାୟୀ କର ନାହିଁ, ନିଜକୃତ ପାପ ପାଇଁ ନିଜେ ବିଚାର କର ।

ईश्वरं न दूषय यदि तव वारिणा परिपूरितो दीपः अन्धकारं न दूरीकरोति
यदि वा विनष्टेन्धनेनाग्निप्रज्वलनस्य प्रचेष्टा विफला भवति ॥70॥
ଈଶ୍ୱରଂ ନ ଦୂଷୟ ଯଦି ବେ ବାରିଣା ପରିପୂରିତୋ ଦୀପୋ ଅନ୍ଧକାରଂ ନ ଦୂରୀକରୋତି
ଯଦି ବା ବିନଷ୍ଟେନ୍ଧନେନାଗ୍ନିପ୍ରଜ୍ୱଳନସ୍ୟ ପ୍ରଚେଷ୍ଟା ବିଫଳା ଭବତି ॥

ଯଦି ତୁମର ନିଜର ପ୍ରଦୀପ ପାଣିରେ ପୂର୍ଣ୍ଣକରି ଜଳାଇବାକୁ ଚେଷ୍ଟା କରିବାରେ ଅନ୍ଧାର ଦୂର ନ ହେଲା କିମ୍ବା ସିକ୍ତ କାଷ୍ଠରେ ଅଗ୍ନି ପ୍ରଜ୍ୱଳିତ କରିବାରେ ବ୍ୟର୍ଥ ହେଲ ଈଶ୍ୱରଙ୍କୁ ଦୋଷାରୋପ କର ନାହିଁ ।

यावत् तृष्णा स्थिता नृषु संसारसुखभोगस्य
तावद् वृथा तपश्चार्या ईश्वरलाभाय यदि वा कृता ॥71॥
ଯାବତ୍ ତୃଷ୍ଣା ସ୍ଥିତା ନୃଷୁ ସଂସାରସୁଖଭୋଗସ୍ୟ
ତାବଦ୍ ବୃଥା ତପଶ୍ଚର୍ଯ୍ୟା ଈଶ୍ୱରଲାଭାୟ ଯଦି ବା କୃତା ॥

ପାର୍ଥିବ ସୁଖ ପାଇଁ ନିଜର ଲାଳସା ଯେତେଦିନ ଥିବ, ଏପରିକି ଈଶ୍ୱରଙ୍କ ପାଇଁ କୃଚ୍ଛ୍ର ସାଧନ ହେଲେ ମଧ୍ୟ ତାହା ବୃଥା ।

प्राणरक्षार्थमावश्यकीयद्रव्यजातस्य भोगो न तु पापम् ।
शारीरं स्वास्थ्यरक्षणं सदैव कर्त्तव्यं धर्मसाधनार्थम् ॥
तेन वै वर्त्तते प्रोज्ज्वलः प्रज्ञाप्रदीपः साध्यते चाघकृत्प्रतिरोधः ॥72॥
ପ୍ରାଣରକ୍ଷାର୍ଥମାବଶ୍ୟକୀୟଦ୍ରବ୍ୟଜାତସ୍ୟ ଭୋଗଂ ନ ତୁ ପାପମ୍ ।
ଶରୀରଂ ସ୍ୱାସ୍ଥ୍ୟରକ୍ଷଣଂ ସଦୈବ କର୍ତ୍ତବ୍ୟଂ ଧର୍ମସାଧନାର୍ଥମ୍ ॥
ତେନ ବୈ ବର୍ତ୍ତତେ ପ୍ରୋଜ୍ଜ୍ୱଳଃ ପ୍ରଜ୍ଞାପ୍ରଦୀପଃ ସାଧ୍ୟତେ ଚାଧକୃତ୍ପ୍ରତିରୋଧମ୍

ଜୀବନର ପ୍ରୟୋଜନସମୂହ ସାଧନ କରିବା ପାପ ନୁହେଁ, ଶାରୀରିକ ସ୍ୱାସ୍ଥ୍ୟ ରକ୍ଷା କରିବା କର୍ତ୍ତବ୍ୟ, ନ ହେଲେ ଜ୍ଞାନର ପ୍ରଦୀପ ପ୍ରଜ୍ୱଳିତ ରଖିବା ସମ୍ଭବ ନୁହେଁ, ଦୁର୍ବୃତ୍ତକୁ ପ୍ରତିହତ କରିବା ମଧ୍ୟ ସମ୍ଭବ ନୁହେଁ ।

बोधे वा चिन्तायां कर्मणि वाचि वा
जीविकार्जने वा चेष्टायां शुद्धिलक्षणा स्यात्
सफला प्रार्थना कृता या ईश्वरसकाशम् ॥73॥

ବୋଧେ ବା ଚିନ୍ତାୟାଂ କର୍ମଣି ବାଚି ବା
ଜୀବିକାର୍ଜନେ ବା ଚେଷ୍ଟାୟାଂ ଶୁଦ୍ଧିଲକ୍ଷଣା ସ୍ୟାତ୍
ସଫଳା ପ୍ରାର୍ଥନା କୃତା ଯା ଈଶ୍ୱରସକାଶମ୍ ।

ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜ୍ଞାନ, ଚିନ୍ତା, ବାକ୍ୟ, କର୍ମ, ଜୀବିକା ଓ ପ୍ରଚେଷ୍ଟାର ବିଶୁଦ୍ଧ ଫଳ ଦାନ କରେ ।

मत्स्यमांसवर्जनं दिगम्बरत्वं वा मस्तकमुण्डनं
कर्दमालिप्ताङ्गं वाग्निहोत्रादिकं चैतानि
कानिचित् कर्माणि मोहग्रस्तं न विशुद्धं कुर्वन्ति ॥74॥

ମତ୍ସ୍ୟମାଂସବର୍ଜନଂ ଦିଗମ୍ବରତ୍ୱଂ ବା ମସ୍ତକମୁଣ୍ଡନମ୍
କର୍ଦ୍ଦମାଲିପ୍ତାଙ୍ଗମ୍ ବାଗ୍ନିହୋତ୍ରାଦିକଂ ଚୈତାନି
କାନିଚିତ୍ କର୍ମାଣି ମୋହଗ୍ରସ୍ତଂ ନ ବିଶୁଦ୍ଧଂ କୁର୍ବନ୍ତି ॥

ଯେତେଦିନ ପର୍ଯ୍ୟନ୍ତ ମୋହମୁକ୍ତି ହୋଇ ନାହିଁ, ସେତେଦିନ ପର୍ଯ୍ୟନ୍ତ ମତ୍ସ୍ୟମାଂସ ବର୍ଜନ, ଦିଗମ୍ବରତ୍ୱ ଧାରଣ, ମସ୍ତକ ମୁଣ୍ଡନ, କର୍ଦ୍ଦମାଲିପ୍ତ ଦେହ, ଅଗ୍ନିରେ ଆହୁତି ଦାନ ଇତ୍ୟାଦି ମଣିଷକୁ ଶୁଦ୍ଧ କରେ ନାହିଁ ।

स एव विश्वासवान् यस्य वाचनं कर्म च
निरापदमिति मन्यन्ते भगवत्-प्रजावर्गाः ॥75॥

ସ ଏବ ବିଶ୍ୱାସବାନ ଯସ୍ୟ ବାଚନଂ କର୍ମ ଚ
ନିରାପଦମିତି ମନ୍ୟନ୍ତେ ଭଗବତ୍-ପ୍ରଜାବର୍ଗାଃ ॥

ସେହି ବ୍ୟକ୍ତି ବିଶ୍ୱସ୍ତ ଯାହାଙ୍କ ହସ୍ତ ଓ ଜିହ୍ୱାଦ୍ୱାରା ଈଶ୍ୱରଙ୍କ ସୃଷ୍ଟିର କୌଣସି ବିପଦର କାରଣ ସୃଷ୍ଟି ହୁଏ ନାହିଁ ।

ये तु ईश्वरकर्तृत्वे संशेरते कापुरुषाः
ते निकृष्टाः शत्रवश्च ईश्वरस्य, तेषां महती विनष्टिः ॥76॥
ଯେ ତୁ ଈଶ୍ୱର-କର୍ତ୍ତୃତ୍ୱେ ସଂଶୟନ୍ତି କାପୁରୁଷାଃ
ତେ ନିକୃଷ୍ଟାଃ ଶତ୍ରୁବଶ୍ଚ ଈଶ୍ୱରସ୍ୟ, ତେଷାଂ ମହତୀ ବିନଷ୍ଟିଃ ॥

ସେହିମାନେ ଈଶ୍ୱରଙ୍କର ସବୁଠାରୁ ବଡ଼ ଶତ୍ରୁ ଯେଉଁମାନେ କାପୁରୁଷ ଏବଂ ଈଶ୍ୱରଙ୍କ ଇଚ୍ଛା ସମ୍ପର୍କରେ ସନ୍ଦିଗ୍ଧ । ଏହି କାପୁରୁଷମାନେ ମାନବଜାତିର ବଡ଼ କ୍ଷତିର କାରଣ ।

सत्यमेव वाक्यं वदेत् प्रतिज्ञातं निर्वाहयेत् ।
न्यस्तदायं सम्पादयेत् मलिनवासनां च परित्यजेत् ॥77॥
ସତ୍ୟମେବ ବାଚଂ ବଦେତ୍ ପ୍ରତିଜ୍ଞାତଂ ନିର୍ବାହୟେତ୍ ।
ନ୍ୟସ୍ତଦାୟଂ ସମ୍ପାଦୟେତ୍ ମଳିନବାସନାଂ ଚ ପରିତ୍ୟଜେତ୍ ॥

ସତ୍ୟକଥା କୁହ, ପ୍ରତିଜ୍ଞା ପାଳନ କର, ତୁମ ପ୍ରତି ନ୍ୟସ୍ତ ବିଶ୍ୱାସ ଭଙ୍ଗ କର ନାହିଁ । ଈଶ୍ୱର ପ୍ରୀତ ହେବେ ।

यावती स्नेहशीला माता सन्तानं प्रति भवति
तदधिको दयामयो भगवान् स्वयंसृष्टाः प्रजानः प्रति ॥
हिंसनं नार्हति प्रजानां यदि तन्न भवति चानिवार्यं
खाद्यसंग्रहार्थ वा आत्मसंरक्षणार्थमपरिहार्यम् ॥78॥
ଯାବତୀ ସ୍ନେହଶୀଳା ମାତା ସନ୍ତାନଂ ପ୍ରତି ଭବତି
ତଦଧିକୋ ଦୟାମୟୋ ଭଗବାନ ସ୍ୱୟଂ ସୃଷ୍ଟାନ୍ ପ୍ରଜାନ୍ ପ୍ରତି ।
ହିଂସନଂ ନାର୍ହତି ପ୍ରଜାନାଂ ଯଦି ତନ୍ନ ଭବତି ଚାନିବାର୍ଯମ୍
ଖାଦ୍ୟ ସଂଗ୍ରହାର୍ଥ ବା ଆତ୍ମସଂରକ୍ଷଣାର୍ଥମପରିହାର୍ଯମ୍ ॥

ତାଙ୍କ ସୃଷ୍ଟ ଜୀବମାନଙ୍କ ପ୍ରତି ଈଶ୍ୱରଙ୍କ କରୁଣା, ସନ୍ତାନମାନଙ୍କ ପ୍ରତି ମାଆଙ୍କର ଭଲପାଇବା ଠାରୁ ଅଧିକ । ଖାଦ୍ୟପାଇଁ ଅଥବା ଆତ୍ମରକ୍ଷା ପାଇଁ ଏକାନ୍ତ ପ୍ରୟୋଜନ ବ୍ୟତୀତ ଈଶ୍ୱରଙ୍କ କୌଣସି ସୃଷ୍ଟିକୁ ବିନାଶ କର ନାହିଁ ।

मनो यस्य पवित्र वासना च सुसंयता ।
श्लोकोच्चाराद्या मधुस्वनाः स एव भवितुमर्हति
प्रार्थनायां पुरोहितो यजमानेभ्यो बहुदत्तदक्षिणः ॥
कवोष्णमृदुवाक् वै स द्रावणे तु भवति शक्तः ।
यावदेव भ्रान्तिं श्रावकाशं वा कुमतिं च तेषाम् ॥79॥

ମନୋ ଯସ୍ୟ ପବିତ୍ରମ୍ ବାସନା ଚ ସୁସଂଯତା ।
ଶ୍ଲୋକୋଚ୍ଚାରାଣ୍ଟ ମଧୁସ୍ୱନାଃ ସ ଏବ ଭବିତୁମର୍ହତି
ପ୍ରାର୍ଥନାୟାଂ ପୁରୋହିତୋ ଯଜମାନେଭ୍ୟୋ ବହୁଦତ୍ତ ଦକ୍ଷିଣଃ ।
କବୋଷ୍ଣମୃଦୁବାକ୍ ବୈ ସ ଦ୍ରାବଣେ ତୁ ଭବତି ଶକ୍ତଃ ।
ଯାବଦେବ ଭ୍ରାନ୍ତିଂ ଶ୍ରାବକାନାଂ ବା କୁମତିଂ ଚ ତେଷାମ୍ ॥

ଯାହାଙ୍କ ମନ ପବିତ୍ର, ଯିଏ ସଂଯତେନ୍ଦ୍ରିୟ ଏବଂ ସୁମଧୁର ସ୍ୱରରେ ଶ୍ଲୋକ ଆବୃତ୍ତି କରିବାରେ ସକ୍ଷମ ସେ ହିଁ ପୁରୋହିତ (ଗୁରୁ) ହିସାବରେ ପୂଜାରେ ପୌରୋହିତ୍ୟ କରି ପାରନ୍ତି । ଭକ୍ତମାନେ ତାହାଙ୍କୁ ପ୍ରଭୂତ ଦାନ କରିବେ ଯେମିତି ସେ ସ୍ୱଚ୍ଛନ୍ଦରେ ଆନନ୍ଦମୟ ସାଂସାରିକ ଜୀବନ ଯାପନ କରି ପାରନ୍ତି ।

विद्वद्वराणां भाषणश्रवणं चान्येषां
विज्ञानतत्त्वप्रबुद्धकरणमुच्यते च
धर्मकर्मानुष्ठानतुल्यं वा तदधिकवरदम् ॥80॥

ବିଦ୍ୱଦ୍‌ବରାଣାଂ ଭାଷଣଶ୍ରବଣଂ ଚାନ୍ୟାନ୍
ବିଜ୍ଞାନ ତତ୍ତ୍ୱପ୍ରବୁଦ୍ଧକରଣମୁଚ୍ୟତେ ଚ
ଧର୍ମକର୍ମାନୁଷ୍ଠାନତୁଲ୍ୟଂ ବା ତଦଧିକବରଦମ୍ ॥

ବିଦ୍ୱାନଙ୍କ ବଚନ ଶ୍ରବଣ କରିବା, ଅନ୍ୟ ମଧ୍ୟରେ ବିଜ୍ଞାନର ଶିକ୍ଷା ସଞ୍ଚରିତ କରିଦେବା ଧର୍ମୀୟ ଆଚାର ଅପେକ୍ଷା ଅଧିକ ଫଳଦାୟୀ ।

मनीषिणां मसिबिन्दुश्च वीराणां रक्तबिन्दवः
उभावपि पवित्रौ च अमृतोपमावुच्ये ॥81॥

ମନୀଷିଣାଂ ମସିବିନ୍ଦୁଶ୍ଚ ବୀରାଣାଂ ରକ୍ତବିନ୍ଦବଃ
ଉଭୟୋ ପି ପବିତ୍ରୌ ଚ ଅମୃତୋପମାବୁଚ୍ୟତେ ॥

ବିଦ୍ୱାନଙ୍କ ମସି, ଜାତିରକ୍ଷାର୍ଥେ ଆତ୍ମୋତ୍ସର୍ଗକାରୀର ରକ୍ତବିନ୍ଦୁ ସମାନ ପବିତ୍ର ।

'सुखी भव ईश्वरप्रसादात्'-एवमुवाच्य मित्रमभिनन्देत् ।
स यदि साहाय्यं याचते तत्पार्श्वे स्थितो भव सर्वसम्पदा सह ॥४२॥

'ସୁଖୀ ଭବ ଈଶ୍ୱରପ୍ରସାଦାତ୍' - ଏବମୁବାଚ୍ୟ ମିତ୍ରମଭିନନ୍ଦେତ୍
ସ ଯଦି ସାହାଯ୍ୟଂ ଯାଚତେ ତତ୍ ପାର୍ଶ୍ୱେ ସ୍ଥିତେ ଭବ ସର୍ବ ସମ୍ପତ୍ ସହ ।

ବନ୍ଧୁକୁ ଅଭିନନ୍ଦନ କରିବା ସମୟରେ ଈଶ୍ୱରଙ୍କ କରୁଣାର କଥା ତାହାଙ୍କୁ ସ୍ମରଣ କରାଇଦେବ । ତୁମର ସର୍ବସ୍ୱ ଦେଇ ବନ୍ଧୁର ପ୍ରୟୋଜନ ସମୟରେ ତାହାଙ୍କୁ ସାହାଯ୍ୟ କରିବ ।

ईश्वरः स्वयंशुक्रः स्निह्यति पवित्रजनमसंशयम् ।
दिवा उपोष्य नक्तं पावनं पङ्क्तिभोजनं स्वजनैः सह
एवं यस्तु पौर्णमासमाचरति तस्य वै ईश्वरः प्रसीदति ॥४३॥

ଈଶ୍ୱରଃ ସ୍ୱୟଂଶୁକ୍ରଃ ସ୍ନିହ୍ୟତି ପବିତ୍ରଜନମସଂଶୟମ୍ ।
ଦିବା ଉପୋଷ୍ୟ ନକ୍ତଂ ପାବନଂ ପଙ୍କ୍ତିଭୋଜନଂ ସ୍ୱଜନୈଃ ସହ
ଏବଂ ଯସ୍ତୁ ପୌର୍ଣ୍ଣମାସମାଚରତି ତସ୍ୟ ବୈ ଈଶ୍ୱରଃ ପ୍ରସୀଦତି ॥

ଈଶ୍ୱର ପବିତ୍ର, ସେ ପବିତ୍ରଜନଙ୍କୁ ଭଲପାଆନ୍ତି । ଯଦି ତୁମେ ପୂର୍ଣ୍ଣିମା ଦିନ ଦିବାଭାଗରେ ଉପାସ ରହି ରାତ୍ରିରେ ସ୍ୱଜାତିବର୍ଗ ଓ ପରିଚିତମାନଙ୍କ ସହିତ ଏକତ୍ର ଚନ୍ଦ୍ରାଲୋକରେ ଭୂରିଭୋଜନ କର, ତୁମର ଅନିଚ୍ଛାକୃତ ଅନ୍ୟାୟର ଅନେକ ପ୍ରଶମନ ହେବ । ତୁମର ପୂର୍ବପୁରୁଷମାନେ ସ୍ୱର୍ଗରୁ ତୁମକୁ ଆଶୀର୍ବାଦ କରିବେ ଏବଂ ତୁମକୁ ବିପନ୍ମୁକ୍ତ ରଖିବେ । ଏହାକୁ ଭୋଜ-ଉତ୍ସବ କୁହାଯାଏ ।

ईश्वरसृष्टेषु जीवेषु यो दयावान् तं प्रति ईश्वरोऽपि दयावान् ।
पशुवधश्चेदनिवार्यस्तर्हि तेभ्यः स्वल्पतमा पीड़ा भीतिश्च देया ॥
एष ईश्वरादेशः ॥४४॥

ଈଶ୍ୱରସୃଷ୍ଟେଷୁ ଜୀବେଷୁ ଯୋ ଦୟାବାନ୍ ତଂ ପ୍ରତି ଈଶ୍ୱରୋ ପି ଦୟାବାନ୍ ।
ପଶୁବଧଶ୍ଚେଦନିବାର୍ଯ୍ୟଂ ତର୍ହି ତାନ୍ ସ୍ୱଳ୍ପତମା ପୀଡ଼ା ଭୀତିଶ୍ଚ ଦେୟା ଏଷ ଈଶ୍ୱରାଦେଶଃ ॥

ଈଶ୍ୱରସୃଷ୍ଟ ଜୀବଗଣଙ୍କ ପ୍ରତି ଯିଏ ଦୟାଳୁ, ଈଶ୍ୱର ତାହାଙ୍କ ପ୍ରତି ଦୟାଳୁ । ଏକାନ୍ତ କୌଣସି ପ୍ରାଣୀକୁ ବଧ କରିବାର ପ୍ରୟୋଜନ ହେଲେ, ଈଶ୍ୱରଙ୍କ ଆଦେଶ ଯେତେଦୂର ସମ୍ଭବ କମ ଯନ୍ତ୍ରଣାଦାନ ଓ ଭୟ ନ ପାଇବାର ବ୍ୟବସ୍ଥା ଗ୍ରହଣ ଆବଶ୍ୟକ ।

आस्तिको न व्यभिचारी स्यात् परदारं नाभिगच्छेत् ।
न वदेत् प्रतिषिद्धं च सदा सत्ये स्थितो भवेत् ॥85॥

ଆସ୍ତିକୋ ନ ବ୍ୟଭିଚାରୀ ସ୍ୟାତ୍ ପରଦାରଂ ନାଭିଗଚ୍ଛେତ୍ ।
ନ ବଦେତ୍ ପ୍ରତିଷିଦ୍ଧଂ ଚ ସଦା ସତ୍ୟେ ସ୍ଥିତୋ ଭବେତ୍ ॥

ଈଶ୍ୱରଙ୍କ ଭକ୍ତମାନେ ବ୍ୟଭିଚାରୀ ହେବେ ନାହିଁ, ପରସ୍ତ୍ରୀକୁ କାମନା କରିବେ ନାହିଁ । ନିଷିଦ୍ଧବାକ୍ୟ ଉଚ୍ଚାରଣ କରିବେ ନାହିଁ, ସତ୍ୟରେ ଅବିଚଳ ରହିବେ ।

पशवश्च भगवत्-सृष्टाः । तान् प्रति सदयो भव ।
यतस्ते च मानुषीवाक्वाचने अशक्ताः ॥
क्षुधार्तेभ्यस्तृष्णार्तेभ्यश्च खाद्यं पेयं च दीयताम् ।
ते नैव प्राप्तक्लमाः प्रपीडिताश्च भवन्तु ॥86॥

ପଶବଶ୍ଚ ଭଗବତ୍-ସୃଷ୍ଟାଃ । ତାନ୍ ପ୍ରତି ସଦୟୋ ଭବ ।
ଯତସ୍ତେ ଚ ମାନୁଷୀବାକ୍‌ବାଚନେ ଅଶକ୍ତାଃ ॥
କ୍ଷୁଧାର୍ତ୍ତେଭ୍ୟୋ ତୃଷ୍ଣାର୍ତ୍ତେଭ୍ୟଶ୍ଚ ଖାଦ୍ୟଂ ପେୟଂ ଚ ଦୀୟତାମ୍ ।
ତେ ନୈବ ପ୍ରାପ୍ତକ୍ଲମାଃ ପ୍ରପୀଡ଼ିତାଶ୍ଚ ଭବନ୍ତୁ ॥

ଈଶ୍ୱରଙ୍କ ସୃଷ୍ଟ ଜୀବଜନ୍ତୁ ପ୍ରତି ସଦୟ ରହିବ, କାରଣ ସେମାନେ ମଣିଷଙ୍କ ଭଳି କଥା କହିପାରନ୍ତି ନାହିଁ । କ୍ଷୁଧାର୍ତ୍ତକୁ ଖାଦ୍ୟ ଓ ତୃଷାର୍ତ୍ତକୁ ପାନୀୟ ଦାନ କରିବ । ସେମାନଙ୍କ ଉପରେ ଅତ୍ୟାଚାର କରିବା ବା ଅତ୍ୟଧିକ ପରିଶ୍ରମ କରାଇବା ଈଶ୍ୱରଙ୍କ କ୍ରୋଧ ଉତ୍ପନ୍ନ କରେ ।

श्रावकस्य बोधशक्तिं विभाव्य वक्तुमर्हति वाचम् ।
एषा वै भगवदिच्छा । सर्वविषये युगपदालोच्यमाने
न कश्चिद् विषयो न कस्यापि बोधं गमयति। भ्रान्तिरेव जायते च ॥87॥

ଶ୍ରାବକସ୍ୟ ବୋଧଶକ୍ତିଂ ବିଭାବ୍ୟ ବକ୍ତୁମର୍ହତି ବାଚମ୍ ।
ଏଷା ବୈ ଭଗବଦିଚ୍ଛା । ସର୍ବବିଷୟେ ଯୁଗପଦାଲୋଚ୍ୟମାନେ
ନ କଶ୍ଚିଦ୍ ବିଷୟୋ ନ କସ୍ୟାପି ବୋଧଂ ଗମ୍ୟତେ । ଭ୍ରାନ୍ତିରେବ ଜାୟତେ ଚ ॥

ଈଶ୍ୱରଙ୍କ ଇଚ୍ଛା—ଶ୍ରୋତାର ବୁଦ୍ଧିବୃତ୍ତି ବିବେଚନା କରି କଥା କହିବ, ସମସ୍ତ ବିଷୟ ଯଦି ସମସ୍ତ ମଣିଷ ସହିତ ଆଲୋଚନା କରାହୁଏ, ବୁଝିବାରେ ଭୁଲ ହେବ, କାର୍ଯ୍ୟରେ ମଧ୍ୟ ଭୁଲ ହେବ, ଈଶ୍ୱରଙ୍କ ସୃଷ୍ଟି କ୍ଷତିଗ୍ରସ୍ତ ହେବ ।

अन्नं देहि क्षुधार्ताय शुश्रुषस्वातुरं जनम् ।
कश्चिदन्यायेनाबद्धश्चेत् कुरु तस्य बन्धनमोचनम् ॥୫୫॥
ଅନ୍ନଂ ଦେହି କ୍ଷୁଧାର୍ତ୍ତାୟ ଶୁଶ୍ରୁଷସ୍ୱ ଆତୁରଂ ଜନମ୍ ।
କଶ୍ଚିଦ୍‌ନ୍ୟାୟେନାବଦ୍ଧଶ୍ଚେତ୍ କୁରୁ ତସ୍ୟ ବଦନମୋଚନମ୍ ॥

କ୍ଷୁଧାର୍ତ୍ତକୁ ଅନ୍ନଦାନ, ଅସୁସ୍ଥ ମଣିଷର ସେବା, ନିର୍ଦ୍ଦୋଷ ବ୍ୟକ୍ତିକୁ ବନ୍ଦୀଦଶାରୁ ମୁକ୍ତ କରିବାଦ୍ୱିରେ ଈଶ୍ୱର ପ୍ରୀତ ହୁଅନ୍ତି ।

सहचरा: पापकर्त्तारोऽपि यदि साहाय्यमुपयाचन्ते
पापान्निवार्य तान् कुरुष्व पापविरतान् ॥୫୨॥
ସହଚରାଃ ପାପକର୍ତ୍ତାରୋ ପି ଯଦି ସାହାଯ୍ୟମୁପଯାଚନ୍ତେ
ପାପାନ୍ନିବାର୍ଯ୍ୟ ତାନ୍ କୁରୁସ୍ୱ ପାପବିରତାନ୍ ॥

ମିତ୍ର ପାପିଷ୍ଠ ହେଲେ ମଧ୍ୟ ବିପଦ ସମୟରେ ତାକୁ ଛାଡ଼ି ଯାଅ ନାହିଁ । ପାପୀକୁ ପାପକର୍ମ କରିବାକୁ ନିଷେଧ କର, ତାକୁ ସାହାଯ୍ୟ କର । ପାପରୁ ନିବୃତ୍ତ କର ।

यो योग्यो य: समर्थश्च करोति कर्म च आत्मनो
परस्य च, तत्सहाय: प्रसन्नश्च स्वयं भवति ईश्वर: ॥୨୦॥
ଯୋ ଯୋଗ୍ୟୋ ଯଃ ସମର୍ଥଶ୍ଚ କରୋତି କର୍ମ ଚ ଆତ୍ମନୋ
ପରସ୍ୟ ଚ ତତ୍ ସହାୟଃ ପ୍ରସନ୍ନଶ୍ଚ ସ୍ୱୟଂ ଭବତି ଈଶ୍ୱର ॥

ईश्वरलाभाय आत्मानं विद्धि
प्रतिजनस्य ज्ञानाहरणमवश्यं करणीयम् ॥୨୧॥
ଈଶ୍ୱରଲାଭାୟ ଆତ୍ମାନଂ ବିଦ୍ଧି
ପ୍ରତିଜନସ୍ୟ ଜ୍ଞାନାହରଣମବଶ୍ୟଂ କରଣୀୟମ୍ ॥

ଈଶ୍ୱରଙ୍କୁ ଜାଣିବାକୁ ହେଲେ ନିଜକୁ ଜାଣ । ଜ୍ଞାନାହରଣ ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ ।

नारी तु समादरणीया । एष ईश्वरादेश: ।
सा वै भवति माता च कन्या च भगिनी वा ।
तां प्रति यत् कर्त्तव्यं तदकरणं नरकं नयति ॥୨୨॥
ନାରୀ ତୁ ସମାଦରଣୀୟା । ଏଷ ଈଶ୍ୱରାଦେଶଃ
ସା ବୈ ଭବତି ମାତା ଚ କନ୍ୟା ଚ ଭଗିନୀ ବା ।
ତାଂ ପ୍ରତି ଯତ୍ କର୍ତ୍ତବ୍ୟଂ ତଦକରଣଂ ନରକଂ ନୟତି ॥

ଈଶ୍ୱରଙ୍କ ଆଦେଶ - ନାରୀମାନଙ୍କ ପ୍ରତି ସଦ୍‌ବ୍ୟବହାର କରିବ, କାରଣ ସେମାନେ ତୁମ୍ଭମାନଙ୍କର ମାତା, କନ୍ୟା, ଭଗିନୀ । ନାରୀମାନଙ୍କ ପ୍ରତି କର୍ତ୍ତବ୍ୟରେ ଅବହେଳା ଅଥବା ଦୁର୍ବ୍ୟବହାର କଲେ ତୁମ ଆଗରେ ନରକର ଦ୍ୱାର ଉନ୍ମୁକ୍ତ ରହିବ ।

प्रतिदानं वा पुनर्लाभमिच्छन् न कुरुष्व किमपि दानम्
एवमनिच्छन्नपि लभेत पुण्यं जगदपि च भवति तव मित्रम् ॥93॥

ପ୍ରତିଦାନଂ ବା ପୁନର୍ଲାଭମିଚ୍ଛନ୍ ନ କୁରୁସ୍ୱ କିମପି ଦାନମ୍
ଏବମନିଚ୍ଛନ୍ନପି ଲଭେତ୍ତୁ ପୁଣ୍ୟଂ ଜଗଦପିଚ ଭବତି ତବ ମିତ୍ରମ୍ ।

କୌଣସି କିଛି ଦାନ କରି ତାହା ବଦଳରେ କିଛି ପାଇବାର ଆକାଙ୍କ୍ଷା କର ନାହିଁ । ଈଶ୍ୱର ତୁମକୁ ପୃଥିବୀର ବାନ୍ଧବରେ ପରିଣତ କରିବେ ଏବଂ ସମୟରେ ସ୍ୱର୍ଗସୁଖ ଦାନ କରିବେ ।

समुत्पन्ने विवादे तु विचारात् प्रागेव श्रोतव्यम्
उभयपक्षस्य वक्तव्यं यतो विस्पष्टं भवति तथ्यमवितथम् ॥94॥

ସମୁତ୍ପନ୍ନେ ବିବାଦେ ତୁ ବିଚାରାତ୍ ପ୍ରାଗେବ ଶ୍ରୋତବ୍ୟମ୍
ଉଭୟପକ୍ଷସ୍ୟ ବକ୍ତବ୍ୟଂ ଯତୋ ବିସ୍ପଷ୍ଟଂ ଭବତି ତଥ୍ୟମବିତଥମ୍ ॥

ବିବଦମାନ ଦୁଇ ପକ୍ଷର ମୀମାଂସା ପାଇଁ ତୁମ ପାଖକୁ ଆସିଲେ ଉଭୟ ପକ୍ଷର ବକ୍ତବ୍ୟ ନ ଶୁଣି କୌଣସି ସିଦ୍ଧାନ୍ତ ନେବ ନାହିଁ, କାରଣ ପ୍ରକୃତ ସତ୍ୟ ତୁମର ଜ୍ଞାତ ହେଲେ ଈଶ୍ୱର ପ୍ରଦତ୍ତ ଦାୟିତ୍ୱ ସମ୍ପୂର୍ଣ୍ଣରୂପେ ତୁମେ ସମାଧାନ କରିପାରିବ ।

यो जीवान् अभि द्रुह्यति तेषामनिष्टं करोति च
सर्वजीवेषु यस्य मैत्रीभावना च नास्ति,
पतितः स समाजच्युतिमर्हति ॥95॥

ଯୋ ଜୀବାନ୍ ଦ୍ରୁହ୍ୟତି ତେଷାମନିଷ୍ଟଂ କରୋତି ଚ
ସର୍ବଜୀବେଷୁ ଯସ୍ୟ ମୈତ୍ରୀଭାବନା ଚ ନାସ୍ତି,
ପତିତଃ ସ ସମାଜଚ୍ୟୁତିମର୍ହତି ॥

ଜୀବିତ ପ୍ରାଣୀକୁ ଯିଏ ଆଘାତ କରେ, କ୍ଷତି କରେ, ଜୀବିତଙ୍କ ପ୍ରତି ଯାହାର ସମବେଦନା ନ ଥାଏ, ସେ ଜାତିଚ୍ୟୁତ ବୋଲି ଗଣ୍ୟ ହୁଏ ।

शौर्यं तु जगद्विजयक्षमं जीवने च सुप्रतिष्ठा
कृतिषु च कीर्त्तिरेतत् सर्वमीश्वरानुग्रहे पूर्णतया निर्भरं
निश्चितं वै निर्णयरामेतद् आस्तिक्यबुद्धेर्विशिष्टलक्षणम् ॥96॥
ଶୌର୍ଯ୍ୟଂ ତୁ ଜଗଦ୍-ବିଜୟକ୍ଷମଂ ଜୀବନେ ଚ ସୁପ୍ରତିଷ୍ଠା
କୃତିଷୁ ଚ କୀର୍ତ୍ତିମେତତ୍ ସର୍ବମୀଶ୍ୱରାନୁଗ୍ରହେ ପୂର୍ଣ୍ଣତୟା ନିର୍ଭରମ୍
ନିଶ୍ଚିତଂ ବୈ ନିର୍ଣୟମେତଦ୍ ଆସ୍ତିକ୍ୟଂବୁଦ୍ଧେବିଶିଷ୍ଟଲକ୍ଷଣମ୍ ॥

ତୁମର ଜଗତ ଜୟର ସାହସ ହିଁ ତୁମର ଈଶ୍ୱର ବିଶ୍ୱାସର ପ୍ରମାଣ ସୁସ୍ପଷ୍ଟ କରେ ଏବଂ ତୁମର ଜୀବନ ଓ ଯାବତୀୟ କୀର୍ତ୍ତି ପାଇଁ ଈଶ୍ୱରଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରତା ତୁମକୁ ଅଦମ୍ୟ ସାହସ ଏବଂ ପୂର୍ଣ୍ଣତା ଦାନ କରିବ ।

यावदायुस्तावदिह सदा दानशीलो नरः प्रेत्यास्माल्लोकात् ।
पश्यति स्वर्गद्वारं विशालं तस्य कृते उन्मुक्तमनर्गलम् ॥97॥
ଯାବଦାୟୁସ୍ତାବଦ୍ଦିହ ସଦା ଦାନଶୀଲୋ ନରଃ ପ୍ରେତ୍ୟାସ୍ମାଲ୍ଲୋକାତ୍ ।
ପଶ୍ୟତି ସ୍ୱର୍ଗଦ୍ୱାରଂ ବିଶାଲଂ ତସ୍ୟ କୃତେ ଉନ୍ମୁକ୍ତମନର୍ଗଲମ୍ ॥
ଏହି ପୃଥିବୀରେ ଯେଉଁ ବ୍ୟକ୍ତି ଦାନଶୀଳ ସ୍ୱର୍ଗର ଦ୍ୱାର ତାଙ୍କ ପାଇଁ ଉନ୍ମୁକ୍ତ ରହେ ।

हृदयं यत् सदा जीवप्रेमपूरितं तदभीष्टतममिह संसारे ॥98॥
ହୃଦୟଂ ଯତ୍ ସଦା ଜୀବପ୍ରେମପୂରିତଂ ତଦଭୀଷ୍ଟମମିହ ସଂସାରେ ।
ସର୍ବଜୀବପ୍ରତି ପ୍ରେମପୂର୍ଣ୍ଣ ହୃଦୟ ସର୍ବାପେକ୍ଷା ଅଧିକ ପ୍ରୟୋଜନ ।

आस्ते भग आसीनस्य – चरैवेति चरैवेति ।
चरन् वै मधु विन्दति चरन् स्वादु उदुम्वरम् ॥
पश्य सुर्यस्य श्रेमाणं यो न तन्द्रयते चरन् ।
चरैवेति चरैवेति चरैवेति ॥99॥
ଆସ୍ତେଭଗ ଆସୀନସ୍ୟ - ଚରୈବେତି ଚରୈବେତି ।
ଚରନ୍ ବୈ ମଧୁ ବିନ୍ଦତି ଚରନ୍ ସ୍ୱାଦୁ ଉଦୁମ୍ବରମ୍ ॥
ପଶ୍ୟ ସୂର୍ଯସ୍ୟ ଶ୍ରେମାଣଂ ଯୋ ନ ଚନ୍ଦ୍ରୟତେ ଚରନ୍ ।
ଚରୈବେତି ଚରୈବେତି ଚରୈବେତି ॥

ଅକର୍ମଣ୍ୟ ବ୍ୟକ୍ତିର କପାଳରେ ଈଶ୍ୱର ଦୁଃଖ ଲେଖିଦିଅନ୍ତି । ସୁତରାଂ ଅକ୍ଳାନ୍ତ କର୍ମରେ ବ୍ୟାପୃତ ହୁଅ । ଅରଣ୍ୟରେ ରୋଦନ କଲେ ମଧୁ ମିଳେ ନାହିଁ, ମଧୁ ଆହରଣ ପାଇଁ

ପରିଶ୍ରମ କରିବାକୁ ହୁଏ । ଦେଖ, ସୂର୍ଯ୍ୟ ସର୍ବଦା ଅଗ୍ରସର ହେବାର ବ୍ରତ ନେଇଛନ୍ତି । କେବେହେଲେ ଆଳସ୍ୟ କରନ୍ତି ନାହିଁ, ତେଣୁ ସୂର୍ଯ୍ୟ ଚିରଯୌବନମୟ । ଈଶ୍ୱରଙ୍କ ଉପରେ ଭରସା ରଖି କର୍ମକାଣ୍ଡରେ ଅଗ୍ରସର ହୁଅ । ଅଗ୍ରସରତା ହିଁ ସୌଭାଗ୍ୟର ଦରଜା ଖୋଲିଦିଏ ।

ॐ भद्रं कर्णेभिः शृणुयाम देवाः । भद्रं पश्येमाक्षभिर्यजत्राः ।
स्थिरैरङ्गैस्तुष्टुवांसस्तनूभिः । व्यशेम देवहितं यदायुः ॥
ॐ शान्तिः शान्तिः शान्तिः ॥100॥

ଓଁ ଭଦ୍ରଂ କର୍ଣେଭିଃ ଶୃଣୁୟାମ ଦେବାଃ । ଭଦ୍ରଂ ପଶ୍ୟେମାକ୍ଷଭିର୍ଯଜତ୍ରାଃ ।
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାସସ୍ତନୂଭିଃ । ବ୍ୟଶେମ ଦେବହିତଂ ଯଦାୟୁଃ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

ହେ ଈଶ୍ୱର, ଆମ୍ଭମାନଙ୍କ ଜୀବନ ପଥରେ ଯେମିତି ସୁନ୍ଦର ଦୃଶ୍ୟ ଏବଂ ମନୋରମ ସମ୍ବାଦ ସହିତ ପ୍ରତ୍ୟକ୍ଷ ହୁଏ, ଯେମିତି ସୁସ୍ୱାସ୍ଥ୍ୟ ଏବଂ ଆନନ୍ଦମୟ ଜୀବନ ଆମ୍ଭମାନଙ୍କର ସଙ୍ଗୀ ହୁଏ । ଈଶ୍ୱର ପ୍ରଦତ୍ତ ଜୀବନ ଯେମିତି ଈଶ୍ୱର ସୃଷ୍ଟ ଜଗତର କଲ୍ୟାଣରେ ନିୟୋଜିତ ହୁଏ । ସମସ୍ତଙ୍କ ପାଇଁ ଶାନ୍ତି ବିରାଜ କରୁ ।

## ଭଗବାନ କୃଷ୍ଣ ଏବଂ ଭଗବଦ୍‌ଗୀତା

ମୂକଂ କରୋତି ବାଚାଳଂ, ପଙ୍ଗୁ ଲଙ୍ଘୟତେ ଗିରିମ୍ ।
ଯତ୍‌କୃପା ତମହଂ ବନ୍ଦେ, ପରମାନନ୍ଦ ମାଧବମ୍ ॥

ମୁଁ ଭଗବାନ କୃଷ୍ଣଙ୍କୁ ପ୍ରଣାମ କରେଁ, ଯାହାଙ୍କ କୃପାରେ ମୂକ ବାଚାଳ ହୁଏ, ପଙ୍ଗୁ ଗିରି ଲଙ୍ଘନ କରେ । ଈଶ୍ୱରଙ୍କ କୃପାବର୍ଷଣ ହେଲେ କୃଷ୍ଣମୟ ଜୀବନ ଆନନ୍ଦଭୂମିରେ ପରିଣତ ହୁଏ ।

ଭଗବାନ କୃଷ୍ଣଙ୍କ ଜନ୍ମ ହୋଇଥିଲା ମଥୁରାରେ 3500 ଖ୍ରୀଷ୍ଟପୂର୍ବାବ୍ଦରେ । ତାଙ୍କର ପିତାଙ୍କ ନାମ ବସୁଦେବ ଓ ମାତାଙ୍କ ନାମ ଦେବକୀ । ମଥୁରାର ରାଜା ଥିଲେ କଂସ । ସେ ଦେବକୀଙ୍କ ଭାଇ ଓ କୃଷ୍ଣଙ୍କର ସମ୍ପର୍କରେ ମାମୁଁ ଥିଲେ । କଂସ ଥିଲେ ଦୁର୍ବୃତ୍ତ ଓ ଅତ୍ୟାଚାରୀ । ତାଙ୍କ ଅତ୍ୟାଚାରରୁ କେହି ନିସ୍ତାର ପାଉ ନଥିଲେ, ଏପରିକି ମୁନି ଋଷିମାନେ ମଧ୍ୟ । କଂସ ତାଙ୍କର ପିତା ଉଗ୍ରସେନଙ୍କୁ କାରାରୁଦ୍ଧ କରି ମଥୁରାର ରାଜମୁକୁଟ କାଢ଼ି ନେଇଥିଲେ ।

ଏକ ଦୈବବାଣୀରେ କଂସ ଶୁଣିଲେ ''ତୁମର ଭଗ୍ନୀ ଦେବକୀର ଅଷ୍ଟମ ଗର୍ଭର ପୁତ୍ରଙ୍କ ଦ୍ୱାରା ତୁମେ ନିହତ ହେବ ।'' ତେଣୁ ଦେବକୀଙ୍କ ବିବାହ ପରେ ରାଜା କଂସ

ଦେବକୀ ଓ ବସୁଦେବଙ୍କୁ କାରାଗାରରେ ନିକ୍ଷେପ କରନ୍ତି । ପ୍ରତ୍ୟେକ ଥର ଦେବକୀଙ୍କ ସନ୍ତାନ ଭୂମିଷ୍ଠ ହେବା ମାତ୍ରେ କଂସ ନିଜେ ଆସି ଶିଶୁଟିକୁ ହତ୍ୟା କରୁଥିଲେ । ଏମିତି ସାତଥର ହେଲା ।

ଦେବକୀ ଅଷ୍ଟମ ଥର ଗର୍ଭବତୀ ହେଲେ । ବିଷ୍ଣୁଙ୍କ ଭଗବତ୍ ସତ୍ତା ଦେବକୀଙ୍କ ଅଷ୍ଟମ ସନ୍ତାନରୂପେ କାରାଭ୍ୟନ୍ତରେ ଜନ୍ମଗ୍ରହଣ କଲେ । ସେହି ସନ୍ତାନ ଭଗବାନ କୃଷ୍ଣ ।

କୃଷ୍ଣଙ୍କ ଜନ୍ମ ରାତ୍ରିରେ ଝଡ଼ ଉଠିଲା, ବଜ୍ରପାତ ହେଲା, ବନ୍ୟା ଦେଖାଦେଲା । କାରାଗାରର ପ୍ରହରୀମାନେ ନିଦ୍ରାଭିଭୂତ ହେଲେ ଏବଂ ଅଲୌକିକ ଭାବରେ ଫାଟକ ଖୋଲିଗଲା । ଭଗବାନ କୃଷ୍ଣଙ୍କ ଜନ୍ମ ହେବାମାତ୍ରେ ବସୁଦେବ ଦୈବବାଣୀ ଶୁଣିଲେ, ''ଏହି ଶିଶୁକୁ ଯମୁନା ପାରିହୋଇ ଗୋକୁଳକୁ ନେଇ ରଖିଆସ । ଶିଶୁର ଜନ୍ମକଥା କେହି ଶୁଣିବା ପୂର୍ବରୁ କାରାଗାରକୁ ଫେରିଆସିବ ।'' ବସୁଦେବ କାଳ ବିଳମ୍ବ ନ କରି ଶିଶୁକୁ ନେଇ ଚାଲିଲେ, ସମସ୍ତ ଦ୍ୱାର ଉନ୍ମୁକ୍ତ ହେଲା, ନିଜେ ନିଜେ ଯେମିତି ସେ ବାହାରି ଯାଇପାରନ୍ତି ।

ବସୁଦେବ ଯମୁନା କୂଳରେ ଆସି ଦେଖିଲେ ପ୍ରଚଣ୍ଡ ଝଡ଼-ବର୍ଷାରେ ନଦୀ ଉତ୍ତାଳ । କିନ୍ତୁ ବସୁଦେବ ଉପସ୍ଥିତ ହେବା ମାତ୍ରେ ନଦୀ ଦ୍ୱିଧା ବିଭକ୍ତ ହୋଇ ଭଗବତ୍ ଶିଶୁକୁ ବହନକାରୀ ବସୁଦେବଙ୍କୁ ପଥ କରିଦେଲା । ବସୁଦେବ ନିରାପଦରେ ନଦୀର ଅନ୍ୟ କୂଳରେ ପହଞ୍ଚିଲେ । ଦେଖିଲେ ଗୋକୁଳର ସମସ୍ତ ଅଧିବାସୀ ନିଦ୍ରାମଗ୍ନ ।

ସେ ଗୋପାଳକମାନଙ୍କର ପ୍ରଧାନ ନନ୍ଦ ଓ ତାଙ୍କ ମହିଷୀ ଯଶୋଦାଙ୍କ ଗୃହରେ ପ୍ରବେଶ କରି ବନ୍ଧୁ ନନ୍ଦଙ୍କ ହାତରେ ଶିଶୁ କୃଷ୍ଣଙ୍କୁ ସମର୍ପଣ କଲେ । ନନ୍ଦ କୃଷ୍ଣଙ୍କୁ ଯଶୋଦାଙ୍କ

ପାର୍ଶ୍ୱରେ ଶୟନ କରାଇଦେଲେ । ସେହିଦିନ ଠାରୁ ଯଶୋଦା ହେଲେ କୃଷ୍ଣଙ୍କର ପାଳିତା ମାତା । ସେ ଶିଶୁକୃଷ୍ଣଙ୍କୁ ବଡ଼କରି ତୋଳିଲେ ।

କୃଷ୍ଣ ଶବ୍ଦର ଅର୍ଥ କଳା । ଭଗବାନ ଶ୍ରୀକୃଷ୍ଣ ଶ୍ୟାମବର୍ଣ୍ଣର ଥିଲେ । ସେଥିପାଇଁ କୃଷ୍ଣବର୍ଣ୍ଣ ପ୍ରତି ହିନ୍ଦୁମାନେ ବିଶେଷ ଶ୍ରଦ୍ଧା ପୋଷଣ କରନ୍ତି ।

ଅତ୍ୟାଚାରୀ କଂସ ଦେବକୀଙ୍କ ସନ୍ତାନ ଜନ୍ମ ହେବାର କଥା ଶୁଣିବା ମାତ୍ରେ କାରାକକ୍ଷକୁ ଧାବିତ ହେଲେ ନବଜାତ ଶିଶୁକୁ ବଧ କରିବା ପାଇଁ । କିନ୍ତୁ ଦେବକୀଙ୍କ ପୁତ୍ରକୁ ହତ୍ୟା କରି ନପାରି କ୍ରୋଧାନ୍ଧ ହୋଇ ବୃନ୍ଦାବନ ଓ ତାର ନିକଟବର୍ତ୍ତୀ ସ୍ଥାନର ସମସ୍ତ ନବଜାତ ଶିଶୁଙ୍କୁ ବଧ କରିବାର ଆଦେଶ ଦେଲେ । କିନ୍ତୁ ସନାତନ ଧର୍ମର ପୁନଃ ସଂସ୍ଥାପନ ପାଇଁ ଯାହାଙ୍କର ଜନ୍ମ ସେ ଅକ୍ଷତ ରହିଗଲେ । ପରବର୍ତ୍ତୀ ସମୟରେ ତାଙ୍କୁ ବଧ କରିବାର କଂସର ସମସ୍ତ ଚେଷ୍ଟା ସେ ବ୍ୟର୍ଥ କରିଥିଲେ ।

କଂସ ରଫା ପାଇଁ ଆଲୋଚନା କରିବାକୁ ଚାହାନ୍ତି, ଏହି ଛଳନାରେ କୃଷ୍ଣଙ୍କ ପିତୃବ୍ୟ ଅକ୍ରୂର ମାଧ୍ୟମରେ କିଶୋର କୃଷ୍ଣଙ୍କୁ ମଥୁରାକୁ ଡାକି ପଠାଇଲେ । କୃଷ୍ଣଙ୍କର ବୟସ ସେତେବେଳେ ମାତ୍ର ୧୪ ବର୍ଷ । ସେ ଆସିବା ସଙ୍ଗେ ସଙ୍ଗେ ଭଡ଼ାଟିଆ ଖୁନୀ ଦ୍ୱାରା, ତାହା ପରେ ପୁଣି ଏକ ମତ୍ତହସ୍ତୀ ଦ୍ୱାରା ବଧ କରିବାର ଚେଷ୍ଟା କଲେ । ସର୍ବଶେଷରେ କୃଷ୍ଣ କଂସଙ୍କ ସିଂହାସନ ନିକଟକୁ ଯାଇ ମଲ୍ଲଯୁଦ୍ଧ ଦ୍ୱାରା କଂସକୁ ନିହତ କଲେ । କଂସଙ୍କ ପିତା ଉଗ୍ରସେନଙ୍କୁ କୃଷ୍ଣ ପୁଣି ସିଂହାସନରେ ବସାଇଲେ । ଏକ ଘୃଣ୍ୟ ଅତ୍ୟାଚାରୀର ଅତ୍ୟାଚାର ଶେଷହେଲା ।

ଭଗବାନ କୃଷ୍ଣ ଗଉଡୁଣୀମାନଙ୍କ ମଧ୍ୟରେ ବଡ଼ ହୋଇଉଠିଲେ । ବୃନ୍ଦାବନରେ ଗଉଡୁଣୀମାନଙ୍କୁ ଗୋପୀ କହୁଥିଲେ । ବାଲ୍ୟକାଳରେ କୃଷ୍ଣ ବନ୍ଧୁମାନଙ୍କୁ ଶିଖାଉଥିଲେ କିପରି ନୃତ୍ୟ ଓ ଗୀତକଳା ମାଧ୍ୟମରେ ଜୀବନୀଶକ୍ତି ଯୁବକସୁଲଭ ଶାରୀରିକ ଶକ୍ତିର ପ୍ରାଚୁର୍ଯ୍ୟ ବ୍ୟବହାର କରିବାକୁ ହୁଏ । ରାଧା ଜଣେ ଗୋପୀ, ତାଙ୍କର ସର୍ବାପେକ୍ଷା ଅନୁରକ୍ତ ବନ୍ଧୁ ଓ ଶିଷ୍ୟା ଥିଲେ ।

ଚତୁର୍ଦ୍ଦଶ ବର୍ଷ ବୟସ ପର୍ଯ୍ୟନ୍ତ ନୃତ୍ୟ, ଗୀତ ଓ ବାଳକସୁଲଭ ବିଭିନ୍ନ ଦୁଷ୍ଟାମିରେ ବାଲ୍ୟକାଳର ଆନନ୍ଦ ଉପଭୋଗ ସେ କରନ୍ତି ଏବଂ ବୃନ୍ଦାବନର ସଭିଙ୍କୁ ଆନନ୍ଦ ସାଗରରେ ଭସାନ୍ତି । ସେହି ସମସ୍ତ ଆନନ୍ଦଘନ ଦିନଗୁଡ଼ିକର ସ୍ମୃତି-କାହାଣୀ ଆଜି ମଧ୍ୟ ହିନ୍ଦୁମାନଙ୍କ ମନକୁ ଆନନ୍ଦମୟ କରିତୋଳେ । ସେହି ସମସ୍ତ ମଧୁର ସଙ୍ଗୀତମୟ ଦିନଗୁଡ଼ିକୁ ଭିତ୍ତି କରି ବିରାଟ ବୈଷ୍ଣବ-ସାହିତ୍ୟ ତିଆରି ହୋଇଛି । ଚଉଦ ବର୍ଷ ବୟସରେ କୃଷ୍ଣ ବାଲ୍ୟକାଳର ବାସଭୂମି ଚିରଦିନ ପାଇଁ ତ୍ୟାଗ କରି ମଥୁରାକୁ ଚାଲିଯାଆନ୍ତି । ସେଠାରେ ଦୁଷ୍ଟରାଜା କଂସକୁ ବଧ କରନ୍ତି ।

ବାଲ୍ୟକାଳରେ ହିଁ କୃଷ୍ଣ ଋଷି ସନ୍ଦୀପନୀଙ୍କ ଶିଷ୍ୟତ୍ୱ ଗ୍ରହଣ କରନ୍ତି । ଗୁରୁଙ୍କ ଆଶ୍ରମରେ

ସେ ବେଦ, ଗଣିତ, ଚିକିତ୍ସାଶାସ୍ତ୍ର ଏବଂ ଯୁଦ୍ଧବିଦ୍ୟା ଶିକ୍ଷା କରନ୍ତି ।

ସାରାଜୀବନ ବଞ୍ଚିତ ସାଧାରଣ ଜନଙ୍କୁ ତାଙ୍କର ପ୍ରାପ୍ୟ ଦେବା ପାଇଁ କୃଷ୍ଣ ସଂଗ୍ରାମ କରିଥିଲେ । ସର୍ବହରାମାନଙ୍କ ପାଇଁ ସେ ନିଜର ସୁଖ-ସ୍ୱାଚ୍ଛନ୍ଦ୍ୟ ଏପରିକି ନିଜର ଜୀବନ ପର୍ଯ୍ୟନ୍ତ ବିସର୍ଜନ ଦେଇଥିଲେ । ବଞ୍ଚିତମାନେ ଯେପରି ସୁବିଚାର ପାଆନ୍ତି, ସେଥିପାଇଁ ସେ ଲଢ଼ିଛନ୍ତି ଏବଂ ସଂଗ୍ରାମ କରିଛନ୍ତି ପୃଥିବୀର ସେହି ସମୟର ସର୍ବାପେକ୍ଷା ଶକ୍ତିଶାଳୀ ରାଜନୀତିଜ୍ଞମାନଙ୍କ ସହିତ ନିରନ୍ତର । ତାଙ୍କର ଲକ୍ଷ୍ୟ ଥିଲା ସନାତନ ଧର୍ମକୁ ଏକତ୍ର କରି ଏକ କେନ୍ଦ୍ରୀଭୂତ ଆନ୍ଦୋଳନ ଗଢ଼ିତୋଳିବା । ପାଣ୍ଡବରାଜ ଯୁଧିଷ୍ଠିରଙ୍କ ପୃଷ୍ଠପୋଷକତା କରିଥିଲେ ଧର୍ମରାଜ୍ୟ ପ୍ରତିଷ୍ଠା ପାଇଁ, ଯେଉଁଠି ଦରିଦ୍ରତମ ବ୍ୟକ୍ତି ମଧ୍ୟ ସସମ୍ମାନରେ ଜୀବନ ଧାରଣର ସୁଯୋଗ ପାଏ । କେନ୍ଦ୍ରୀଭୂତ ସନାତନ ଧର୍ମ ମାଧ୍ୟମରେ ଜୀବନ ଧାରଣର ସୁଯୋଗ ପାଏ । କେନ୍ଦ୍ରୀଭୂତ ସନାତନ ଧର୍ମ ମାଧ୍ୟମରେ ସେହି ସୁବିଚାର ସାଧାରଣ ଜନତାଙ୍କୁ ଦେବା ସମ୍ଭବ ବୋଲି ସେ ବିଶ୍ୱାସ କରୁଥିଲେ ।

ନିଜ ନିଜର ଅସ୍ତିତ୍ୱ ରକ୍ଷା ଓ ବୃଦ୍ଧି ପାଇଁ ସେତେବେଳର ହିନ୍ଦୁମାନେ ସାନ ସାନ ଗୋଷ୍ଠୀରେ ବିଭକ୍ତ ହୋଇ ନିଜ ନିଜକୁ ଭଗବାନଙ୍କ ପ୍ରତିଭୂ ବୋଲି ପ୍ରଚାର କରୁଥିଲେ ଏବଂ ଭକ୍ତମାନଙ୍କୁ ଠକାଉଥିଲେ । କୃଷ୍ଣଙ୍କୁ ଏହା ବିରୋଧରେ ମଧ୍ୟ ନିରନ୍ତର ସଂଗ୍ରାମ କରିବାକୁ ହୋଇଛି ଓ କୁତ୍ସା, ବିପଦର ସମ୍ମୁଖୀନ ହେବାକୁ ହୋଇଛି ।

ସେହି ସମୟରେ ଆଉ ଏକ ଶକ୍ତିଶାଳୀ ଅତ୍ୟାଚାରୀ ରାଜା ଜରାସନ୍ଧ ମଗଧ ଶାସନ କରୁଥିଲେ । କଂସ ଥିଲେ ଜରାସନ୍ଧର ଜ୍ୱାଇଁ । କଂସଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ଜରାସନ୍ଧ ଭାରତର ଉତ୍ତର-ପଶ୍ଚିମ ସୀମାନ୍ତରୁ ବିଦେଶୀ ଏକ ଅଶ୍ୱାରୋହୀ ଆକ୍ରମଣକାରୀ ଗୋଷ୍ଠୀର ନେତା କାଳଯବନଙ୍କୁ ଆମନ୍ତ୍ରଣ ଜଣାଇଲେ । ନିଜର ସୈନ୍ୟବାହିନୀ ନେଇ କାଳଯବନ ହିନ୍ଦୁକୁଶର ଏକ ଗିରିବର୍ତ୍ମ ଅତିକ୍ରମ କରି ଆସି କୃଷ୍ଣଙ୍କ ମଥୁରା ଆକ୍ରମଣ କଲେ । କୃଷ୍ଣ ଏକ ଦ୍ୱୈରଥ ସମରରେ କାଳଯବନକୁ ସହଜରେ ନିହତ କଲେ ।

ଜରାସନ୍ଧ କୃଷ୍ଣଙ୍କ ଅନୁଗତମାନଙ୍କୁ ନିପୀଡ଼ନ, ଆହତ ଓ ହତ୍ୟା କରିଚାଲିଲେ । ବାରମ୍ବାର ମଥୁରା ଅବରୋଧ କରି ସ୍ତ୍ରୀ, ପୁରୁଷ, ଶିଶୁ ନିର୍ବିଶେଷରେ ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ବିରାଟ ସୈନ୍ୟବାହିନୀ ମଥୁରାର ଖାଦ୍ୟ ସାମଗ୍ରୀ ସରବରାହ ବନ୍ଦ କରିଦେଲେ । କୃଷ୍ଣ ବୀରବିକ୍ରମ ସହିତ ଜରାସନ୍ଧକୁ ଯୁଦ୍ଧରେ ବାରମ୍ବାର ପରାସ୍ତ କଲେ ।

କୃଷ୍ଣ ବୁଝିପାରିଲେ ଜରାସନ୍ଧର ଅପରିମେୟ ଐଶ୍ୱର୍ଯ୍ୟ ଓ ସମ୍ପଦ ତୁଳନାରେ ତାଙ୍କର ଆର୍ଥିକ ସାମର୍ଥ୍ୟ ଅତ୍ୟଳ୍ପ । ଜରାସନ୍ଧର ସୈନ୍ୟବାହିନୀର କ୍ଷମତା ହ୍ରାସ କରିବାରେ ତାଙ୍କୁ ୩୦୦ ବର୍ଷ ଧରି ଯୁଦ୍ଧ କରିବାର ପ୍ରୟୋଜନ ହେବ, ଏପରି ଥିଲା ଜରାସନ୍ଧର ସୈନ୍ୟବାହିନୀ । କିନ୍ତୁ ମଥୁରାର ଦରିଦ୍ର ପ୍ରଜାସାଧାରଣଙ୍କ ରକ୍ତକ୍ଷୟ ବନ୍ଦ କରିବାକୁ ହେବ । ତେଣୁ ସେ ତାଙ୍କର ସମସ୍ତ ଅନୁଚରମାନଙ୍କୁ ସାଥିରେ ନେଇ ପ୍ରାୟ ଏକ ହଜାର ମାଇଲ ଅତିକ୍ରମ କରି

ଭାରତର ପଶ୍ଚିମ ଉପକୂଳ ସମୁଦ୍ରତୀରରେ ଉପନୀତ ହୋଇ ଦ୍ୱାରକା ନଗରୀ ସ୍ଥାପନ କଲେ ।

ଦ୍ୱାରକାର ଶାସନଭାର ସେ ଅର୍ପଣ କଲେ ତାଙ୍କର ଆତ୍ମୀୟ ବୃଷ୍ଣିମାନଙ୍କ ହସ୍ତରେ । ଅବଶ୍ୟ ସେ ସ୍ୱୟଂ ଥିଲେ ଏକ ବିଖ୍ୟାତ ଯୋଦ୍ଧା, ବିଚକ୍ଷଣ ରାଷ୍ଟ୍ରନୀତିଜ୍ଞ ଏବଂ ବୁଦ୍ଧିମାନ କୂଟନୀତିଜ୍ଞ, ସେ କେବେହେଲେ ରାଜସିଂହାସନ ନିଜ ପାଇଁ ଆକାଙ୍‌କ୍ଷା କରି ନାହାନ୍ତି । ଅନେକ ଅତ୍ୟାଚାରୀ ରାଜାଙ୍କୁ ସେ ଦମନ କରିଥିଲେ ବଞ୍ଚିତ ପ୍ରଜାମାନେ ଯେମିତି ସୁବିଚାର ପାଆନ୍ତି । କିନ୍ତୁ ନିଜେ କେବେହେଲେ ବିଜିତ ରାଜ୍ୟର ସିଂହାସନ ହସ୍ତଗତ କରିନାହାନ୍ତି । ପ୍ରଜାମାନଙ୍କ ହାତରେ ସେହି ବିଜିତ ରାଜ୍ୟ ଫେରାଇ ଦେଇଛନ୍ତି ।

୫୩ ବର୍ଷ ବୟସରେ କୃଷ୍ଣ ପୁରୁଣା ବନ୍ଧୁମାନଙ୍କ ଏକାନ୍ତ ଅନୁରୋଧରେ ପୁଣି ବୃନ୍ଦାବନକୁ ଆସିଲେ, ରହିଲେ ପ୍ରାୟ ଏକସପ୍ତାହ । ବୃନ୍ଦାବନକୁ ଆସିବା ସମୟରେ ସାଧାରଣ ମଣିଷମାନେ ପ୍ରବଳ ଆନନ୍ଦୋତ୍ସାହରେ ତାଙ୍କ ରଥର ଅଶ୍ୱଗୁଡ଼ିକୁ ମୁକ୍ତ କରି ଦେଇ ନିଜେ ନିଜେ ସେହି ରଥ ଟାଣି ନେଇଗଲେ । ଆଜି ପର୍ଯ୍ୟନ୍ତ ସାରା ପୃଥିବୀରେ ହିନ୍ଦୁମାନେ ଭଗବାନ କୃଷ୍ଣଙ୍କ ସେହି ବୃନ୍ଦାବନ ଯାତ୍ରା ଓ ଅବସ୍ଥାନ ସ୍ମରଣରେ ରଥଯାତ୍ରା ଉତ୍ସବ ପାଳନ କରନ୍ତି ।

ଭଗବାନ କୃଷ୍ଣ ସମସ୍ତ ଜୀବନ ଅତ୍ୟନ୍ତ ବ୍ୟସ୍ତତା ମଧ୍ୟରେ ରହୁଥିଲେ । କିନ୍ତୁ ସର୍ବଦା ଶାନ୍ତ ଓ ନିସ୍ପୃହ ରହୁଥିଲେ । ସମସ୍ତଙ୍କ ଦୁଃଖ ଯନ୍ତ୍ରଣା ସେ ନିଜ ପାଇଁ ଗ୍ରହଣ କରୁଥିଲେ । ସର୍ବଦା ନିଜର ଜୀବନ ବିପନ୍ନ କରି ଦୁର୍ବଳ ଓ ବଞ୍ଚିତମାନଙ୍କ ସହାୟ ହେଉଥିଲେ ।

ପ୍ରାଗଜ୍ୟୋତିଷପୁରରେ ଜଣେ ଦୁଷ୍ଟ ରାଜା ଥିଲେ । ନିଜ ସେବା ପାଇଁ ସେ ୧୬୦୦ ଯୁବତୀଙ୍କୁ ବନ୍ଦୀ କରି ରଖିଥିଲେ । ରାଜ୍ୟର ପ୍ରଜାମାନଙ୍କୁ ଅବର୍ଣ୍ଣନୀୟ ଯନ୍ତ୍ରଣା ଦେଉଥିଲେ । ପ୍ରଜାମାନେ ପରିତ୍ରାଣ ପାଇଁ କୃଷ୍ଣଙ୍କ ଶରଣ ନେଲେ ।

ଭଗବାନ କୃଷ୍ଣ ଯୁଦ୍ଧ କରି ପ୍ରାଗ୍‌ଜ୍ୟୋତିଷପୁରର ରାଜାଙ୍କୁ ପରାଜିତ କରି ସେହି ରାଜାଙ୍କ ପୁତ୍ରଙ୍କୁ ରାଜ୍ୟ ପ୍ରତ୍ୟର୍ପଣ କଲେ । ୧୬୦୦ ନାରୀ ମୁକ୍ତିଲାଭ କଲେ । କିନ୍ତୁ ପ୍ରଶ୍ନ ଉଠେ, ସେମାନଙ୍କ ଆହାରର ବ୍ୟବସ୍ଥା ଓ ମାନ ସମ୍ମାନ ରକ୍ଷା କିଏ କରିବ ? ସେତେବେଳେ କୃଷ୍ଣ ଏକ ପ୍ରକାଶ୍ୟ ଅନୁଷ୍ଠାନରେ ଘୋଷଣା କଲେ ଯେ ସେହିଦିନଠାରୁ ସେହି ୧୬୦୦ ନାରୀଙ୍କୁ କୃଷ୍ଣଙ୍କ ସ୍ତ୍ରୀ ହିସାବରେ ସମସ୍ତେ ଯେମିତି ଗଣ୍ୟ କରନ୍ତି ଏବଂ ରାଜ୍ୟର ଅଧିବାସୀମାନେ ସେମାନଙ୍କର ଭରଣପୋଷଣ, ନିରାପତ୍ତାର ବ୍ୟବସ୍ଥା କରିବେ ଏବଂ ଭଗବାନ କୃଷ୍ଣଙ୍କ ସ୍ତ୍ରୀ ହିସାବରେ ପ୍ରାପ୍ୟ ସମ୍ମାନ ଦେବେ । କେହି ତାହାର ଅନ୍ୟଥା କଲେ ଭଗବାନ କୃଷ୍ଣ ତାଙ୍କୁ ମୃତ୍ୟୁଦଣ୍ଡ ଦେବେ । ଏହି ୧୬୦୦ ରମଣୀମାନଙ୍କ ମଧ୍ୟରୁ କାହାରି ସହିତ କୃଷ୍ଣଙ୍କର ଦୈହିକ ସମ୍ପର୍କ ଥିଲା ନାହିଁ । ଏହି ଭାବରେ ଏହି ଦୁର୍ଭାଗିନୀ ୧୬୦୦ ରମଣୀଙ୍କର ଭରଣପୋଷଣ ଏବଂ ମାନସମ୍ମାନ ରକ୍ଷାର ବ୍ୟବସ୍ଥା ଭଗବାନ କୃଷ୍ଣ କରିଥିଲେ । ଆଜି ପର୍ଯ୍ୟନ୍ତ ଯେ କୌଣସି ହିନ୍ଦୁ ନାରୀ ବିପଦରେ ପଡ଼ିଲେ କୃଷ୍ଣଙ୍କୁ ତାଙ୍କର ସ୍ୱାମୀ ରକ୍ଷାକର୍ତ୍ତା ବୋଲି ମନେକରି ସ୍ୱସ୍ତିବୋଧ କରନ୍ତି ।

କୃଷ୍ଣ ଥିଲେ ଧରାଧାମରେ ଶ୍ରେଷ୍ଠ ମାନବ । ସେ ଥିଲେ ସବୁଠାରୁ ଦୟାଳୁ, ପ୍ରେମମୟ, ଅତ୍ୟନ୍ତ ମେଧାବୀ ପଣ୍ଡିତ, ଶ୍ରେଷ୍ଠ ବିଜ୍ଞାନୀ ଓ ଗଣିତଜ୍ଞ ଏବଂ ଅପୂର୍ବ ବଂଶୀବାଦକ, ବଳବାନ, ଶ୍ରେଷ୍ଠ ରାଷ୍ଟ୍ରନୀତିଜ୍ଞ, ରାଜନୀତିକ ଏବଂ ଅପରାଜେୟ ଯୋଦ୍ଧା । କୃଷ୍ଣ ଅତି ସହଜ ଜୀବନଯାପନ କରି ସର୍ବସାଧାରଣଙ୍କ ମଧ୍ୟରେ ଜଣେ ହୋଇ ରହୁଥିଲେ । ହିନ୍ଦୁମାନେ ବିଶ୍ୱାସ କରନ୍ତି କୃଷ୍ଣ ଈଶ୍ୱରଙ୍କ ନିଜର ପୁତ୍ର । ଈଶ୍ୱର ତାଙ୍କୁ ଆମ୍ଭମାନଙ୍କ ନିକଟକୁ ପଠାଇଛନ୍ତି ସମସ୍ତ ରକମର ଯନ୍ତ୍ରଣା ଭୋଗ କରିବା ପାଇଁ ଯାହା ଦେଖି ସାଧାରଣ ମଣିଷର ଯନ୍ତ୍ରଣାର ଲାଘବ ହେବ ।

ପ୍ରାସାଦରେ ବାସ କରିବା ବା ସୁଖଶଯ୍ୟାରେ ଶୟନ କରିବାର ସମସ୍ତ ରକମର ସୁଯୋଗ ତାଙ୍କର ଥିଲା, କିନ୍ତୁ ସେ ସ୍ୱେଚ୍ଛାରେ ଯେ କୌଣସି ସାଧାରଣ ମଣିଷ ଭଳି ଅରଣ୍ୟ ମଧ୍ୟରେ ବୃକ୍ଷମୂଳରେ ବିଶ୍ରାମ ଗ୍ରହଣ କରୁଥିଲେ । 3430 ଖ୍ରୀଷ୍ଟପୂର୍ବାବ୍ଦରେ ସେ ଏକ ବୃକ୍ଷଡାଳରେ ବିଶ୍ରାମ କରୁଥିଲେ, ତାଙ୍କର ଗୋଲାପୀ ବର୍ଣ୍ଣର ପାଦଦ୍ୱୟ ଦୂରରୁ ଦେଖି ଜଣେ ଶିକାରୀ ତାହା ପକ୍ଷୀ ଭ୍ରମକରି ଏକ ବିଷାକ୍ତ ତୀର ନିକ୍ଷେପ କରେ, ସେହି ତୀରରେ ତାଙ୍କ ପଦଦ୍ୱୟ ବିଧ ହୁଏ । ଶିକାରୀ ତାହାର ଭୁଲ ବୁଝିପାରି ଅତ୍ୟଧିକ ଶୋକାର୍ତ୍ତ ହୋଇ ଆତ୍ମହତ୍ୟା କରିବାକୁ ଚାହେଁ । କିନ୍ତୁ କୃଷ୍ଣ ସ୍ମିତ ହସି ତାହାକୁ ଆଶୀର୍ବାଦ କରି ତାଙ୍କର ପାର୍ଥିବ ଶରୀର ତ୍ୟାଗ କରନ୍ତି । ସେତେବେଳେ ତାଙ୍କର ବୟସ ୭୫ ବର୍ଷ ପ୍ରାୟ ।

ହଜାର ହଜାର ବର୍ଷ ଅତିକ୍ରାନ୍ତ ହେଲେ ମଧ୍ୟ କୃଷ୍ଣଙ୍କ ସ୍ମୃତି ତାଙ୍କର ଲକ୍ଷ ଲକ୍ଷ ଭକ୍ତଙ୍କ ହୃଦୟରେ ଆଜି ମଧ୍ୟ ସଜୀବ । ତାଙ୍କର ମୁରଲୀର ମଧୁର ଧ୍ୱନି ଭକ୍ତମାନଙ୍କ କର୍ଣ୍ଣରେ ଆଜି ମଧ୍ୟ ଧ୍ୱନିତ ହୁଏ ।

ବିଭିନ୍ନ ଭାବରେ କୃଷ୍ଣଙ୍କ ପୂଜା ହୁଏ । ନାରୀ ଓ ପୁରୁଷ, ଶିଶୁ ଓ ବୟସ୍କ ସମସ୍ତଙ୍କର ସେ ଆଦର୍ଶ । ସେ ସର୍ବାପେକ୍ଷା ଉଦାସୀନ ସନ୍ନ୍ୟାସୀ ଓ ସର୍ବାପେକ୍ଷା ଆଦର୍ଶ ଏବଂ ଗୃହସ୍ଥ । ରାଜାଙ୍କ ଭଳି ସମସ୍ତ ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ମଧ୍ୟ ସେ ଏକ ଆଦର୍ଶ ତ୍ୟାଗର ଜୀବନଯାପନ କରୁଥିଲେ । ତାଙ୍କର ଦେହତ୍ୟାଗର ଅବ୍ୟବହିତ ପରେ ୧୪୭୫ ଖ୍ରୀଷ୍ଟପୂର୍ବାବ୍ଦରେ ସମୁଦ୍ର ଗର୍ଭରେ ଭୂକମ୍ପ ଜାତ ଏକ ଅତି ଉଚ୍ଚ ଜଳୋଚ୍ଛ୍ୱାସ ଦ୍ୱାରକା ଏବଂ ଆରବ ସାଗରରୁ ଉପକୂଳର ଏକ ବିରାଟ ଅଂଶକୁ ଜଳପ୍ଲାବିତ କରେ । ହିନ୍ଦୁଧର୍ମର ସର୍ବଶେଷ ସ୍ୱର୍ଗୀୟ ଦୂତ ଅର୍ଥାତ୍ ଦେବତା ଥିଲେ କୃଷ୍ଣ ।

ଭଗବାନ କୃଷ୍ଣ ଈଶ୍ୱରଙ୍କ ପ୍ରତିଭୂ, ସମସ୍ତଙ୍କର ତ୍ରାଣକର୍ତ୍ତା । ଯେଉଁମାନେ ତାଙ୍କୁ ଭଲପାଆନ୍ତି ସେମାନଙ୍କୁ ସେ ସାଫଲ୍ୟ, ସ୍ୱସ୍ତି ଓ ଶାନ୍ତି ଦାନ କରନ୍ତି । ସେ ଦରିଦ୍ର ଓ ଦୁର୍ବଳକୁ ଅତ୍ୟାଚାରରୁ ରକ୍ଷା କରନ୍ତି । ଶ୍ରମଜୀବୀ ଦରିଦ୍ରସାଧାରଣ ମଣିଷର ମଙ୍ଗଳ ପାଇଁ ସେ ତାଙ୍କର ସମସ୍ତ ସୁଖ ବିସର୍ଜନ ଦେଇଥିଲେ । ରାଜମୁକୁଟ ସେ କେବେହେଲେ ଗ୍ରହଣ କରିନାହାନ୍ତି । ସାଧାରଣ ମଣିଷର ପକ୍ଷ ହିଁ ସେ ସର୍ବଦା ଅବଲମ୍ବନ କରିଛନ୍ତି ।

ଯେ କୌଣସି ବ୍ୟକ୍ତି ନିଜକୁ କୃଷ୍ଣଙ୍କ ନିକଟରେ ନିବେଦନ କରିବେ, ତାଙ୍କର ସମସ୍ତ

ଦୁଃଖ-ଯନ୍ତ୍ରଣାର ଅବସାନ ହେବ, ସେ ସ୍ୱର୍ଗକୁ ଯାଇ ଈଶ୍ୱରଙ୍କ ନିକଟରେ ରହିବେ, ଚିର ଆନନ୍ଦରେ ରହିବେ । ଭଗବାନ କୃଷ୍ଣ ପ୍ରତିଶ୍ରୁତି ଦେଇଛନ୍ତି, ସେ ପୁଣି ଫେରି ଆସିବେ, ନ୍ୟାୟପରାୟଣ ଅନୁଗତଜନଙ୍କ ଦୁଃଖ-ଯନ୍ତ୍ରଣା ଦୂର କରିବେ ।

ସେ ସ୍ୱୟଂ ଗୀତାରେ ପ୍ରତିଜ୍ଞା କରିଛନ୍ତି :

ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍
ପରିତ୍ରାଣାୟ ସାଧୂନାମ୍ ବିନାଶାୟ ଚ ଦୁଷ୍କୃତାମ
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।

ଭଗବାନ କୃଷ୍ଣ ପ୍ରତିଜ୍ଞା କରୁଛନ୍ତି 'ଯେତେବେଳେ ଅନ୍ୟାୟ ଅତ୍ୟାଚାର ଅତିମାତ୍ରାରେ ବଢ଼ିଯିବ ମୁଁ ବାରମ୍ବାର ଜନ୍ମ ଗ୍ରହଣ କରି ଅତ୍ୟାଚାରୀମାନଙ୍କୁ ଦମନ କରିବି ଏବଂ ଅନ୍ୟାୟ, ପାପରୁ ମୁକ୍ତ କରି ଏପରି ରାଜ୍ୟ ପ୍ରତିଷ୍ଠା କରିବି ଯେଉଁଠି ସମସ୍ତେ ସସମ୍ମାନରେ ସୁଖରେ ଜୀବନ ଧାରଣ କରି ପାରିବେ ଓ ନ୍ୟାୟ ବିଚାର ପାଇବେ ।

ଗୀତା ହିନ୍ଦୁଧର୍ମ ବିଷୟରେ ଜ୍ଞାନର ଏକ ଭଣ୍ଡାର ଅର୍ଥାତ୍ ଗୀତା ହିନ୍ଦୁ ଜୀବନାଦର୍ଶର ପଥ ପ୍ରଦର୍ଶକ । ହିନ୍ଦୁ ନିକଟରେ ଗୀତା ସର୍ବାପେକ୍ଷା ମୂଲ୍ୟବାନ ଶାସ୍ତ୍ର । ଅନ୍ୟ ଧର୍ମର ମଧ କେହି କେହି ଗୀତାପାଠ କରି ଦୈନନ୍ଦିନ ଜୀବନରେ ତାହାର ଅନୁସରଣ କରିପାରନ୍ତି । ଗୀତା, ମହାଭାରତର ଐତିହାସିକ ଯୁଦ୍ଧର ପ୍ରାକ୍‌କାଳରେ ଭଗବାନ କୃଷ୍ଣ କର୍ତ୍ତୃକ ତାଙ୍କ ଶିଷ୍ୟ ଅର୍ଜୁନଙ୍କୁ ପ୍ରଦତ୍ତ ଉପଦେଶାବଳୀର ଏକ ସଂକଳନ ।

ମହାଭାରତ ଯୁଦ୍ଧ ହୋଇଥିଲା କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ ୧୫୫୦ ଖ୍ରୀଷ୍ଟପୂର୍ବାବ୍ଦରେ ନୂଆଦିଲ୍ଲୀର ଉତ୍ତର-ପଶ୍ଚିମରେ ଶହେ କିଲୋମିଟର ଦୂରରେ ଅବସ୍ଥିତ କୁରୁକ୍ଷେତ୍ରରେ । ଅର୍ଜୁନ ଥିଲେ ଜଣେ ବଡ଼ ଯୋଦ୍ଧା, ତୃତୀୟ ପାଣ୍ଡବ । ଏହି ସମସ୍ତ ଉପଦେଶ ଯେତେବେଳେ କୃଷ୍ଣ ଅର୍ଜୁନଙ୍କୁ ଦେଉଥିଲେ ସେତେବେଳେ କୃଷ୍ଣ ଥିଲେ ଧ୍ୟାନାବିଷ୍ଟ । ସେହି ଧ୍ୟାନଯୋଗରେ ବିହ୍ୱଳ ହୋଇ ଉପଦେଶ ଦେଇଥିଲେ ଅର୍ଜୁନ ମାଧ୍ୟମରେ ସମଗ୍ର ବିଶ୍ୱକୁ ।

ଗୀତା ମାଧ୍ୟମରେ ଭଗବାନ କୃଷ୍ଣ ଜୀବନଯାପନର ଏବଂ ଈଶ୍ୱର ଲାଭର ସର୍ବଶ୍ରେଷ୍ଠ ଉପାୟ ବିଷୟରେ ଶିକ୍ଷା ଦେଇଥିଲେ । କହିଛନ୍ତି : କର୍ମଯୋଗ (କଠୋର ପରିଶ୍ରମ ଦ୍ୱାରା ଫଳଲାଭ) ଜ୍ଞାନଯୋଗ (ଜ୍ଞାନର ଅନୁସରଣ ଦ୍ୱାରା ଫଳ ଲାଭ) ଅପେକ୍ଷା ଶ୍ରେଷ୍ଠ । ଈଶ୍ୱର ପରମ ସତ୍ତ୍ୱା, ଅଖଣ୍ଡ, ଅନାଦି, ଅନନ୍ତ, ସମସ୍ତ କାରଣର କାରଣ । ସେ ବ୍ୟାଖ୍ୟା କରି କହିଛନ୍ତି - ବର୍ଣ୍ଣଭେଦ ହେଲା ପ୍ରତ୍ୟେକର କ୍ଷମତା ଅନୁଯାୟୀ କର୍ମବିଭାଗ ଏବଂ ଅର୍ଥନୈତିକ କାରଣରେ ମନୁଷ୍ୟସୃଷ୍ଟ ବ୍ୟବସ୍ଥା, ଈଶ୍ୱର କେବେହେଲେ ଏହି ବିଧାନ ଦେଇ ନାହାନ୍ତି । ସେ କହିଛନ୍ତି—ଏହି ବିଶ୍ୱରେ ସମସ୍ତ କିଛି ଈଶ୍ୱରଙ୍କ ସୃଷ୍ଟି । ଈଶ୍ୱର ଯଦି କୌଣସି ବସ୍ତୁ ବା ବ୍ୟକ୍ତିକୁ ଘୃଣା କରନ୍ତେ, ସେ ନିଜେ ତାକୁ ବିନାଶ କରନ୍ତେ । ସେହି କାର୍ଯ୍ୟ ପାଇଁ ସେ ତାଙ୍କ

ଭକ୍ତମାନଙ୍କ ଉପରେ ନିର୍ଭର କରି ନିଜର ଅକ୍ଷମତା ପ୍ରମାଣ କରନ୍ତେ ନାହିଁ ।

ଗୀତା ଶିକ୍ଷାଦିଏ—ମିଥ୍ୟାଚାରୀମାନେ କେବେହେଲେ ମୋକ୍ଷଲାଭ କରିପାରନ୍ତି ନାହିଁ । ସେମାନେ ବିପଜ୍ଜନକ, ସେମାନଙ୍କୁ ସର୍ବପ୍ରକାରର ପରିହାର କରିବା ଉଚିତ । ଆମର କାର୍ଯ୍ୟ ଉତ୍ତମରୂପେ ସମାଧାନ କରିବା ଉଚିତ । ତତ୍‌କ୍ଷଣାତ୍ ଫଳଲାଭର ଆଶା ନ କରିବା ଉଚିତ, କାରଣ ଫଳ କର୍ମର ଅବସ୍ଥା ଓ ଅନୁପାତ ଅନୁଯାୟୀ ନିଜେ ନିଜେ ଆସିବ ।

ଗୀତା କହୁଛନ୍ତି—ସଂସାର ତ୍ୟାଗ (ସନ୍ନ୍ୟାସ ଗ୍ରହଣ) ସହଜରେ, ଈଶ୍ୱରଙ୍କ ନିକଟରେ ଅତ୍ୟନ୍ତ ପ୍ରୀତିଦାୟକ । ଭଗବାନ କୃଷ୍ଣ ଭକ୍ତମାନଙ୍କୁ ସଂଗ୍ରାମ କରିବାକୁ ଏବଂ କର୍ମଯୋଗ ଦ୍ୱାରା (କଠିନ ପରିଶ୍ରମ) ଏବଂ ସତ୍ ଭାବରେ ବୁଦ୍ଧି ପ୍ରୟୋଗ ଦ୍ୱାରା ଆନନ୍ଦମୟ ଜୀବନଧାରଣର ଚେଷ୍ଟା ପାଇଁ ଜୀବନଯୁଦ୍ଧରେ ଜୟଲାଭ କରିବାର ଉତ୍ସାହ ଦେଇଛନ୍ତି ଏବଂ ଜୀବନଯୁଦ୍ଧରେ ଜୟୀମାନେ ଈଶ୍ୱରଙ୍କ ପ୍ରିୟପାତ୍ର । ଗୀତା ଆହୁରି ଶିକ୍ଷା ଦିଅନ୍ତି - ପ୍ରକୃତ ଜ୍ଞାନ ମିଥ୍ୟାର ଧୂମଜାଲରେ ଆଚ୍ଛାଦିତ । ଏହି ଯୁଗ ଉପଯୋଗୀ ବାସ୍ତବ ଅବସ୍ଥାର ସମ୍ପୂର୍ଣ୍ଣ ଧାରଣା ପ୍ରୟୋଜନ ।

ମୂଳ ଗୀତାରେ ଶ୍ଳୋକର ସଂଖ୍ୟା ୭୦୦, ୧୮ଟି ଅଧ୍ୟାୟରେ ବିଭକ୍ତ । ମୂଳ ଶ୍ଳୋକରୁ କେତୋଟି, ନିୟମିତ ଯେଉଁମାନେ ପରିଶ୍ରମ କରି ଜୀବିକା ଅର୍ଜନ କରନ୍ତି, ସେମାନଙ୍କ ପାଇଁ ଏଠାରେ ପ୍ରଦତ୍ତ ହେଲା ।

## ଗୀତାର ଶ୍ଳୋକ

1

ये यथा मां प्रपद्यन्ते तांस्तथैव भजाम्यहम् ।
मम वर्त्मानुवर्तन्ते मनुष्याः पार्थ सर्वशः ।

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।
ମମ ବର୍ତ୍ତାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ।

ଯିଏ ଯେଉଁଭାବରେ ଈଶ୍ୱରଙ୍କୁ ଲାଭ କରିବାକୁ ଚାହେଁ, ଈଶ୍ୱର ସେହି ଭାବରେ ତାହା ନିକଟକୁ ଯାଆନ୍ତି, କାରଣ ସମସ୍ତ ମଣିଷର ସମସ୍ତ ଭକ୍ତିର ଏକମେବ ଦ୍ୱିତୀୟମ୍ ଈଶ୍ୱରଙ୍କ ପନ୍ଥା ଅନୁସରଣ କରେ ।

2

कर्मण्येवाधिकारस्ते मा फलेषु क्दाचन ।
मा कर्मफलहेतुर्भूर्मा ते सङ्गोऽस्त्वकर्मणि ।

କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।

ମା କର୍ମଫଳ ହେତୁର୍ଭୂର୍ମା ତେ ସଙ୍ଗୋ ସ୍ତ୍ୱକର୍ମାଣି ।

ତୁମର ଅଧିକାର କେବଳ ମାତ୍ର କର୍ମରେ, ତାହାର ଫଳର ଆକାଙ୍କ୍ଷାରେ ଅସ୍ଥିର ହୁଅ ନାହିଁ । ତୁମ ଫଳପ୍ରାପ୍ତିର ପରିମାଣ ବିଚାର କର ନାହିଁ । କାରଣ କର୍ମ ଅନୁଯାୟୀ ଫଳ ସ୍ୱତଃ ହିଁ ପ୍ରାପ୍ତ ହୁଏ, ତାହା ନିବାରଣ କରାଯାଏ ନାହିଁ ।

3

यदा ते मोहकलिलं बुद्धिर्व्यतितरिष्यति ।

तदा गन्तासि निर्वेदं श्रोतव्यस्य श्रुतस्य च ।

ଯଦା ତେ ମୋହକଲିଲଂ ବୁଦ୍ଧିର୍ବ୍ୟତୀତରିଷ୍ୟତି ।

ତଦା ଗନ୍ତାସି ନିର୍ବେଦଂ ଶ୍ରୋତବସ୍ୟ ଶ୍ରୁତସ୍ୟ ଚ ।

ତୁମର ମନ ଯେତେବେଳେ ସମ୍ପୂର୍ଣ୍ଣ ମୋହମୁକ୍ତ ହୋଇଯିବ, ସେତେବେଳେ ତୁମେ ପାର୍ଥିବ ସୁଖ ଏବଂ ପରଲୋକର ସୁଖ ସମ୍ପର୍କରେ ନିସ୍ପୃହ ହେବ, ସେତେବେଳେ ତୁମେ ଅପାର ଆନନ୍ଦ ଲାଭ କରିବ ।

4

नमः पुरस्तादथ पृष्ठतस्ते नमोऽस्तु ते सर्वत एव सर्व ।

अनन्तवीर्यामितविक्रमस्त्वं सर्व समाप्रोषि ततोऽसि सर्वः ।

ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ ନମୋ ସ୍ତୁତେ ସର୍ବତ ଏବ ସର୍ବ ।

ଅନନ୍ତବୀର୍ଯାମିତବିକ୍ରମସ୍ତ୍ୱଂ ସର୍ବ ସମାପ୍ରୋଷି ତତୋ ସି ସର୍ବଃ ।

ହେ ଅନନ୍ତବୀର୍ଯ୍ୟ, ଅମିତବିକ୍ରମ ଈଶ୍ୱର, ମୁଁ ସମସ୍ତ ଦିଗରୁ ତୁମକୁ ନମସ୍କାର କରେ । ହେ ସମସ୍ତ ବସ୍ତୁର ଅନ୍ତରସ୍ଥିତ ଏକମାତ୍ର ଆତ୍ମା, ମୁଁ ସମସ୍ତ କୋଣରୁ ତୁମକୁ ପ୍ରଣାମ କରେ । ତୁମେ ଅମିତ ଶକ୍ତିଶାଳୀ, ସର୍ବବ୍ୟାପୀ, ଏକମେବଦ୍ୱିତୀୟମ୍ । ଅତଏବ ତୁମେ ହିଁ ସମସ୍ତ କିଛି ।

5

ज्ञेयं यत्तत्प्रवक्ष्यामि यज्ज्ञात्वामृतमश्नुते ।

अनादिमत्परं ब्रह्म न सत्तत्रासदुच्यते ।

ଜ୍ଞେୟଂ ଯତତ୍ପବକ୍ଷ୍ୟାମି ଯଜ୍ଞାତ୍ୱାମୃତମଶ୍ନୁତେ ।

ଅନାଦିମତ୍ପରଂ ବ୍ରହ୍ମ ନ ସତ୍ତତ୍ରାସଦୁଚ୍ୟତେ ॥

ସେହି ହିଁ ଶ୍ରେଷ୍ଠ, ଯାହାକୁ ଜାଣିଲେ ପରମ ସୁଖ ଲାଭ ହୁଏ । ସେହି ହିଁ ଏକ ବ୍ରହ୍ମ ପରମେଶ୍ୱର ଯିଏ ଏକ ଅନାଦି ସତ୍ତା, ସମସ୍ତ କାରଣର କାରଣ ଯିଏ ସତ୍ ଓ ଅସତ୍ ଉପରେ ଏକ ଅସ୍ତିତ୍ୱ ।

6

दिवि सूर्यसहस्रस्य भवेद्युगपदुत्थिता ।

यदि भाः सदृशी सा स्याद्भासस्तस्य महात्मनः ।

ଦିବି ସୂର୍ଯ୍ୟସହସ୍ରସ୍ୟ ଭବେଦ୍ଯୁଗପଦୁତ୍ଥିତା ।

ଯଦି ଭାଃ ସଦୃଶୀ ସା ସ୍ୟାଦ୍ଭାସସ୍ତସ୍ୟ ମହାତ୍ମନଃ ।

ସହସ୍ର ସୂର୍ଯ୍ୟ ଯଦି ଯୁଗପତ୍ ଆକାଶରେ ପ୍ରଜ୍ଜ୍ୱଳିତ ହୋଇଉଠେ, ତାହା ମଧ୍ୟ ମହାନ ଈଶ୍ୱରଙ୍କ ଔଜ୍ଜ୍ୱଲ୍ୟରେ ସମକକ୍ଷ ହେବ ନାହିଁ ।

7

सर्वतः पाणिपादं तत्सर्वतोऽक्षिशिरोमुखम् ।

सर्वतः श्रुतिमल्लोके सर्वमावृत्य तिष्ठति ।

ସର୍ବତଃ ପାଣିପାଦଂ ତତ୍ସର୍ବତୋ କ୍ଷିଶିରୋମୁଖମ୍ ।

ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ।

ଯେମିତି ସମସ୍ତ ଦିଗରେ ତାଙ୍କର ହସ୍ତ, ସମସ୍ତ ଅଭିମୁଖରେ ତାଙ୍କର ଚକ୍ଷୁ, ମସ୍ତକ ଓ ମୁଖ ଏବଂ କର୍ଣ୍ଣ, କାରଣ ସେ ସମସ୍ତ ବିଶ୍ୱରେ ସର୍ବବ୍ୟାପ୍ତ, ତେଣୁ ସମସ୍ତ କିଛି ତାଙ୍କ ଗୋଚର ।

8

नादत्ते कस्यचित्पापं न चैव सुकृतं विभुः ।

अज्ञानेनावृतं ज्ञानं तेन मुह्यन्ति जन्तवः ।

ନାଦତ୍ତେ କସ୍ୟଚିତ୍ପାପଂ ନ ଚୈବ ସୁକୃତଂ ବିଭୁଃ ।

ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ ।

ଈଶ୍ୱର ସମସ୍ତ ପାପପୁଣ୍ୟର ଅତୀତ । ମଣିଷ ଜ୍ଞାନ ଓ ଅଜ୍ଞାନତା ଦ୍ୱାରା ଆଚ୍ଛନ୍ନ ବୋଲି ମୋହରେ ଅନୁକ୍ଷଣ ପତିତ ହୁଏ ।

9

ज्ञानेन तु तदज्ञानं येषां नाशितमात्मनः ।

तेषामादित्यवज्ज्ञानं प्रकाशयति तत्परम् ।

ଜ୍ଞାନେନ ତୁ ତଦଜ୍ଞାନଂ ୟେଷାଂ ନାଶିତମାତ୍ମନଃ ।

ତେଷାମାଦିତ୍ୟବଜ୍ଞାନଂ ପ୍ରକାଶୟତି ତତ୍ପରମ୍ ॥

ସତ୍ୟଜ୍ଞାନ ଦ୍ୱାରା ଅଜ୍ଞାନତା ଦୂର ହୁଏ ଏବଂ ଅଜ୍ଞାନତା ଦୂର ହେଲେ ଈଶ୍ୱର ସମ୍ବନ୍ଧେ

ପ୍ରଜ୍ଞା ସୂର୍ଯ୍ୟଙ୍କ ଭଳି ଜ୍ୟୋତି ବିକିରଣ କରିବ ଏବଂ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧେ ପରମଜ୍ଞାନ ଲାଭ ହେବ ।

10

बलं बलवतां चाहं कामरागविवर्जितम् ।
धर्माविरुद्धो भूतेषु कामोऽस्मि भरतर्षभ ।

ବଲଂ ବଲବତାଂ ଚାହଂ କାମରାଗବିବର୍ଜିତମ୍ ।
ଧର୍ମାବିରୁଦ୍ଧୋ ଭୂତେଷୁ କାମୋ ସ୍ମି ଭରତର୍ଷଭ ॥

ଈଶ୍ୱର ଶକ୍ତିମାନର ଶକ୍ତି, ଜୀବନର କାମନା ବାସନାର ଉତ୍ସ । ତେଣୁ ସାମାଜିକ ସ୍ୱୀକୃତ କାମପ୍ରବୃତ୍ତି ଜୀବମାତ୍ରେ ସ୍ୱାଭାବିକ ଏବଂ ଧର୍ମବିରୋଧୀ ନୁହେଁ ।

11

उत्तमः पुरुषस्त्वन्यः परमात्मेत्युदाहृतः ।
यो लोकत्रयमाविश्य बिभर्त्यव्यय ईश्वरः ।

ଉତ୍ତମଃ ପୁରୁଷସ୍ତ୍ୱନ୍ୟ ପରମାତ୍ମେତ୍ୟୁଦାହୃତଃ
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ୟବ୍ୟୟ ଈଶ୍ୱରଃ ।

ଈଶ୍ୱର ସର୍ବଶକ୍ତିମାନ । ସେ ତ୍ରିଲୋକକୁ ଧାରଣ କରି ଅଛନ୍ତି । ଈଶ୍ୱର ସମସ୍ତ କାରଣର କାରଣ । ସେ ସମସ୍ତକିଛି ସୃଷ୍ଟି, ରକ୍ଷା ଏବଂ ବିନାଶ କରନ୍ତି । ଈଶ୍ୱର କିନ୍ତୁ ଆଦି ଓ ଅନ୍ତହୀନ ।

12

मूढग्राहेणात्मनो यत्पीडया क्रियते तपः ।
परस्योत्सादनार्थं वा तत्तामसमुदाहृतम् ।

ମୂଢ଼ଗ୍ରାହେଣାତ୍ମନୋ ଯତ୍ପୀଡ଼ୟା କ୍ରିୟତେ ତପଃ ।
ପରସ୍ୟୋତ୍ସାଦନାର୍ଥଂ ବା ତତ୍ତାମସମୁଦାହୃତମ୍ ।

ଯେତେବେଳେ କୌଣସି ବ୍ରତ ଅନ୍ୟର କ୍ଷତି ପାଇଁ ଗ୍ରହଣ କରାହୁଏ, ସେତେବେଳେ କୌଣସି ବ୍ୟକ୍ତି ଯେତେ ଧର୍ମ ନାମରେ ଶାରୀରିକ ବା ମାନସିକ କ୍ଲେଶ ବରଣ କରୁ ନା କାହିଁକି, ସେହି ବ୍ରତ ହେବ ତାମସିକ ଏବଂ ଈଶ୍ୱରଙ୍କ କ୍ରୋଧର କାରଣ ।

13

दातव्यमिति यद्दानं दीयतेऽनुपकारिणे ।
देशे काले च पात्रे च तद्दानं सात्तिकं स्मृतम् ।

ଦାତବ୍ୟମିତି ଯଦ୍ଦାନଂ ଦୀୟତେ ନୁପକାରିଣେ ।
ଦେଶେ କାଲେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂ ସ୍ମୃତମ୍ ॥

ଯେଉଁ ଦାନ କେବଳ କର୍ତ୍ତବ୍ୟ, ଏହା ଭାବି ଯେ କୌଣସି ପ୍ରତ୍ୟୁପକାରୀ ବ୍ୟକ୍ତିଙ୍କୁ ଦେଶ, କାଳ, ପାତ୍ର ବିବେଚନା କରି ଯେଉଁ ଦାନ କରାହୁଏ, ତାହାକୁ ସାତ୍ତ୍ୱିକ ଦାନ କୁହାଯାଏ ।

14

यत्तु प्रत्युपकारार्थं फलमुद्दिश्य वा पुनः ।
दीयते च परिक्लिष्टं तद्दानं राजसं स्मृतम् ।

ଯତ୍ତୁ ପ୍ରତ୍ୟୁପକାରାର୍ଥଂ ଫଲମୁଦ୍ଦିଶ୍ୟ ବା ପୁନଃ ।
ଦୀୟତେ ଚ ପରିକ୍ଲିଷ୍ଟଂ ତଦ୍ଦାନଂ ରାଜସଂ ସ୍ମୃତମ୍ ।

ପୁଣି ପ୍ରତ୍ୟୁପକାର ଭରସାରେ, ଅର୍ଥାତ୍ ସ୍ୱର୍ଗପ୍ରାପ୍ତି ଆଦି ପୁଣ୍ୟ କାମନାରେ ବା ମନଃ କ୍ଲେଶରେ ଯେଉଁ ଦାନ କରାହୁଏ, ତାହାକୁ ରାଜସିକ ଦାନ କହନ୍ତି ।

15

ईश्वरः सर्वभूतानां हृद्देशेऽर्जुन तिष्ठति ।
भ्रामयन्सर्वभूतानि यन्त्रारूढानि मायया ।

ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେ ର୍ଜୁନ ତିଷ୍ଠତି ।
ଭ୍ରମୟନ୍ ସର୍ବଭୂତାନି ଯାନ୍ତ୍ରାରୂଢ଼ାନି ମାୟୟା ।

ହେ ଅର୍ଜୁନ, ଈଶ୍ୱର ସମସ୍ତ ପ୍ରାଣୀଙ୍କ ହୃଦୟରେ ଅବସ୍ଥାନ କରି ମାୟାରେ ବିମୋହିତ କରି ଯନ୍ତ୍ରଭଳି ଜୀବକୁ ମାଧ୍ୟମ କରି ତାଙ୍କ କାର୍ଯ୍ୟ ଚଳାଉଛନ୍ତି ।

16

परस्तस्मात्तु भावोऽन्योऽव्यक्तोऽव्यक्तात्सनातनः ।
यः स सर्वेषु भूतेषु नश्यत्सु न विनश्यति ।

ପରସ୍ତସ୍ମାତ୍ତୁ ଭାବୋ ନ୍ୟୋ ବ୍ୟକ୍ତାସନାତନଃ ।
ଯଃ ସ ସର୍ବେଷୁ ଭୂତେଷୁ ନଶ୍ୟସ୍ତୁ ନ ବିନଷ୍ୟତି ॥

ଈଶ୍ୱର ପ୍ରେରିତ ଭୂତ ଆସନ୍ତି, ଚାଲି ଯାଆନ୍ତି । ବିଶ୍ୱର ସମସ୍ତ କିଛି ଦିନେ ବିନାଶ ହୋଇଯିବ କିନ୍ତୁ ସେହି ମହାନ୍ ପବିତ୍ରତମ ବ୍ୟକ୍ତିଙ୍କର ବିନାଶ ନାହିଁ ।

17

अश्रद्धया हुतं दत्तं तपस्तप्तं कृतं च यत् ।
असदित्युच्यते पार्थ न च तत्प्रेत्य नो इह ।

ଅଶ୍ରଦ୍ଧୟା ହୁତଂ ଦତ୍ତଂ ତପସ୍ତପ୍ତଂ କୃତଂ ଚ ଯତ୍ ।
ଅସଦିତ୍ୟୁଚ୍ୟତେ ପାର୍ଥ ନ ଚ ତତ୍ପ୍ରେତ୍ୟ ନୋ ଇହ ॥

ନୈବେଦ୍ୟ ଅର୍ପଣ କରିବା, ଦାନ ଦେବା, ତପଶ୍ଚର୍ଯ୍ୟା ଅଭ୍ୟାସ କରିବା ବା କୌଣସି ଶୁଭକାର୍ଯ୍ୟ କରିବା ଯଦି ବିଶ୍ୱାସହୀନ ହୋଇଥାଏ, ତେବେ ସେ ସମସ୍ତ ବ୍ୟର୍ଥ ହୋଇଯାଏ । ତାହାର ଫଳ କିଛି ମିଳେ ନାହିଁ ଶୂନ୍ୟତା ବ୍ୟତୀତ ।

18

यद्यदाचरति श्रेष्ठस्तत्तदेवेतरो जनः ।
स यत्प्रमाणं कुरुते लोकस्तदनुवर्तते ।

ଯଦ୍ୟଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।
ସ ଯତ୍ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ॥

ଶ୍ରେଷ୍ଠ ଜନ ଯାହା ଯାହା କରନ୍ତି, ସାଧାରଣ ବ୍ୟକ୍ତିମାନେ ତାହା ହିଁ କରନ୍ତି । ଶ୍ରେଷ୍ଠଜନ ଯାହା ପ୍ରମାଣାଦି ସହ ସ୍ଥିର କରନ୍ତି, ସାଧାରଣ ଜନ ମଧ୍ୟ ତାହା ମାନି ଚଳନ୍ତି ।

19

उत्सीदेयुरिमे लोका न कुर्यां कर्म चेदहम् ।
संकरस्य च कर्ता स्यामुपहन्यामिमाः प्रजाः ।

ଉତ୍ସୀଦେୟୁରିମେ ଲୋକା ନ କୁର୍ଯ୍ୟାଂ କର୍ମ ଚେଦହମ୍ ।
ସଂକରସ୍ୟ ଚ କର୍ତ୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ ॥

ଈଶ୍ୱର ତାଙ୍କ କର୍ମରୁ ବିରତ ହେଲେ ସମଗ୍ର ବିଶ୍ୱ ଧ୍ୱଂସ ହେବ । ସେହିପରି କର୍ମରୁ ବିରତ ହୋଇ କୌଣସି କୌଣସି ବ୍ୟକ୍ତି ଗଣ୍ଡଗୋଳ ସୃଷ୍ଟି କରନ୍ତି । ତାହା ଫଳରେ ସାଧାରଣ ମଣିଷ ଶେଷରେ ଧ୍ୱଂସ ହୁଏ ।

20

इन्द्रियाणि पराण्याहुरिन्द्रियेभ्यः परं मनः ।
मनसस्तु परा बुद्धिर्यो बुद्धेः परतस्तु सः ।

ଇନ୍ଦ୍ରିୟାଣି ପରାଣ୍ୟହୁରିନ୍ଦ୍ରିୟେଭ୍ୟଃ ପରଂ ମନଃ ।
ମନସସ୍ତୁ ପରା ବୁଦ୍ଧିର୍ଯୋ ବୁଦ୍ଧେଃ ପରତସ୍ତୁ ସଃ ॥

ଇନ୍ଦ୍ରିୟସମୂହ ଦେହ ଅପେକ୍ଷା ମହତ୍ତର, ଇନ୍ଦ୍ରିୟସମୂହ ଅପେକ୍ଷା ମନ ମହତ୍ତର, ମନ ଅପେକ୍ଷା ବୁଦ୍ଧି ମହତ୍ତର, ବୁଦ୍ଧି ଅପେକ୍ଷା ମହତ୍ତର ଈଶ୍ୱର (ବିବେକ) ।

21

ब्राह्मणक्षत्रियविशां शुद्राणां च परंतप ।
कर्माणि प्रविभक्तानि स्वभावप्रभवैर्गुणैः ।

ବ୍ରାହ୍ମଣକ୍ଷତ୍ରିୟବିଶାଂ ଶୂଦ୍ରାଣାଂ ଚ ପରମତପ ।
କର୍ମାଣି ପ୍ରବିଭକ୍ତାନି ସ୍ୱଭାବ ପ୍ରଭବୈର୍ଗୁଣୈଃ ॥

ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହି ସମସ୍ତ ଉପାଧି ମଣିଷର ନିଜ ନିଜ କର୍ମର ଗୁଣ ଅନୁଯାୟୀ ପ୍ରଦତ୍ତ ହେବ ।

22

संन्यासस्तु महाबाहो दुःखमाप्तुमयोगतः ।
योगयुक्तो मुनिर्ब्रह्म नचिरेणाधिगच्छति ।

ସଂନ୍ୟାସସ୍ତୁ ମହାବାହୋ ଦୁଃଖମାପ୍ତୁ ମୟୋଗତଃ ।
ଯୋଗଯୁକ୍ତା ମୁନିର୍ବ୍ରହ୍ମ ନଚିରେଣାଧିଗଛତି ।

କର୍ମଯୋଗ ବ୍ୟତୀତ ସାଂଖ୍ୟଯୋଗ (ଅର୍ଥାତ୍ ଦେହ, ମନ ଓ ଇନ୍ଦ୍ରିୟାଦି) ସଂଶ୍ଳିଷ୍ଟ ସମସ୍ତ ପ୍ରକାର କର୍ମର କାରକତ୍ୱ ପରିହାର ସାଧନ ଦୁରୂହ, ପକ୍ଷାନ୍ତରେ କର୍ମଯୋଗୀ- ଯିଏ ଈଶ୍ୱରଙ୍କ ନିକଟରେ ତାଙ୍କର ମନ ସ୍ଥିତ ରଖନ୍ତି, ସେ ତତ୍କ୍ଷଣାତ୍ ବ୍ରହ୍ମଙ୍କୁ ଉପଲବ୍ଧି କରି ପାରନ୍ତି ।

23

न कर्तृत्वं न कर्माणि लोकस्य सृजति प्रभुः ।
न कर्मफलसंयोगं स्वभावस्तु प्रवर्तते ।

ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।
ନ କର୍ମଫଳସଂଯୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ ॥

ଈଶ୍ୱର ମଣିଷର କର୍ମକାରକତ୍ୱ କିମ୍ବା କର୍ମ ନିର୍ଦ୍ଦିଷ୍ଟ କରିଦିଅନ୍ତି ନାହିଁ, ତାହାର କର୍ମଫଳ ମଧ୍ୟ ନିର୍ଦ୍ଦିଷ୍ଟ କରନ୍ତି ନାହିଁ । ମଣିଷର ନିଜର ସ୍ୱଭାବ ହିଁ ସବୁକିଛି କରେ ।

24

सर्वकर्माण्यपि सदा कुर्वाणो मद्व्यपाश्रयः ।
मत्प्रसादादवाप्नोति शाश्वतं पदमव्ययम् ।

ସର୍ବକର୍ମାଣ୍ୟପି ସଦା କୁର୍ବାଣୋ ମଦ୍ୱ୍ୟପାଶ୍ରୟଃ ।
ମତ୍ପ୍ରସାଦାଦବାପ୍ରୋତି ଶାଶ୍ୱତଂ ପାଦମବ୍ୟୟମ୍ ॥

ଯେଉଁ କର୍ମଯୋଗୀ ଈଶ୍ୱରଙ୍କ ଉପରେ ନିର୍ଭର କରନ୍ତି, ତାଙ୍କର କରୁଣା ପ୍ରାପ୍ତ ହୁଅନ୍ତି, ଅମରତ୍ୱ ଲାଭ କରନ୍ତି ସମସ୍ତ କର୍ମସାଧନ ମାଧ୍ୟମରେ ।

25

नियतं कुरु कर्म त्वं कर्म ज्यायो ह्यकर्मण: ।
शरीरयात्रापि च ते न प्रसिद्ध्येदकर्मण: ।

ନିତୟଂ କୁରୁକର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।
ଶରୀରଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ ॥

ତୁମର କର୍ମ ସାଧନ କର, କାରଣ ନିଷ୍କର୍ମ ଅପେକ୍ଷା କର୍ମ ଶ୍ରେୟ । ସର୍ବକର୍ମ ପରିହାର କଲେ ଶରୀର ମଧ୍ୟ ରକ୍ଷା କରାଯାଏ ନାହିଁ ।

26

मोघाशा मोघकर्माणो मोघज्ञाना विचेतस: ।
राक्षसीमासुरीं चैव प्रकृतिं मोहिनीं श्रिता: ।

ମୋଘାଶା ମୋଘକର୍ମାଣୋ ମୋଘଜ୍ଞାନା ବିଚେତସଃ ।
ରାକ୍ଷସୀମାସୁରୀଂ ଚୈବ ପ୍ରକୃତିଂ ମୋହିନୀଂ ଶ୍ରିତାଃ ॥

ଭ୍ରାନ୍ତବ୍ୟକ୍ତି ଯେଉଁମାନେ ଧ୍ୱଂସାତ୍ମକ କାର୍ଯ୍ୟ ଓ ନିଷ୍ଫଳ ଆଚାର ଅନୁଷ୍ଠାନ ଦ୍ୱାରା ସ୍ୱର୍ଗଲାଭର ଭ୍ରାନ୍ତ ଆଶା ପୋଷଣ କରନ୍ତି, ସେମାନେ ଛଳନାମୟ ରାକ୍ଷସ ।

27

यान्ति देवव्रता देवान्पितॄन्यान्ति पितृव्रता: ।
भुतानि यान्ति भूतेज्या यान्ति मद्याजिनोऽपि माम् ।

ଯାନ୍ତି ଦେବବ୍ରତା ଦେବାନ୍‌ପିତୃଣ୍ୟାନ୍ତି ପିତୃବ୍ରତାଂ ।
ଭୁତାନି ଯାନ୍ତି ଭୂତେଜ୍ୟା ଯାନ୍ତି ମଦ୍ୟାଜିନୋ ପି ମାମ୍ ॥

ଯେଉଁମାନେ ଦେବତାମାନଙ୍କ ନିକଟରେ ବ୍ରତ କରନ୍ତି, ସେମାନେ ଦେବତାମାନଙ୍କ ନିକଟକୁ ଗମନ କରନ୍ତି, ଯେଉଁମାନେ ପ୍ରେତମାନଙ୍କ ଉପାସନା କରନ୍ତି, ସେମାନେ ପ୍ରେତମାନଙ୍କ ନିକଟକୁ ଯାଆନ୍ତି, ଯେଉଁମାନେ ଈଶ୍ୱରଙ୍କ ଉପାସନା କରନ୍ତି ସେମାନେ ହିଁ ଏକମାତ୍ର ଈଶ୍ୱରଙ୍କ ନିକଟକୁ ଗମନ କରନ୍ତି ।

28

यः सर्वत्रानभिस्नेहस्तत्तत्प्राप्य शुभाशुभम् ।
नाभिनन्दति न द्वेष्टि तस्य प्रज्ञा प्रतिष्ठिता ।

ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ପ୍ରାପ୍ୟ ଶୁଭାଶୁଭମ୍ ।
ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।

ଯିଏ କୌଣସି କିଛିରେ ଆସକ୍ତ ନୁହନ୍ତି, ଯିଏ ଭଲରେ ଆନନ୍ଦିତ ଓ ମନ୍ଦରେ ମୁହ୍ୟମାନ ହୁଅନ୍ତି ନାହିଁ, ସେହି ବ୍ୟକ୍ତି ହିଁ ସ୍ଥିତପ୍ରଜ୍ଞ ।

29

क्रोधाद्भवति सम्मोहः सम्मोहात्स्मृतिविभ्रमः ।
स्मृतिभ्रंशाद्बुद्धिनाशो बुद्धिनाशात्प्रणश्यति ।

କ୍ରୋଧାଦ୍ଭବତି ସମ୍ମୋହଃ ସମ୍ମୋହାତ୍ସ୍ମୃତିବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍ବୁଦ୍ଧିନାଶୋ ବୁଦ୍ଧିନାଶାତ୍ପ୍ରଣଶ୍ୟତି ॥

କ୍ରୋଧରୁ ମୋହ ଜନ୍ମ ହୁଏ, ମୋହରୁ ସ୍ମୃତିଭ୍ରଂଶ ହୁଏ, ସ୍ମୃତିଭ୍ରଂଶରୁ ବୁଦ୍ଧିନାଶ ହୁଏ, ବୁଦ୍ଧିନାଶ ସମୂହ ଧ୍ୱଂସର କାରଣ ହୁଏ ।

30

न कर्मणामनारम्भान्नैष्कर्म्यं पुरुषोऽश्नुते ।
न च संन्यसनादेव सिद्धिं समधिगच्छति ।

ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋ ଶ୍ନୁତେ ।
ନ ଚ ସଂନ୍ୟସନାଦେବ ସିଦ୍ଧିଂ ସମାଧି ଗଚ୍ଛତି ॥

କର୍ମ ନ କରି କର୍ମତ୍ୟାଗ କରିବା ସମ୍ଭବ ନୁହେଁ, କର୍ମରୁ ବିରତ ହେଲେ ସିଦ୍ଧିଲାଭ କରାଯାଏ ନାହିଁ ।

31

न हि कश्चित्क्षणमपि जातु तिष्ठत्यकर्मकृत् ।
कार्यते ह्यवशः कर्म सर्वः प्रकृतिजैर्गुणैः ।

ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।
କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ ॥

ଏହି ବିଷୟରେ କୌଣସି ସନ୍ଦେହ ନାହିଁ ଯେ, କେହି କେବେ ହେଲେ ମୁହୂର୍ତ୍ତକ ପାଇଁ ମଧ୍ୟ ନିଷ୍କ୍ରିୟ ରହି ପାରେ ନାହିଁ । କାରଣ ପ୍ରତ୍ୟେକେ ସ୍ୱାଭାବିକ ପ୍ରବୃତ୍ତିବଶେ ଅସହାୟ ଭାବରେ କର୍ମ କରିବାକୁ ବାଧ୍ୟ ହୁଏ ।

32

तस्मादसक्तः सततं कार्यं कर्म समाचर ।

असक्तये ह्याचरन्कर्म परमाप्नोति पुरुषः ।

ତସ୍ମାଦସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚାର ।

ଅସକ୍ତ୍ୟେ ହ୍ୟାଚରନ୍‌କର୍ମ ପରମାପ୍ରୋତି ପୁରୁଷଃ ॥

ଅନାସକ୍ତ ହୋଇ ଉତ୍ତମରୂପେ କର୍ମ କରିଯାଅ । ଅନାସକ୍ତ ହୋଇ କର୍ମ କଲେ ଈଶ୍ୱରଙ୍କୁ ଲାଭ କରାଯାଏ ।

33

य इमं परमं गुह्यं मद्भक्तेष्टभिधास्यति ।

भक्तिं मयि परां कृत्वा मामेवैष्यत्यसंशयः ।

ଯ ଇମଂ ପରମଂ ଗୁହ୍ୟଂ ମଦ୍‌ଭକ୍ତେଷ୍ଟଭିଧାସ୍ୟତି ।

ଭକ୍ତିଂ ମୟି ପରଂକୃତ୍ୱା ମାପେବୈଷ୍ୟତ୍ୟସଂଶୟଃ ॥

ଯିଏ ସର୍ବୋଚ୍ଚପ୍ରେମ ଈଶ୍ୱରଙ୍କୁ ନିବେଦନ କରନ୍ତି ଏବଂ ଜନସାଧାରଣଙ୍କ ମଧ୍ୟରେ ଏହି ଶାସ୍ତ୍ରର ଗଭୀରତମ ବାର୍ତ୍ତା ପ୍ରଚାର କରନ୍ତି, ସେ ସ୍ୱର୍ଗଲାଭ କରିବେ ଏଥିରେ କୌଣସି ସନ୍ଦେହ ନାହିଁ ।

34

चातुर्वर्ण्यं मया सृष्टं गुणकर्मविभागशः ।

तस्य कर्तारमपि मां विद्ध्यकर्तारमव्ययम् ।

ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ ।

ତସ୍ୟ କର୍ତ୍ତାରମପି ମାଂ ବଦ୍ଧ୍ୟକର୍ତ୍ତାରମବ୍ୟୟମ୍ ॥

ସମାଜରେ ଚାରିଟି ଶ୍ରେଣୀ ପ୍ରାଧାନ୍ୟ ଲାଭ କରେ, ସେମାନଙ୍କର ପ୍ରଧାନ ପ୍ରଧାନ ଗୁଣ କର୍ମ ଅନୁସାରେ । ଏହି ଶ୍ରେଣୀ ବିଭାଗ ଆମଭଳି ମଣିଷମାନେ କରିଛନ୍ତି, ଈଶ୍ୱରଙ୍କ ସହିତ ଏହାର କୌଣସି ସମ୍ପର୍କ ନାହିଁ ।

35

श्रेयान्स्वधर्मो विगुणः परधर्मात्स्वनुष्ठितात् ।

स्वधर्मे निधनं श्रेयः परधर्मो भयावहः ।

ଶ୍ରେୟାନ୍‌ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍‌ସ୍ୱନୁଷ୍ଠିତାତ୍ ।

ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ॥

ନିଜ ଧର୍ମ (ତାହାର କୌଣସି ଗୁଣ ନ ଥିଲେ ମଧ୍ୟ) ସୁଚାରୁରୂପେ ସମ୍ପାଦିତ କରିବା ସ୍ୱଗୁଣ ପରଧର୍ମ ଅପେକ୍ଷା ଶ୍ରେୟ । ନିଜ ଧର୍ମ ସମ୍ପାଦନରେ ମୃତ୍ୟୁ ମଧ୍ୟ ଶୁଭ ଫଳଦାୟୀ, ଅନ୍ୟର ଧର୍ମରେ ଭୟର କାରଣ ଥାଏ ।

36

संन्यासः कर्मयोगश्च निःश्रेयसकरावुभौ ।
तयोस्तु कर्मसंन्यासात्कर्मयोगो विशिष्यते ।

ସଂନ୍ୟାସଃ କର୍ମଯୋଗଶ୍ଚ ନିଃଶ୍ରେୟସକରାବୁଭୌ ।
ତୟୋସ୍ତୁ କର୍ମସଂନ୍ୟାସାତ୍କର୍ମଯୋଗୋ ବିଶିଷ୍ୟତେ ॥

ଜ୍ଞାନଯୋଗ ଓ କର୍ମଯୋଗ ଉଭୟେ ପରମ କଲ୍ୟାଣକର, ତେବେ କର୍ମଯୋଗ (ଅପେକ୍ଷାକୃତ ସହଜସାଧ୍ୟ) ଜ୍ଞାନଯୋଗ ଅପେକ୍ଷା ଶ୍ରେୟ ।

37

सांख्ययोगौ पृथग्बालाः प्रवदन्ति न पण्डिताः ।
एकमप्यास्थितः सम्यगुभयोर्विन्दते फलम् ।

ସାଂଖ୍ୟଯୋଗୌ ପୃଥଗ୍ବାଲାଃ ପ୍ରବଦନ୍ତି ନ ପଣ୍ଡିତ୍ୟଃ ।
ଏକମପ୍ୟାସ୍ଥିତଃ ସମ୍ୟଗୁଭବୟୋର୍ବିନ୍ଦତେ ଫଲମ୍ ॥

ଯେଉଁମାନେ ଜ୍ଞାନୀ ନୁହନ୍ତି, ଅଜ୍ଞାନ, ସେହିମାନେ କହନ୍ତି ସାଂଖ୍ୟଯୋଗ ଓ କର୍ମଯୋଗ ପୃଥକ ପୃଥକ ଫଳଦାନ କରେ । କାରଣ ଯିଏ ଏହି ଦୁଇଟିରୁ ଯେକୌଣସି ଗୋଟିକରେ ସୁଦୃଢ଼ ଭାବରେ ନିଷ୍ଠାବାନ ସେ ଦୁଇଟିର ଫଳଲାଭ କରନ୍ତି (ଦୁଇଟି ହିଁ ଅଭିନ୍ନ) ।

38

नियतं सङ्गरहितमरागद्वेषतः कृतम् ।
अफलप्रेप्सुना कर्म यत्तत्सात्त्विकमुच्यते ।

ନିୟତଂ ସଙ୍ଗରହିତମରାଗଦ୍ୱେଷତଃ କୃତମ୍ ।
ଅଫଲପ୍ରେପ୍ସୁନା କର୍ମ ଯତ୍ତତ୍ସାତ୍ତ୍ୱିକମୁଚ୍ୟତେ ॥

ଯେଉଁ କର୍ମ ଶାସ୍ତ୍ର ନିର୍ଦ୍ଦିଷ୍ଟ, କାରକତ୍ୱବୋଧ ବିରହିତ, ଫଳଲାଭାକାଙ୍କ୍ଷାମୁକ୍ତ ବ୍ୟକ୍ତିଦ୍ୱାରା ପକ୍ଷପାତ ଓ ଦ୍ୱେଷଦୁଷ୍ଟ ନୁହେଁ, ତାହାକୁ ସାତ୍ତ୍ୱିକ କୁହାଯାଏ ।

39

रागी कर्मफलप्रेप्सुर्लुब्धो हिंसात्मकोऽशुचिः ।
हर्षशोकान्वितः कर्ता राजसः परिकीर्तितः ।

ରାଗୀ କର୍ମଫଳପ୍ରେପ୍ସୁର୍ଲୁବଧୋ ହିଂସାତ୍ମକୋ ଶୁଚିଃ ।
ହର୍ଷ ଶୋକାନ୍ୱିତଃ କର୍ତ୍ତା ରାଜସଃ ପରିକୀର୍ତ୍ତିତଃ ॥

ଯେଉଁ କର୍ମକାରକ ଆସକ୍ତିଯୁକ୍ତ କର୍ମଫଳାକାଙ୍କ୍ଷୀ, ସ୍ୱଭାବରେ ଅତ୍ୟାଚାରୀ, ଲୋଭୀ, ଯାହାର ଆଚରଣ ଅପବିତ୍ର, ଯିଏ ସୁଖଦୁଃଖ ଦ୍ୱାରା ପ୍ରଭାବିତ, ତାହାକୁ ପରିହାର କରିବା କର୍ତ୍ତବ୍ୟ, କାରଣ ସେ ରାଜସିକ ।

40

यत: प्रवृत्तिर्भूतानां येन सर्वमिदं ततम् ।
स्वकर्मणा तमभ्यर्च्य सिद्धिं विन्दति मानव: ।

ଯତଃ ପ୍ରବୃତ୍ତିର୍ଭୂତାନାଂ ଯେନ ସର୍ବମିଦଂ ତତମ୍ ।
ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବନ୍ଦତି ମାନବଃ ॥

ମଣିଷର ଶ୍ରେଷ୍ଠ କର୍ତ୍ତବ୍ୟ ଈଶ୍ୱର ଉପାସନା କରିବା । ଈଶ୍ୱରଙ୍କ ନିକଟରୁ ସୃଷ୍ଟିର ସ୍ରୋତ ଉତ୍ସାରିତ, ସେହି ହିଁ ବିଶ୍ୱଚରାଚରରେ ବ୍ୟାପ୍ତ ।

41

कर्मेन्द्रियाणि संयम्य य आस्ते मनसा स्मरन् ।
इन्द्रियार्थान्विमूढात्मा मिथ्याचार: स उच्यते ।

କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥନ୍ୱିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ॥

ଯେଉଁ ବ୍ୟକ୍ତି ବାହ୍ୟତଃ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟ ସଂଯତ କରେ, ଅନ୍ତରରେ ଇନ୍ଦ୍ରିୟସୁଖର ବସ୍ତୁସମୂହକୁ ଚିନ୍ତା କରେ ସେ ହିଁ ଭ୍ରାନ୍ତବୁଦ୍ଧି ଓ ଭଣ୍ଡ ।

42

अधिष्ठानं तथा कर्ता करणं च पृथग्विधम् ।
विविधाश्च पृथक्चेष्टा दैवं चैवात्र पञ्चमम् ।

ଅଧିଷ୍ଠାନଂ ତଥା କର୍ତ୍ତା କରଣଂ ଚ ପୃଥଗ୍ୱିଧମ୍ ।
ବିବିଧାଶ୍ଚ ପୃଥକ୍‌ଚେଷ୍ଟା ଦୈବଂ ଚୈବାତ୍ର ପଞ୍ଚମମ୍ ॥

କର୍ମସାଧନରେ ନିମ୍ନଲିଖିତ ବିଷୟସମୂହ ଗୁରୁତ୍ୱପୂର୍ଣ୍ଣ, କର୍ମର କାଳ ଓ ଆନ୍ତରିକତା, ଅବଲମ୍ବିତ ବିଭିନ୍ନ ପଦ୍ଧତି, ବିବିଧ ଶକ୍ତି ଓ ଈଶ୍ୱରଙ୍କ ଇଚ୍ଛାର ସମନ୍ୱୟ ।

43

यज्ञदानतप:कर्म न त्याज्यं कार्यमेव तत् ।

यज्ञो दानं तपश्चैव पावनानि मनीषिणाम् ।

ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବ ତତ୍ ।

ଯଜ୍ଞୋଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍ ॥

ଜନସେବା, ଦାନ, ଜ୍ଞାନ ଅନ୍ୱେଷଣ କରଣୀୟ, କାରଣ ଜନସେବା, ଦାନ ଓ ଜ୍ଞାନ ଅନ୍ୱେଷଣ ପ୍ରକୃତରେ ଈଶ୍ୱରପ୍ରେମ ।

44

दु:खमित्येव यत्कर्म कायक्लेशभयात्त्यजेत् ।

स कृत्वा राजसं त्यागं नैव त्यागफलं लभेत् ।

ଦୁଃଖମିତ୍ୟେବ ଯତ୍କର୍ମ କାୟକ୍ଲେଶଭୟାତ୍ତ୍ୟଜେତ୍ ।

ସ କୃତ୍ୱା ରାଜସଂ ତ୍ୟାଗଂ ନୈବ ତ୍ୟାଗଫଳଂ ଲଭେତ୍ ॥

ଦୈହିକ କ୍ଲେଶ ପରିହାର ଉଦ୍ଦେଶ୍ୟରେ ତ୍ୟାଗ ରାଜସିକ, ତାହାଦ୍ୱାରା ତ୍ୟାଗ ଫଳଲାଭ ହୁଏ ନାହିଁ ।

45

न हि देहभृता शक्यं त्यक्तुं कर्माण्यशेषत: ।

यस्तु कर्मफलत्यागी स त्यागीत्यभिधीयते ॥

ନ ହି ଦେହଭୃତା ଶାକ୍ୟଂ ତ୍ୟକ୍ତୁଂ କର୍ମାଣ୍ୟଶେଷତଃ ।

ଯସ୍ତୁକର୍ମଫଳ ତ୍ୟାଗୀ ସ ତ୍ୟାଗୀତୀଭିଧୀୟତେ ॥

ଦେହଧାରୀ ପକ୍ଷରେ ସମସ୍ତ କର୍ମ ସମ୍ପୂର୍ଣ୍ଣ ତ୍ୟାଗ କରିବା ସମ୍ଭବ ନୁହେଁ । କର୍ମର ଫଳ ଯିଏ ତ୍ୟାଗ କରନ୍ତି ଏକମାତ୍ର ତାଙ୍କୁ ହିଁ ତ୍ୟାଗୀ କୁହାଯାଏ ।

46

इदं ते नातपस्काय नाभक्ताय कदाचन ।

न चाशुश्रूषवे वाच्यं न च मां योऽभ्यसूयति ।

ଇଦଂ ତେ ନାତପସ୍କାୟ ନାଭକ୍ତାୟ କଦାଚନ ।

ନ ଚାଶୁଶ୍ରୂଷବେ ବାଚ୍ୟ ନ ଚ ମାଂ ଯୋ ଭ୍ୟସୂୟତି ॥

ଗୀତାର ଏହି ଗୂହ୍ୟତତ୍ତ୍ୱ ତାହା ନିକଟରେ ପ୍ରକାଶ କରିବ ନାହିଁ ।

ଯିଏ ଜ୍ଞାନ ଅନ୍ୱେଷଣ କରେ ନାହିଁ, ଯିଏ ଭକ୍ତିଶୂନ୍ୟ, ଯିଏ ଶ୍ରବଣ କରିବାକୁ ଆଗ୍ରହୀ

ନୁହେଁ, ତାହା ନିକଟରେ ପ୍ରକାଶ କରିବା କଥା ନୁହେଁ।

47

अश्रद्दधानाः पुरुषा धर्मस्यास्य परंतप ।
अप्राप्य मां निवर्तन्ते मृत्युसंसारवर्त्मनि ।

ଅଶ୍ରଦ୍ଧାନାଃ ପୁରୁଷା ଧର୍ମସ୍ୟାସ୍ୟ ପରଂତପ ।
ଅପ୍ରାପ୍ୟ ମାଂ ନିବର୍ତ୍ତନ୍ତେ ମୃତ୍ୟୁ ସଂସାରବର୍ତ୍ମନି ।

ଯେଉଁମାନେ ଧର୍ମ ବିଶ୍ୱାସ କରନ୍ତି ନାହିଁ, ସେମାନେ ଈଶ୍ୱରଙ୍କୁ କେବେହେଲେ ବିଶ୍ୱାସ କରିବେ ନାହିଁ ବା ଉପଲବ୍ଧି କରି ପାରିବେ ନାହିଁ। ସେମାନଙ୍କର ଉଚ୍ଚାଶା ଯାହା ହେଉ, ସେମାନେ ହତାଶା ଓ ମୃତ୍ୟୁର ଚକ୍ରପଥେ ଆବର୍ତ୍ତିତ ହେବେ।

48

क्लैब्यं मा स्म गमः पार्थ नैतत्त्वय्युपपद्यते ।
क्षुद्रं हृदयदौर्बल्यं त्यक्त्वोत्तिष्ठ परंतप ।

କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ ।
କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ॥

କାପୁରୁଷତା ନିକଟରେ ଆତ୍ମସମର୍ପଣ କର ନାହିଁ। ଭୀରୁତା ଓ ହୃଦୟଦୌର୍ବଲ୍ୟ ଫୋପାଡ଼ି ଦିଅ। ତୁମେ ଶତ୍ରୁ ଦଣ୍ଡକାରୀ, ତୁମେ ଉଠି ଛିଡ଼ା ହୁଅ।

# ଦୈନିକ ପ୍ରାର୍ଥନା

ହିନ୍ଦୁମାନଙ୍କର ଅବଶ୍ୟ କର୍ତ୍ତବ୍ୟ
(ଈଶ୍ୱରଙ୍କ ଆଶୀର୍ବାଦଲାଭ ପାଇଁ ପ୍ରାର୍ଥନାର ମନ୍ତ୍ର)

ସମସ୍ତ ହିନ୍ଦୁଙ୍କର କର୍ତ୍ତବ୍ୟ ଦିନକୁ ଅନ୍ତତଃ ଦୁଇଥର ନିମ୍ନଲିଖିତ ମନ୍ତ୍ରଗୁଡ଼ିକ ଆବୃତ୍ତି କରିବା ଏବଂ ପ୍ରାଣାୟାମ ଅଭ୍ୟାସ କରିବା। ଦଶବର୍ଷରୁ ଅଧିକ ବୟସର ସମସ୍ତ ପୁରୁଷ ଓ ନାରୀଙ୍କୁ ଏହି ମନ୍ତ୍ରଗୁଡ଼ିକ ଆବୃତ୍ତି କରିବାକୁ ହେବ। ବୈଦିକ ସ୍ୱର ଓ ଛନ୍ଦରେ ଉଚ୍ଚାରିତ ହେଲେ ମନ୍ତ୍ରଗୁଡ଼ିକ ଆବୃତ୍ତିକାରୀଙ୍କୁ ଏକ ଅଭୂତପୂର୍ବ ସ୍ୱାସ୍ଥ୍ୟ, ଅର୍ଥ, ବିଷୟସମ୍ପତ୍ତି, ଶକ୍ତି ଓ ଶାନ୍ତି ଦାନ କରେ। ସର୍ବ ପ୍ରଚେଷ୍ଟାରେ ଆବୃତ୍ତିକାର ସାଫଲ୍ୟ ଓ ସୁସ୍ଥ ଜୀବନ ଲାଭ କରନ୍ତି। ଏହା ଯେ କୌଣସି ସ୍ଥାନରେ ଯେ କୌଣସି ସମୟରେ ଆବୃତ୍ତି କରାଯାଏ, ତେବେ ଶ୍ରେଷ୍ଠଫଳ

ପାଇଁ ପ୍ରତ୍ୟୁଷ ଓ ସାୟଂକାଳରେ ମନ୍ଦିର ବା ଉଦ୍ୟାନରେ ଅନ୍ୟମାନଙ୍କ ସହିତ ସମ୍ମିଳିତ କଣ୍ଠରେ ଆବୃତ୍ତି କରିବା ଉଚିତ । ହଜାର ହଜାର ବର୍ଷ ଧରି ଏହି ସମସ୍ତ ମନ୍ତ୍ର ଶକ୍ତିଶାଳୀ ବୋଲି ପ୍ରମାଣିତ ହୋଇଛି । ସୁର ସଂଯୋଗରେ ଆବୃତ୍ତି ଅଲୌକିକ କମ୍ପନ ସୃଷ୍ଟି କରେ, ତାହା ଫଳରେ ଆବୃତ୍ତିକାରୀଙ୍କ ଚତୁର୍ଦ୍ଦିଗରେ ଏକ ଅଦୃଶ୍ୟ ସୁରକ୍ଷା ଆବରଣର ସୃଷ୍ଟି ହୁଏ । ଆଧୁନିକ ବିଜ୍ଞାନ ଏବେ ମଧ୍ୟ ଏହି ସମସ୍ତ ମନ୍ତ୍ରଶକ୍ତିର କାରଣ ବ୍ୟଖ୍ୟା ବିଶ୍ଳେଷଣ କରିବାକୁ ସକ୍ଷମ ହୋଇ ନାହିଁ । କିନ୍ତୁ ଶକ୍ତି ଉପଲବ୍ଧି କରି ପାରିଛି । ଯେ କୌଣସି ବ୍ୟକ୍ତି (ସେ ହିନ୍ଦୁ ନ ହେଲେ ମଧ୍ୟ) ଏହି ସମସ୍ତ ମନ୍ତ୍ର ଆବୃତ୍ତି କରି ପାରନ୍ତି ଓ ତାହାଦ୍ୱାରା ଉପକୃତ ହୋଇପାରନ୍ତି ।

**ॐ श्री विष्णु: ॐ श्री विष्णु: ॐ श्री विष्णु:**

ॐ भूर्भुवः स्वः तत्सवितुर्वरेण्यं भर्गो देवस्य धीमहि ।
धियो यो नः प्रचोदयात् ॥

ଓଁ ଶ୍ରୀବିଷ୍ଣୁଃ ଓଁ ଶ୍ରୀବିଷ୍ଣୁଃ ଓଁ ଶ୍ରୀବିଷ୍ଣୁଃ
ଓଁ ଭୂର୍ଭୁବଃ ସ୍ୱଃ ତତ୍ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି
ଧିୟୋ ୟୋ ନଃ ପ୍ରଚୋଦୟାତ୍

ॐ जवाकुसुमसंकाशं काश्यपेयं महाद्युतिम् ।
ध्वान्तारिं सर्वपापघ्नं प्रणतोऽस्मि दिवाकरम् ॥

ଓଁ ଜବାକୁସୁମସଂକାଶଂ କାଶ୍ୟପେୟଂ ମହାଦ୍ୟୁତିମ୍ ।
ଧ୍ୱାନ୍ତାରିଂ ସର୍ବପାପଘ୍ନଂ ପ୍ରଣତୋ ସ୍ମିଦିବାକରମ୍ ॥

ॐ वक्रतुण्ड महाकाय सूर्यकोटिसमप्रभ
निर्विघ्नं कुरू मे देव सर्वकार्येषु सर्वदा ॥
ॐ नमो गणपतये । ॐ नमो गणपतये ॥

ଓଁ ବକ୍ରତୁଣ୍ଡ ମହାକାୟ ସୂର୍ଯକୋଟିସମପ୍ରଭ
ନିବିଘ୍ନଂ କୁରୁ ମେ ଦେବ ସର୍ବକାର୍ଯେଷୁ ସର୍ବଦା ॥
ଓଁ ନମୋ ଗଣପତୟେ । ଓଁ ନମୋ ଗଣପତୟେ ॥

ॐ बन्दे सर्वभूते विराजमानम् ईश्वरम् एकमेवाद्वितीयम् ।
प्रणमामि देवरूपेण तान् सर्वान् ईश्वरप्रेरितदूतान् ॥

ईश्वर-प्रेरिता दूता आगच्छन्ति देवरूपेण पुनः पुनः ।
तन्मध्ये श्रेष्ठत्रयं ब्रह्मविष्णुमहेश्वराः ॥
ଓଁ ବନ୍ଦେ ସର୍ବଭୂତେ ବିରାଜମାନମ୍ ଈଶ୍ୱରମ୍ ଏକମେବାଦ୍ୱିତୀୟମ୍ ।
ପ୍ରଣମାମି ଦେବରୂପେଣ ତାନ୍ ସର୍ବାନ୍ ଈଶ୍ୱରପ୍ରେରିତଦୂତାନ୍ ॥
ଈଶ୍ୱର-ପ୍ରେରିତା ଦୂତା ଆଗଚ୍ଛନ୍ତି ଦେବରୂପେଣ ପୁନଃ ପୁନଃ ।
ତନ୍ମଧ୍ୟେ ଶ୍ରେଷ୍ଠତ୍ରୟଂ ବ୍ରହ୍ମାବିଷ୍ଣୁମହେଶ୍ୱରଃ ॥

ॐ नमो ब्रह्मण्य देवाय गो ब्राह्मण हिताय च ।
जगद्धिताय कृष्णाय गोविन्दाय नमो नमः ॥
ଓଁ ନମୋ ବ୍ରହ୍ମଣ୍ୟ ଦେବାୟ ଗୋ ବ୍ରାହ୍ମଣ ହିତାୟ ଚ ।
ଜଗଦ୍ଧିତାୟ କୃଷ୍ଣାୟ ଗୋବିନ୍ଦାୟ ନମୋ ନମଃ ॥

ॐ कृष्णाय वासुदेवाय हरये परमात्मने ।
प्रणत क्लेशनाशाय गोविन्दाय नमो नमः ॥
ଓଁ କୃଷ୍ଣାୟ ବାସୁଦେବାୟ ହରୟେ ପରମାତ୍ମନେ ।
ପ୍ରଣତ କ୍ଲେଶନାଶାୟ ଗୋବିନ୍ଦାୟ ନମୋ ନମଃ ॥

ॐ नागेन्द्रहाराय त्रिलोचनाय भस्माङ्गरागाय महेश्वराय ।
नित्याय शुद्धाय दिगम्वराय तस्मै नकाराय नमः शिवाय ॥
ଓଁ ନାଗେନ୍ଦ୍ର ହାରାୟ ତ୍ରିଲୋଚନାୟ ଭସ୍ମାଙ୍ଗରାଗାୟ ମହେଶ୍ୱରାୟ ।
ନିତ୍ୟାୟ ଶୁଦ୍ଧାୟ ଦିଗମ୍ବରାୟ ତସ୍ମୈ ନକାରାୟ ନମଃ ଶିବାୟ ॥

ॐ मन्दाकिनी सलिल-चन्दनचर्चिताय
नन्दीश्वर-प्रमथनाथ-महेश्वराय ।
मन्दारपुष्प-बहुपुष्प सुपुजिताय तस्मै मकाराय नमः शिवाय ॥
ଓଁ ମନ୍ଦାକିନୀ ସଲିଳ-ଚନ୍ଦନାଚର୍ଚିତାୟ
ନନ୍ଦୀଶ୍ୱର ପ୍ରମଥନାଥ-ମହେଶ୍ୱରାୟ ।

ॐ नमः शिवाय शान्ताय कारणत्रयहेतवे ।
निवेदयामि चात्मानं त्वं गतिः परमेश्वरः ॥
ଓଁ ନମଃ ଶିବାୟ ଶାନ୍ତାୟ କାରଣତ୍ରୟହେତବେ ।
ନିବେଦୟାମି ଚାତ୍ମାନଂ ତ୍ୱଂ ଗତିଃ ପରମେଶ୍ୱରଃ ॥
ॐ त्र्यंम्बकं यजामहे सुगन्धिं पुष्टिवर्धनम् ।
उर्वारुकमिव बन्धनान्मृत्योर्मुक्षीय मामृतात् ॥

ଓଁ ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଦ୍ଧନମ୍ ।
ଉର୍ବାରୁକମିବ ବନ୍ଧନାନ୍ ମୃତ୍ୟୋର୍ମୁକ୍ଷୀୟ ମାମୃତାତ୍ ॥

ॐ सर्वमङ्गलमङ्गल्ये, शिवे सर्वार्थसाधिके ।
शरण्ये त्र्यम्बके गौरि नारायणि नमोऽस्तु ते!
ଓଁ ସର୍ବମଙ୍ଗଳମଙ୍ଗଲ୍ୟେ ଶିବେ ସର୍ବାର୍ଥସାଧିକେ ।
ଶରଣ୍ୟେ ତ୍ର୍ୟମ୍ବକେ ଗୌରି ନାରାୟଣି ନମୋ ସ୍ତୁତେ ॥

ॐ त्रिमस्तकानां ज्ञानम् एकशिरे अवस्थितं ।
चतुर्बाहुतुल्यबलं द्विहस्ते रोपितम् ॥
भक्तेच्छापूरणार्थं पुनः पुनः आविर्भूतम् ।
प्रणमामि तं हि ईश्वरप्रेरितदूतम् ॥
ଓଁ ତ୍ରିମସ୍ତକାନଂ ଜ୍ଞାନମ୍ ଏକଶିରେ ଅବସ୍ଥିତମ୍ ।
ଚତୁର୍ବାହୁତୁଲ୍ୟବଳଂ ଦ୍ୱିହସ୍ତେ ରୋପିତମ୍ ॥
ଭକ୍ତେଚ୍ଛାପୂରଣାର୍ଥଂ ପୁନଃ ପୁନଃ ଆବିର୍ଭୂତମ୍ ।
ପ୍ରଣମାମି ତଂ ହି ଈଶ୍ୱରପ୍ରେରିତଦୂତମ୍ ॥

ॐ य आस्तिको धर्मनिष्ठः स वै शूरो न नास्तिकः ।
नास्तिकः कापुरुषोऽभुत् पृथिव्यां परिधावति ॥
एकाशं स्वोपार्जनेस्य देयम् दीनजनाय ।
यो भुंजीत-स्वयमेव, स मोघं केवलादी च ॥

ଓଁ ଯ ଆସ୍ତିକୋ ଧର୍ମନିଷ୍ଠଃ ସ ବୈ ଶୂରୋ ନ ନାସ୍ତିକଃ ।
ନାସ୍ତିକଃ କାପୁରୁଷୋ ଭୁତ୍ ପୃଥିବ୍ୟାଂ ପରିଧାବତି ॥
ଏକାଶଂ ସ୍ୱୋପାର୍ଜନେସ୍ୟ ଦେୟମ୍ ଦୀନଜନାୟ ।
ଯୋ ଭୁଞ୍ଜୀତ-ସ୍ୱୟମେବ, ସ ମୋଘଂ କେବଲାଦ୍ୱି ଚ ॥

ॐ ईशावास्यमिदं सर्वं यत् किञ्च जगत्यां जगत् ।
तेन त्यक्तेन भुञ्जीथा मा गृधः कस्यस्विद्धनम् ॥
ଓଁ ଈଶା ବାସ୍ୟମିଦଂ ସର୍ବଂ ଯତ୍ କିଞ୍ଚ ଜଣତ୍ୟା ଜଗତ୍ ।
ତେନ ତ୍ୟକ୍ତେନ ଭୁଞ୍ଜିଥା ମା ଗୃଧଃ କସ୍ୟସ୍ୱିଦ୍ଧନମ୍ ॥

ॐ त्वमेव माता च पिता त्वमेव, त्वमेव वन्धुश्च सखा त्वमेव ।
त्वमेव विद्या द्रविणं त्वमेव, त्वमेव सर्व मम देवदेव ॥
ଓଁ ତ୍ୱମେବ ମାତା ଚ ପିତା ତ୍ୱମେବ ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ ।
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ, ତ୍ୱମେବ ସର୍ବ ମମ ଦେବଦେବ ॥

ଦଶବର୍ଷରୁ ଅଧିକ ବୟସ୍କ ପ୍ରତ୍ୟେକ ହିନ୍ଦୁର ଧର୍ମରକ୍ଷା ପାଇଁ କିଛି କର୍ତ୍ତବ୍ୟ ରହିଛି । ଯେମିତି (୧) ସକାଳେ ଥରେ ଏବଂ ସନ୍ଧ୍ୟାରେ ଥରେ ଅନ୍ତତଃ ପାଞ୍ଚ ମିନିଟ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପନ୍ଦରଟି ମନ୍ତ୍ର ଏକ ଏକ କରି ପାଠ କରିବାକୁ ହେବ ଏବଂ ଚେଷ୍ଟା କରିବାକୁ ହେବ ମନ୍ତ୍ରର ଅର୍ଥ ଉପଲବ୍ଧି କରିବାକୁ । (୨) ଦିନକୁ ଅନ୍ତତଃ ଥରେ ଦଶମିନିଟ ପ୍ରାଣାୟାମ କରିବାକୁ ହେବ । (୩) ମାସକରେ ଥରେ ଆତ୍ମୀୟ, ବନ୍ଧୁ, ପ୍ରତିବେଶୀମାନଙ୍କୁ ନେଇ ନିଜର ସାଧ୍ୟାନୁଯାୟୀ 'ଭୋଜି-ଉତ୍ସବ'ର ଆୟୋଜନ କରିବାକୁ ହେବ ଅଥବା ଅନ୍ୟର ଆୟୋଜନ 'ଭୋଜ-ଉତ୍ସବରେ' ଯୋଗଦାନ କରିବାକୁ ହେବ ।

ପ୍ରାଣାୟାମ ଅତ୍ୟନ୍ତ ସହଜ । ମେରୁଦଣ୍ଡ ସିଧା ରଖି ମାଟିରେ ପଦ୍ମାସନ ଭଙ୍ଗୀରେ ବସି ବା ଚେୟାରରେ ପାଦ ଝୁଲାଇ ବସି ବୁଢ଼ା ଆଙ୍ଗୁଳି ଦ୍ୱାରା ଡାହାଣ ନାସାରନ୍ଧ୍ର ବନ୍ଦ କରି ବାମ ନାସାରନ୍ଧ୍ର ଦ୍ୱାରା ଶ୍ୱାସ ଛାଡ଼ିବାକୁ ହେବ, ଏଣିକୁ ତର୍ଜନୀ ଦ୍ୱାରା ବାମ ନାସାରନ୍ଧ୍ର ବନ୍ଦ କରି ଡାହାଣ ନାସାରନ୍ଧ୍ର ଦ୍ୱାରା ସମ୍ପୂର୍ଣ୍ଣ ଶ୍ୱାସ ଛାଡ଼ିବାକୁ ହେବ । ପୁଣି ଡାହାଣ ନାସାରନ୍ଧ୍ର

ଦ୍ୱାରା ଶ୍ୱାସ ପୁରା ଟାଣି ନେଇ ବୁଢ଼ା ଆଙ୍ଗୁଳି ସାହାଯ୍ୟରେ ଡାହାଣ ନାସାରନ୍ଧ୍ର ବନ୍ଦ କରି ବାମ ନାସାରନ୍ଧ୍ରେ ଦ୍ୱାରା ଶ୍ୱାସ ସମ୍ପୂର୍ଣ୍ଣ ତ୍ୟାଗ କରିବାକୁ ହେବ । ଏହି ଭାବରେ ବାରମ୍ବାର କରିବାକୁ ହେବ । ଯେ କୌଣସି ସମୟରେ ପ୍ରାଣାୟାମ କରାଯାଇ ପାରେ ତେବେ ଖାଇବା ପରେ ପୁରା ପେଟରେ କରିବା ଉଚିତ ନୁହେଁ । ପ୍ରୟୋଜନ ହେଲେ ଯୋଗ୍ୟ ବ୍ୟକ୍ତିଙ୍କ ନିକଟରୁ ଶିଖିନେବା ଉଚିତ ।

ଯେଉଁମାନେ ହିନ୍ଦୁ ଧର୍ମ ପାଳନ କରନ୍ତି, ସେମାନେ ତଥା ତାଙ୍କର ନିକଟ ଆତ୍ମୀୟମାନେ ସୁସ୍ଥ, ସୁଖୀ, ସମୃଦ୍ଧ ଏବଂ ଆନନ୍ଦମୟ ଜୀବନ କଟାଇବେ ।

ମନେ ରଖିବାକୁ ହେବ ସାମାନ୍ୟ ବିଦ୍ୟାର୍ଜନ ମାଧ୍ୟମରେ ଈଶ୍ୱରଙ୍କ ଇଚ୍ଛାର ବିଚାର କରିବା ବା ଚେଷ୍ଟା କରିବା ବଡ଼ ନିର୍ବୋଧତା ।

କୌଣସି ମଣିଷକୁ ଉଚ୍ଚନୀଚ ଭେଦଭାବ କରିବା, ଅନ୍ୟର କ୍ଷତି କରି ସ୍ୱୀୟ ସ୍ୱାର୍ଥସାଧନ କରିବା, ଅଳସତା ଓ ଭୀରୁତାକୁ ପ୍ରଶ୍ରୟ ଦେବା ହିନ୍ଦୁ ପକ୍ଷରେ ପାପ ।

ଏଠାରେ ଯେଉଁ ପନ୍ଦରଟି ମନ୍ତ୍ର ଦିଆଯାଇଛି ତାହା ବୀଜମନ୍ତ୍ର ଏବଂ ସଂସାରରେ ସୁଖ ଓ ଜୀବନାନ୍ତେ ସ୍ୱର୍ଗପ୍ରାପ୍ତି ପକ୍ଷରେ ଯଥେଷ୍ଟ । କିନ୍ତୁ ବିଭିନ୍ନ ଉତ୍ସବରେ ଯେମିତି ବିବାହ, ଅନ୍ନପ୍ରାଶନ, କୌଣସି ଦେବଦେବୀଙ୍କ ପୂଜାଦି କ୍ଷେତ୍ରରେ ଏହି ଅତିରିକ୍ତ ପ୍ରାସଙ୍ଗିକ ମନ୍ତ୍ରସମୂହ ପାଠ କରାଯାଇ ପାରେ ।

କୌଣସି ପୂଜା ଅଥବା ଉତ୍ସବରେ ଏହି ପନ୍ଦରଟି ମନ୍ତ୍ର ଭକ୍ତିର ସହିତ ସମସ୍ତେ ମିଳିତ ଭାବରେ ପାଠ କରିବା ପ୍ରୟୋଜନ । ଆମର ଲୋକାଚାରରେ ଉପକରଣର ବ୍ୟବହାର କେବେ କେବେ ନିଜ ଐଶ୍ୱର୍ଯ୍ୟ ପ୍ରଦର୍ଶନ ପାଇଁ କରାହୁଏ, କେବେ ପୁଣି ଭକ୍ତ ଉପରେ ପୁରୋହିତମାନେ ନିଜର ସ୍ୱାର୍ଥସିଦ୍ଧି ପାଇଁ ଆର୍ଥିକ ବୋଝ ଚପାଇ ଦିଅନ୍ତି । ଏହା ପ୍ରୟୋଜନାତିରିକ୍ତ ।

## ଭଜନ

ଭଜନ ଈଶ୍ୱରଙ୍କର ଗୁଣ କୀର୍ତ୍ତନ । ମହାନ ଧର୍ମୀୟ ଏବଂ ସାମାଜିକ ଅନୁଷ୍ଠାନରେ ଈଶ୍ୱରଙ୍କ ଭଜନ ସମବେତ ସ୍ୱରରେ ଗାଇବା କର୍ତ୍ତବ୍ୟ ।

भजतामीशं जपतामीशं समवेतं सर्व जनेषु रे
नाशित सर्व प्रभेदजनो ईशमनसि खलु स वसति रे ॥
भजतामीशं जपतामीशं समवेतं सर्व जनेषु रे
य विश्वसिति परमेश्वरं भयहीनः खलु स भवति रे ॥
भजतामीशं जपतामीशं समवेतं सर्व जनेषु रे
यः करोति स्वधर्म रक्षामीश मनसि खलु स वसति रे ॥
भजतामीशं जपतामीशं समवेतं सर्व जनेषु रे
यः पुजयति परमेश्वर–अमर लोकं खलु स गच्छति रे ॥

ଭଜତାମୀଶଂ ଜପତାମୀଶଂ ସମବେତଂ ସର୍ବ ଜନେଷୁ ରେ
ନାଶିତ ସର୍ବ ପ୍ରଭେଦଜନୋ ଈଶମନସି ଖଳୁ ସ ବସତି ରେ ॥
ଭଜତାମୀଶଂ ଭଜତାମୀଶଂ ସମବେତଂ ସର୍ବ ଜନେଷୁ ରେ
ଯ ବିଶ୍ୱସିତି ପରମେଶ୍ୱରଂ ଭୟହୀନଃ ଖଳୁ ସ ଭବତି ରେ ॥
ଭଜତାମୀଶଂ ଭଜତାମୀଶଂ ସମବେତ ସର୍ବ ଜନେଷୁ ରେ
ଯଃ କରୋତି ସ୍ୱଧର୍ମ ରକ୍ଷାମୀଶ ମନସି ଖଳୁ ସ ବସତି ରେ ॥
ଭଜତାମୀଶଂ ଭଜତାମୀଶଂ ସମବେତ ସର୍ବ ଜନେଷୁ ରେ
ଯଃ ପୂଜୟତି ପରମେଶ୍ୱର-ଅମରଲୋକଂ ଖଳୁ ସ ଗଚ୍ଛତି ରେ ॥

## ସ୍ୱର୍ଗ ଓ ନରକ

ସ୍ୱର୍ଗର ସାତଟି ସ୍ତର ଅଛି ଏବଂ ଏଥିରେ ସ୍ୱର୍ଗୀୟ ସୁଖ ଓ ଆନନ୍ଦ ରହିଛି । ଈଶ୍ୱର ମଣିଷକୁ ପଠାନ୍ତି ତାଙ୍କର ଇଚ୍ଛାନୁଯାୟୀ କର୍ମ କରିବା ପାଇଁ । ଦଳବଦ୍ଧ ଭାବରେ ସାହସର ସହିତ ସତ୍‌କର୍ମ କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରିବା ଉଚିତ ଯାହା ଯାହା ଈଶ୍ୱରଙ୍କୁ ପ୍ରୀତ କରିବ ।

ଈଶ୍ୱର ଚାହାନ୍ତି ତାଙ୍କର ଭକ୍ତମାନେ ଜନସାଧାରଣଙ୍କ ପାଇଁ ମଙ୍ଗଳ କାର୍ଯ୍ୟାନୁଷ୍ଠାନ କରନ୍ତୁ ତାଙ୍କ ଉପଦେଶ ମାନି । ସ୍ୱର୍ଗର ନିମ୍ନ ସ୍ତରୀୟ ମାନବ ଯେବେ ତାହାର ଅସଫଳତା ପାଇଁ ଅନୁଶୋଚନା କରେ, ସେ ପୁଣି ପୃଥିବୀରେ ଜନ୍ମଗ୍ରହଣ କରେ । ସେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରେ ଯେମିତି ତାହାକୁ ଆଉ ଥରେ ସୁଯୋଗ ଦିଆଯାଏ ସମାଜର ମଙ୍ଗଳ ଦାୟକ କାର୍ଯ୍ୟଗୁଡ଼ିକ କରିବା ପାଇଁ ଯାହା ସେ ଗତ ଜନ୍ମରେ କରି ନାହିଁ ।

ସ୍ୱର୍ଗର ସବୁଠାରୁ ଉଚ୍ଚ ସ୍ତର ହେଲା ଧାର୍ମିକଙ୍କ ସ୍ଥାନ ଯିଏ ଈଶ୍ୱରଙ୍କ ଦିଗରୁ ବିମୁଖ ହୋଇ ଯାଉଥିବା ଜନଗଣଙ୍କୁ ଅତ୍ୟନ୍ତ ସାହସର ସହିତ ନିଜର ସର୍ବୋଚ୍ଚ ବଳିଦାନ ଦେଇ ମଧ୍ୟ ଫେରାଇ ଆଣିପାରେ, ଯିଏ କ୍ରୋଧକୁ ସମ୍ବରଣ କରିପାରେ, ପ୍ରାତ୍ୟହିକ ଉପାସନାରେ ନିଷ୍ଠାର ସହିତ ଯିଏ ଯୋଗଦାନ କରେ, ନିୟମିତ ଯିଏ ପ୍ରାଣାୟାମ କରେ, ମାସକୁ ଥରେ ଭୋଜ-ଉତ୍ସବର ବନ୍ଦୋବସ୍ତ କରେ ବା ଯୋଗଦାନ କରେ, ପୃଥିବୀକୁ ସୁନ୍ଦରତର କରିବା ପାଇଁ ଯିଏ କଠିନ ପରିଶ୍ରମ କରେ, ଅରକ୍ଷିତଙ୍କୁ ଯିଏ ସାହାଯ୍ୟ କରେ ଏବଂ ଧର୍ମମନ୍ଦିର ଓ ପୁରୋହିତଙ୍କୁ ଯିଏ ସହଯୋଗ କରେ, ଦେଶର ଆଇନକୁ ଯିଏ ସମ୍ମାନ ଦିଏ ।

ଧର୍ମନିଷ୍ଠ ବ୍ୟକ୍ତି ସ୍ୱର୍ଗାରୋହଣ କରିବେ । ସ୍ୱର୍ଗରେ ଈଶ୍ୱର ତାଙ୍କ ପାଇଁ ଏକ ବଡ଼ ଚିତ୍ତାକର୍ଷକ ଗୃହ ରଖିବେ ଯାହାର ସମ୍ମୁଖ ଭାଗରେ ସମୁଦ୍ର ଓ ଅନ୍ୟ ଦିଗରେ ବରଫାବୃତ ପାହାଡ଼ ପର୍ବତ ରହିଥିବ । ଧାର୍ମିକଙ୍କୁ ବନ୍ଧୁମାନେ ଭଲ ପାଉଥିବେ, ତାଙ୍କର ସମ୍ମାନ, ସ୍ୱଚ୍ଛତା, ଆନନ୍ଦ ଏବଂ ପ୍ରକୃତ ଜ୍ଞାନ ରହିଥିବ ।

ଧାର୍ମିକଙ୍କର ଥିବ ଭୋଜନ ପାଇଁ ସୁସ୍ୱାଦୁ ଖାଦ୍ୟ, ରମଣୀୟା ଆନନ୍ଦବର୍ଦ୍ଧିନୀ ରମଣୀଙ୍କ ସହିତ ଦାମ୍ପତ୍ୟ ସୁଖଲାଭର ଯଥେଷ୍ଟ ସୁଯୋଗ (ଗୀତାର ଶ୍ଳୋକ ନମ୍ବର ୧୦ ରେ ଦେଖନ୍ତୁ) ଏବଂ ଥିବ ଲାଳସା, କ୍ରୋଧ, ଯୌନକ୍ଷୁଧାଦିର ଅତ୍ୟଧିକ ଉତ୍ତେଜନା । ଦାମ୍ପତ୍ୟ ଜୀବନର ସଙ୍ଗୀ ବା ସଙ୍ଗିନୀ ପ୍ରତିଦିନ ମାନବିକ ନାୟକ ନାୟିକାର ବିଭିନ୍ନ ରୂପରେ ବିଦ୍ୟମାନ ଯାହାକୁ ସେହି ଧାର୍ମିକ ସର୍ବଦା ପସନ୍ଦ କରୁଥିବେ ।

ଆଦେଶମାତ୍ରେ ଆକାଙ୍କ୍ଷିତ ସୁନ୍ଦର ଦ୍ରବ୍ୟ ପ୍ରାପ୍ତ ହେଉଥିବେ । ଧାର୍ମିକ ପ୍ରତ୍ୟହ ଈଶ୍ୱରଙ୍କ ସାନ୍ନିଧ ଲାଭ କରୁଥିବେ ଏବଂ ସ୍ୱର୍ଗରେ ପରମ ସୁଖଲାଭ କରୁଥିବେ ।

ଯେଉଁମାନେ ଈଶ୍ୱରଙ୍କ ସାଧନା କରନ୍ତି ନାହିଁ ସେମାନେ ନରକକୁ ଯାଆନ୍ତି । ଯେଉଁମାନେ ଈଶ୍ୱରଙ୍କ ନିୟମ ଓ ମନୁଷ୍ୟତ୍ୱ ବିରୋଧୀ କାର୍ଯ୍ୟ କରନ୍ତି, ସେମାନେ ମଣିଷ ଦୁଃଖର କାରଣ ହେବେ । ସେମାନଙ୍କୁ ଫୁଟନ୍ତ ପାଣିକୁ ଫୋପାଡ଼ି ଦିଆହୁଏ - ସେମାନଙ୍କର ଦାମ୍ପତ୍ୟ ଜୀବନର ସଙ୍ଗୀ ହୁଅନ୍ତି କୁଷ୍ଠରୋଗୀ - ସେମାନଙ୍କୁ କ୍ୟାକ୍‌ଟାସ (କଣ୍ଟାଯୁକ୍ତ) ଖାଦ୍ୟ ଖାଇବାକୁ ଦିଆଯାଏ ନିୟମିତ ଖାଦ୍ୟରୂପେ । ସର୍ବଦା ସେମାନେ ତୃଷ୍ଣାର୍ତ୍ତ ରହନ୍ତି, ନାନା ରକମର ଅସୁସ୍ଥତାର ପ୍ରକୋପରେ ପଡ଼ନ୍ତି । ଦୁଷ୍ଟମାନେ ପାପୀମାନଙ୍କର ସାଙ୍ଗ ହୁଅନ୍ତି ଏବଂ ପଚା ଦୁର୍ଗନ୍ଧମୟ ମୃତଦେହ ମଧ୍ୟରେ ସର୍ବଦା ରହିବାକୁ ହୁଏ ।

ଯେଉଁମାନେ ମାନବ ସଭ୍ୟତାର ଉନ୍ନତି ପାଇଁ କାର୍ଯ୍ୟ କରନ୍ତି ଏବଂ ଜୀବ ଜଗତର ସମସ୍ତଙ୍କର ଶୁଭ ଚାହାନ୍ତି ଏବଂ ସେହିଭଳି କାର୍ଯ୍ୟ କରନ୍ତି, ଯେଉଁମାନେ ମାନବିକତାର ବନ୍ଧୁ, ଈଶ୍ୱର ପ୍ରଦତ୍ତ ନିୟମାନୁଯାୟୀ ଜୀବନ ଧାରଣ କରନ୍ତି, ଈଶ୍ୱରଙ୍କ ସାଧନା କରନ୍ତି, ସେମାନେ ସ୍ୱର୍ଗକୁ ଯାଆନ୍ତି ।

ଯେଉଁମାନେ ଈଶ୍ୱରଙ୍କ କ୍ରୋଧକୁ ଭୟ କରନ୍ତି ନାହିଁ 'ଏବଂ ତାଙ୍କର ନିର୍ଦ୍ଦେଶକୁ ମାନନ୍ତି ନାହିଁ', ନାସ୍ତିକ ହିନ୍ଦୁମାନଙ୍କ ମଧ୍ୟରେ ନିଜ ନିଜକୁ ଯୁକ୍ତ କରି ରଖନ୍ତି ଏବଂ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ ସେମାନେ ନରକକୁ ଯାଆନ୍ତି ।

ସଂବାଦପତ୍ରରେ ପଞ୍ଚମ କଲମରେ ନିୟମିତ ଲେଖୁଥିବା ସାମ୍ବାଦିକମାନେ ଈଶ୍ୱର ବିଶ୍ୱାସୀମାନଙ୍କୁ ଗଣହତ୍ୟା କରିବାର ବୀଜ ଦେଖାଇ ଦିଅନ୍ତି । ସେମାନଙ୍କର କାର୍ଯ୍ୟ, କାର୍ଯ୍ୟର ତ୍ରୁଟି ଓ ବଳ ଈଶ୍ୱର ବିଶ୍ୱାସୀ ଭକ୍ତମାନଙ୍କ ପାଇଁ ଜବାଇଖାନା ସୃଷ୍ଟି କରିବାକୁ ସାହାଯ୍ୟ କରେ । ସେମାନଙ୍କ ସ୍ଥାନ ନରକରେ ହୁଏ ।

କୌଣସି ହିନ୍ଦୁ ଭକ୍ତ ସ୍ୱର୍ଗକୁ ଯିବେ ଏବଂ ତାଙ୍କର ସମସ୍ତ ପାପ ପ୍ରକ୍ଷାଳନ କରିବେ, କିନ୍ତୁ ଏହି ପଞ୍ଚମ କଲମର ସାମ୍ବାଦିକମାନଙ୍କୁ କଠୋରତମ ଦଣ୍ଡ ବିଧାନ କରିବାକୁ ସାହସ କରିବକି, ଯାହା ଦ୍ୱାରା ସେମାନଙ୍କର ଯାତ୍ରା ଦ୍ରୁତ ହୋଇପାରେ ।

# ମୂର୍ତ୍ତି ପୂଜା

"ଆମ୍ଭେମାନେ ପ୍ରତ୍ୟେକେ ରାଜାଧିରାଜ ଈଶ୍ୱରଙ୍କ ସିଂହାସନର ଉତ୍ତରାଧିକାରୀ ।"

ହିନ୍ଦୁଙ୍କ ଦୃଷ୍ଟିରେ ଈଶ୍ୱର ହିଁ ଏକମାତ୍ର ପରମ ଆରାଧ ଦେବତା । ଅନ୍ୟ କୌଣସି ଦେବତାଙ୍କୁ ଈଶ୍ୱର ଜ୍ଞାନ କରିବାର କୌଣସି ପ୍ରଶ୍ନ ନାହିଁ । ଈଶ୍ୱର (ଦେବତେ / ଦେବାତୁ / ଈଶ୍ୱରତା / କାଡ଼ାରୁ / ଇରାଇବନ ଆଦି ନାମରେ ଦକ୍ଷିଣ ଭାରତରେ ଅଭିହିତ ହୋଇଥାଆନ୍ତି) ସର୍ବବ୍ୟାପୀ ଏବଂ ସର୍ବଶକ୍ତିମାନ । ତାଙ୍କର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ କୌଣସି ସହଯୋଗୀର ପ୍ରୟୋଜନ ହୁଏ ନାହିଁ । ପରମେଶ୍ୱର ତାହାଙ୍କୁ ହିଁ କୁହାଯାଏ ଯାହାଙ୍କ ନିକଟରୁ ନାମ ଓ ରୂପର ଏହି ସମଗ୍ର ବିଶ୍ୱର ଉତ୍ପତ୍ତି । ତାଙ୍କର କରୁଣାରେ ପୃଥିବୀର ଅସ୍ତିତ୍ୱ ବିଦ୍ୟମାନ, ତାହାଙ୍କ ମଧ୍ୟରେ ଅନ୍ତିମରେ ଏହାର ବିଲୟ ।

ଈଶ୍ୱରଃ ପରମୈକ ସ୍ୱରୂପଃ ॥<br>
ସ ନିତ୍ୟ ସର୍ବବ୍ୟାପୀ ବିଭୁରନାଦିରନନ୍ତଶ୍ଚ ସ ନିରାକାରୋ<br>
ନିରୂପୋ ବର୍ଣ୍ଣନାତୀତୋ ନିଷ୍କମ୍ପଶ୍ଚ ।<br>
କ୍ୱଚିତ ଶବ୍ଦ ରୂପେଣ ସ ଆତ୍ମାନଂ ପ୍ରକାଶୟତି ସ ବିଧାତା<br>
କାରଣାନାଂ କାରଣଂ ତଥା ସର୍ବଶକ୍ତିମାନ୍ ତଦିଚ୍ଛାପୂରଣାୟ କସ୍ୟାପି ସହାୟସ୍ୟ

ପ୍ରୟୋଜନଂ ନ ବର୍ତ୍ତତେ ।
ଯତୀ ଦ୍ୱିତୀୟଃ କୋ ପି ନାସ୍ତି ॥

ଈଶ୍ୱର ପରମ ଐଶ୍ୱର୍ଯ୍ୟସ୍ୱରୂପ, ନିତ୍ୟ, ସର୍ବବ୍ୟାପୀ, ଅନାଦି-ଅନନ୍ତ, ନିରୂପ, ବର୍ଣ୍ଣନାତୀତ, ନିଷ୍କମ୍ପ । କେବେ କେବେ ଶବ୍ଦ ରୂପରେ ସେ ଆତ୍ମ ପ୍ରକାଶ କରନ୍ତି । ସେ ସୃଷ୍ଟିକର୍ତ୍ତା, ସମସ୍ତ କାରଣର କାରଣ, ସର୍ବଶକ୍ତିମାନ, ତାଙ୍କର ଇଚ୍ଛା ପୂରଣ ପାଇଁ କୌଣସି ସହାୟକର ପ୍ରୟୋଜନ ହୁଏ ନାହିଁ ।

ଈଶ୍ୱର ପରମ ସତ୍ୟ । ତାଙ୍କର ଆଉ ଏକ ନାମ ବିଷ୍ଣୁ । ବିଷ୍ଣୁ ଓ ବ୍ରହ୍ମଙ୍କୁ ସନାତନ ଧର୍ମର ଦୁଇ ଆଦି ଦେବତା ବିଷ୍ଣୁ ଓ ବ୍ରହ୍ମାଙ୍କ ସହିତ ତୁଳ କରି ପକାଇବା ଉଚିତ ନୁହେଁ । ବନୀତାର ସାଦୃଶ୍ୟ ପାଇଁ ଭ୍ରାନ୍ତିର ଉତ୍ପତ୍ତି ହୁଏ, ସେ ବିଷୟରେ ସତର୍କ ରହିବା ପ୍ରୟୋଜନ । ବିଷ୍ଣୁ ଶବ୍ଦର ଉତ୍ପତ୍ତି 'ବିଷ'ରୁ, ଯାହାର ଅର୍ଥ ବ୍ୟାପ୍ତି । ବିଷ୍ଣୁ ସର୍ବବ୍ୟାପୀ ଈଶ୍ୱର ଯାହାଙ୍କର ଆଦି ନାହିଁ, ଅନ୍ତ ମଧ୍ୟ ନାହିଁ । ତାଙ୍କର ଜନ୍ମଦାତାର ପ୍ରୟୋଜନ ହୋଇନାହିଁ । ମଣିଷ ହିଁ ଏହି ପରମପୁରୁଷଙ୍କୁ ନାମ ଦେଇଛି 'ଈଶ୍ୱର' । ବିଭିନ୍ନ ଧର୍ମର ଲୋକ ତାଙ୍କର ବିଭିନ୍ନ ନାମ ଦେଇଛନ୍ତି । ହିନ୍ଦୁମାନେ ତାଙ୍କୁ କହନ୍ତି ଈଶ୍ୱର/ବ୍ରହ୍ମ ପ୍ରଭୃତି । ଈଶ୍ୱରଙ୍କ ପ୍ରତୀକ 'ଓଁ' ।

ବେଦ କହିଛନ୍ତି :

ଈଶ୍ୱର ତସ୍ୟ ଦୂତରୂପେଣ ପୃଥିବ୍ୟାଂ ପ୍ରେରୟତି ଦେବାନ୍
ତସ୍ମାଦ୍ ମଙ୍ଗଲଂ ମନୁଷ୍ୟତ୍ୱଂ ପ୍ରାପ୍ନୋତି ॥

ଈଶ୍ୱର ପୃଥିବୀର ବିଭିନ୍ନ ସ୍ଥାନରେ ଦେବତାମାନଙ୍କୁ ତାଙ୍କର ଦୂତରୂପେ ପ୍ରେରଣ କରନ୍ତି, ଯେପରି ମାନବଜାତିର ମଙ୍ଗଳ ହୁଏ ।

ହିନ୍ଦୁମାନେ ବିଶ୍ୱାସ କରନ୍ତି ଯେ ଈଶ୍ୱର ତାଙ୍କର ନିଜର ଏକ ଅଂଶ ଦେବତା ରୂପରେ ବିଶ୍ୱବାସୀଙ୍କ ନିକଟକୁ ପ୍ରେରଣ କରନ୍ତି ମଣିଷକୁ ଅଧିକତର ଫଳଦାୟୀ ସୁସାମଞ୍ଜସ୍ୟପୂର୍ଣ୍ଣ ଜୀବନଯାପନର ପଥ ପ୍ରଦର୍ଶନ ପାଇଁ ।

ଏହି ଦୂତଗଣଙ୍କୁ ହିନ୍ଦୁମାନେ ଈଶ୍ୱରଙ୍କ ପ୍ରତୀକ ରୂପରେ ଗଣ୍ୟ କରନ୍ତି ଏବଂ ସେମାନେ ଦେବତା ନାମରେ ଅଭିହିତ ହୁଅନ୍ତି । ଏମାନେ ଅତ୍ୟନ୍ତ ଆଦୃତ ଓ ଶ୍ରଦ୍ଧାସ୍ପଦ ହିନ୍ଦୁ ବୀର । ହିନ୍ଦୁମାନେ ବିଶ୍ୱାସ କରନ୍ତି ଏହି ପୃଥିବୀରେ ଲୀଳାନ୍ତେ ସେମାନେ ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କରି ଈଶ୍ୱରଙ୍କ ମଧ୍ୟରେ ଲୀନ ହୋଇଯାଆନ୍ତି ।

ହିନ୍ଦୁମାନେ ବିଶ୍ୱାସ କରନ୍ତି ଦେବତାଗଣ ଏହି ପୃଥିବୀରେ ବର୍ତ୍ତମାନ ନ ରହି ମଧ୍ୟ ପଥପ୍ରଦର୍ଶନ ଓ ସାହାଯ୍ୟ କରି ପାରନ୍ତି । ହିନ୍ଦୁମାନେ ଏହି ଦେବଦୂତମାନଙ୍କର ମୂର୍ତ୍ତି ନିର୍ମାଣ କରି ଉତ୍ସବ କରନ୍ତି ଏବଂ ସେମାନଙ୍କ ମାଧ୍ୟମରେ ଈଶ୍ୱରଙ୍କ ପୂଜା କରନ୍ତି । ଏହି ଦୂତମାନଙ୍କୁ କୁହାଯାଏ ପ୍ରତିମା ଅଥବା ଦେବତା । ହିନ୍ଦୁମାନେ ଜାଣନ୍ତି ଏହି ମୂର୍ତ୍ତି ଈଶ୍ୱର ନୁହନ୍ତି । ଈଶ୍ୱରଙ୍କ

ଉପରେ ମନଃ ସଂଯୋଗ କରିବା ପାଇଁ ଏକ ମାଧ୍ୟମ ମାତ୍ର । ପ୍ରତିମାକୁ ଶ୍ରଦ୍ଧା ପ୍ରଦର୍ଶନ ପ୍ରକୃତ ପକ୍ଷରେ ଈଶ୍ୱରଙ୍କ ଉପାସନା । ଯେମିତି ଜଣେ ଦେଶଭକ୍ତ ତାଙ୍କର ଜାତୀୟ ପତାକାକୁ ଅଭିବାଦନ କରେ, ପୃଥିବୀର ଯେଉଁଠି ତାହା ଦେଖିବାକୁ ପାଉ ନା କାହିଁକି । ପ୍ରତ୍ୟେକେ ଜାଣନ୍ତି ଜାତୀୟ ପତାକା ଖଣ୍ଡିଏ ବସ୍ତ୍ର ଏବଂ କିଛି ରଙ୍ଗମାତ୍ର । ତାହା ଜାତି ନୁହେଁ । ତଥାପି ଜାତୀୟ ପତାକାର ଅସମ୍ମାନ ଦେଖିଲେ ଜଣେ ଦେଶଭକ୍ତ ତାହାର ଜୀବନ ପର୍ଯ୍ୟନ୍ତ ବିସର୍ଜନ ଦେବାକୁ ପ୍ରସ୍ତୁତ ହୁଏ । ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରିବା ଏକ ପ୍ରକାର ମୂର୍ତ୍ତିପୂଜା । ପାଷାଣ ମୂର୍ତ୍ତି ନିକଟରେ କେହି ପ୍ରାର୍ଥନା ଜଣାଏ ନାହିଁ, ଈଶ୍ୱରଙ୍କୁ ପ୍ରାର୍ଥନା ଜଣାଏ । ସେହି କାରଣରେ ସମସ୍ତ ମନ୍ତ୍ରର ପ୍ରାରମ୍ଭରେ 'ଓଁ' ଉଚ୍ଚାରଣ କରିବାକୁ ହୁଏ । 'ଓଁ' ଶବ୍ଦର ଅର୍ଥ 'ଈଶ୍ୱର ସମସ୍ତଙ୍କ ଅପେକ୍ଷା ମହତ' ।

ପୂଜା ଶେଷ ହେଲେ ହିନ୍ଦୁମାନେ ମୂର୍ତ୍ତି ବିସର୍ଜନ ଦିଅନ୍ତି । ସେଥିରୁ ପ୍ରମାଣ ହୁଏ, ମୂର୍ତ୍ତିର କୌଣସି ଗୁରୁତ୍ୱ ନାହିଁ । ମୂର୍ତ୍ତି ମାଧ୍ୟମରେ ଈଶ୍ୱରଙ୍କ କାଳ୍ପନିକ ଆକୃତି ଉପରେ ମନ ସଂଯୋଗ କରିବା ହିଁ ମୂର୍ତ୍ତିର ଏକମାତ୍ର ଉପଯୋଗିତା । ମୂର୍ତ୍ତିପୂଜା ଉତ୍ସବର ଆନନ୍ଦ ଉପଭୋଗ, ଜନସମାଗମ ଓ ଜନସଂଯୋଗର ଏକ ମାଧ୍ୟମ ।

ହିନ୍ଦୁ ଧର୍ମ ଯେବେ ସମଗ୍ର ପୃଥିବୀରେ ବିସ୍ତୃତ ହେଲା ସେତେବେଳେ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଉପଜାତି ମାଧ୍ୟମରେ ପୂଜିତ ବହୁ ଦେବତାଙ୍କ ମୂର୍ତ୍ତି ହିନ୍ଦୁଧର୍ମର ମୂଳ ଉତ୍ସବ ସ୍ରୋତରେ ମିଶିଗଲା । ତାହା ଫଳରେ ଅନେକ ମୂର୍ତ୍ତିର ପୂଜା ହେବାକୁ ଆରମ୍ଭ ହେଲା । ଅବଶ୍ୟ ଏହି ମୂର୍ତ୍ତିଗୁଡ଼ିକର ପ୍ରଭାବ ବିଶେଷ ବିଶେଷ ଅଞ୍ଚଳରେ ସୀମାବଦ୍ଧ ।

ଉତ୍ତର ଭାରତର ହିନ୍ଦୁମାନେ ମୂର୍ତ୍ତିକୁ କହନ୍ତି ଦେବତା, ଭଗବାନଙ୍କୁ କହନ୍ତି ଈଶ୍ୱର, ଆଦି ଦେବତା ଥିଲେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର । ମହେଶ୍ୱରଙ୍କ ପୁତ୍ର ପୂଜିତ ହୁଅନ୍ତି କାର୍ତ୍ତିକ ନାମରେ । ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକରେ ସେମାନଙ୍କର ପୂଜା ହୁଏ ଯଥାକ୍ରମେ ମୂର୍ତ୍ତି, ବିଗ୍ରହମ୍/ଈଶ୍ୱର/ଈଶ୍ୱରାଜୁ/ଭଗବାନ ବେଙ୍କଟେଶ୍ୱର/ଭଗବାନ ବାଲାଜୀ (ବିଷ୍ଣୁ)/ମରୁଗଣ/ସମ୍ମୁଖ/କୁମାର ସ୍ୱାମୀ (କାର୍ତ୍ତିକେୟ) ରୂପରେ ।

ଅସ୍ତ୍ର ବ୍ୟବହାର ବା ଜ୍ଞାନ କ୍ଷେତ୍ରରେ ଅତିମାନବିକ କ୍ଷମତାର ଅତିରଞ୍ଜିତ ବିବରଣ ଦେଇ କାହାଣୀକାରମାନେ ଦେବତାମାନଙ୍କ ବିଷୟରେ ବିଭିନ୍ନ ଅଳୀକ କଳ୍ପକଥାର ସୃଷ୍ଟି କରିଛନ୍ତି । ଅତ୍ୟୁତ୍ସାହୀ ଶିଳ୍ପୀ ଏବଂ ଭାସ୍କରଗଣ ସେମାନଙ୍କର ବଲ୍‌ଗାହୀନ କଳ୍ପନା ଅନୁଯାୟୀ ଦେବତାମାନଙ୍କର ଅତିପ୍ରାକୃତ ଅଦ୍‌ଭୁତ ରୂପଦାନ କରିଛନ୍ତି ମୂର୍ତ୍ତିରେ । ଦେବତାମାନେ ସମସ୍ତେ ମଣିଷ ଥିଲେ, ପ୍ରାକୃତିକ ନିୟମର ଊର୍ଦ୍ଧ୍ୱରେ କେହି ଥିଲେ ନାହିଁ । ପ୍ରତ୍ୟେକଙ୍କର ଗୋଟିଏ

# ଜିଓଲଜିକାଲ ଟାଇମ ସ୍କେଲ ଓ ବିଷ୍ଣୁଙ୍କ ଦଶ ଅବତାର

| କଳ୍ପ | ଉପ କଳ୍ପ | ଯୁଗ | ଆରମ୍ଭ-ଶେଷ (ଅୟୁତ ବର୍ଷ) | |
|---|---|---|---|---|
| ସେନୋଜୋଇକ୍ | କୋୟାଟାରନାରି | ହଲୋସିନ | ୦.୦୧୧୫-୦.୦୦ | ଭଗବାନ ବୁଦ୍ଧ, ଶ୍ରୀକୃଷ୍ଣ ଓ ଶ୍ରୀରାମ ଅବତାର |
| | | ପ୍ଲାଇଷ୍ଟୋସିନ | ୧.୮୧-୦.୦୧୧୫ | ପରଶୁରାମ ଅବତାର |
| | ଟାର୍ସିୟାରି | ପ୍ଲାଇୟୋସିନ | ୨.୫୯-୩.୬୦ | ବାମନ ଅବତାର |
| | | ମାଇୟୋସିନ | ୭.୨୫-୨୦.୪ | ନୃସିଂହ ଅବତାର |
| | | ଅଲିଗୋସିନ | ୨୩.୪-୨୮.୪ | |
| | | ଇୟୋସିନ | ୩୭.୨-୪୮.୬ | ବରାହ ଅବତାର |
| | | ପ୍ୟାଲିୟୋସିନ | ୫୮.୭-୬୧.୭ | |
| ମେସୋଜୋଇକ୍ | | କ୍ରିଟେଶିୟାସ | ୭୦.୬-୧୪୦ | ଟ୍ରାଞ୍ଜିସନ୍ ଫେଜ୍ |
| | | ଜୁରାସିକ | ୧୫୧-୧୯୭ | |
| | | ଟ୍ରାୟାସିକ | ୨୦୪-୨୫୦ | |
| ପାଲିଓଜୋଇକ୍ | | ପାର୍ମିୟାନ | ୨୫୪-୨୯୫ | |
| | | କାର୍ବନିଫେରାସ | ୩୦୪-୩୪୫ | କୂର୍ମ ଅବତାର |
| | | ଡିଭୋନିୟାନ | ୩୭୫-୪୧୧ | ମତ୍ସ୍ୟ ଅବତାର |
| | | ସିଲୁରିୟାନ | ୪୧୯-୪୩୯ | |
| | | ଅର୍ଡୋଭିସିୟାନ | ୪୪୬-୪୭୯ | ବ୍ରହ୍ମକଳ୍ପ |
| | | କ୍ୟାମ୍ବ୍ରିୟାନ୍ | ୪୯୬-୫୩୪ | |
| ପ୍ରି-କ୍ୟାମ୍ବ୍ରିଆନ | | ପ୍ରୋଟେରୋଜୋୟିକ | ୬୩୦-୨୩୦୦ | |
| | | ଆର୍କିୟେନ | ୨୮୦୦-୩୬୦୦ | |
| | | ହେଡିନ | ୩୮୫୦-୪୧୫୦ | |

ମସ୍ତକ ଓ ଦୁଇଟି କରି ହସ୍ତ ଥିଲା ।

ହିନ୍ଦୁ ମନ୍ତ୍ରରେ ତାଙ୍କର ଏହିଭଳି ବ୍ୟାଖ୍ୟା ଦିଆ ହୋଇଛି :

ତ୍ରିମସ୍ତକାନାଂ ଜ୍ଞାନମ୍ ଏକଶିରେ ଅବସ୍ଥିତମ୍ ।
ଚତୁର୍ବାହୁତୁଲ୍ୟବଳଂ ଦ୍ୱିହସ୍ତେ ରୋପିତମ ।।
ଭକ୍ତେଚ୍ଛାପୂରଣାର୍ଥଂ ପୁନଃ ପୁନଃ ଆବିର୍ଭୂତମ୍ ।
ପ୍ରଣମାମି ତଂ ହି ଈଶ୍ୱରପ୍ରେରିତ ଦୂତମ୍ ।।

ହେ ଈଶ୍ୱର ତୁମେ ପୁନଃ ପୁନଃ ମାନବରୂପୀ ଦେବତାମାନଙ୍କୁ ପ୍ରେରଣ କରିଛ । ଦେବତାମାନେ ଅତ୍ୟନ୍ତ ଜ୍ଞାନୀ ଏବଂ ସେମାନଙ୍କର ଏକ ମସ୍ତକରେ ତିନୋଟି ମସ୍ତକର ଶକ୍ତି । ସେମାନଙ୍କର ଦୁଇଟି ହସ୍ତ ଏତେ ଶକ୍ତିଶାଳୀ ଯେ ମନେହୁଏ ଚାରୋଟି ହସ୍ତ କର୍ମରତ । ଆମେ ଈଶ୍ୱରପ୍ରେରିତ ଦୂତମାନଙ୍କୁ ପ୍ରଣାମ କରୁଁ ।

ଗତ ୨୦,୦୦୦ ବର୍ଷ ମଧ୍ୟରେ ହିନ୍ଦୁମାନେ ପାଇଛନ୍ତି ଅନେକ ଦେବତା । ସେମାନଙ୍କୁ ଗ୍ରହଣ କରିଛନ୍ତି ଆଦି ଦେବତା - ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ରୂପରେ । ଦୃଷ୍ଟାନ୍ତ ସ୍ୱରୂପ - 'ରାମ' । ରାମଙ୍କର ଜନ୍ମ ହୋଇଥିଲା ୫,୦୦୦ ବର୍ଷ ପୂର୍ବେ ଏବଂ 'କୃଷ୍ଣ'ଙ୍କ ଜନ୍ମ ୩,୫୦୦ ବର୍ଷ ପୂର୍ବେ । ସେମାନେ ଉଭୟେ ବିଷ୍ଣୁଙ୍କର ଅବତାର ରୂପରେ ପୂଜା, ପ୍ରେମ ଓ ଶ୍ରଦ୍ଧାର ପାତ୍ର । ହିନ୍ଦୁ ଈଶ୍ୱରପ୍ରେମୀ, ସର୍ବଦା ଈଶ୍ୱରଙ୍କ ସାନ୍ନିଧ୍ୟ ଆକାଙ୍କ୍ଷା କରନ୍ତି । ଯେଉଁମାନେ ଗୀତାପାଠ କରି ନାହାନ୍ତି ସେହି ସାଧାରଣ ହିନ୍ଦୁମାନେ ମୂର୍ତ୍ତିପୂଜା କରନ୍ତି । ଯେଉଁମାନେ ବେଦ ଓ ଗୀତାର ଜ୍ଞାନସମ୍ପନ୍ନ, ସେମାନେ ଜାଣନ୍ତି ଈଶ୍ୱର ହିଁ ଏକମାତ୍ର ଭଗବାନ । ମୂର୍ତ୍ତି ତାଙ୍କର ପ୍ରତୀକ । ଏକମାତ୍ର ଈଶ୍ୱରଙ୍କ ଉପାସନା ହିଁ ପ୍ରକୃତ ଫଳଦାୟୀ ।

ଗୀତାର ସପ୍ତମ ଅଧ୍ୟାୟରେ କୋଡ଼ିଏ ନମ୍ବର ଶ୍ଳୋକରେ କୁହାଯାଇଛି :

କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେ ନ୍ୟଦେବତାଃ ।
ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା ।

କାମନା ଦ୍ୱାରା ଯେଉଁମାନଙ୍କର ଜ୍ଞାନ ନଷ୍ଟ ହୋଇଛି, ସେମାନେ ନିଜ ନିଜ ପ୍ରକୃତି ଅନୁଯାୟୀ ଅନ୍ୟାନ୍ୟ ଦେବତାଙ୍କର ଉପାସନା କରିଥାଆନ୍ତି ।

## ବର୍ଣ୍ଣଭେଦ ପ୍ରଥା

ମଧ୍ୟଏସିଆରୁ ଆଗତ ଆକ୍ରମଣକାରୀମାନଙ୍କର ସାମାଜିକ ଶୋଷଣ ଏବଂ ନୈତିକ ଭ୍ରଷ୍ଟାଚାର କାୟେମ ରଖିବା ଉଦ୍ଦେଶ୍ୟରେ ହିନ୍ଦୁମାନଙ୍କୁ ବିଭକ୍ତ ଓ ଦୁର୍ବଳ କରିବା ପାଇଁ ଏହି

ବର୍ଣ୍ଣଭେଦ ପ୍ରଥାର ପ୍ରବର୍ତ୍ତନ । ଏହି ଆକ୍ରମଣକାରୀଙ୍କ ଆଗମନ ପୂର୍ବରୁ ସାଧାରଣତଃ ଶ୍ରମକୁ ଚାରିଭାଗରେ ବିଭକ୍ତ କରା ହୋଇଥିଲା ଅର୍ଥନୈତିକ ସୁବିଧା ପାଇଁ ।

ଯେଉଁମାନେ ଶିକ୍ଷାଲାଭ ଓ ଶିକ୍ଷାଦାନର ଜୀବିକା ଗ୍ରହଣ କରିଥିଲେ ସେମାନଙ୍କୁ କୁହାଯାଉଥିଲା ବ୍ରାହ୍ମଣ । ଯୁଦ୍ଧବିଦ୍ୟାରେ ଯେଉଁମାନେ ପାରଦର୍ଶୀ ସେମାନଙ୍କୁ କ୍ଷତ୍ରିୟ, ବୁଦ୍ଧିମାନ ବ୍ୟକ୍ତି ବୈଷୟିକ ସମ୍ପତ୍ତି ସୃଷ୍ଟି ଓ ବ୍ୟବସାୟ ବାଣିଜ୍ୟ ମାଧ୍ୟମରେ ଜୀବିକା ନିର୍ବାହକାରୀଙ୍କୁ ବୈଶ୍ୟ ଏବଂ କାରିଗର ଓ ସାଧାରଣ ଶିଳ୍ପୀମାନଙ୍କୁ ଶୂଦ୍ର କୁହାଯାଉଥିଲା । ଋଗ୍‌ବେଦ ଯୁଗରେ ଗୋଟିଏ ପରିବାରରେ ବିଭିନ୍ନ ସଦସ୍ୟ ବିଭିନ୍ନ ବୃତ୍ତି ଅବଲମ୍ବନ କରୁଥିଲେ ।

ଅନୁମାନିକ ୪,୫୦୦ ରୁ ୩,୫୦୦ ଖ୍ରୀଷ୍ଟପୂର୍ବାବ୍ଦରେ ଯାଯାବର ରକ୍ତଲୋଲୁପ ବିଦେଶୀ ଅଶ୍ୱାରୋହୀ ସୈନିକମାନେ ସ୍ୱର୍ଣ୍ଣ ଲୋଭରେ ଦଳେ ଦଳେ ବାରମ୍ବାର ଭାରତ ଆକ୍ରମଣ କରନ୍ତି । ନବଶାସକମାନେ ଅର୍ଥନୈତିକ ଶ୍ରେଣୀ-ବିଭାଗକୁ ପ୍ରଧାନତଃ ଚାରୋଟି ବର୍ଣ୍ଣରେ ବିଭାଜିତ କରନ୍ତି, ଯଥା - ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର । ଯେଉଁମାନେ ଅଶିକ୍ଷିତ, ଅକୁଶଳୀ ଥିଲେ, ନୂଆ ଶାସକମାନଙ୍କର ସେମାନଙ୍କ ପ୍ରତି କୌଣସି ଆଗ୍ରହ ଥିଲା ନାହିଁ । ତାଙ୍କ ବ୍ୟବସ୍ଥା ତାଙ୍କୁ ହିଁ କରିବାକୁ କୁହାଗଲା । ହଜାର ବର୍ଷ ଧରି ରାଜନୈତିକ ଦଳନର ସେମାନେ ଶିକାର ହେଲେ । ଏହି ଦୁର୍ଭାଗା ସତ୍ ମଣିଷମାନଙ୍କୁ ଆଜି ମଧ୍ୟ କୁହାଯାଏ ଦଳିତ ।

ବୃତ୍ତିଭେଦ ପ୍ରଥା ହୋଇଗଲା ବର୍ଣ୍ଣଭେଦ ପ୍ରଥା । ବୃତ୍ତିଭେଦ ଥିଲା ଏକ ସମାଜ ବ୍ୟବସ୍ଥା, ଯାହାଦ୍ୱାରା ସନ୍ତାନ ପିତାର ଜ୍ଞାନ ଓ କୁଶଳତାର ଅଧିକାରୀ ହେଉଥିଲା । ସେହି ଯୁଗରେ ପରିବାରର ବାହାରେ କାରିଗରୀ ଜ୍ଞାନ ଅର୍ଜନ ପାଇଁ କୌଣସି ବିଦ୍ୟାଳୟ ବା କାଗଜ, ବହି ଅଥବା ଉପାୟ ନଥିଲା । ବଂଶପରମ୍ପରାରେ ଏହି ଜ୍ଞାନ ସଞ୍ଚାରିତ ହୋଇଥିଲା । ଏକ ବୃତ୍ତିରୁ ଅନ୍ୟ ବୃତ୍ତିକୁ ଅର୍ଥାତ୍ ଏକ ବର୍ଣ୍ଣରୁ ଅନ୍ୟ ବର୍ଣ୍ଣକୁ ପ୍ରବେଶ କରିବା ହିନ୍ଦୁମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା ।

ଭାରତୀୟମାନଙ୍କର ନୈତିକ ସାହସ ଓ ବିଶ୍ୱାସର ଦୃଢ଼ତା କଠିନ ଥିଲା । ସେହି ମାନସିକତାକୁ ନଷ୍ଟ କରି ପାରି ନଥିଲେ ଆକ୍ରମଣକାରୀମାନେ । ସେମାନେ ବର୍ଣ୍ଣଭେଦ ସୃଷ୍ଟି କରି ଅର୍ଥନୈତିକ ଶ୍ରମବିଭାଗକୁ ଧର୍ମୀୟ ଅନୁଶାସନରେ ପରିଣତ କରି ବିଭିନ୍ନ ବର୍ଣ୍ଣ ମଧ୍ୟରେ ଅଭେଦ୍ୟ ପ୍ରାଚୀର ସୃଷ୍ଟି କଲେ, ସତେ ଯେମିତି ଏହା ଏକ ଧର୍ମୀୟ ବ୍ୟବସ୍ଥା । ଅଶିକ୍ଷିତ ମଣିଷ ବହୁ ଶତାବ୍ଦୀ ଧରି ଭ୍ରାନ୍ତ ବ୍ୟବସ୍ଥା ଭୋଗ କରି ଭ୍ରାନ୍ତ ବିଶ୍ୱାସର ଶିକାର ହୋଇଗଲେ ।

ବୁଝିବା ଦରକାର, ପୃଥିବୀର ସର୍ବତ୍ର କୌଣସି ସାମାଜିକ ଅନ୍ୟାୟ ଦୀର୍ଘଦୀନ ପ୍ରଚଳିତ ରହିଲେ ତାହା ପ୍ରାୟ ଆଇନର ବାଧ୍ୟବାଧକତା ଲାଭ କରେ । ବୃତ୍ତିଭେଦ ବା ବର୍ଣ୍ଣଭେଦ ପ୍ରଥାକୁ ବିଭିନ୍ନ ବର୍ଣ୍ଣ ମଧ୍ୟରେ ଅଭେଦ୍ୟ, ଅନତିକ୍ରମ୍ୟ ପ୍ରାଚୀରରେ ରୂପାନ୍ତରିତ କରିବା ହିନ୍ଦୁ ସମାଜର ସର୍ବାପେକ୍ଷା ଗୁରୁତର ପାପ ।

ସନାତନ ଧର୍ମର ଦର୍ଶନ ହିନ୍ଦୁମାନଙ୍କୁ ପ୍ରଚଣ୍ଡ ନୈତିକ ବଳଦାନ କରିଛି ଯୁଗେ ଯୁଗେ । ହିନ୍ଦୁ ଦର୍ଶନ ମାନବତାର ଶ୍ରେଷ୍ଠ ଦର୍ଶନ । ଏହି ଦର୍ଶନ ଈଶ୍ୱର ପ୍ରେରିତ । ତେଣୁ ହିନ୍ଦୁମାନଙ୍କୁ ଧର୍ମାନ୍ତରିତ କରିବା ଆକ୍ରମଣକାରୀଙ୍କ ପକ୍ଷରେ ଦୁଃସାଧ୍ୟ ଥିଲା । ନୃଶଂସ ଆକ୍ରମଣକାରୀମାନେ ଯେତିକି ସାଫଲ୍ୟ ଲାଭ କରିଥିଲେ ତାହା ମୃତ୍ୟୁଭୟ ପ୍ରଦର୍ଶନ ଓ ଅତ୍ୟାଚାର ମାଧ୍ୟମରେ ଶ୍ରଦ୍ଧା ମାଧ୍ୟମରେ ନୁହେଁ ।

ଭଣ୍ଡ ପ୍ରଭୁମାନେ ମିଥ୍ୟାଚାରୀଙ୍କ ସହାୟତାରେ ହିନ୍ଦୁମାନଙ୍କୁ ବିଭକ୍ତ ଓ ଦୁର୍ବଳ କରି ପଞ୍ଚମ ବାହିନୀ ଧାର୍ମିକ ହିନ୍ଦୁ ଓ ମାନବତାବାଦୀ ଛଦ୍ମ ବେଶରେ ପ୍ରକୃତ ପକ୍ଷରେ ସମାଜକୁ ଧ୍ୱଂସ କରିଦେଲେ । ସେମାନଙ୍କ ସଂକୀର୍ଣ୍ଣ ସ୍ୱାର୍ଥ, ଆତ୍ମମ୍ଭରିତା ଓ ଲୋଭକୁ ଚରିତାର୍ଥ କରିବା ପାଇଁ, କ୍ଷମତାସୀନମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବହୁଥର ବହୁ ପଥରେ ମଣିଷକୁ ପଥଭ୍ରଷ୍ଟ କରିଛନ୍ତି, ବିଭିନ୍ନ ବାହାନାରେ ବିଦେଶୀମାନେ ଭାରତକୁ ଆସି ହିନ୍ଦୁମାନଙ୍କ ଠାରୁ ଲୁଟ କରିନେବାର ପଥ ପ୍ରଶସ୍ତ କରି ଦେଇଛନ୍ତି ।

ବିପୁଳ ସଂଖ୍ୟକ ଦେଶବାସୀ ଥିଲେ ନିରକ୍ଷର, ଅଜ୍ଞାନ, ଭ୍ରାନ୍ତ ଧାରଣାର ବଶବର୍ତ୍ତୀ, ଅପରିସୀମ ଦାରିଦ୍ର୍ୟପୀଡ଼ିତ । କାଳକ୍ରମେ ନୂଆ ଶାସନକର୍ତ୍ତାମାନଙ୍କ ରାଜସଭାରେ କାୟେମୀ ସ୍ୱାର୍ଥ ଗର୍ଜିଉଠିଲା । ସ୍ୱଳ୍ପ ପରିମାଣ ସମ୍ପଦ ଯାହା ଥିଲା, ହସ୍ତଗତ କରିବା ପାଇଁ ପ୍ରତ୍ୟେକ ଗୋଷ୍ଠୀ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେଲେ । ପ୍ରତ୍ୟେକ ଗୋଷ୍ଠୀ ମଧ୍ୟରେ 'ନିଜର ଲୋକ' ଏବଂ 'ବାହାରର ଲୋକ', ଏହି ମନସ୍ତତ୍ତ୍ୱ ଗଢ଼ିଉଠିଲା ।

ହଜାର ହଜାର ବର୍ଷ ଧରି ଏହି ରାଜନୈତିକ ଭେଦ ବର୍ଣ୍ଣଭେଦ ପ୍ରଥାକୁ ଏକ ସାମାଜିକ ବ୍ୟାଧିରେ ପରିଣତ କଲା । ଗୀତାରେ ପରିଷ୍କାର କୁହାଯାଇଛି ବର୍ଣ୍ଣ ପେଶାଗତ ଯୋଗ୍ୟତା ଅନୁଯାୟୀ କର୍ମଭେଦ ବା ମଣିଷର ପ୍ରବର୍ତ୍ତିତ କର୍ମବିଭାଗ । ଈଶ୍ୱର ଅର୍ଥାତ ଧର୍ମ ସହିତ ତାହାର କୌଣସି ସମ୍ପର୍କ ନାହିଁ ।

ବ୍ରାହ୍ମଣକ୍ଷତ୍ରିୟବିଶାଂ ଶୂଦ୍ରାଣାଂ ଚ ପରଂତପ ।
କର୍ମାଣି ପ୍ରବିଭକ୍ତାନି ସ୍ୱଭାବ ପ୍ରଭବୈର୍ଗୁଣୈଃ ।।

ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରର ଉପାଧି ଭେଦ ହେବ ସେମାନଙ୍କ ବୃତ୍ତିଗତ ଗୁଣାବଳୀର ପ୍ରକାଶ ଅନୁଯାୟୀ ।

ଚାତୁର୍ବର୍ଣ୍ଣାଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ ।
ତସ୍ୟ କର୍ତ୍ତାରମପି ମାଂ ବିଦ୍ଧ୍ୟକର୍ତ୍ତାରମବ୍ୟୟମ୍ ।

ସମାଜରେ ଚାରୋଟି ଶ୍ରେଣୀ ପ୍ରାଧାନ୍ୟ ଲାଭ କରେ ସେମାନଙ୍କର ପ୍ରଧାନ ପ୍ରଧାନ ଗୁଣ ଓ କର୍ତ୍ତବ୍ୟ ଅନୁଯାୟୀ, ଏବଂ ଏହି ଶ୍ରେଣୀ ବିଭାଗ ଆମ ଭଳି ମଣିଷମାନଙ୍କ ଦ୍ୱାରା ସୃଷ୍ଟ, ଈଶ୍ୱରଙ୍କ ସହିତ ଏହାର କୌଣସି ସମ୍ପର୍କ ନାହିଁ ।

ମହାଭାରତର ବନପର୍ବରେ ଯୁଧିଷ୍ଠିରଙ୍କ ଚାରିଭାଇ ଏକ ଯକ୍ଷର ପୋଖରୀରେ ବିନା ଅନୁମତିରେ ପାଣି ପାନ କରିବାକୁ ଯାଇ ଅଜ୍ଞାନ ହୋଇପଡ଼ିଲେ । ଯୁଧିଷ୍ଠିର ଯେବେ ଖୋଜିବାକୁ ଆସି ଚାରିଭାଇଙ୍କୁ ଅଜ୍ଞାନ ଅବସ୍ଥାରେ ଦେଖି ଯକ୍ଷଙ୍କୁ ପ୍ରାର୍ଥନା କରନ୍ତି ଯେମିତି ତାଙ୍କର ଚାରିଭାଇଙ୍କୁ ଜୀବିତ କରି ଦିଅନ୍ତି । ଯକ୍ଷ କହନ୍ତି ଯେ ଯୁଧିଷ୍ଠିର ଯଦି ତାଙ୍କର ବାରଟି ଧର୍ମ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଠିକ୍ ଠିକ୍ ଦେଇ ପାରନ୍ତି ତେବେ ଯକ୍ଷ ଚାରି ଭାଇଙ୍କୁ ବଞ୍ଚାଇବାର ଔଷଧ ଦେବେ । ଯୁଧିଷ୍ଠିର ଉତ୍ତର ଦେବାକୁ ରାଜିହେଲେ । ଯକ୍ଷର ନବମ ପ୍ରଶ୍ନଟି ଥିଲା :

(ବନପର୍ବ ୩୧୩ ଅଧ୍ୟାୟ, ଶ୍ଳୋକ ୧୦୭)

''ବ୍ରାହ୍ମଣ ହେବାକୁ ହେଲେ ଏକମାତ୍ର ଜନ୍ମସୂତ୍ରରେ ବ୍ରାହ୍ମଣ ହେବାକୁ ହେବକି ? ଅଥବା ଚରିତ୍ରର ସତତା ଓ ମାଧୁର୍ଯ୍ୟ ଦ୍ୱାରା ନା ଜ୍ଞାନ ଅର୍ଜନ ମାଧ୍ୟମରେ ଅଥବା ପ୍ରଜ୍ଞା ଲାଭ ମାଧ୍ୟମରେ ବ୍ରାହ୍ମଣ ହୋଇହୁଏ ?''

ଧର୍ମରାଜ ଯୁଧିଷ୍ଠିର ଉତ୍ତର ଦିଅନ୍ତି :

(ବନପର୍ବ ୩୧୩ ଅଧ୍ୟାୟ, ଶ୍ଳୋକ ୧୦୮)

''ବ୍ରାହ୍ମଣ ହୋଇ ହୁଏ ସତ୍ ମଧୁର ଚରିତ୍ର ଗଠନ ମାଧ୍ୟମରେ । ଜନ୍ମସୂତ୍ର, ଜ୍ଞାନ ଅର୍ଜନ ବା ପ୍ରଜ୍ଞା କାହାକୁ ବ୍ରାହ୍ମଣ କରେ ନାହିଁ ।

ଏହା ଗୋଟିଏ ଧର୍ମଗତ ପ୍ରମାଣ ଯେ ଇଚ୍ଛା, ପରିଶ୍ରମ ଓ କର୍ମକୁଶଳତା ମାଧ୍ୟମରେ ମଣିଷ ବର୍ଣ୍ଣଭେଦ ପ୍ରଥାର ଉପରକୁ ଉଠି ସ୍ୱ-ଇଚ୍ଛାରେ ନିଜ ବର୍ଣ୍ଣ ପରିଚିତି ଗ୍ରହଣ କରିପାରେ ।

ଅର୍ଥନୈତିକ ଓ ରାଜନୈତିକ ଅସାଧୁତା ଦ୍ୱାରା ଉତ୍ପନ୍ନ ଜାତିଭେଦ ପ୍ରଥା ହିନ୍ଦୁ ଧର୍ମ

ଭଳି ନିର୍ମଳ ଈଶ୍ୱର ପ୍ରଦତ୍ତ ଧର୍ମକୁ ମଧ୍ୟ ପ୍ରାୟ ଆବର୍ଜନା ସ୍ତୁପରେ ପରିଣତ କରିଛି । ହିନ୍ଦୁ ପୃଥକାନ୍ନ ପରିବାର ହୋଇଯାଏ । ସନାତନ ଧର୍ମ ଅର୍ଥାତ୍ ହିନ୍ଦୁ ଧର୍ମ କେବେହେଲେ ବର୍ଣ୍ଣଭେଦବାଦରେ ନିର୍ଦ୍ଦେଶ ଦେଇ ନାହିଁ । କିନ୍ତୁ ହିନ୍ଦୁ ଧର୍ମାବଲମ୍ବୀମାନେ ବାଧ୍ୟହୋଇ ଏବଂ ଅଜ୍ଞତା ବଶତଃ ବହୁ ଶତାବ୍ଦୀ ଧରି ତାହା ପାଳନ କରନ୍ତି ଏବଂ ଈଶ୍ୱର ଅସନ୍ତୁଷ୍ଟ ହୋଇ ଅଭିଶାପ ଦିଅନ୍ତି ଯେ, ବର୍ଣ୍ଣଭେଦ ପ୍ରଥା ଅନୁସାରୀମାନେ ଦରିଦ୍ର ଦୁର୍ବଳ ଓ ଦାସ ହୋଇ ରହିବେ ।

କଥିତ ଅଛି, ଈଶ୍ୱର ବିଧାନ ଦେଇଛନ୍ତି ଯେ, କେହି ଯଦି ବର୍ଣ୍ଣଭେଦ ପ୍ରଥା ଅସ୍ୱୀକାର କରେ ଓ ହିନ୍ଦୁମାନଙ୍କର ଐକ୍ୟ ପାଇଁ ଚେଷ୍ଟା କରେ ସେ ଅନନ୍ତ ସ୍ୱର୍ଗ ପ୍ରାପ୍ତି ହେବ, ତାହାର ପୂର୍ବପୁରୁଷମାନେ ମଧ୍ୟ ସ୍ୱର୍ଗବାସୀ ହେବେ ।

ବର୍ଣ୍ଣଭେଦ ପ୍ରଥା ଯେ ରାଜନୈତିକ ଓ ଅର୍ଥନୈତିକ ଶୋଷଣ, ଧର୍ମୀୟ ବିଧାନ ନୁହେଁ, ତାହାର ବହୁ ପ୍ରମାଣ ଅଛି । ବଙ୍ଗଦେଶ ଦିଗରେ ଦୃଷ୍ଟିପାତ କରାଯାଉ । ୧୨୦୦ ଖ୍ରୀଷ୍ଟାବ୍ଦରେ ବଙ୍ଗଦେଶରେ ଜଣେ ଶକ୍ତିଶାଳୀ ନରପତି ଥିଲେ, ତାଙ୍କର ନାମ ବଲ୍ଲାଳସେନ । ତାହାଙ୍କ ରାଜତ୍ୱ କାଳରେ ନାଥ ବ୍ରାହ୍ମଣମାନଙ୍କ (ସେମାନଙ୍କୁ ରୁଦ୍ର ବ୍ରାହ୍ମଣ ମଧ୍ୟ କୁହାଯାଉଥିଲା) ମଧ୍ୟରେ ଉଚ୍ଚବର୍ଣ୍ଣ ବୋଲି ପରିଗଣିତ ହେଉଥିଲେ ଓ ରାଜପୁରୋହିତର କାର୍ଯ୍ୟ କରୁଥିଲେ ।

ପୀତାମ୍ବର ନାଥ ଥିଲେ ରାଜା ବଲ୍ଲାଳସେନଙ୍କ ରାଜପୁରୋହିତ । ବଲ୍ଲାଳସେନଙ୍କ ପିତାଙ୍କ ଯେବେ ମୃତ୍ୟୁ ହେଲା ରାଜା ଚାହିଁଲେ ତାଙ୍କର ଗୁରୁ ପୀତାମ୍ବର ନାଥ ମୃତର ପିଣ୍ଡ ଗ୍ରହଣ କରନ୍ତୁ ରଜାଙ୍କ ଦାନ ହିସାବରେ ।

ପୀତାମ୍ବର ନାଥ କୌଣସି ମୃତବ୍ୟକ୍ତି ସମ୍ପର୍କିତ କୌଣସି ଦାନ ଗ୍ରହଣ କରିବାକୁ ଅସ୍ୱୀକାର କରନ୍ତି । ଏହି ପ୍ରତ୍ୟାଖ୍ୟାନରେ ରଜା ଅପମାନ ବୋଧ କରନ୍ତି ଏବଂ ଆହତ ଆତ୍ମାଭିମାନ ଓ କ୍ରୋଧରେ ପୀତାମ୍ବରନାଥଙ୍କ ଉପବୀତ କାଢ଼ିନେଇ ବଙ୍ଗରାଜ୍ୟରେ ପ୍ରଚାର କରନ୍ତି ରୁଦ୍ରଜ ବ୍ରାହ୍ମଣ/ନାଥବ୍ରାହ୍ମଣ (ଉଚ୍ଚ ଶ୍ରେଣୀର ବ୍ରାହ୍ମଣ) ବୋଲି ଗଣ୍ୟ ବ୍ୟକ୍ତିମାନେ ଏହା ପରଠାରୁ ଶୂଦ୍ର ହିସାବରେ ଗଣ୍ୟ ହେବେ । ସେମାନେ ବଙ୍ଗଦେଶରେ ଶୂଦ୍ର ହିସାବରେ ଗଣ୍ୟ ହେଲେ ମଧ୍ୟ ବଙ୍ଗଦେଶର ବାହାରେ ସେମାନେ (ରୁଦ୍ରଜ/ନାଥବ୍ରାହ୍ମଣ) ପୁରୋହିତ ବ୍ରାହ୍ମଣ ହିସାବରେ ଗଣ୍ୟ ହେଉଥିଲେ । ଏହି ଦୃଷ୍ଟାନ୍ତରୁ ପ୍ରମାଣିତ ହୁଏ, ବର୍ଣ୍ଣଭେଦ ପ୍ରଥା ହିନ୍ଦୁ ଧର୍ମର ଅଙ୍ଗ ନୁହେଁ, ଚତୁର ରାଜନୀତିକମାନଙ୍କ କୃତ ରାଜନୈତିକ ଶୋଷଣ । ପୁରାଣ

ଅର୍ଥାତ୍ ପ୍ରାଚୀନ ଶାସ୍ତ୍ରରେ ଅଥିତ ଅଛି ଯେ, ନାଥ ବ୍ରାହ୍ମଣମାନେ (ରୁଦ୍ର) ଭଗବାନ ଶିବ ଯିଏ ରୁଦ୍ର ନାମରେ ମଧ୍ୟ ଅଭିହିତ ତାଙ୍କର ବଂଶଧରଗଣ । ନେପାଳ (ଏକମାତ୍ର ହିନ୍ଦୁ ରାଷ୍ଟ୍ର)ରେ ଏବେ ମଧ୍ୟ ରାଜପୁରୋହିତ ଜଣେ ନାଥ ବ୍ରାହ୍ମଣ । କଲକାତାରେ ବିଖ୍ୟାତ କାଳୀମନ୍ଦିରର ପ୍ରଥମ ପୁରୋହିତ ଥିଲେ ଶ୍ରୀ ଚୌରଙ୍ଗୀ ନାଥ । କଲକାତାର ଏକ ପ୍ରଧାନ ରାଜପଥର ନାମକରଣ ହୋଇଥିଲା ତାହାଙ୍କ ସ୍ମୃତିରେ । ସେହିଟା ଚୌରଙ୍ଗୀ ରୋଡ୍ ନାମରେ ପରିଚିତ । ଅନ୍ୟ ବିଖ୍ୟାତ ନାଥମାନେ ଥିଲେ ସୋମନାଥ, ଗୋରଖନାଥ ପ୍ରଭୃତି, ଯେଉଁମାନଙ୍କ ସ୍ମୃତିରେ ଯଥାକ୍ରମେ ବିଶାଳନାଥ ମନ୍ଦିର (ଗୁଜରାଟ) ଏବଂ ଗୋରଖନାଥ ମନ୍ଦିର (ଉତ୍ତର ପ୍ରଦେଶ) ନିର୍ମିତ ହୁଏ । ଏହି ସମସ୍ତ ତଥ୍ୟ ପୁଣି ପ୍ରମାଣ କରେ ଯେ, ବର୍ଣ୍ଣଭେଦ ପ୍ରଥାର ଉତ୍ପତ୍ତି ଅର୍ଥନୈତିକ ବ୍ୟବସ୍ଥାପନା, କର୍ମ ବିତରଣ ଓ ରାଜନୈତିକ ଶୋଷଣରୁ । ପ୍ରକୃତ ହିନ୍ଦୁଧର୍ମ ବର୍ଣ୍ଣଭେଦ ପ୍ରଥାର ବିରୋଧୀ ।

ଇତିହାସ କହେ, ଗୁପ୍ତ ଯୁଗରେ ବ୍ରାହ୍ମଣ ଓ କ୍ଷତ୍ରିୟମାନେ ବହୁକ୍ଷେତ୍ରରେ ସ୍ୱାଭାବିକ ଭାବରେ ଜୀବିକାର୍ଜନ ପାଇଁ କାରିଗର ବୃତ୍ତି ଅବଲମ୍ବନ କରୁଥିଲେ । ମୟୂର ଶର୍ମା ନାମକ ଜଣେ ବ୍ରାହ୍ମଣ ଯୋଦ୍ଧାର ବୃତ୍ତି ଗ୍ରହଣ କରି ପ୍ରସିଦ୍ଧ ହୁଅନ୍ତି ଓ କଦମ୍ବରାଜ୍ୟ ପ୍ରତିଷ୍ଠା କରନ୍ତି । ଅନ୍ୟ ଜଣେ ବ୍ରାହ୍ମଣ ମାତୃବିଷ୍ଣୁ କ୍ଷତ୍ରିୟର ବୃତ୍ତି ଅବଲମ୍ବନ କରି ଗୁପ୍ତ ସାମ୍ରାଜ୍ୟ ଅଧୀନସ୍ଥ ଏକ ପ୍ରଦେଶର ଶାସକ ହୁଅନ୍ତି । ପ୍ରଦୋଷ ବର୍ମନ ଜାତିରେ ଶୂଦ୍ର ଥିଲେ, କିନ୍ତୁ ତାଙ୍କର ବୃତ୍ତି ଥିଲା କ୍ଷତ୍ରିୟର, ସେ ମଧ୍ୟ ଏକ ପ୍ରଦେଶର ଶାସକ ଥିଲେ । ଗୁପ୍ତ ଯୁଗରେ, ଅନେକ ବ୍ରାହ୍ମଣ ବଣଜଙ୍ଗଲରେ ଶିକାରୀର କାର୍ଯ୍ୟ କରୁଥିଲେ, କାରଣ ତାହା ଥିଲା ଅର୍ଥକାରୀପେଶା । ଶୂଦ୍ର ବଂଶଜାତମାନେ ମଣ୍ଡାଶୋରର ବିଖ୍ୟାତ ସୂର୍ଯ୍ୟମନ୍ଦିର ନିର୍ମାଣ କରନ୍ତି । ଏହି ସମସ୍ତ ଦୃଷ୍ଟାନ୍ତ ପ୍ରମାଣ କରେ ଯେ ହିନ୍ଦୁଧର୍ମରେ ବର୍ଣ୍ଣଭେଦ ପ୍ରଥା କେବଳ ଶ୍ରମ ବିଭାଗ ବ୍ୟତୀତ ଅନ୍ୟ କିଛି ନୁହେଁ ।

ବୈଦିକ ଯୁଗରେ ଶୂଦ୍ର ବା ଅନ୍ୟ କାହାକୁ ଅସ୍ପୃଶ୍ୟ ବା ଦଳିତ ଜ୍ଞାନ କରିବାର ଧାରଣା ପ୍ରଚଳିତ ଥିଲା ନାହିଁ । ଘୃଣ୍ୟ ମନେକରା ହେଉଥିଲା ପ୍ରଧାନତଃ ତାହାର ବୃତ୍ତି ଓ ବ୍ୟବହାର ସମାଜରେ ଗ୍ରହଣଯୋଗ୍ୟ ନ ହେବା କାରଣରେ । ତେବେ ସମାଜରେ ନିନ୍ଦିତ ଅବସ୍ଥା ଅନୁଶୋଚନା ଦ୍ୱାରା ବା ବୃତ୍ତି ପରିବର୍ତ୍ତନ ଦ୍ୱାରା ସଂଶୋଧିତ କରିନେବାର ପ୍ରଥା ପ୍ରଚଳିତ ଥିଲା ।

ପ୍ରାଚୀନ ଯୁଗର ଛାତ୍ରାବସ୍ଥା ଦୀର୍ଘକାଳବ୍ୟାପୀ ଥିଲା ଓ ଆଶ୍ରମରେ ବନବାସ ଭଳି କଠୋର ଜୀବନଯାପନ କରିବାକୁ ହେଉଥିଲା । ଗୁରୁଶିଷ୍ୟଙ୍କ ମଧ୍ୟରେ ଜ୍ଞାନର ଆଦାନ ପ୍ରଦାନ ହେଉଥିଲା । ଶିକ୍ଷାଦାନ ହେଉଥିଲା ମୌଖିକ ଭାବରେ । କାରଣ ଲିଖିତ ପୋଥି ସହଜଲଭ୍ୟ ଥିଲା ନାହିଁ ।

କାଳକ୍ରମେ ବୃତ୍ତି ନିର୍ବାଚନରେ ପାରିବାରିକ ବୃତ୍ତିପ୍ରଥା ପରିବାର ଭିତ୍ତିକ ହେବାର କାରଣ ହେଲା, କିନ୍ତୁ ସମାଜ ସେହିଭଳି ପରିଣତି ଆକାଙ୍କ୍ଷା କରି ନଥିଲା । ଏହି ବିଷୟରେ ହିନ୍ଦୁ ସମାଜରେ କଠୋରତା ଥିଲା ନାହିଁ । କିଏ କେଉଁ ବୃତ୍ତି ଅବଲମ୍ବନ କରିବ ସେଥିରେ ତାହାର ସ୍ୱାଧୀନତା ଥିଲା । ଯେମିତି, ସତ୍ୟକାମ ଜନ୍ମ ସୂତ୍ରରେ ଶୂଦ୍ର ଥିଲେ, କିନ୍ତୁ ବେଦାଧ୍ୟୟନ କରି ବ୍ରାହ୍ମଣତ୍ୱ ଲାଭ କରି ବିପୁଳ ଶ୍ରଦ୍ଧା ଅର୍ଜନ କରିଥିଲେ । ବୈଦିକ ଯୁଦ୍ଧରେ ଯେ କେହି ପୁରୋହିତ ହୋଇ ପାରୁଥିଲେ । ବ୍ରାହ୍ମଣଙ୍କ ପାଇଁ ସେହି ପଦ ସଂରକ୍ଷିତ ରଖିବାର ପ୍ରଶ୍ନ ଥିଲା ନାହିଁ ।

ପରିତ୍ରାମ୍ୱା ସଂଯତେନ୍ଦ୍ରିୟଃ ପେଶଲାଂ ମଧୁ ଦୀଓ୍ୱ ବା ଚ
ତଂ ଗୁରୁ ଶ୍ରଦ୍ଧୟା ଶୃଣୁ ଉପହାର ତ ପ୍ରଯଚ୍ଛତୁ ॥

ଯାହାର ଅନ୍ତର ପବିତ୍ର, ପ୍ରବୃତ୍ତିସମୂହ ନିୟନ୍ତ୍ରଣାଧୀନ ଏବଂ ସୁର ସଂଯୋଗ କରି ଯିଏ ଶ୍ଳୋକ ଆବୃତ୍ତି କରିପାରନ୍ତି, ସେହି ବ୍ୟକ୍ତି ହିଁ ପୁରୋହିତ ହିସାବରେ ମନ୍ତ୍ର ଉଚ୍ଚାରଣ ମାଧ୍ୟମରେ ପ୍ରାର୍ଥନା ପରିଚାଳନା କରିବାର ଅଧିକାରୀ ଏବଂ ତାହାଙ୍କୁ ଭକ୍ତଗଣଙ୍କ ପ୍ରଭୂତ ଦାନ ଗ୍ରହଣ କରିବାକୁ ହେବ ଯେମିତି ସେ ସ୍ୱଚ୍ଛନ୍ଦରେ ଉନ୍ନତ ପାରିବାରିକ ଜୀବନ ଯାପନ କରିପାରନ୍ତି ।

ବୃତ୍ତି ବିବେଚନାରେ ବିବାହ ଏକ ବର୍ଣ୍ଣ ମଧ୍ୟରେ ହେବା ସୁବିଧାଜନକ ବୋଲି ବିବେଚନା କରା ଯାଉଥିଲା । ଗୋଟିଏ ଧରଣର ପାରିବାରିକ ପରିବେଶରୁ ଆସିବା କାରଣରୁ ପରିବାର ବ୍ୟବସାୟରେ ପ୍ରବେଶ କରିବାକୁ ଡେରି ହେଉ ନଥିଲା । ଉପରନ୍ତୁ ଅସୁବିଧା ହେଉ ନଥିଲା । ଉପରନ୍ତୁ ଏହି ଧରଣର ବିବାହ ବ୍ୟବସ୍ଥାରେ ବର ଓ କନ୍ୟାର ବିବାହ ପରେ ଅପ୍ରତ୍ୟାଶିତ, ଅପରିଚିତ ଅମିତ୍ର ସୁଲଭ ଓ ଅବାଞ୍ଛିତ ସାମାଜିକ ପରିସ୍ଥିତିର ସମ୍ମୁଖୀନ ହେବାର ସମ୍ଭାବନା କମ ଥିଲା ।

ମଧ୍ୟରେ ପାରିବାରିକ ପରିବେଶର ବିରାଟ ପାର୍ଥକ୍ୟ ଥିଲେ ହେଁ ପାତ୍ର-ପାତ୍ରୀଙ୍କ

ମଧ୍ୟରେ ବିବାହ ମଧ୍ୟ ହେଉଥିଲା । ମହାଭାରତରୁ ଜଣାଯାଏ ଏକ ଶୂଦ୍ର ଧୀବରକନ୍ୟା ସତ୍ୟବତୀଙ୍କ ସହିତ କ୍ଷତ୍ରିୟ ରାଜା ଶାନ୍ତନୁଙ୍କ ବିବାହରେ ସମାଜ କୌଣସି ପ୍ରତିବନ୍ଧକତା ସୃଷ୍ଟି କରି ନାହିଁ ।

ବର୍ଣ୍ଣଭେଦ ପ୍ରଥା ଥିଲା ଏକ ଅର୍ଥନୈତିକ ପ୍ରଥା । କାର୍ଯ୍ୟର ସୁବିଧା ପାଇଁ ମଣିଷ ତାଙ୍କର ପାରିବାରିକ ବୃତ୍ତି ହିଁ ଅବଲମ୍ବନ କରୁଥିଲେ ଏବଂ ଏକ ଧରଣର ପରିବାର ଅର୍ଥାତ୍ ଏକ ଧରଣର ବୃତ୍ତିର ଲୋକଙ୍କ ମଧ୍ୟରେ ସାଧାରଣତଃ ବିବାହ ହେଉଥିଲା । ଏହି ବିଷୟରେ ସାମ ବେଦର ଗୋଟିଏ ଶ୍ଳୋକ ଏଠାରେ ପ୍ରାସଙ୍ଗିକ : ଈଶ୍ୱର ଶୋଷଣ ପସନ୍ଦ କରନ୍ତି ନାହିଁ । ସେ ଚାହାନ୍ତି ତାଙ୍କର ଭକ୍ତମାନେ ସମସ୍ତଙ୍କ ସହିତ ସମାନ ବ୍ୟବହାର କରନ୍ତୁ, ପୀଡ଼ିତର ସେବା କରନ୍ତୁ ।

ଯୋ ଦଦାତି ବୁଭୁକ୍ଷିତେଭ୍ୟଃ ପୀଡ଼ିତାନାଂ ସହାୟକଃ
ଦୁଃଖାର୍ତ୍ତାଣାଂ ସମାଶ୍ଲିଷ୍ୟତି ତମେବ ଭିଶଃ ପ୍ରସୀଦତି ।।

ସମବ୍ୟବହାର ମାଧ୍ୟମରେ ମଣିଷର ଚିତ୍ତ ଆନନ୍ଦିତ କଲେ, କ୍ଷୁଧାର୍ତ୍ତକୁ ଅନ୍ନଦାନ କଲେ, ଆର୍ତ୍ତକୁ ସାହାଯ୍ୟ କଲେ, ଦୁଃଖୀର ଦୁଃଖଭାର ଲାଘବ କଲେ, ଅତ୍ୟାଚାରିତ ପ୍ରତି ଅନ୍ୟାୟ ଆଚରଣର ଅବସାନ କଲେ ଈଶ୍ୱର ଖୁସି ହୁଅନ୍ତି ।

ହଜାର ବର୍ଷବ୍ୟାପୀ ବିଦେଶୀୟ ଦାସତ୍ୱ ପରେ ୧୯୪୭ ମସିହାରେ ଭାରତ ସ୍ୱାଧୀନତା ଲାଭ କରେ, ଦୀର୍ଘକାଳ ବର୍ଣ୍ଣ ଭିତ୍ତିରେ ଯେଉଁମାନେ ବଞ୍ଚିତ ହୋଇ ଆସିଛନ୍ତି ସେମାନଙ୍କ ପାଇଁ ଭାରତ ସରକାର ଚାକିରିରେ ଏବଂ ଶିକ୍ଷା ପ୍ରତିଷ୍ଠାନରେ ଆସନ ସଂରକ୍ଷଣର ବ୍ୟବସ୍ଥା ଗ୍ରହଣ କରନ୍ତି । ଜାତିଭେଦ ପ୍ରଥା ଭାରତରେ ଆଇନତଃ ଦଣ୍ଡନୀୟ । ଆଧୁନିକ ଶିକ୍ଷିତ ଭାରତୀୟମାନେ ଜାତିଭେଦ ପ୍ରଥାକୁ ଘୃଣା କରନ୍ତି । ଏହି ବିଷୟରେ ଆଲୋଚନା ହେଲେ ଲଜ୍ଜିତ ହୁଅନ୍ତି ଓ ଅପ୍ରତିଭତା ବୋଧ କରନ୍ତି ।

# ମନୁସ୍ମୃତି

ଆନୁମାନିକ ୩,୫୦୦ ଖ୍ରୀଷ୍ଟପୂର୍ବାବ୍ଦରେ ଦଳେ ଆକ୍ରମଣକାରୀ ଉତ୍ତର ପଶ୍ଚିମ ସୀମାନ୍ତରୁ ଆସି ଏହି ଦେଶ ଜୟ କରିନିଅନ୍ତି । ସେମାନେ କେବଳ ଯେ ଅଧିବାସୀମାନଙ୍କର ଅଧିଭୌତିକ ଜୀବନକୁ ହିଁ ନିଜ ଅଧୀନକୁ ନେଇ ଆସିଲେ ତାହା ନୁହେଁ, ସଂସ୍କୃତି କ୍ଷେତ୍ରରେ ମଧ୍ୟ ସେମାନେ ଆକ୍ରମଣ ଚଳାଇଥିଲେ । ଏପରିକି ବେଦ ଉପରେ ମଧ୍ୟ ସେମାନେ ବ୍ୟାପକ ଭାବରେ ପ୍ରଭାବ ବିସ୍ତାର କରିବାକୁ ଚାହିଁଲେ । ବୈଦିକ ଧର୍ମ କ୍ଷେତ୍ରରେ, ବ୍ୟକ୍ତିଗତ କ୍ଷେତ୍ରରେ ସାମାଜିକ ଆଚାର ଆଚରଣରେ, ଜୀବନ ଯାତ୍ରାର ପଥରେ ଆଲୋକପାତ କରି ଭାରତୀୟମାନଙ୍କୁ ସେମାନେ ପଥପ୍ରଦର୍ଶନ କରୁଥିଲେ । ସେମାନେ ଏକେଶ୍ୱରବାଦୀ ଥିଲେ । କିନ୍ତୁ ତାହା ବଳପୂର୍ବକ ପାରସିକ ସୂର୍ଯ୍ୟ ଓ ଇନ୍ଦ୍ର ଉପାସନା ଓ ବଳିଦାନ ଭଳି ଧର୍ମୀୟ ରୀତି ସହିତ ମିଶ୍ରିତ କରି ଦିଆହୁଏ । ମୁନି ଋଷିମାନେ ଅନେକେ ଦକ୍ଷିଣ ଭାରତକୁ ପଳାୟନ କଲେ । ହିମାଳୟର ଗୁହା କନ୍ଦରେ ଯାଇ ଆଶ୍ରୟ ଗ୍ରହଣ କଲେ । ପାରସ୍ୟ ଓ ଏସିଆ ମାଇନରରୁ ଆଗତ ଶାସକମାନେ ସମାଜକୁ ବିଭକ୍ତ କରି ଦୁର୍ବଳ ଓ ପଦାନତ କରି ନିଜର ରାଜକାର୍ଯ୍ୟରେ ବ୍ୟବହାର କରିବାକୁ ଚାହିଁଲେ ।

ଆନୁମାନିକ ୩,୨୫୦ ଖ୍ରୀଷ୍ଟପୂର୍ବାବ୍ଦରେ ମନୁ (ଅନେକଙ୍କର ଦୃଢ଼ ବିଶ୍ୱାସ ମନୁ ଜର୍ମାନ ବଂଶୋଦ୍‌ଭୂତ ଥିଲେ) 'ସାମାଜିକ କର୍ମ-ବିଭାଗର ଏକ କଠୋର ବିଧାନର ପ୍ରବର୍ତ୍ତନ କଲେ ଏବଂ ତାହାର ନାମ ଦେଲେ ମନୁସ୍ମୃତି । ମନୁ ନିଜେ ଜଣେ ପ୍ରତିଭାଶାଳୀ ବ୍ୟକ୍ତି ଥିଲେ ଏବଂ ଦକ୍ଷ ଗଣିତଜ୍ଞ ଏବଂ ଆଇନ ବିଷୟରେ ପଣ୍ଡିତ ଥିଲେ । ପ୍ରକୃତ ପକ୍ଷରେ ବେଦ ହିଁ ସନାତନ ଧର୍ମ (ଅର୍ଥାତ୍ ହିନ୍ଦୁ ଧର୍ମ), ମନୁସ୍ମୃତିର ଉଦ୍ଦେଶ୍ୟ ଥିଲା ବିଦେଶୀ ଶାସନକୁ ସାହାଯ୍ୟ କରିବା । ହିନ୍ଦୁମାନଙ୍କର ଉପଲବ୍ଧି କରିବା ଉଚିତ ଯେ ଗଣିତରେ ମନୁଙ୍କ ଅବଦାନ ଅତ୍ୟୁଜ୍ଜ୍ୱଳ ଏବଂ ବିଜ୍ଞାନ କ୍ଷେତ୍ରରେ ମୂଲ୍ୟବାନ ଥିଲା ।

ମନୁ ଆଇନ ସମ୍ପର୍କରେ ଏକ ମୂଲ୍ୟବାନ ଗ୍ରନ୍ଥ 'ମନୁସ୍ମୃତି'ର ରଚୟିତା । 'ମନୁ' ଶବ୍ଦର ଅର୍ଥ 'ମଣିଷ' । 'ମନୁ'ରେ ସମ୍ଭବତଃ ଏକ ସୁପ୍ରାଚୀନ ଇନ୍ଦୋଇଉରୋପୀୟ ଧାରାର ପ୍ରତିଫଳନ ଅଛି । ଏପରି ହେବା ମଧ୍ୟ ସମ୍ଭବ ଯେ 'ମନୁ' ଶବ୍ଦଟି ସ୍ୱତନ୍ତ୍ର ଭାବରେ ସମାନ୍ତରାଳ ପଦ୍ଧତିରେ ଗଠିତ ହୋଇଛି, ଯେମିତି ହିବ୍ରୁ ଶବ୍ଦ 'Adam' (ତାହାର ଅର୍ଥ ମଧ୍ୟ ମଣିଷ) । ବେଦୋତ୍ତର ଯୁଗର ଏକ ଗୁରୁତ୍ୱପୂର୍ଣ୍ଣ ଧର୍ମଗ୍ରନ୍ଥ 'ଶତ ପଥ ବ୍ରାହ୍ମଣ'ରେ ବର୍ଣ୍ଣିତ ଅଛି ଯେ ଏକ ମତ୍ସ୍ୟ ମନୁଙ୍କର ଗୋଟିଏ ଉପକାର କରିଥିଲା । ମନୁଙ୍କୁ ମତ୍ସ୍ୟଟି ସାବଧାନ କରିଦେଇ କହେ ଯେ, ଏକ ବନ୍ୟାରେ ମାନବ ଜାତିର ଏକ ବିଶାଳ ଅଂଶ ବିନଷ୍ଟ ହେବ । ତେଣୁ ମନୁ ମତ୍ସ୍ୟଟିର ପରାମର୍ଶ ଅନୁଯାୟୀ ଏକ ନୌକା ନିର୍ମାଣ କରନ୍ତି ଏବଂ ଯେତେବେଳେ ବନ୍ୟା ଆସିଲା ସେ ନୌକାଟିକୁ ମତ୍ସ୍ୟଟିର ଶୃଙ୍ଗ ସହିତ ବାନ୍ଧିଦେଲେ ଏବଂ ନିରାପଦରେ ଏକ

ପର୍ବତର ଶିଖରରେ ଯାଇ ଆଶ୍ରୟ ନେଲେ । ପୁରାଣରେ କଥିତ ଅଛି ମତ୍ସ୍ୟଟି ବିଷ୍ଣୁଙ୍କର ଏକ ଅବତାର ।

ପରବର୍ତ୍ତୀ କାଳରେ ହିନ୍ଦୁ ଧର୍ମର ପୁରାଣାଦି ଓ ମନୁସ୍ମୃତିରେ ମଧ୍ୟ ବିଶ୍ୱ ସୃଷ୍ଟି ସଂକ୍ରାନ୍ତରେ କଳ୍ପନା କରାଯାଇଥିଲା । ଚତୁର୍ଦ୍ଦଶ ଜଣ ମନୁ ଥିଲେ । ୮,୬୪୦,୦୦୦,୦୦୦ ବର୍ଷ କଳ୍ପର ଅନ୍ତର୍ଗତ ଚଉଦଟି ଯୁଗରୁ ପ୍ରତ୍ୟେକଟି ପାଇଁ ଜଣେ କରି ମନୁ । ମନୁଉର ଅର୍ଥାତ ଆମର ବର୍ତ୍ତମାନ ଯୁଗ ବର୍ତ୍ତମାନ କଳ୍ପର ସପ୍ତମ ଯୁଗ । ଚତୁର୍ଦ୍ଦଶ ମନୁଙ୍କ ପରେ ସମଗ୍ର ପୃଥିବୀ ତାହାର ବିଧିଲିପି ଅନୁଯାୟୀ ଧ୍ୱଂସପ୍ରାପ୍ତ ହେବ । ତାହା ପରେ  ହେବ ପୁଣି ନୂଆ ସୃଷ୍ଟି, ସୃଷ୍ଟି ଓ ବିନାଶ ଏକ ଅନ୍ତଃହୀନ ଚକ୍ର । ତେବେ ବ୍ରହ୍ମାଣ୍ଡ ଅନାଦି ଅନନ୍ତକାଳ ବିଦ୍ୟମାନ ।

ମନୁସ୍ମୃତି (ମନୁଙ୍କ ଆଇନ ବା ଆଚାର ସଂହିତା) ହେଉଛି ମାନବ ଧର୍ମଶାସ୍ତ୍ର, ଆଇନ ଏବଂ ତତ୍ ସଂଶ୍ଳିଷ୍ଟ ବିଷୟକ ଏକ ଗ୍ରନ୍ଥ । ଏଥିରେ ଜୋର ଦିଆଯାଇଛି ରଜା କର୍ତ୍ତୃକ ସ୍ୱଚ୍ଛ ଓ ପରିଚ୍ଛନ୍ନ ରାଜ୍ୟ ପରିଚାଳନା ଉପରେ । ଦେଓଆନୀ ଓ ଫୌଜଦାରୀ ଆଇନର ଏକ ରୂପରେଖ ବ୍ୟତୀତ ଏଥିରେ ରହିଛି ଜୀବନର ଚାରୋଟି ପର୍ବର କଥା । ଛାତ୍ରଜୀବନ, ଗାର୍ହସ୍ଥ୍ୟ ଜୀବନ, ବାନପ୍ରସ୍ଥ ଜୀବନ ଓ ସନ୍ନ୍ୟାସ ଜୀବନ । ବିଦେଶୀମାନେ ବର୍ଣ ବିଭାଗର ଅନୁଚିତ ପ୍ରୟୋଗ କରିଥିଲେ ଜାତିକୁ ବିଭକ୍ତ ଓ ଦୁର୍ବଳ କରିବା ଉଦ୍ଦେଶ୍ୟରେ । ବୃତ୍ତିର ବିଭାଜନ ସାମାଜିକ ବିଭାଜନରେ ରୂପାନ୍ତରିତ ହୁଏ ଏବଂ ତାହାର ବିକୃତ ରୂପ ସାମାଜିକ ଶ୍ରେଣୀ (ବର୍ଣ୍ଣ), ବର୍ଣ୍ଣ ବିଭେଦର ଏକ ଐତିହାସିକ ଭିତ୍ତି । ଅତଏବ ଭାରତର ରାଜନୈତିକ ସାମାଜିକ ବ୍ୟବସ୍ଥାର ଇତିହାସ ସମ୍ପର୍କରେ ତଥ୍ୟର ଏକ ମୂଲ୍ୟବାନ ସୂତ୍ର ମନୁସ୍ମୃତି । ମନୁସ୍ମୃତି ହିନ୍ଦୁମାନଙ୍କୁ ହୀନବଳ କରିଛି । ମନୁସ୍ମୃତିକୁ ବେଦ ଅପେକ୍ଷା ଅଧିକତର ଗୁରୁତ୍ୱ ଦାନର ଶାସ୍ତିସ୍ୱରୂପ ଭାରତ ବିଦେଶୀମାନଙ୍କ ପଦାନତ ହୋଇଛି । ବିଶୁଦ୍ଧ ବୈଦିକ ଧର୍ମ ଓ ଗୀତାର ଶିକ୍ଷା ଅନୁଯାୟୀ ବର୍ଣ୍ଣଭେଦ ଏକ ଅନ୍ୟାୟ ଓ ଅପରାଧ । କେବେ କେବେ ନିଜ ନିଜର ଅଜ୍ଞାତସାରରେ ମଣିଷ ବର୍ଣ୍ଣଭେଦ ପାଳନ କରେ । ଅନେକ ରାଜନୀତିକ ବର୍ତ୍ତମାନ ମଧ୍ୟ ନିଜ ନିଜ ଦଳଗତ ସ୍ୱାର୍ଥ ପାଇଁ ମନୁସ୍ମୃତିର ବ୍ୟବହାର କରନ୍ତି । ବ୍ୟବହାର କରନ୍ତି ଦେଶକୁ ବିଭକ୍ତ ଓ ଦୁର୍ବଳ କରିବା ପାଇଁ ମଧ୍ୟ । ଏମାନେ ସମସ୍ତେ ଈଶ୍ୱରଙ୍କ ଶତ୍ରୁ ।

# ଉପନିଷଦ

ଉପନିଷଦଗୁଡ଼ିକ (୧୬,୦୦୦-୧୦୦ ଖ୍ରୀ:ପୂ:) ପ୍ରାଚୀନ ଭାରତୀୟ ରଚନା, ଅପାର୍ଥିବ ବିଷୟ ଏବଂ ମୋକ୍ଷଲାଭର ନୀତି ଓ ପନ୍ଥା ସମ୍ପର୍କରେ ଜ୍ଞାନ ପ୍ରଦାନ ଉଦ୍ଦେଶ୍ୟରେ ଲିଖିତ । ବୈଦିକ ଧାରାର ସର୍ବଶେଷ ପର୍ଯ୍ୟାୟ ଏହି ଉପନିଷଦଗୁଡ଼ିକ ମଧ୍ୟରେ ପ୍ରତିବିମ୍ବିତ । ସେହି କାରଣରୁ ସେହିଗୁଡ଼ିକ ମଧ୍ୟରେ ଚିନ୍ତାର ଯେଉଁ ବିକାଶ ଆମେ ଦେଖିବାକୁ ପାଉଁ ତାହା ବେଦାନ୍ତ ନାମରେ ପରିଚିତ । ଅଧିକାଂଶ ଉପନିଷଦ ବେଦର ଶେଷ ପର୍ଯ୍ୟାୟରୁ ବିକଶିତ । ଆଧ୍ୟାତ୍ମିକ ଓ ଲୌକିକ ଜୀବନ ସମ୍ପର୍କରେ ଦାର୍ଶନିକ ଓ ବ୍ୟାବହାରିକ ଉଭୟ ପ୍ରକାରର ମନୋଭାବ ହିଁ ଉପନିଷଦଗୁଡ଼ିକରେ ପରିଲକ୍ଷିତ ହୁଏ । ଋଗ୍‌ବେଦର ଶେଷ ଦିଗରେ ସ୍ତୋତ୍ରଗୁଡ଼ିକର ଗୂଢ଼ ତାତ୍ପର୍ଯ୍ୟ ଉପନିଷଦରେ ବିସ୍ତାରିତ ଭାବରେ ଆଲୋଚନା କରାଯାଇଛି । ଉପନିଷଦର ଆଲୋଚ୍ୟ ବିଷୟ ହେଉଛି ବ୍ୟକ୍ତିର ଆତ୍ମା ବିଶ୍ୱର ଆତ୍ମା ଅର୍ଥାତ୍ ପରମାତ୍ମା ବା ବ୍ରହ୍ମଙ୍କ ସହତ ଅଭିନ୍ନ, ଏହି ଉପଲବ୍ଧି ସରଳ ଭାବରେ ପ୍ରକାଶ କରିବା । ସେହି ଅଭିନ୍ନତାର ନିର୍ଯ୍ୟାସ 'ତତ୍ତ୍ୱମି' ଛାନ୍ଦୋଗ୍ୟ ଉପନିଷଦର ଏହି ବାକ୍ୟରେ ସୁନ୍ଦର ଭାବରେ କୁହାଯାଇଛି । 'କଠୋପନିଷଦ'ରେ ଆଲୋଚନାର ବିଷୟ ଅନନ୍ତ ଜୀବନର ପ୍ରକୃତି ସମ୍ବନ୍ଧୀୟ । ଅନ୍ୟାନ୍ୟ ଆଲୋଚ୍ୟ ବିଷୟ ଯେମିତି 'ଆତ୍ମାର ଦେହାନ୍ତର' ଅବଲମ୍ବନ ଏବଂ 'ମାଆର ତତ୍ତ୍ୱ' ଇତ୍ୟାଦି ଶ୍ୱେତାଶ୍ୱେତର ଉପନିଷଦରେ ଲେଖା ହୋଇଛି ।

ଉପନିଷଦର ରଚନାଗୁଡ଼ିକ ସାଧାରଣତଃ ଅତି ସଂକ୍ଷିପ୍ତ । ସେଗୁଡ଼ିକରେ ଦାର୍ଶନିକତାର ସଂକ୍ଷିପ୍ତସାର, ଉପଦେଶମୂଳକ କାହାଣୀ କଥୋପକଥନ ମାଧ୍ୟମରେ, ସାଧାରଣ ମଣିଷଙ୍କ ପକ୍ଷରେ ବୋଧଗମ୍ୟ ଆକାରରେ ପରିବେଶିତ ହୋଇଛି । ବୈଦିକ ଉପନିଷଦଗୁଡ଼ିକର ସଂଖ୍ୟା ୪୩, ଅବଶିଷ୍ଟ ପ୍ରାୟ ୧୦୦ଟି ଉପନିଷଦ ସମ୍ଭବତଃ ବେଦୋତ୍ତର । ଯଦ୍ୟପି ବେଦ ପ୍ରଭାବିତ ଦେବତାମାନଙ୍କ ମୂର୍ତ୍ତି କଳ୍ପନା କରି ଲେଖକ ଶିଳ୍ପୀମାନେ ଯେଉଁ ସମସ୍ତ ନୀତିମୂଳକ କାହାଣୀ ବ୍ୟବହାର କରିଛନ୍ତି, ସେଥିରେ ଅନେକ କ୍ଷେତ୍ରରେ ଦେବତାମାନଙ୍କର ବହୁହସ୍ତବିଶିଷ୍ଟ ଏବଂ ବିବିଧ ଅସ୍ତ୍ରଧାରୀ ରୂପରେ ଚିତ୍ରିତ କରାହୋଇଛି । ସେମାନଙ୍କର ସମରକୁଶଳତା ଉପରେ ଜୋର ଦେବା ପାଇଁ । ଦେବତାମାନେ ବାସ୍ତବରେ ପ୍ରକୃତିର ନିୟମ ଅନୁଯାୟୀ ଗୋଟାଏ ମୁଣ୍ଡ ଓ ଦୁଇଟି ହସ୍ତର ଅଧିକାରୀ ଥିଲେ । ଜନଗଣଙ୍କ ଭକ୍ତିଭାବ ଉଦୟ କରିବା ପାଇଁ ଅଲୌକିକ ରୂପ ଦେଇଛନ୍ତି ଶିଳ୍ପୀମାନେ ।

# ବିଷ୍ଣୁଙ୍କ ଦଶ ଅବତାର ଚକ୍ର

ହିନ୍ଦୁ ଦର୍ଶନର 'ଦଶାବତାର' ଚକ୍ର ମାଧ୍ୟମରେ ଯେଉଁ ଦଶ ଅବତାରଙ୍କୁ (ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପରଶୁରାମ, ରାମ, କୃଷ୍ଣ, ବୁଦ୍ଧ ଓ କଲ୍କି) ସଜ୍ଜିତ କରାହୋଇଛି ତାହା ନିଃସନ୍ଦେହରେ କ୍ରମବିବର୍ତ୍ତନବାଦର ବୈଜ୍ଞାନିକ ବ୍ୟାଖ୍ୟା । ବହୁକାଳ ପୂର୍ବେ ଈଶ୍ୱରଙ୍କ ଇଚ୍ଛାରେ ସୂର୍ଯ୍ୟର କିଛି ଅଂଶ ବିଚ୍ଛିନ୍ନ ହୋଇ ମହାଶୂନ୍ୟରେ ବହୁବର୍ଷ ଆବର୍ତ୍ତିତ ହେଉ ହେଉ ଘନୀଭୂତ ଓ ଶୀତଳ ହୋଇ ସୃଷ୍ଟି ହୁଏ ପୃଥିବୀ ଗ୍ରହ । ସୃଷ୍ଟିର ଆଦିରେ ପୃଥିବୀ ଥିଲା ଜଳମୟ । ସେହି ଜଳର ପ୍ରଥମ ପ୍ରାଣୀ ହେଲା ମୀନ ବା ମତ୍ସ୍ୟ (ପ୍ୟାଲିଓଯୋୟିକ କଳ୍ପର ସିଲୁରିଆନ-ଡିଭୋନିୟନ ଯୁଗକୁ ମତ୍ସ୍ୟ ଯୁଗ କୁହାଯାଏ) । ଏହି ସମୟରେ ଭଗବାନ ମୀନ ରୂପରେ ବେଦୋଦ୍ଧାର କରିଥିଲେ । ଏହି ବେଦ କିନ୍ତୁ ଗ୍ରନ୍ଥ ନୁହେଁ, ସୃଷ୍ଟିଜ୍ଞାନ । ସେତେବେଳେ ସେ ପାରଙ୍ଗମ ହୋଇଛି ବଂଶ ରକ୍ଷାରେ, ଯାହା ଥିଲା ସେହି ଯୁଗର ଜୀବନ ବେଦ ।

ମନ୍ତ୍ର ଥିଲା - 'ଗୋତ୍ରଂ ନୋ ବର୍ଦ୍ଧତାମ୍ ।'

ଆସିଲେ ଦ୍ୱିତୀୟ ଅବତାର 'କୂର୍ମ' । ପାଣି ଛାଡ଼ି ସେ ସ୍ଥଳକୁ ଉଠିବାକୁ ଶିଖିଛି ଅର୍ଥାତ୍ ଉଭୟଚର ପ୍ରାଣୀ, ଶିଖିଛି ପବନରୁ ସିଧାସିଧି ଅମ୍ଳଜାନ ଗ୍ରହଣ କରିବାକୁ । (ସିଭୋନିୟାନ-କାର୍ବନିଫେରାସ ଯୁଗ) । କୂର୍ମ ପାଣିରୁ କାଦୁଅ ବୋଲି ହୋଇ ସ୍ଥଳକୁ ଉଠି ଆସିଲା—ଏହା ହିଁ ହେଲା ତାହାର ଧରଣୀ ଧାରଣ ।

ତୃତୀୟ ଅବତାର - ବରାହ । ସେ ସ୍ଥଳଭାଗର ପ୍ରାଣୀ ହେଲେ ମଧ ପାଣିର ମାୟା ତ୍ୟାଗ କରି ପାରି ନାହିଁ । ବାସ କରେ କାଦୁଅରେ । ବିବର୍ତ୍ତିତ ହୋଇଛି ସ୍ତନ୍ୟପାୟୀ ଜୀବରେ -ଶିଖିଛି ସନ୍ତାନ ପ୍ରସବ କରିବାକୁ (ସେନୋଜୋୟିକ କଳ୍ପର ପ୍ୟାଲିଓସିନ-ଇୟୋସିନ ଯୁଗ), ସ୍ୱଭାବଗତ ଧର୍ମ ହେଲା ଦନ୍ତାଘାତରେ ମୃତ୍ତିକା ବିଦାରଣ ।

ଚତୁର୍ଥ ଅବତାର - ନୃସିଂହ (ଅର୍ଦ୍ଧେକ ପଶୁ ଓ ଅର୍ଦ୍ଧେକ ମାନବ) ଅର୍ଥାତ୍ ଟ୍ରାନଜିଶନ ଫେଜ୍ (ଯେମିତି ଆଧୁନିକ ଶିମ୍ପାଞ୍ଜି, ଓରାଂଓଟାଂ ଇତ୍ୟାଦି) । (ଅଲିଗୋସିନ-ମାଇୟୋସିନ ଯୁଗ) । ଭଗବାନ ନୃସିଂହ, ହିରଣ୍ୟକଶିପୁ ନାମକ ଦୈତ୍ୟକୁ ନଖରେ ବିଦାରଣ କରି ବିନାଶ କରିଥିଲେ । ବିବର୍ତ୍ତନ ପଥରେ ଏକ ବିଶେଷ ପ୍ରତିକୂଳ ଶକ୍ତି, ପ୍ରକୃତିର ସ୍ୱାଭାବିକ ଗ୍ରାସାଚ୍ଛାଦନ ନଷ୍ଟ କରୁଥିଲା । ଏହି ଗ୍ରାସାଚ୍ଛାଦନ ହେଲା ବଣଜାତ କଦଳୀ । ସେହି କଦଳୀଗଛର ଶତ୍ରୁ ଏକପ୍ରକାରର ଜିଆ (କଦଳୀଗଛ ସାଧାରଣତ ଆର୍ଦ୍ର ସ୍ଥାନରେ ଜନ୍ମେ ବୋଲି ଜିଆର ଉପଦ୍ରବ ବେଶୀ) ଏହି ଜିଆର ନାମ ହିରଣ୍ୟକଶିପୁ । ନୃସିଂହ ତାହାର ନଖରେ ମାଟି ତାଡ଼ିବା ଫଳରେ ଜିଆଗୁଡ଼ିକ ଧ୍ୱଂସ କରି ଭାବୀ ମନୁଷ୍ୟଜାତିର ଜୀବନ ଧାରଣ ଆଦି ଖାଦ୍ୟକୁ ସଂରକ୍ଷିତ କରନ୍ତି । (ଆଜି ମଧ ଶିମ୍ପାଞ୍ଜି, ବେବୁନ, ଓରାଂଓଟାଂ ପ୍ରଭୃତି ପ୍ରାଣୀମାନେ ଜିଆ

ଜାତୀୟ କୀଟର ଶତ୍ରୁ) । ଏମାନେ ପ୍ରଧାନତଃ ନିରାମିଷାଶୀ ହେଲେ ମଧ୍ୟ ସମସ୍ତେ ଅଳ୍ପ ବିସ୍ତର କୀଟ-ଭୁକ । କଦଳୀ ମଣିଷର ଅନ୍ୟତମ ଆଦି ଖାଦ୍ୟ । ତେଣୁ ଆଜି ମଧ୍ୟ ଏହି ପରମ ଉପକାରୀ ପଦଳୀ ଗଛ ହିନ୍ଦୁମାନଙ୍କର ସମସ୍ତ ପ୍ରକାର ମାଙ୍ଗଳିକ କାର୍ଯ୍ୟରେ ବ୍ୟବହୃତ ହୁଏ ।

ଏହାଙ୍କ ପରେ ଆସିଲେ ପଞ୍ଚମ ଅବତାର - ବାମନ । ଠିକ୍ ଯେମିତି ରାମାପିଥେକାସ୍, ଅର୍ଥାତ୍ ହମୋଗଣଙ୍କ ଶୁଭ ଆବିର୍ଭାବ (ପ୍ଲାଇୟୋସିନ ଯୁଗର କଥା) । ବେଳେବେଳେ ସେ ଦୁଇ ଗୋଡ଼ରେ ଉଠି ଛିଡ଼ାହେଲେ ମଧ୍ୟ ଚାଲିବାକୁ ଗଲେ ଅଳ୍ପାଧିକ ହାତର ସାହାଯ୍ୟ ନେବାକୁ ହୁଏ । ଉଚ୍ଚତାରେ ସେ ବର୍ତ୍ତମାନ ମଣିଷର ଅର୍ଦ୍ଧେକ ।

ତାହାଙ୍କ ପରେ ଷଷ୍ଠ ଅବତାର ଆସିଲେ ପୂର୍ଣ୍ଣ ମାନବର ରୂପ ନେଇ ପରଶୁରାମ - ତାଙ୍କର ଶ୍ରୀକରରେ ପରଶୁ ବା କୁଠାର । ସେ ଦୈହିକ କ୍ଷମତାରେ କ୍ଷାତ୍ରଧର୍ମୀ ନୁହନ୍ତି, ତାଙ୍କର ଶକ୍ତି ମସ୍ତିଷ୍କବଳ - ତେଣୁ ବ୍ରାହ୍ମଣ । ସେ ଅଗ୍ନିର ବ୍ୟବହାର ଜାଣନ୍ତି, ତେଣୁ ଅଗ୍ନିହୋତ୍ରୀ । ଭଗବାନ ପରଶୁରାମ ସହସ୍ରବାହୁ କାର୍ତ୍ତବୀର୍ଯ୍ୟାର୍ଜୁନଙ୍କୁ ନିଧନ କରି ଏକୋଇଶ ଥର କ୍ଷତ୍ରିୟକୁଳ ନିର୍ମୂଳ କରିବାକୁ ଚେଷ୍ଟା କରନ୍ତି । ନିଜ ଗର୍ଭଧାରିଣୀ ମାତାଙ୍କୁ (ରେଣୁକା) ସେ କୁଠାରାଘାତ କରିଥିଲେ । ମଣିଷର ସହସ୍ର ବାହୁ ହୁଏ ନାହିଁ, କିନ୍ତୁ କ୍ଷେତ୍ରଜାତ ଅର୍ଜୁନ ବୃକ୍ଷର ସହସ୍ରବାହୁ ବା ପ୍ରଶାଖାକୁ କୁଠାର ଆଘାତରେ ଛେଦନ କରି ଏକୋଇଶ ଥର ନିକ୍ଷତ୍ରିୟ (ଜଙ୍ଗଲ ପରିଷ୍କାର) କରି ସେ ମଣିଷର ବସବାସ ଯୋଗ୍ୟ ଜମି ତିଆରି କରିଥିଲେ । ଆଉ କୃଷିର ପ୍ରଥମ ପ୍ରଚେଷ୍ଟା ସ୍ୱରୂପ ମାତା ଧରିତ୍ରୀଙ୍କ ବକ୍ଷରେ କୁଠାରାଘାତ କରି ମାଟିକୁ ରେଣୁ କରିଥିଲେ । ଏତେ ଦିନ ପରେ ପାଶବିକ ଯୁଗର ଅବସାନ ହୋଇ ଦେଖାଦେଲା ମାନବ ସଭ୍ୟତାର ଅରୁଣାଲୋକ ।

ଏହାପରେ ଆବିର୍ଭୂତ ହୁଅନ୍ତି ସୀତାପତି ଶ୍ରୀରାମ । ସେ ଧନୁର୍ବାଣଧାରୀ । ଏହି ଦୂରକ୍ଷେପୀ ଅସ୍ତ୍ର ନିକଟରେ ପରଶୁର ଅନୁପଯୋଗିତା ପ୍ରମାଣିତ ହେବାରୁ ଦର୍ପଚୂର୍ଣ୍ଣ ହେଲା ପରଶୁରାମଙ୍କର । ଚିର ବିଦାୟ ଦେବାକୁ ହେଲା ପୁରାତନୀକୁ । ଜଣେ ରାମ ଜଙ୍ଗଲ ପରିଷ୍କାର କରି ରଖିଥିଲେ, ଆଉ ଜଣେ ରାମ ସେଥିରେ ଆରମ୍ଭ କଲେ ନୂଆ ଚାଷ-ମାନବିକତାର । ଦେଖାଦେଲା ସ୍ଥାୟୀ ଜନପଦ-ରାଜ୍ୟ-ଗୋଷ୍ଠିପତି, ଆସିଲେ ରାଜା । କ୍ଷତ୍ରିୟାନ୍ତକ ପରଶୁରାମ ବିବର୍ତ୍ତିତ ହେଲେ ଧନୁର୍ଦ୍ଧର ଶ୍ରୀରାମରେ । ଏହି ଯୁଗର ଦ୍ୱିତୀୟ ଅଧ୍ୟାୟରେ ଉନ୍ନତତର କୃଷି ବ୍ୟବସ୍ଥାର ପ୍ରଚେଷ୍ଟା ଆରମ୍ଭ ହେଲା - ଏହା ହେଲା ତାଙ୍କର 'ଅହଲ୍ୟା ଉଦ୍ଧାର' (ହଳ ସାହାଯ୍ୟରେ ଅସ୍ପଷ୍ଟ ଅର୍ଥାତ୍ ଅନାବାଦୀ ଜମି) । ଆଉ ତାଙ୍କର ସୀତାପତି ନାମଟି ମଧ୍ୟ ସାର୍ଥକ, କାରଣ ସୀତାର ଅର୍ଥ ହଳର ଫାଳ । ଏହା ହେଲା ଜ୍ଞାନମୟ ରୂପ । ମିଥିଳାର ଜନକ ରାଜା କୃଷି କାର୍ଯ୍ୟରେ ସୀତା (ହଳର ଫାଳ) ଆବିଷ୍କାର କରନ୍ତି । ଏହି ସୀତାର ବହୁଳ ପ୍ରଚାର ଓ ପ୍ରୟୋଗ ଫଳରେ କୃଷିର ସହଜ ଉନ୍ନତି ହେବାରୁ ହିନ୍ଦୁଜନମାନସରେ

ମାତୃରୂପରେ ପ୍ରତିଷ୍ଠା କରନ୍ତି ଶ୍ରୀରାମ । ଅର୍ଥାତ୍ ମାତା ଯେମିତି ସନ୍ତାନର ଜୀବନ ରକ୍ଷା କରନ୍ତି ସେମିତି କୃଷି-ପ୍ରଧାନ ଭାରତର ଜନ ସମୂହକୁ ହଳର ବହୁଳ ପ୍ରୟୋଗ ଫଳରେ ଶ୍ରୀରାମ ଜୀବନ ଧାରଣର ପଥ ପ୍ରଦର୍ଶନ କଲେ । ଶ୍ରୀରାମ ହେଲେ ବିଷ୍ଣୁଙ୍କର ସପ୍ତମ ଅବତାର ।

ବହୁବର୍ଷ କଟିଗଲା, ଆସିଲେ ଅଷ୍ଟମ ଅବତାର - ଭଗବାନ କୃଷ୍ଣ । କୃଷି ସଭ୍ୟତାର ପୂର୍ଣ୍ଣ ପ୍ରକାଶ ହେଲା । ବୈଦିକ ଆରଣ୍ୟକ, ସଭ୍ୟତା ଓ ପୌରାଣିକ କୃଷି ସଭ୍ୟତା । କୃଷି ପାଇଲା ପୂର୍ଣ୍ଣତା, ଜ୍ଞାନର ହେଲା ଚରମୋତ୍କର୍ଷ । ନରଦେହରେ ଏହି ଯୁଗରେ ଆବିର୍ଭୂତ ହେଲେ ପୂର୍ଣ୍ଣବ୍ରହ୍ମ ନାରାୟଣ ଭଗବାନ ଶ୍ରୀକୃଷ୍ଣ ରୂପରେ ।

ତାହା ପରେ ଆରମ୍ଭ ହେଲା ଐତିହାସିକ ଯୁଗ, ଆବିର୍ଭୂତ ହେଲେ ନବମ ଅବତାର - ସିଦ୍ଧାର୍ଥ ଗୌତମ ବା ବୁଦ୍ଧଦେବ । ମାତ୍ର ତିନୋଟି କଥାରେ କହିଗଲେ ଜୀବନର ଅମୃତ ମନ୍ତ୍ର- ଅହିଂସା ପରମ ଧର୍ମ । ଏତେ ଦିନରେ ଜ୍ଞାନମୟ ପୂର୍ଣ୍ଣତା ଲାଭ କରେ ଆନନ୍ଦମୟ ରୂପରେ ।

ବିଷ୍ଣୁଙ୍କ ଦଶମ ଅବତାର ହେଲେ କଲ୍କି । ଭବିଷ୍ୟବାଣୀ ହେଲା ଯେ କଲ୍କି ଥାର୍ମୋନିଉକ୍ଲିୟାର ବିଜ୍ଞାନ ସାହାଯ୍ୟରେ ମାନବ ସମାଜର ଦୁଃଖ ଦୁର୍ଦ୍ଦଶା ଦୂର କରିବେ ।

# ଭଗବାନ ମହାବୀର

ଭଗବାନ ମହାବୀର ଥିଲେ ବୈଶାଳୀର ପ୍ରଭାବଶାଳୀ କ୍ଷତ୍ରିୟ ନେତା ସିଦ୍ଧାର୍ଥଙ୍କ ପୁତ୍ର । ସେ ୫୯୯ ଖ୍ରୀଷ୍ଟପୂର୍ବ ମାର୍ଚ୍ଚ ୩୦ ତାରିଖରେ ଜନ୍ମଗ୍ରହଣ କରିଥିଲେ । ଭଗବାନ ମହାବୀରଙ୍କର ସବୁକିଛି ଥିଲା । ସେ ପ୍ରଚୁର ପାର୍ଥିବ ସମ୍ପଦ, ଜଣେ ସୁନ୍ଦରୀ ସ୍ତ୍ରୀ, ଏକ ସମ୍ଭ୍ରାନ୍ତ ପରିବାରର ଉପଭୋକ୍ତା ଥିଲେ । ସେ ବେଦର ପୁନର୍ଜନ୍ମ ସମର୍ଥନ କରୁଥିଲେ କିନ୍ତୁ ଯଜ୍ଞୀୟ ଧର୍ମାନୁଷ୍ଠାନର ବିରୁଦ୍ଧ ମନୋଭାବାପନ୍ନ ଥିଲେ । ମାନବ ଅସ୍ତିତ୍ୱର ସତ୍ୟତା ଅନୁସନ୍ଧାନ କରୁଥିଲେ, ତାଙ୍କର ସମସ୍ତ ପାର୍ଥିବ ସୁଖସୁବିଧା ଓ ପାରିବାରିକ ଜୀବନଯାତ୍ରା ପରିତ୍ୟାଗ କରିଥିଲେ ।

ଭଗବାନ ମହାବୀର ତାଙ୍କର ଶିଷ୍ୟମାନଙ୍କୁ ଶିକ୍ଷା ଦେଇଥିଲେ ଯେ ଅଖଣ୍ଡ ଆନନ୍ଦ ହିଁ ମଣିଷକୁ ମୁକ୍ତି ଦେଇପାରେ । ମୁକ୍ତି ଆସେ ସତ୍ ଚିନ୍ତା, ସତ୍ ଜୀବନଯାପନ, ଅକପଟ ବିଶ୍ୱାସ ମାଧ୍ୟମରେ । ସେ ଏହି ତିନିକୁ ତ୍ରିରତ୍ନ କହୁଥିଲେ ।

ଭଗବାନ ମହାବୀର ପାର୍ଶ୍ୱନାଥ ତୀର୍ଥଙ୍କରଙ୍କ ଅନୁସରଣକାରୀ ଥିଲେ । ତୀର୍ଥଙ୍କର ଥିଲେ ଜୈନଧର୍ମର ପ୍ରତିଷ୍ଠାତା । ଭଗବାନ ମହାବୀର ଜଣେ ବିପ୍ଳବୀ ଥିଲେ । ବୈଦିକ ଧର୍ମାନୁଷ୍ଠାନ ଓ ପଶୁହତ୍ୟା ତାଙ୍କ ପାଇଁ ଅତ୍ୟଧିକ ବେଦନାଦାୟକ ଥିଲା । ସେ ଜାତିଭେଦ ପ୍ରଥାର ବିରୁଦ୍ଧରେ ପ୍ରତିବାଦ କରିଥିଲେ, କହିଥିଲେ ବ୍ରାହ୍ମଣମାନଙ୍କର ଅବଦାନ ପାଇଁ ତାଙ୍କୁ ସର୍ବଶ୍ରେଷ୍ଠ ହିସାବରେ ସ୍ୱୀକୃତି ଦେବାର ପ୍ରୟୋଜନ ନାହିଁ । ସେ ଦେଖାଇଥିଲେ ଯେ ବୈଶ୍ୟ ଅର୍ଥାତ୍ ବ୍ୟାବସାୟିକ ଶ୍ରେଣୀର ବ୍ୟକ୍ତିମାନଙ୍କର ଅବଦାନ ତୁଳନାତ୍ମକ ଭାବରେ ଧର୍ମାନୁଷ୍ଠାନକାରୀ ପୁରୋହିତ ବ୍ରାହ୍ମଣମାନଙ୍କ ଅବଦାନ ଠାରୁ ଅଧିକ । ବ୍ୟାବସାୟିକ ସମାଜ ମହାବୀରଙ୍କୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଲେ ଓ ବିରାଟ ସଂଖ୍ୟାରେ ତାହାଙ୍କୁ ଅନୁସରଣ କରିବାକୁ ଲାଗିଲେ ଏବଂ ସେମାନେ ନିଜକୁ ଜୈନ ବୋଲି କହିବାକୁ ଲାଗିଲେ ।

ଜୈନମାନଙ୍କର ଚାରୋଟି ପ୍ରଧାନ ମୌଳିକ ନୀତି ହେଲା : (୧) କାହାର ଅନିଷ୍ଟ ନ କରିବା, (୨) ସତ୍ ଜୀବନଯାପନ, (୩) ଚୋରି ନ କରିବା, (୪) ଅନ୍ୟର ସମ୍ପଦକୁ ଲୋଭ ନ କରିବା । ଭଗବାନ ମହାବୀର ପଞ୍ଚମ ନୀତି ଯୁକ୍ତ କଲେ, ତାହା ହେଉଛି ବ୍ରହ୍ମଚର୍ଯ୍ୟ । ସେ 'ପୂର୍ବ' ନାମିତ ଏକ ପବିତ୍ର ଓ ଦରକାରୀ ପୁସ୍ତକ ରଚନା କଲେ । ଏହି ଗ୍ରନ୍ଥରେ ବାରଟି ଅଧ୍ୟାୟ ଅଛି ଯାହା 'ଦ୍ୱାଦଶ ଅଙ୍ଗ' ନାମରେ ବିଦିତ ଏବଂ ଭଗବାନ ମହାବୀରଙ୍କ ଅନୁଗାମୀମାନେ ଉକ୍ତ ଗ୍ରନ୍ଥକୁ ତାଙ୍କର ପଥପ୍ରଦର୍ଶକ, ପରିଚାଳକ ମନେକରୁଥିଲେ । 'ଜୈନ କଳ୍ପସୂତ୍ର' ଏବଂ 'ଜୈନ ଭଗବଳୀ ସୂତ୍ର' ଏହି ଦୁଇଟି ଅନ୍ୟତମ ଦରକାରୀ ଗ୍ରନ୍ଥ ଯାହା ମାଧ୍ୟମରେ ଭଗବାନ ମହାବୀରଙ୍କ ଦର୍ଶନ ଜାଣିହେବ । ଜୈନମାନେ ନିଷ୍ଠାପର ନିରାମିଷାଶୀ ଅଟନ୍ତି ।

## ଶ୍ରୀ ଶଙ୍କର (ଶଙ୍କରାଚାର୍ଯ୍ୟ)

ଶ୍ରୀ ଶଙ୍କର ସର୍ବକାଳୀନ ଶ୍ରେଷ୍ଠତମ ଦାର୍ଶନିକ ଏବଂ ଜଣେ ମହତ୍ତମ ହିନ୍ଦୁ ତାହାଙ୍କ କାଳରେ । ସେ କେରଳର କଳାଡ଼ିରେ (ଉପଦ୍ୱୀପର ପଶ୍ଚିମ ତୀରବର୍ତ୍ତୀ) ୭୮୮ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ।

ସେ ବାଲ୍ୟାବସ୍ଥାରେ ବୈଦିକ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବାକୁ ଆରମ୍ଭ କଲେ । ତାଙ୍କର ଉର୍ବର ମସ୍ତିଷ୍କ ପବିତ୍ର ବୈଦିକ ଜ୍ଞାନ-ସାଗରର ଗଭୀରରେ ପ୍ରବେଶ କରି ସୂକ୍ଷ୍ମ ଦର୍ଶନର ପ୍ରକୃତ ସଂଜ୍ଞା ଓ ନିର୍ଭୁଲ ବିଶ୍ଳେଷଣ ସେ ତାଙ୍କର ତୀକ୍ଷ୍ଣବୁଦ୍ଧି ଅନୁସନ୍ଧାନ କଲେ । ନିମ୍ନ ମାନସିକତାର ଦୁଷ୍ଟବୁଦ୍ଧି ଲୋକଙ୍କ ଦ୍ୱାରା ତାଙ୍କର ମନ କଳୁଷିତ କରିବା ପୂର୍ବରୁ ସେ ପୃଥିବୀ ତ୍ୟାଗ କଲେ । ତାଙ୍କ ଦର୍ଶନରେ ଏକେଶ୍ୱରବାଦକୁ ଅନ୍ତର୍ଭୁକ୍ତ କରିଥିଲେ । ଈଶ୍ୱର

ଉପଲବ୍ଧିରେ ଜୀବନ ଉତ୍ସର୍ଗ କରି ଜଗତକୁ ପୁଣି ତାହାର ନିର୍ମଳ ମୌଳିକ ସ୍ଥାନକୁ ଫେରାଇ ଆଣିଥିଲେ ।

ଶଙ୍କରାଚାର୍ଯ୍ୟ ତାଙ୍କ ମାଆଙ୍କୁ କଥା ଦେଇଥିଲେ ଯେ ମାଆଙ୍କ ଶେଷ ମୁହୂର୍ତ୍ତ ସମୟରେ ସେ ତାଙ୍କ ଶଯ୍ୟା ପାର୍ଶ୍ୱରେ ଉପସ୍ଥିତ ରହିବେ । ଏହି ନିର୍ଲିପ୍ତ ସଂସାରତ୍ୟାଗୀ ସନ୍ନ୍ୟାସୀ ଉପଯୁକ୍ତ ଗୁରୁଙ୍କ ଅନ୍ୱେଷଣରେ ବାହାରିଲେ ଯିଏ ତାଙ୍କୁ ସନ୍ନ୍ୟାସର ରହସ୍ୟ ମଧ୍ୟରେ ପ୍ରାଥମିକ ଭାବରେ ପ୍ରବେଶ କରାଇଦେଇ ପାରିବେ ଏବଂ ଈଶ୍ୱର ପ୍ରାପ୍ତିର ପଥ ପ୍ରଦର୍ଶନ କରାଇପାରିବେ । ନର୍ମଦା ନଦୀ କୂଳରେ ଓଁକାରନାଥ ଠାରେ ଗୋବିନ୍ଦ ଭାଗବତପଦ ମଧ୍ୟରେ ସେ ଗୁରୁଙ୍କୁ ଖୋଜି ପାଇଲେ । ଶଙ୍କର ତାଙ୍କ ନିକଟରେ ରହି ପରମ ସତ୍ୟର ସମସ୍ତ ଦିଗ ଆବିଷ୍କାର ପାଇଁ ଅନୁସନ୍ଧାନ ଚଳାଇଲେ ନିଜକୁ ସର୍ବଦା ବିଜ୍ଞ ନିକଟରେ ବିନମ୍ର ରଖି । ଶିକ୍ଷା ଶେଷରେ ଗୁରୁଙ୍କ ଆଦେଶ ହେଲା ଅଦ୍ୱୈତବାଦୀ ଓ ଦ୍ୱୈତବାଦୀଙ୍କ ଆଲୋଚନା ସଭାରେ ଅବତୀର୍ଣ୍ଣ ହୋଇ ତର୍କ ଯୁଦ୍ଧରେ ଅଦ୍ୱୈତ ବେଦାନ୍ତକୁ ପ୍ରତିଷ୍ଠିତ କରିବା ପାଇଁ । ମେଧାବୀ କିଶୋର ପ୍ରାଚୀନ ବୈଦିକ ଧର୍ମ ଓ ଚର୍ଚ୍ଚାର ସ୍ଥାନ ବାରାଣସୀକୁ ଗଲେ ଓ ବେଦାନ୍ତ ବାଣୀ ଏକେଶ୍ୱରବାଦ ପ୍ରଚାର କରିବାକୁ ଲାଗିଲେ । ବହୁ ବାଧା ଓ ସମସ୍ୟାର ସମ୍ମୁଖୀନ ହେଲେ ବିଦ୍ୱାନ ତାର୍କିକ ମାନଙ୍କର ବହୁ ବୁଦ୍ଧିଦୀପ୍ତ କପୋଳକଳ୍ପିତ ପ୍ରଶ୍ନ ଓ ଧାରଣା ନିକଟରେ । ଶଙ୍କର ସମସ୍ତ ଅବାନ୍ତର ପ୍ରଶ୍ନ ଓ ଧାରଣାକୁ ଏଡ଼ିଯାଇ ତାଙ୍କ ନିଜସ୍ୱ ସିଦ୍ଧାନ୍ତକୁ ପ୍ରତିଷ୍ଠିତ କଲେ । ଏଠାରେ ପ୍ରଥମ ଚାରି ଜଣ ସନନ୍ଦନ (ପରେ ଜଣାଯାଏ ପଦ୍ମପାଦ)ଙ୍କର ଶିଷ୍ୟ ତାଙ୍କ ସହିତ ଯୋଗ ଦାନ କଲେ ।

ସେହି ବିରାଟ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ବାରାଣସୀରୁ ଚାଲିଲେ ବଦ୍ରିନାଥ, ସଙ୍ଗରେ ତାଙ୍କର ଶିଷ୍ୟମାନେ । ପ୍ରଚାର କରି ଚାଲିଲେ ତାଙ୍କର ଦର୍ଶନ । ସେ ତୀର୍ଥ ଦର୍ଶନ କରିବା ପାଇଁ ବାହାରିଲେ ବିଭିନ୍ନ ସ୍ଥାନକୁ । ସେଥିରୁ ପ୍ରଧାନ ପ୍ରଧାନ ତୀର୍ଥ ହେଲା ପ୍ରୟାଗ, ହରଦ୍ୱାର, ହୃଷୀକେଶ, ଶ୍ରୀନଗର, ରୁଦ୍ରପ୍ରୟାଗ, ନନ୍ଦପ୍ରୟାଗ, କାମରୂପ ଓ ଗୋମୁଖୀ । ରାସ୍ତାରେ ବହୁ ଦେବଦେବୀଙ୍କୁ ପୂଜା କଲେ । ମୂର୍ତ୍ତିଗୁଡ଼ିକୁ ଶ୍ରଦ୍ଧାନିବେଦନ ଦ୍ୱାରା ତାଙ୍କର କୌଣସି କିଛି କ୍ଷତି ହେଲା ନାହିଁ ଜଣେ ନିର୍ଗୁଣ ବ୍ରହ୍ମ (ଈଶ୍ୱର)ବାଦୀଙ୍କ ପକ୍ଷରେ ।

ଶଙ୍କର ଦଶଟି ଉପନିଷଦ ଉପରେ ଭାଷ୍ୟ ଲେଖିଥିଲେ, ଭଗବଦ୍‌ଗୀତା, ବ୍ରହ୍ମସୂତ୍ର ଏବଂ ତାଙ୍କ ମତବାଦକୁ ପ୍ରତିଷ୍ଠିତ କରିଥିଲେ କଠିନ ଭିତ୍ତିଭୂମି ଉପରେ ।

ଶଙ୍କର ଏହା ପରେ ଚାଲିଲେ ସ୍ଥାନରୁ ସ୍ଥାନାନ୍ତରକୁ । ନିଜକୁ ସର୍ବଦା ବ୍ୟସ୍ତ ରଖୁଥାଆନ୍ତି ବିଭିନ୍ନ ଧର୍ମମତର ନେତୃସ୍ଥାନୀୟ ବ୍ୟକ୍ତି, ବିଭିନ୍ନ ଧର୍ମ ସମ୍ପ୍ରଦାୟ ସହିତ ଗଭୀର ଆଲୋଚନା ମଧ୍ୟରେ । ବିଭିନ୍ନ ପ୍ରାଦେଶିକ ଭାଷାରେ ମଧ୍ୟ ସେ ପାରଦର୍ଶୀ ଥିଲେ । ସେ ସମ୍ମୁଖୀନ ହେଉଥିଲେ ଦଳବଦ୍ଧଭାବରେ ବିଭିନ୍ନ ମତବାଦର ଅଳୀକ କପୋଳକଳ୍ପିତ ବକ୍ତାମାନଙ୍କ ସହିତ ବିଭିନ୍ନ ସ୍ଥାନରେ, ସର୍ବତ୍ର ସେ ତାଙ୍କ ମତବାଦକୁ ପ୍ରତିଷ୍ଠିତ କରି ଅନ୍ୟତ୍ର ଗମନ

କରୁଥିଲେ । ସେ ଏହି ଉପମହାଦେଶର ପୂର୍ବରୁ ପଶ୍ଚିମ, ଦକ୍ଷିଣରୁ ଉତ୍ତର ଚାରିଥର ସର୍ବତ୍ର ବୁଲିଛନ୍ତି, ଏବଂ ଚାରୋଟି ପ୍ରଧାନ ସନ୍ନ୍ୟାସୀଙ୍କ ଆଶ୍ରମ ଭାରତର ଚାରୋଟି ପ୍ରଧାନ ସ୍ଥାନରେ ପ୍ରତିଷ୍ଠା କରିଛନ୍ତି ଯଥା ଶ୍ରୀନାଗେଶ୍ୱରୀ ମଠ, ଦକ୍ଷିଣର ଶ୍ରୀନାଗେରୀ ପର୍ବତ ଉପରେ, ପଶ୍ଚିମର ଦ୍ୱାରକାରେ ସାରଦା ମଠ, ଉତ୍ତରରେ ବଦ୍ରିକା ଆଶ୍ରମ ନିକଟସ୍ଥ ଜ୍ୟୋତିର୍ମଠ ଏବଂ ପୂର୍ବର ପୁରୀରେ ଗୋବର୍ଦ୍ଧନ ମଠ ଏବଂ ତାଙ୍କର ଚାରିଜଣ ପ୍ରଧାନ ଶିଷ୍ୟଙ୍କୁ ପ୍ରଧାନ ଧର୍ମଯାଜକ ରୂପେ ଉକ୍ତ ଚାରୋଟି ମଠରେ ନିଯୁକ୍ତ କରିଥିଲେ, ଆଧ୍ୟାତ୍ମିକ ଚେତନା ଉଜ୍ଜୀବିତ କରିବା ପାଇଁ ବିଶେଷ କରି ମଠ (ମନ୍ଦିର) ସହିତ ସଂଯୋଗ ରକ୍ଷାକାରୀ ସାଧୁ, ସଜ୍ଜନ, ସନ୍ନ୍ୟାସୀମାନଙ୍କ ମଧ୍ୟରେ ଏବଂ ପ୍ରତ୍ୟେକ ମଠକୁ (ମନ୍ଦିର) ଏକ ଏକ ବେଦ ଦେଇଥିଲେ । ଋଗ୍‌ବେଦ ଦେଇଥିଲେ ଗୋବର୍ଦ୍ଧନ ମଠକୁ, ଯଜୁର୍ବେଦ ଶ୍ରୀନାଗେରୀ ମଠକୁ, ସାମବେଦ ସାରଦା ମଠକୁ ଏବଂ ଅଥର୍ବ ବେଦ ଦେଇଥିଲେ ଜ୍ୟୋତିର୍ମଠକୁ ।

ପୂର୍ବରୁ ବହୁ ଘୃଣ୍ୟ ଧର୍ମୀୟ ପଦ୍ଧତି ଭାରତୀୟ ସମାଜକୁ ଦୂଷିତ କରୁଥିଲା ଏବଂ ମନ୍ଦିରଗୁଡ଼ିକ ଅସାଧୁ ପୁରୋହିତ ଗୋଷ୍ଠୀ କବଳିତ ହୋଇପଡ଼ିଥିଲା । ପୁରୋହିତମାନେ ପାଣି ଛିଞ୍ଚି ଭୟାବହ ପଦ୍ଧତିରେ ପୂଜା କରୁଥିଲେ । ସେମାନେ ମନ୍ଦିରରେ ପଶୁବଳି ଦେଉଥିଲେ । ତାଙ୍କର ଧର୍ମଶାସ୍ତ୍ରର ପ୍ରମାଣ ଓ ପ୍ରାଦେଶିକ ଭାଷାର ଦକ୍ଷତା ସାହାଯ୍ୟରେ ପ୍ରମାଣିତ କଲେ ଯେ ଏହି ସମସ୍ତ କାର୍ଯ୍ୟ ବେଦର ବିରୋଧୀ । ସେ ଏ ସମସ୍ତ ଅସାଧୁ କାର୍ଯ୍ୟକଳାପକୁ ପରିବର୍ତ୍ତନ କଲେ ସେମାନଙ୍କ ମଧ୍ୟରେ ଏକ ଈଶ୍ୱରଙ୍କ ପୂଜାର ଆଦର୍ଶମୂଳକ ନୀତି-ନିୟମ ପାଳନ କରିବାର ମାନସିକତା ସୃଷ୍ଟି କରି । ସେ ନିଶ୍ଚିତ ରୂପରେ ପ୍ରମାଣ କରିପାରିଥିଲେ ଯେ, ମୂର୍ତ୍ତି ପୂଜାର କଳ୍ପନା କରାଯାଇଥିଲା କେବଳ ଈଶ୍ୱର ପ୍ରେରିତ ଦୂତମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ । କିନ୍ତୁ ସବୁଠାରୁ ଭଲ ଫଳପ୍ରାପ୍ତି ହୁଏ ଈଶ୍ୱରଙ୍କୁ ପ୍ରାର୍ଥନା କଲେ ।

ମାଆଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ସନ୍ନ୍ୟାସୀମାନଙ୍କର ନୀତି-ନିୟମ ଓ ଆଇନକୁ ଜୟ କରି ପାରିଥିଲା । ମାଆଙ୍କ ମୃତ୍ୟୁ ପରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ତାଙ୍କର ଆତ୍ମୀୟ କୁଟୁମ୍ବଙ୍କ ତୀବ୍ର ବାଧା ନିଷେଧ ଅମାନ୍ୟ କରି କରିଥିଲେ । ସେହି ସମୟରେ ପିତା ମାତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ କରିବାକୁ ସନ୍ନ୍ୟାସୀମାନଙ୍କ ନିୟମନୀତି ବା ତାଙ୍କର ଆଇନର ଅନୁମତି ନ ଥିଲା ।

କେଦାରନାଥଠାରେ ହିମାଳୟର ପବିତ୍ର କ୍ରୋଡ଼ରେ ବତ୍ରିଶ ବର୍ଷ ବୟସରେ ଶଙ୍କରାଚାର୍ଯ୍ୟ ଦେହତ୍ୟାଗ କରିଥିଲେ ।

# ହିନ୍ଦୁ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ଓ ତାଙ୍କର ଦର୍ଶନ

ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ୧୮୬୩ ଖ୍ରୀଷ୍ଟାବ୍ଦର ଜାନୁଆରୀ ୧୨ ତାରିଖରେ । ସେ କହିଛନ୍ତି, ''ଉପନିଷଦର ପ୍ରତି ପୃଷ୍ଠାରେ ମୋତେ ଯେଉଁ କଥା କୁହାଯାଇଛି ତାହା ହେଲା ସାହସ । ଏହିଟା ସବୁଠାରୁ ବେଶୀ ମନେ ରଖିବା କଥା । ମୋ ଜୀବନରେ ଏହି ଏକ ବଡ଼ ଶିକ୍ଷା ମୁଁ ନେଇଛି । ହେ ମାନବ ! ବୀର୍ଯ୍ୟବାନ ହୁଅ, ଦୁର୍ବଳ ହୁଅ ନାହିଁ ।

ସ୍ୱାମୀ ବିବେକାନନ୍ଦ ବୈଦିକ ହିନ୍ଦୁତ୍ୱକୁ ଗ୍ରହଣ କରି ନେଇଥିଲେ । ସେ କହିଛନ୍ତି, '' ଜାତି ହିସାବରେ ଆମେ ଯାହାକିଛି ପାଇଛୁ, ସେ ସମସ୍ତ ଆମକୁ ଦୁର୍ବଳ କରିଛି ।'' ମନେ ହୁଏ ସେହି ସମୟରେ ଜାତୀୟ ଜୀବନର ଉଦ୍ଦେଶ୍ୟ ଥିଲା ଗୋଟିଏ ମାତ୍ର, କିପରି ଭାବରେ ଆମକୁ ଦୁର୍ବଳରୁ ଦୁର୍ବଳତର କରାଯାଏ । ଶେଷ ପର୍ଯ୍ୟନ୍ତ ଆମେ କୋଚିଆରେ ପରିଣତ ହୋଇଛୁ, ଯେକେହି ଆମକୁ ତରବାରି ଦେଖାଇ ପଦାନତ କରିଛି ତାହାର ପାଦ ତଳେ ରହିବା ପାଇଁ ।

ମୁଁ ଯାହା ଚାହେଁ ତାହା ହେଲା ଲୌହ ନିର୍ମିତ ପେଶୀ ଏବଂ ସ୍ୱାସ୍ଥ୍ୟ । ଶକ୍ତଧାତୁରେ ନିର୍ମିତ ମନ । ପୌରୁଷକୁ ପୂଜା କର ।

ସମସ୍ତ ଶକ୍ତି ତୁମ ମଧ୍ୟରେ ଅଛି । ତୁମେ ସବୁକିଛି କରିପାର, ଏହା ବିଶ୍ୱାସ କର । ଭାବ ନାହିଁ ତୁମେ ଦୁର୍ବଳ । ତୁମର ଯାହା ଇଚ୍ଛା ତାହା ହିଁ ତୁମେ କରିପାର, କାହାରି ନିର୍ଦ୍ଦେଶ ବ୍ୟତୀତ । ଉଠି ଛିଡ଼ା ହୋଇ ତୁମର ଭିତରର ଦେବତ୍ୱକୁ ପ୍ରକାଶ କର ।

ତୁମର ଦେଶ ଚାହେଁ ବୀର ହୁଅ । ପାହାଡ଼ ଭଳି ଦୃଢ଼ ହୁଅ । ସତ୍ୟ ସର୍ବଦା ଜୟୀ ହୁଏ । ଦେଶର ଲୋକ ଯାହା ଚାହେଁ ତାହା ହେଲା ଜାତିର ଧମନୀରେ ବିଦ୍ୟୁତ୍ ପ୍ରବାହ, ଦେଶ ମଧ୍ୟରେ ପ୍ରାଣଶକ୍ତି ଜାଗରିତ କରିବାକୁ ହେବ । ସାହସୀ ହୁଅ, ମୃତ୍ୟୁ ଥରେମାତ୍ର ଆସେ । ହିନ୍ଦୁମାନେ ଭୀରୁ ହେଲେ ଚଳିବ ନାହିଁ । ଭୀରୁତାକୁ ମୁଁ ଘୃଣା କରେ । ମନରେ ଗଭୀର ଶାନ୍ତି ଧରି ରଖ । ତୁମ ବିରୁଦ୍ଧରେ ବାଳଖିଲ୍ୟମାନେ କ'ଣ କହିଲେ ସେହି ଦିଗରେ ଭ୍ରୂକ୍ଷେପ କର ନାହିଁ । ଅଗ୍ରାହ୍ୟ କର, ଅଗ୍ରାହ୍ୟ କର, ଅଗ୍ରାହ୍ୟ କର । ସମସ୍ତ ବଡ଼ କୀର୍ତ୍ତି ସ୍ଥାପିତ ହୋଇଛି ବିଶାଳ ବିଶାଳ ବାଧା ଅତିକ୍ରମ କରି । ପୁରୁଷବ୍ୟାଘ୍ର ଭଳି ଚେଷ୍ଟା କର ।

ବନ୍ଧୁ କ୍ରନ୍ଦନ କରୁଛ କାହିଁକି ? ସମସ୍ତ ଶକ୍ତି ତୁମ ମଧ୍ୟରେ ଅଛି । ତୁମର ସର୍ବଶକ୍ତିମାନ ସ୍ୱଭାବକୁ ଜାଗ୍ରତ କର । ତାହା ହେଲେ ସମଗ୍ର ବିଶ୍ୱ ତୁମର ପାଦତଳେ ଲୋଟିପଡ଼ିବ ।

ମୂର୍ଖମାନେ କାତର ସ୍ୱରରେ କହନ୍ତି, 'ଦୁର୍ବଳ, ଆମେ ଦୁର୍ବଳ' । ଜାତି ଚାହେଁ କାର୍ଯ୍ୟ ଓ ବୈଜ୍ଞାନିକ ପ୍ରତିଭା । ଆମର ପ୍ରୟୋଜନ ମହତ ଆତ୍ମା, ପ୍ରବଳ ଶକ୍ତି ଏବଂ ଅସୀମ ଉତ୍ସାହ । ଉଦ୍ୟୋଗୀ ପୁରୁଷସିଂହର ହିଁ ଲକ୍ଷ୍ମୀ ଲାଭ ହୁଏ । ପଛକୁ ଚାହିଁବାର ପ୍ରୟୋଜନ ନାହିଁ, ଆମେ ଚାହୁଁ ଅସୀମ ପ୍ରାଣଶକ୍ତି, ଅସୀମ ଉତ୍ସାହ ଓ ଅସୀମ ସାହସ ଏବଂ ଧୈର୍ଯ୍ୟ । ଏକମାତ୍ର ତାହାହିଁ ହେଲେ ବଡ଼ କିଛି ସାଧିତ ହେବ ।

ବେଦ କୌଣସି ପାପ ସ୍ୱୀକାର କରେ ନାହିଁ, ଏକମାତ୍ର ଭୁଲ ସ୍ୱୀକାର କରେ । ବେଦ ମତରେ ସବୁଠାରୁ ବଡ଼ ଭୁଲ ଏହିକଥା କହିବା ଯେ, ତୁମେ ଦୁର୍ବଳ, ତୁମେ ପାପୀ, ଏକ ହତଭାଗ୍ୟ ଜୀବ, ତୁମର କୌଣସି ଶକ୍ତି ନାହିଁ, ତୁମେ ଏହି କାର୍ଯ୍ୟ କିମ୍ବା ସେହି କାର୍ଯ୍ୟ କରି ପାର ନାହିଁ ।

ଶକ୍ତି ହିଁ ଜୀବନ, ଦୁର୍ବଳତା ମୃତ୍ୟୁ, ଶକ୍ତି ସୁଖ, ଜୀବନ ଅନନ୍ତ ମୃତ୍ୟୁହୀନ । ଦୁର୍ବଳତା ସର୍ବକ୍ଷଣର କଷ୍ଟଭୋଗ । ସଦର୍ଥକ ମନୋଭାବାପନ୍ନ ହୁଅ, ଶକ୍ତିଶାଳୀ ହୁଅ । ଶୈଶବର ଏମିତି ସବୁ ଚିନ୍ତା ତୁମ ମସ୍ତିଷ୍କରେ ପ୍ରବେଶ କରୁ ଯେଉଁ ଚିନ୍ତା ସହାୟତାକାରୀ । ଦୁର୍ବଳତା ହିଁ ଦୁଃଖ ଭୋଗର ଏକମାତ୍ର କାରଣ । ଆମେ ଦୁଃଖ ଭୋଗ କରୁ, କାରଣ ଆମେ ଦୁର୍ବଳ । ଆମେ ମିଛ କହୁ, ଚୋରି କରୁ, ହତ୍ୟା କରୁ, ଅନ୍ୟାନ୍ୟ ଅପରାଧ କରୁ, ତାହାର କାରଣ ଆମେ ଦୁର୍ବଳ, ଆମେ ଯନ୍ତ୍ରଣା ପାଉ, କାରଣ ଆମେ ଦୁର୍ବଳ, ଆମର ମୃତ୍ୟୁ ହୁଏ କାରଣ ଆମେ ଦୁର୍ବଳ । ଯେଉଁଠି ଦୁର୍ବଳତାର କାରଣ ନାହିଁ, ସେଠାରେ ମୃତ୍ୟୁ ନାହିଁ, ଦୁଃଖ ନାହିଁ, ଏକମାତ୍ର ପ୍ରୟୋଜନ ଶକ୍ତି । ବିଦ୍ୱାନ ଅତ୍ୟାଚାରିତ ଅଜ୍ଞ ବ୍ୟକ୍ତିର ଔଷଧ ଶକ୍ତି । ଉଠି ଛିଡ଼ା ହୁଅ । ସାହସୀ ହୁଅ, ଶକ୍ତିମାନ ହୁଅ, ସମ୍ପୂର୍ଣ୍ଣ ଦାୟିତ୍ୱ ନିଜ କାନ୍ଧରେ ନିଅ ଏବଂ ଜାଣ ଯେ ତୁମେ ତୁମର ଭାଗ୍ୟର ନିଅନ୍ତା । ଯେତେ ଶକ୍ତି ଯେତେ ସହାୟତା ଆମର ପ୍ରୟୋଜନ ସବୁ ତୁମ ନିଜ ମଧ୍ୟରେ ଅଛି । ଅତଏବ ନିଜର ଭବିଷ୍ୟତ ନିଜେ ଗଠନ କର ।

ସାରାକ୍ଷଣ ଯଦି ଆମେ ମନେକରୁ ଯେ ଆମେ ବ୍ୟାଧିଗ୍ରସ୍ତ, ବ୍ୟାଧି ଦୂର ହେବ ନାହିଁ । ଦୁର୍ବଳତାର କଥା ମନେକରିଦେଲେ ବିଶେଷ ସହାୟତା ହୁଏ ନାହିଁ, ସାରାକ୍ଷଣ ଦୁର୍ବଳତାର କଥା ଭାବିଲେ ଶକ୍ତି ଆସେ ନାହିଁ, ଦୁର୍ବଳତାର କଥା ଚିନ୍ତା କଲେ ଦୁର୍ବଳତାର ଅବସାନ ହୁଏ ନାହିଁ, ଶକ୍ତି ନେଇ ଚିନ୍ତା କଲେ ଦୁର୍ବଳତାର ଅବସାନ ହୁଏ ।

ଏହି ଜଗତରେ ଏବଂ ଧର୍ମ ଜଗତରେ ଏହା ହିଁ ସତ୍ୟ । ଭୟ ଅଧୋପତନର ଏବଂ ପାପର ନିଶ୍ଚିତ କାରଣ । ଭୟ ହିଁ ଦୁଃଖକୁ ଡାକିଆଣେ । ଭୟ ହିଁ ମୃତ୍ୟୁକୁ ଡାକିଆଣେ, ଭୟ ହିଁ ଅଶୁଭର ଜନ୍ମ ଦିଏ ।

ଭୟ କେଉଁଠୁ ଆସେ ? ଆମର ସ୍ୱଭାବ ଓ ଅଜ୍ଞତାରୁ । ଆମେ ପ୍ରତ୍ୟେକେ

ରାଜାଧିରାଜ ଅର୍ଥାତ୍ ଈଶ୍ୱରଙ୍କ ଯୁବରାଜ । ଜାଣିରଖ, ସମସ୍ତ ପାପ, ସମସ୍ତ ଅଶୁଭକୁ ଏକ କଥାରେ କୁହାଯାଏ ଦୁର୍ବଳତା । ସମସ୍ତ ମନ୍ଦ କାର୍ଯ୍ୟ ପଛରେ ଶକ୍ତି ଯୋଗାଉଛି ଦୁର୍ବଳତା । ସମସ୍ତ ସ୍ୱାର୍ଥପରତାର ଉତ୍ସ ଦୁର୍ବଳତା । ଦୁର୍ବଳତା କାରଣରୁ ମଣିଷ ମଣିଷକୁ ଆଘାତ କରେ, ଦୁର୍ବଳତା କାରଣରୁ ମଣିଷ ଯାହା ନୁହେଁ ନିଜକୁ ସେହି ଭାବରେ ଦେଖାଏ ।

ଆମର ଜନସାଧାରଣଙ୍କର ବର୍ତ୍ତମାନ ପ୍ରୟୋଜନ ଲୁହାର ପେଶୀ, ଇସ୍ପାତର ସ୍ନାୟୁ, ପ୍ରଚଣ୍ଡ ଇଚ୍ଛାଶକ୍ତି, ଯାହାକୁ କୌଣସିମତେ ପ୍ରତିରୋଧ କରାଯାଇ ପାରିବ ନାହିଁ । ଯାହା ବିଶ୍ୱର ରହସ୍ୟ ଭେଦ କରି ନିଜ ନିଜର ଉଦ୍ଦେଶ୍ୟ ସାଧନ କରିପାରେ ଯେକୌଣସି ଭାବରେ ହେଉ, ତାହା ପାଇଁ ଯଦି ସାଗର ତଳକୁ ଯିବାକୁ ହୁଏ, ମୃତ୍ୟୁର ସମ୍ମୁଖୀନ ହେବାକୁ ହୁଏ, ତଥାପି ।

ଆମେ ବହୁଦିନ କ୍ରନ୍ଦନ କରିଛୁ, ବର୍ତ୍ତମାନ ନିଜ ଗୋଡ଼ରେ ଛିଡ଼ା ହୁଅ, ମଣିଷ ହୁଅ । ଆମର ପ୍ରୟୋଜନ ଏମିତି ଧର୍ମ ଯାହା ମଣିଷ ତିଆରି କରେ । ଆମର ପ୍ରୟୋଜନ ଏମିତି ତତ୍ତ୍ୱ ଯାହା ମଣିଷ ତିଆରି କରେ । ଆମର ଏମିତି ସର୍ବାଙ୍ଗୀନ ଶିକ୍ଷା ପ୍ରୟୋଜନ ଯାହା ମଣିଷ ତିଆରି କରେ ଏବଂ ଏହିଠାରେ ହିଁ ସତ୍ୟର ପରୀକ୍ଷା ଯାହାକିଛି ତୁମକୁ ଶାରୀରିକ ଭାବରେ ବୁଦ୍ଧିବୃତ୍ତି ଆତ୍ମିକ ଶକ୍ତିକୁ ଦୁର୍ବଳ କରେ ତାହାକୁ ଖାରିଜ କର । ଯେଉଁଥିରେ ପ୍ରାଣ ନାହିଁ ତାହା ସତ୍ୟ ହୋଇପାରେ ନାହିଁ । ସତ୍ୟ ଶକ୍ତି ଦିଏ, ସତ୍ୟ ପରିତ୍ରାଣ, ସତ୍ୟ ସକଳ ଜ୍ଞାନ । ସତ୍ୟ ଅବଶ୍ୟ ହିଁ ଶକ୍ତିଦାତା, ଆଲୋକଦାତା ।

ଆମେ ଶୁଆପକ୍ଷୀ ଭଳି ଅନେକ କଥା କହୁ, କିନ୍ତୁ କାର୍ଯ୍ୟ କରୁ ନାହୁଁ । କଥା କହିବା କିନ୍ତୁ କାର୍ଯ୍ୟ ନ କରିବା ଆମର ସ୍ୱଭାବରେ ପରିଣତ ହୋଇଛି । ତାହାର କାରଣ କଅଣ ? ଶାରୀରିକ ଦୁର୍ବଳତା । ଏପରି ଦୁର୍ବଳ ମସ୍ତିଷ୍କ କୌଣସି କାର୍ଯ୍ୟ କରିପାରେ ନାହିଁ । ମସ୍ତିଷ୍କର ଶକ୍ତି ଆମକୁ ବଢ଼ାଇବାକୁ ହେବ । ସର୍ବପ୍ରଥମ ଆମର ଯୁବକମାନଙ୍କୁ ସବଳ ହେବାକୁ ହେବ । ଧର୍ମ ଆସିବ ତାହା ପରେ, କୃଷ୍ଣଙ୍କ ବିଶାଳ ପ୍ରତିଭା ଓ ବିଶାଳ ଶକ୍ତି ତୁମ୍ଭେମାନେ ସେତେବେଳେ ଉପଲବ୍ଧି କରିପାରିବ ଯେତେବେଳେ ତୁମ୍ଭମାନଙ୍କ ଧମନୀରେ ଶକ୍ତିଶାଳୀ ରକ୍ତ ପ୍ରବାହିତ ହେବ । ତୁମ୍ଭେମାନେ ଉପନିଷଦ ଏବଂ ଆତ୍ମାର ମହିମା ଆହୁରି ଭଲକରି ବୁଝିପାରିବ, ଯେବେ ତୁମ୍ଭମାନଙ୍କର ଶରୀର ତୁମ୍ଭମାନଙ୍କ ଗୋଡ଼ରେ ଶକ୍ତ ହୋଇ ଛିଡ଼ା ହୋଇ ପାରିବ ଏବଂ ତୁମ୍ଭେମାନେ ଅନୁଭବ କରିବ ଯେ ତୁମ୍ଭେମାନେ ମଣିଷ ।

ନୀତିପରାୟଣ ହୁଅ, ସାହସୀ ହୁଅ, ସର୍ବାନ୍ତଃକରଣରେ କଠୋର ଭାବରେ ନୀତି-ପରାୟଣ ହୁଅ, ବେପରୋଆ ହୁଅ । କାପୁରୁଷମାନେ ପାପ କରନ୍ତି, ସାହସୀମାନେ

କେବେହେଲେ ନୁହେଁ । ପ୍ରତ୍ୟେକଙ୍କୁ ସମସ୍ତଙ୍କୁ, ଭଲପାଇବାକୁ ଚେଷ୍ଟା କର ।

ଉଠି ଛିଡ଼ା ହୁଅ, ଜୁଆଳୀରେ କାନ୍ଧ ଦିଅ । ଜୀବନ କେତେ ଦିନର ? ଥରେ ଯେବେ ପୃଥିବୀକୁ ଆସିଛ ଗୋଟାଏ ଚିହ୍ନ ରଖିଯାଅ । ତାହା ନ ହେଲେ ଗଛ ଓ ପଥର ଠାରୁ ତୁମର ପାର୍ଥକ୍ୟ କଅଣ ? ସେମାନେ ମଧ୍ୟ ଜନ୍ମନ୍ତି, ସେମାନେ ମଧ୍ୟ କ୍ଷୟପ୍ରାପ୍ତ ହୁଅନ୍ତି, ମରି ଯାଆନ୍ତି ।

ସାହସୀ ହୁଅ । ମୋର ସନ୍ତାମାନେ ସମସ୍ତଙ୍କ ଉପରେ ସାହସୀ ହେବେ । କୌଣସି କାରଣରୁ ସାମାନ୍ୟତମ ମଧ୍ୟ ରଫା ନୁହେଁ । ସର୍ବୋଚ୍ଚ ସତ୍ୟ ଶିଖାଅ । ସମ୍ମାନ ହରାଇବାର ଭୟ କର ନାହିଁ, ଅପ୍ରିୟ ସଂଘାତ ସୃଷ୍ଟି କରିବାକୁ ଭୟ କର ନାହିଁ । ଜାଣିରଖ, ସତ୍ୟକୁ ତ୍ୟାଗ କରିବାର ପ୍ରଲୋଭନ ସତ୍ତ୍ୱେ ସତ୍ୟର ସେବା କରିବାକୁ ହେବ ।

## ସଂସ୍କୃତ ନାମ/ଶବ୍ଦର ଅର୍ଥ

ଅବତାରବାଦ (ମାନବ ଦେହ ଗ୍ରହଣ) : ହିନ୍ଦୁମାନେ ପୁନର୍ଜନ୍ମ ବିଶ୍ୱାସ କରନ୍ତି । ଜଣେ ପୂର୍ବ ଜନ୍ମର କିଛି ଗୁଣାବଳୀ ନେଇ ପୁଣି ଜନ୍ମଗ୍ରହଣ କରେ । ହିନ୍ଦୁଧର୍ମର ପ୍ରଧାନ ତିନି ଦେବତା ଥିଲେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର । ମହାଲକ୍ଷ୍ମୀ ଥିଲେ ବିଷ୍ଣୁଙ୍କ ସ୍ତ୍ରୀ, ମହେଶ୍ୱରଙ୍କ ସ୍ତ୍ରୀ ଭଗବତୀ ଏବଂ ପୁତ୍ରମାନେ ଥିଲେ କାର୍ତ୍ତିକେୟ ଓ ଗଣେଶ । ବାରମ୍ବାର ମହତ ମଣିଷମାନେ ହିନ୍ଦୁ ସମାଜରେ ଦେବତା ରୂପରେ ଆସିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ପୂର୍ବେ କୌଣସି ଦେବତା ଅଥବା ତାଙ୍କର ପତ୍ନୀଙ୍କ ଅବତାର ବୋଲି ଗଣ୍ୟ କରାହୁଏ । ଯେମିତି ଭଗବାନ ରାମ, ଭଗବାନ କୃଷ୍ଣ, ଭଗବାନ ବେଙ୍କଟେଶ୍ୱର, ଭଗବାନ ବାଲାଜୀଙ୍କୁ ବିଷ୍ଣୁଙ୍କ ଅବତାର ମନେ କରାହୁଏ । ଭଗବାନ ଶିବ, ଭଗବାନ ନଟରାଜ, ଭଗବାନ ସୁବ୍ରମଣିୟମଙ୍କୁ ମହେଶ୍ୱରଙ୍କ ଅବତାର କୁହାଯାଏ । ଦୁର୍ଗା ଓ କାଳୀଙ୍କୁ ଭଗବତୀଙ୍କ ଅବତାର ମନେ କରାହୁଏ ।

ବ୍ରହ୍ମ : ଈଶ୍ୱରଙ୍କ ଅନେକ ନାମରୁ ଗୋଟିଏ ।

ବ୍ରହ୍ମା : ସନାତନ ଧର୍ମର ପ୍ରଥମ ତିନି ପ୍ରବକ୍ତାରୁ ଜଣେ । ସେ ମଧ୍ୟ ଭାରତୀୟ ଥିଲେ ।

ବିଷ୍ଣୁ : ସନାତନ ଧର୍ମର ପ୍ରଥମ ତିନି ପ୍ରବକ୍ତାରୁ ଜଣେ ସେ ଦକ୍ଷିଣ ଭାରତୀୟ ଏବଂ ନାରାୟଣ ବା ଭଗବାନ ବେଙ୍କଟେଶ୍ୱର ନାମରେ ଖ୍ୟାତ ମଧ୍ୟ ।

ବିଷ୍ଣୁ : ଈଶ୍ୱରଙ୍କ ଅନେକ ନାମରୁ ଗୋଟିଏ । ବିଷ୍ଣୁ ଶବ୍ଦର ଉତ୍ପତ୍ତି ସଂସ୍କୃତ ମୂଳ ଶବ୍ଦ 'ବିସ'ରୁ, ଅର୍ଥ ବ୍ୟାପ୍ତ ହେବ । ବିଷ୍ଣୁ ସର୍ବବ୍ୟାପୀ । ଦୁଇ ନାମର ସମତା ପାଇଁ କିଛି ଭ୍ରମ ହୁଏ । 'ବିଷ୍ଣୁ' ମଣିଷ ଥିଲେ । 'ବିଷ୍ଣୁଁ' ଈଶ୍ୱରଙ୍କ ଅନ୍ୟନାମ ।

ଦେବତା : ଦେବତାମାନେ ତ୍ରାଣକର୍ତ୍ତା ବା ଦେବଦୂତ । ଦେବତାମାନେ ମୂଳତଃ ଈଶ୍ୱର ପ୍ରେରିତ ମଣିଷ । ସେମାନେ ପଥ ପ୍ରଦର୍ଶକ ଇତ୍ୟାଦିର କାର୍ଯ୍ୟ କରନ୍ତି । ସେମାନଙ୍କୁ ଲୋକେ ଶ୍ରଦ୍ଧା କରନ୍ତି, ଭଲ ପାଆନ୍ତି । ଯେହେତୁ ସେମାନେ ମଣିଷ ଥିଲେ । ତେଣୁ ତାଙ୍କର କିଛି ସୀମାବଦ୍ଧତା ଥିଲା । ସେମାନଙ୍କର ସମସ୍ତଙ୍କ ଉପରେ ସେତେବେଳର ସାମାଜିକ ସମ୍ପର୍କ, ଭୌଗୋଳିକ, ଐତିହାସିକ ଏବଂ ଜୀବନକାଳର ପ୍ରଭାବ ସବୁ ସମୟରେ ପଡୁଥିଲା । ଅତଏବ ସେମାନଙ୍କର ଅନେକ କାର୍ଯ୍ୟକଳାପ ବିଷୟରେ ଆମର ଆଧୁନିକ ମନରେ ପ୍ରଶ୍ନ ଜାଗରିତ ହୋଇପାରେ । ତେବେ ସେମାନେ ଆମର ପ୍ରଣମ୍ୟ । ସଭ୍ୟତାର ଅଗ୍ରଗତିରେ ସେମାନଙ୍କର ଅବଦାନ ଅନେକ । ସେମାନଙ୍କର ସୁକର୍ମ ଏବଂ ସତ୍‌ପଥ ପ୍ରଦର୍ଶନର ଫଳ ଆମେ ଏବେ ମଧ୍ୟ ପ୍ରତ୍ୟେକ ଦିନ ଭୋଗ କରୁଛୁ ।

ମହେଶ୍ୱର : ସନାତନ ଧର୍ମର ପ୍ରଥମ ତିନି ପ୍ରବକ୍ତାରୁ ଜଣେ । ସେ କାଶ୍ମୀରର ଅଧିବାସୀ ଥିଲେ । ତାଙ୍କର ଆହୁରି ଅନେକ ନାମ ଅଛି, ଯଥା-ଶିବ, ରୁଦ୍ର, ନଟରାଜ, ଭଗବାନ ସୁବ୍ରମଣ୍ୟମ୍ ପ୍ରଭୃତି ।

ବ୍ରହ୍ମଚର୍ଯ୍ୟ : ଆତ୍ମସଂଯମ, କାମ ପ୍ରବୃତ୍ତି ସଂଯମ କରାହୁଏ ପ୍ରଧାନତଃ କୌଣସି ମହତ ଉଦ୍ଦେଶ୍ୟରେ ମନର ଏକାଗ୍ରତା ଅବଲମ୍ବନ କରିବା ପାଇଁ ।

ବେଦ : ସନାତନ ଧର୍ମର ଆଦି ଶାସ୍ତ୍ର, ସତ୍ ଓ ସାଫଲ୍ୟମୟ ଜୀବନଯାପନର ପଥ ନିର୍ଦ୍ଦେଶ କରେ । ଈଶ୍ୱର ଆଦି ଦେବତା ମାନଙ୍କ ମାଧ୍ୟମରେ ମାନବଜାତିକୁ ବେଦ ଦାନ କରିଛନ୍ତି ।

ଗୀତା : ଯେ କୌଣସି ବ୍ୟକ୍ତିର ଦୈନନ୍ଦିନ ଜୀବନ ପାଳନ ପାଇଁ ଭଗବାନ କୃଷ୍ଣଙ୍କ ଉପଦେଶାବଳି ।

ଧର୍ମ : ନୈତିକ ମୂଲ୍ୟବୋଧ, ପ୍ରାତ୍ୟହିକ ଜୀବନରେ ସାଫଲ୍ୟ ଲାଭ ଏବଂ ଆନନ୍ଦମୟ ଜୀବନ ଅନୁସରଣର ପଥକୁ ଧର୍ମ କୁହାଯାଏ । ଧର୍ମ ଶିକ୍ଷା ଦିଏ ଯେ ମାନବ ସମାଜରେ ସର୍ବମୟ ମଙ୍ଗଳ ଏବଂ ନିଜର ମଙ୍ଗଳ କିପରି ପାଳନ କରିବାକୁ ହେବ ଏବଂ ଏହି ଦୁଇ ସତ୍ତା ଏକ ଅନ୍ୟର ପରିପୂରକ ।

ସନାତନ ଧର୍ମ : ମାନବ ସଭ୍ୟତାର ପ୍ରାଚୀନତମ ଧର୍ମ । ପରବର୍ତ୍ତୀ କାଳରେ ତାହାର ନାମ ହୁଏ ହିନ୍ଦୁ ଧର୍ମ ।

ଭଜନ : ଈଶ୍ୱରଙ୍କ ଗୁଣାଗୁଣର ସୁମଧୁର ସଙ୍ଗୀତ ।

ଭୋଜ ଉତ୍ସବ : ପୂର୍ଣ୍ଣିମା ଦିନ ସାରାଦିନ ଉପାସ ରହି ସନ୍ଧ୍ୟାରେ ଚନ୍ଦ୍ରାଲୋକରେ ଧର୍ମୀୟ ସାମାଜିକ ଭୋଜ, ପାଳିକରି ଆତ୍ମୀୟସ୍ୱଜନ, ଶୁଭାକାଙ୍‌କ୍ଷୀ ଓ ବନ୍ଧୁମାନଙ୍କୁ ସମ୍ମିଳିତ କରି ମାସକୁ ଥରେ ଏହି ଭୋଜଉତ୍ସବର ଆୟୋଜନ କରାହୁଏ ।

ଶୂଦ୍ର : କୁଶଳୀ କାରିଗର, ଜୀବିକା ଅର୍ଜନ ପାଇଁ ଦୈହିକ ପରିଶ୍ରମ କରନ୍ତି ।

ବ୍ରାହ୍ମଣ : ଯିଏ ଶିକ୍ଷକତା ଦ୍ୱାରା ଜୀବିକା ନିର୍ବାହ କରନ୍ତି । ପ୍ରାଚୀନ କାଳରେ ବ୍ରାହ୍ମଣମାନେ ହିଁ ଜ୍ଞାନର ଉତ୍ସ ଥିଲେ ଏବଂ ବେଦର ପ୍ରଚାର କରୁଥିଲେ ।

କ୍ଷତ୍ରିୟ : ସାମରିକ ବିଦ୍ୟାରେ ଶିକ୍ଷିତ ଯେଉଁ ବ୍ୟକ୍ତି ଜାତିର ଅଥବା କୌଣସି ସଙ୍ଗଠନର ନିରାପତ୍ତା ବିଧାନ ଦ୍ୱାରା ଜୀବିକା ନିର୍ବାହ କରନ୍ତି ।

ବୈଶ୍ୟ : ଉଦ୍ୟୋଗୀ, ଯିଏ ବ୍ୟବସାୟ ଦ୍ୱାରା ଜୀବିକା ନିର୍ବାହ କରନ୍ତି ।


ମୁନି : ଉଚ୍ଚସ୍ତରୀୟ ସାଧୁ ଯିଏ ଋଷିଙ୍କ ସ୍ୱଚ୍ଛ ଧାରଣା ଅନୁଭବ କରି ପାରନ୍ତି ଏବଂ ପ୍ରକାଶ କରି ପାରନ୍ତି ସହଜ ଭାଷାରେ ସାଧାରଣ ମଣିଷଙ୍କ ମଙ୍ଗଳ ।

ଋଷି : ଅତି ଉଚ୍ଚସ୍ତରୀୟ ସାଧୁ । ଧର୍ମ ପ୍ରବର୍ତ୍ତକ, ଯିଏ ଈଶ୍ୱରଙ୍କ ଦ୍ୱାରା ଅନୁପ୍ରାଣିତ ମନଶ୍ଚକ୍ଷୁରେ ଈଶ୍ୱର ଦର୍ଶନ କରନ୍ତି ଓ ନବତମ ସ୍ୱଚ୍ଛଧାରଣା ଗ୍ରହଣ କରନ୍ତି ।

ଦଳିତ : ଯେଉଁ ବ୍ୟକ୍ତିଙ୍କୁ କୌଣସି ବିଶେଷ ବୃତ୍ତି ଶିକ୍ଷାର ସୁଯୋଗ ସମାଜ କରିଦେଇ ନାହିଁ, ସେଥିପାଇଁ ଅଦକ୍ଷ ଶ୍ରମିକ ହିସାବରେ ସେ ଜୀବିକାର୍ଜନ କରିବାକୁ ବାଧ୍ୟ ହୁଏ, ସେହି ହିଁ ଦଳିତ ହିସାବରେ ସମାଜରେ ପରିଚିତ ।

ରାକ୍ଷସ : ପୈଶାଚିକ ବ୍ୟକ୍ତି, ଯିଏ ଅନ୍ୟ ସମସ୍ତଙ୍କର କ୍ଷତି କରି ଜୀବନ ଧାରଣ କରେ ।

ଅସୁର : ଯେଉଁ ବ୍ୟକ୍ତି ସମାଜର ମଙ୍ଗଳାକାଙ୍‌କ୍ଷୀ ନୁହେଁ ସ୍ୱାର୍ଥପର ଏବଂ ପୈଶାଚିକ ପ୍ରକୃତିର ।




**Mahamrityunjoy Trisul** | **Mahamrityunjoy Axe** | **Mahamrityunjoy Sword**

This sword or axe or Trisul containing replica of Ishwar's angels becomes "Mahamrityunjoy", i.e., a guarantee against accidental disaster. Any one who keeps any one of these items at home and master the art of using these sword or axe or Trisul will be blessed by Ishwar to be healthy, wealthy, successful & very powerful.




Badrinath Dham existing since the time of Veda is the oldest Hindu shrine (Altitude 3133 M).

The Holy Book of Hindu religion has dealt with Veda, Gita, Manusanghita, Smriti Shastras etc, in capsule form. For a Hindu family person, this much knowledge about Hinduism is minimum requirement & is almost adequate.

Pandit Pradip Ramnath, Priest of Badrinath Dham



Indian Space Research Organisation Ministry of Science & Technology, India.

Every chapter of The Holy Book of Hindu Religion bears the stamp of a scientific mind and eternal human values. I recommend to all the young people to go through the chapters like Idol Worship, Caste System & Ten Incarnations of Vishnu etc. This book covers almost 90% of the knowledge required for an ordinary person to understand the strength of this humanist religion.

Dr Samiran Das, Space Scientist , ISRO,INDIA




Kedarnath Dham existing since the time of Mahabharat is the holiest Hindu shrine (Altitude 3584M).

I have liked The Holy Book of Hindu Religion. I think that all Hindus should read this book.

Pandit MahendarSukla, Priest of Kedarnath Dham



Indian Institute of Technology, Kharagpur, Ministry of Human Resource Development, India.

Throughout my life I served science and neither had time nor had any interest to read scriptures. Recently I studied The Holy Book of Hindu Religion. It was a turning point. Had I read this book during my student days, I would have surely achieved much more in life.

Prof. Dr. B.B.Ghosh, I.I.T. Kharagpur

ISBN 81-903418-7-1